

ମେ ୧୦ରେ
'ଶ୍ରୀକାନ୍ତ'
ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-284 ◆BHUBANESWAR ◆WEDNESDAY ◆10 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୮୪ ◆ଭୁବନେଶ୍ୱର ◆ବୁଧବାର ◆୧୦ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



Day-Cum-Residential
Tangi, Cuttack

# TETRAHEDRON GROUP OF INSTITUTIONS

TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET & JEE

TANGI, CUTTACK -754022, Mob. : 7008222977/8093064522,8093064525

## OUR CHSE RESULT -2023



562
DIBYA RANJAN
Roll No. : 3121CZ028
Mob.: 8658321521

556
PALLY PRIYAMBADA
Roll No. : 321CZ017
Mob.: 9853419350

556
SNEHA SOUMYASHREE
Roll No. : 321CZ039

554
OMM PRAKASH
Roll No. : 312CZ037
Mob.: 9776045460

553
ARUP
Roll No. : 312CZ426
Mob.: 9437289207

| | | | |
|---|---|---|---|
| Above 550 - 10 | Above 88% - 37 | Above 75% -324 | Above 500 - 127 |
| Above 90% - 20 | Above 85% - 87 | Above 70% - 442 | 1st Division -646 |
| | | | 2nd Division -92 |
| Above 89% - 27 | Above 80% - 211 | Above 60% - 646 | 3rd Division -10 |

## OUR MBBS ADMISSIONS -2023



675
ASHIRBAD BISWAL
Roll No. : 3605030545
Mob. : 7846821473
AIIMS GORAKHPUR



670
ANUPAM NAYAK
Roll No. : 3605010259
Mob. : 7205755502
JEE PERCENTILE : 99.0928262
AIIMS KALYANI

● 54 MBBS Admission Exclusively
- 9 Students Admitted in SCB MCH, Cuttack
- 13 Students Admitted in MKCG, Berhampur
- 5 Students Admitted in VIMSAR, Burla

## JEE MAIN PHASE -I RESULTS -2024



| Name | %ILE | Mob. |
|---|---|---|
| JIJNASU | 99.68 | 9938736055 |
| KAMALAKANTA | 99.33 | 9938258607 |
| OMM PRAKASH | 98.86 | 9776045460 |
| SWAGATIKA | 98.66 | 7381845430 |
| SANDIP | 98.48 | 9438234295 |
| BAIRIGANJAN | 98.22 | 9114346196 |



| Name | %ILE | Mob. |
|---|---|---|
| PARESH | 98.12 | 9861968691 |
| JYOTI RANJAN | 98.12 | 7605917464 |
| SAMIR | 98.07 | 9692768097 |
| SUBHRANSHU | 98.06 | 7683928035 |
| RAHUL | 98.00 | 8658045383 |

Tetrahedron Tangi  Tetrahedrongroup, www.tetrahedrontangi.com
tetrahedronjuniorcollege@gmail.com / tetrahedronwomenshss@gmail.com

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-284 ◆BHUBANESWAR ◆WEDNESDAY ◆10 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୮୪ ◆ଭୁବନେଶ୍ୱର ◆ବୁଧବାର ◆୧୦ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


### ଆଜି ମହାପ୍ରଭୁଙ୍କ ବନକଲାଗି

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ, ୯ ।୪(ସମିସ):** ଚୈତ୍ର ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି । ଏହି ନୀତି ପାଇଁ ଜୟବିଜୟ ଦ୍ୱାର ବନ୍ଦ ରହିବ । ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ । ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି ।

### ଘଟଗାଁରେ ଆରମ୍ଭ ହେଲା ଚଇତି ପର୍ବ

## ସୁନାବେଶରେ ଦର୍ଶନ ଦେଲେ ମା' ତାରିଣୀ



**କେନ୍ଦୁଝର, ୯ ।୪ (ସମିସ):** କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବୀ ଘଟଗାଁ ମା' ତାରିଣୀଙ୍କର ୮୮ତମ ଚଇତି ପର୍ବ ମଙ୍ଗଳବାରଠାରୁ ଯଥାବିଧି ଆରମ୍ଭ ହୋଇଛି । ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଏହି ପର୍ବ ପାଳନ ହେବାକୁ ଥିବା ବେଳେ ପ୍ରଥମ ଦିନରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ମା'ଙ୍କ ସୁନାବେଶ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି । ଚଇତି ପର୍ବ ଦିନ ମା' ତାରିଣୀଙ୍କ ଆବିର୍ଭାବ ହୋଇଥିଲା ବୋଲି କୁହାଯାଏ । ତେଣୁ ଏହି ଦିବସଠାରୁ ଚଇତି ପର୍ବ ବଡ଼ ଧୁମ୍‌ଧାମ୍‌ରେ ପାଳିତ ହୋଇ ଆଜିଠାରୁ ବିଷୁବ ପଣା ସଂକ୍ରାନ୍ତି ଯାଏ ପାଳନ କରାଯାଇଥାଏ । ଏହି ପବିତ୍ର ଦିନରେ ମା'ଙ୍କୁ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଅଛି । ତେଣୁ ଏହି ଦିନରେ ଦର୍ଶନ ଲାଗି ଘଟଗାଁ ମା' ତାରିଣୀ ପୀଠକୁ ଜିଲ୍ଲା, ରାଜ୍ୟ, ରାଜ୍ୟ ବାହାରରୁ ଦୂରଦୂରାନ୍ତରୁ ଭକ୍ତଙ୍କର ସୁଅ ଛୁଟିଥାଏ । କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବୀ ମା' ତାରିଣୀଙ୍କ ଘଟଗାଁ ପୀଠରେ ୧୯୩୭ ମସିହା ଆଜିର ଦିନରେ ପରିଚାଳନା କମିଟି ତରଫରୁ ଆରମ୍ଭ ହୋଇଥିଲା ଚଇତି ପର୍ବ । ପବିତ୍ର ବିଷୁବ ପଣା ସଂକ୍ରାନ୍ତି ଅବସରରେ ଦୀର୍ଘ ୮୮ ବର୍ଷ ହେଲା ଏହି ପର୍ବ ଭକ୍ତି ଓ ନିଷ୍ଠାର ସହ ପାଳିତ ହୋଇଆସୁଛି । ବାର୍ଷିକ ଉତ୍ସବର ପ୍ରଥମ ଦିନରେ ମା'ତାରିଣୀଙ୍କ ସୁନା ବେଶ ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ବହୁ ସଂଖ୍ୟାରେ ଭକ୍ତଙ୍କ ଶୃଙ୍ଖଳା ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଭକ୍ତଙ୍କ ସୁଗମ ଦର୍ଶନ, ଗାଡ଼ିମଟର ପାର୍କିଂ, ମନ୍ଦିର ଭିତରେ ଶାନ୍ତିଶୃଙ୍ଖଳାରେ ଦର୍ଶନ, ପାନୀୟ ଜଳ ସୁବିଧା ସମେତ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

### 'କଳିଙ୍ଗ' ରୂପାନ୍ତରଣରେ ଅଭିଭୂତ ୟୁଏନ୍ ଆବାସିକ ସଂଯୋଜକ

## କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଉପଲବ୍ଧି ଅତୁଳନୀୟ

**ଭୁବନେଶ୍ୱର, ୯ ।୪(ସମିସ):** ଓଡ଼ିଶାକୁ କ୍ରୀଡ଼ା ହବ୍‌ରେ ରୂପାନ୍ତରିତ କରିବା ଦିଗରେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତା ଅନନ୍ୟ । କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଯେଉଁ ଉପଲବ୍ଧି ପାଇଛି ତାହାର ତୁଳନା ନାହିଁ । ଏହା ଓଡ଼ିଶାର ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତକୁ ଉଜାଗର କରୁଛି । ଓଡ଼ିଶାରେ ବିଶେଷକରି କଳିଙ୍ଗ ଷ୍ଟାଡିୟମ୍‌ରେ ବିଶ୍ୱସ୍ତରୀୟ ବ୍ୟବସ୍ଥା ଦେଖି

**'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଲେ ଶୋମ୍ବି ଶାର୍ପ**

ଆମେ ଅଭିଭୂତ । ଏପରି ବିକଶିତ କ୍ରୀଡ଼ା ଭିତ୍ତିଭୂମି ହୁଏତ କେବେ ଦେଖାଯାଇ ନାହିଁ । ଏସବୁ ଦେଖି କଲୋରାଡୋରେ ଅଲମ୍ପିକ୍ ଟ୍ରେନିଂ ସେଣ୍ଟରରେ ମୁଁ ବିତାଇଥିବା ସମୟ ମନେପଡ଼ି ଯାଉଛି । ଆଜି କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ ପରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରି ଏପରି କହିଛନ୍ତି ମିଳିତ ଜାତିସଂଘର ଆବାସିକ ସଂଯୋଜକ ଶୋମ୍ବି ଶାର୍ପ ।

ଆଲୋଚନା ଅବସରରେ ଶ୍ରୀ ଶାର୍ପ କହିଛନ୍ତି ଯେ, ଆଜି ଆମେ କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ



ଅବସରରେ ଇନ୍‌ଡୋର ଆଥଲେଟିକ୍ସ ସେଣ୍ଟର, ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ଏବଂ ଉପଲବ୍ଧ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଦେଖିଛୁ । ଓଡ଼ିଶାର ଏହି ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ସତରେ ଅବର୍ଣ୍ଣନୀୟ । ବିଶ୍ୱର ସର୍ବଶ୍ରେଷ୍ଠ ଭିତ୍ତିଭୂମି ସୃଷ୍ଟି ଜରିଆରେ କ୍ରୀଡ଼ା ଉତ୍କର୍ଷତା ହାସଲ ଦିଗରେ ଓଡ଼ିଶାର ପ୍ରତିବଦ୍ଧତା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି । କ୍ରୀଡ଼ା ବିକାଶରେ ଓଡ଼ିଶାରେ ଯେଉଁ ସଫଳତା ପାଇଛି ତାହା ଅଭୂତପୂର୍ବ ବୋଲି ଶ୍ରୀ ଶାର୍ପ କହିଛନ୍ତି ।

ଅନ୍ୟପକ୍ଷରେ ଶ୍ରୀ ପାଣ୍ଡିଆନ୍ ମିଳିତ ଜାତିସଂଘର ସଂଯୋଜକ ଶ୍ରୀ ଶାର୍ପଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଓଡ଼ିଶା ଏବଂ ଭାରତର କ୍ରୀଡ଼ାକୁ ଉଚ୍ଚସ୍ତରକୁ ନେବା ପାଇଁ ମିଳିତ ଜାତିସଂଘ ସହ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିବା ଲାଗି ଓଡ଼ିଶାର ଆଗ୍ରହକୁ ପ୍ରକାଶ କରିଛନ୍ତି । 'ଯୁବ ପାଇଁ କ୍ରୀଡ଼ା, ଭବିଷ୍ୟତ ପାଇଁ ଯୁବ' ଆଭିମୁଖ୍ୟ ନେଇ କାମ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ କାର୍ଯ୍ୟରେ କରି ଦେଖାଉଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମ୍ପ୍ରତି ଓଡ଼ିଶା ସାରା ଦେଶରେ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ଉଭା ହୋଇଛି । ଦେଶର ଏକମାତ୍ର ରାଜ୍ୟ

**କ୍ରୀଡ଼ା ବିକାଶ ପାଇଁ ଜାତିସଂଘର ସହଯୋଗ କାମନା କଲେ କାର୍ତ୍ତିକ**

ଭାବେ ଓଡ଼ିଶା କ୍ରୀଡ଼ା ପାଇଁ ବଜେଟ୍‌ରେ ୧୦୦୦ କୋଟିରୁ ଅଧିକ ଅର୍ଥ ବ୍ୟୟବରାଦ କରିଛି । ଦ୍ରୁତ ବେଗରେ ରାଜ୍ୟବ୍ୟାପୀ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରାଯାଉଛି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଏବଂ ରାଉରକେଲାରେ ବିଶ୍ୱର ସର୍ବବୃହତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ନିର୍ମାଣ ସହିତ ଓଡ଼ିଶା ବିଶ୍ୱର ଶ୍ରେଷ୍ଠ ହକି କେନ୍ଦ୍ର ଭାବେ ପରିଚୟ ହାସଲ କରିଛି । କଳିଙ୍ଗ ଷ୍ଟାଡିୟମ୍ କମ୍ପ୍ଲେକ୍ସରେ ଭାରତର ପ୍ରଥମ ଇନଡୋର ଆଥଲେଟିକ୍ ଷ୍ଟାଡିୟମ୍, ଆକ୍ୱାଟିକ୍ ସେଣ୍ଟର, ଦେଶର ସର୍ବବୃହତ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ନିର୍ମାଣ କରାଯାଇଛି ।

### ■ ମା' ତାରାତାରିଣୀ ପୀଠରେ ତୃତୀୟ ମଙ୍ଗଳବାର

## ଦର୍ଶନ କଲେ କାର୍ତ୍ତିକ ପାଣ୍ଡିଆନ



**ପୁରୁଷୋତ୍ତମପୁର, ୯ ।୪(ସମିସ):** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ତୃତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇ ପାହାଡ଼ ଚତୁଃପାର୍ଶ୍ୱ ଲୋକାରଣ୍ୟ ହୋଇଥିଲା । ଏହି ଅବସରରେ ମଙ୍ଗଳବାର ଭୋରରୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମା'ଙ୍କ ପୀଠରେ ପହଞ୍ଚି ରାଜ୍ୟର ମଙ୍ଗଳ ସକାଶେ ପୂଜାର୍ଚ୍ଚନା କରି ମା'ଙ୍କ ଆଶିଷ ନେଇଥିଲେ । ଏହାପରେ ମନ୍ଦିର ବେଢ଼ା ବୁଲିବା ସହ ମନ୍ଦିର ପରିସରରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ । ପରେ ମା'ଙ୍କ ଦର୍ଶନ ନିମନ୍ତେ ଆସିଥିବା ଭକ୍ତମାନଙ୍କ ସହ କଥା ହୋଇ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ପାଳିରେ ରାତି ସାଢ଼େ ୧ଟାରୁ ମନ୍ଦିର ଦ୍ୱାରଫିଟା ଯାଇ ପରମ୍ପରା ଅନୁସାରେ ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଙ୍ଗାର, ଅଭିଷେକ ଆଦି ନୀତିକାନ୍ତି ସହ ପୂଜାର୍ଚ୍ଚନା କରାଯାଇ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ମହା ସରସ୍ୱତୀ ବେଶରେ ସଜ୍ଜିତ କରାଯାଇଥିଲା । ମଧ୍ୟରାତ୍ରରୁ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ଅଭିଷ୍ଟପୂରଣ ନିମିତ୍ତ ନିଜ ସନ୍ତାନସନ୍ତତିଙ୍କ ମୁଣ୍ଡନ କରାଇଥିଲେ । ଏହି ପାଳିରେ ୧୦ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡନ ହୋଇଥିବା ଜଣାପଡ଼ିଛି । ଶ୍ରଦ୍ଧାଳୁମାନଙ୍କ ପାଇଁ ମା'ଙ୍କ ଦର୍ଶନ ନିମନ୍ତେ ୨୦ଟି ବସ୍, ରୋପ୍‌ୱେ, ୯୯୯ ପାହାଚ ଚଢ଼ି ଯିବା ବ୍ୟବସ୍ଥା କରାଯାଇଥିଲା । ଭୋଗ କୁଡ୍ଡୁଆ ଧରି ମା'ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ି ରହିଥିବା ଲକ୍ଷ୍ୟ କରାଯାଇଥିଲା ।

ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ଜଗନମୋହନ ମିନା ଛତ୍ରପୁର ସର୍କଲ ଦେବୋତ୍ତର ବିଭାଗୀୟ ଇନ୍ସପେକ୍ଟର ପୁଷ୍ପିତା ବେହେରା, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ବିପିନ ବିହାରୀ ହୋତା, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଯାତ୍ରାକୁ ତଦାରଖ କରିଥିଲେ । ବିଭିନ୍ନ ସ୍ଥାନରେ ପୁଲିସ ଅଧିକାରୀ ଉପସ୍ଥିତ ରହି ଟ୍ରାଫିକ୍ ବ୍ୟବସ୍ଥାକୁ ତଦାରଖ କରିଥିଲେ । ପୁରୁଷୋତ୍ତମପୁରର ସ୍ୱପ୍ନେଶ୍ୱର ସ୍ୱେଚ୍ଛାସେବୀ ସଂଗଠନ, ପାଲୁରୁର ସ୍ୱାମୀବିବେକାନନ୍ଦ, ଛତ୍ରପୁର ଅଞ୍ଚଳରୁ ଆସିଥିବା ସ୍ୱେଚ୍ଛାସେବୀ ସଂଗଠନ, ମୁଣ୍ଡନ କେନ୍ଦ୍ର, ଟ୍ରାଫିକ, ଦର୍ଶନ ସ୍ଥାନରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ବିଦ୍ୟାଳୟରେ ନିର୍ବାଚନ ପ୍ରଚାର

## ବିବାଦରେ ଅପରାଜିତା ଓ ପ୍ରିୟଦର୍ଶୀ

**ଭୁବନେଶ୍ୱର, ୯ ।୪(ସମିସ):** ବିଦ୍ୟାଳୟକୁ ପ୍ରଚାର ମଇଦାନ କରିଛି ବିଜେପି । ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ସାଂସଦ ଓ ବିଧାୟକ ପ୍ରାର୍ଥୀ ଭୋଟ ମାଗୁଛନ୍ତି । ଏହାକୁ ନେଇ ଅଭିଭାବକ ମହଲରେ ସୃଷ୍ଟି ହୋଇଛି ତୀବ୍ର ଅସନ୍ତୋଷ । ଏପରିକି କିଛି ଅଭିଭାବକ ବିଜେପି ନେତାଙ୍କ ଏପରି କାର୍ଯ୍ୟକୁ ବିରୋଧ କରିଥିବା ଦେଖାଯାଉଛି । ଶୈଳଶ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ନିର୍ବାଚନ ପ୍ରଚାର କରି ବିବାଦ ଘେରକୁ ଆସିଛନ୍ତି । ସମ୍ପ୍ରତି ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଉଭୟ ନେତାଙ୍କ ଏପରି କାର୍ଯ୍ୟକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି । ଏହା ସହିତ ବିଦ୍ୟାଳୟକୁ ପ୍ରଚାରସ୍ଥଳୀ କରିଥିବା ନେତା ଓ ବିଦ୍ୟାଳୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।



ଶୈଳଶ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଉଥିଲା । ଏଥିରେ ଅତିଥି ଭାବେ ଭୁବନେଶ୍ୱରର ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ । ମଞ୍ଚରୁ ଭାଷଣ ଦେବା ସମୟରେ ଜଣେ ବ୍ୟକ୍ତି ଅପରାଜିତା ଓ ପ୍ରିୟଦର୍ଶୀଙ୍କୁ ନିର୍ବାଚନରେ ବିପୁଳ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ଅପିଲ କରୁଥିବା ଭିଡ଼ିଓ ଏବେ ଭାଇରାଲ ହୋଇଛି । ସେହିପରି ଅନ୍ୟଜଣେ ବ୍ୟକ୍ତି ଘରେ ଘରେ ଅପରାଜିତା ସ୍ଲୋଗାନ ଦେଇ ଦେଉଥିବା ମଧ୍ୟ ବିବାଦ ଘେରକୁ ଆସିଛି । ନିଜେ ଅପରାଜିତା ଓ ପ୍ରିୟଦର୍ଶୀ ମଧ୍ୟ ରାଜନୈତିକ ସମ୍ବୋଧନ କରିଥିବା ଦେଖାଯାଉଛି । ବିଦ୍ୟାଳୟରେ ସାମାଜିକ କାର୍ଯ୍ୟକ୍ରମ ନାମରେ ରାଜନୈତିକ କାର୍ଯ୍ୟକ୍ରମ କରାଯାଉଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଭାବକମାନେ କ୍ଷୋଭ ପ୍ରକାଶ ସହ ଚିନ୍ତା ବ୍ୟକ୍ତ କରିଛନ୍ତି । ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ କହିଛନ୍ତି ଯେ ଶିକ୍ଷାଦାନ ବନ୍ଦ କରି ରାଜନୈତିକ କାର୍ଯ୍ୟକ୍ରମ କରିବା ଶିକ୍ଷା ବ୍ୟବସ୍ଥା ପ୍ରତି ବିପଦ । ଘଟଣାକୁ ଦୃଢ଼ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହାସହ ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ମହାସଂଘ ଫେରାଦ ହେବ ବୋଲି ମଧ୍ୟ ସେ କହିଛନ୍ତି ।

## ହାତୀ ଆକ୍ରମଣରେ ଯୁବକ ମୃତ

**ବାଙ୍କୀ, ୯ ।୪ (ସମିସ):** ଡମପଡ଼ା ବ୍ଲକ ଗୟଳବାଙ୍କ ଗ୍ରାମ ମହାନ୍ତି ସାହିର ମନୋରଞ୍ଜନ ସାହୁ (୪୦)ଙ୍କ ଗତକାଲି ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି । ସେ ଘରୁ ପରିସ୍ରା କରିବାକୁ ନିଜ ବାଡ଼ି ପଛପଟକୁ ଯିବା ବେଳେ ଜଙ୍ଗଲୀ ହାତୀ ହାବୁଡ଼ରେ ପଡ଼ିଥିଲା । ଘଟଣାସ୍ଥଳରେ ହାତୀ ତାକୁ ଦଳି ଦେଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି । ଡମପଡ଼ା ରେଞ୍ଜର ନିରଞ୍ଜନ ମହାପାତ୍ର ଓ ଭଗିପୁର ବନବିଭାଗ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିବା ସହ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାକୁ ଉଦ୍ୟମ ଜାରି ରଖିଛନ୍ତି । ମୃତକ ପରିବାରକୁ ଶବ ସତ୍କାର ପାଇଁ ୧୦ ହଜାର ଟଙ୍କା ସାହାଯ୍ୟ ଯୋଗାଇ ଦିଆଯାଇଥିବା ଡମପଡ଼ା ରେଞ୍ଜର୍ ନିରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି । ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ଧାର ରାତିରେ ଜନସାଧାରଣ ଘରୁ ଜଙ୍ଗଲ ଭିତରକୁ ନ ଯିବା ପାଇଁ ରେଞ୍ଜ ଅଫିସର ଅନୁରୋଧ କରିଛନ୍ତି ।

## ଧର୍ମରାଜ ଗଞ୍ଜାମ ବିଜେଡି ଉପ-ସଭାପତି

**ଭୁବନେଶ୍ୱର, ୯ ।୪(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ବିଭିନ୍ନ ଜିଲ୍ଲାସ୍ତରୀୟ ନେତାମାନଙ୍କୁ ବିଜୁ ଜନତା ଦଳରେ ପଦଭାର

**ଇରାନୀ ନୟାଗଡ଼ ବିଜେଡି ସହ-ପର୍ଯ୍ୟବେକ୍ଷକ ଗୌରହରି, ଦିଲ୍ଲୀପ, ରାମହରି, ଦଣ୍ଡପାଣି, ହରେକୃଷ୍ଣ ଓ ଧୀରେନଙ୍କୁ ବିଭିନ୍ନ ଦାୟିତ୍ୱ**

ଅର୍ପଣ କରାଯାଇଛି । ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱାକ୍ଷର ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏ ସଂକ୍ରାନ୍ତ ସୂଚନା ଦିଆଯାଇଛି । ବିଜେପି ଛାଡ଼ି ବିଜେଡିରେ ଯୋଗଦେଇଥିବା ଇରାନୀ ରାୟଙ୍କୁ ନୟାଗଡ଼ ଜିଲ୍ଲା ବିଜେଡି ସହ-ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇଛି ଦଳ । ଏଥିସହ ଗଞ୍ଜାମ ଜିଲ୍ଲା ଶେରଗଡ଼ର ଗୌରହରି ବିଶୋୟୀଙ୍କୁ ଗଞ୍ଜାମ ଯୁବ ବିଜେଡିର ସମ୍ପାଦକ ନିଯୁକ୍ତ କରାଯାଇଛି । ପବିତ୍ର ମୋହନ ପାଣିଗ୍ରାହୀଙ୍କୁ ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଥିବା ବେଳେ ନିଳମଣି ପଟ୍ଟନାୟକ ରଣପୁର ବିଧାନସଭା କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିବେ । ସେହିପରି ଏସ୍ ଧର୍ମରାଜ ରେଡ୍ଡୀ ଗଞ୍ଜାମ ବିଜେଡି ଉପସଭାପତି ନିଯୁକ୍ତ କରାଯାଇ ଥିବା ବେଳେ ଦିଲ୍ଲୀପ କୁମାର ପାତ୍ର, ଏମ୍ ରାମହରି ପାତ୍ର ଏବଂ ଦଣ୍ଡପାଣି ନାୟକଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ପଦରେ ନିଯୁକ୍ତ କରାଯାଇଛି । ଗଞ୍ଜାମ ଜିଲ୍ଲା କେନ୍ଦୁପଦର ଅଞ୍ଚଳର ହରେକୃଷ୍ଣ ମଲ୍ଲିକ୍‌ଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଦାୟିତ୍ୱ ଦିଆଯାଇ ଥିବା ବେଳେ ବାଲେଶ୍ୱର ଜିଲ୍ଲା ନୟାବଜାର ଅଞ୍ଚଳର ଧୀରେନ କୁମାର ନାୟକଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି ।

### ଲୋକକଥା




ବିଦ୍ରୋହ ଏପରି ଦାରୁଣ ହେଲାଣି
ଦିନୁଦିନ ଚାଲେ ବଢ଼ି,
ସତେ କ'ଣ ଆଉ କେଇଟା ଦିନରେ
ପାଖୁଡ଼ା ପଡ଼ିବ ଝଡ଼ି !
ଶୃଙ୍ଖଳା ଗଲାଣି ଛିଡ଼ି,
କନ୍ଦଳ କୋଳରେ 'ଫୁଲ' ଟଳମଳ
ଅବସ୍ଥା ଯାଏ ବିଗିଡ଼ି !!

### ଗୁମର ଖୋଲିଲେ ଲେଖାଶ୍ରୀ

## ଓଡ଼ିଶା ବିଜେପିରେ ଚାଲିଛି 'ଜାଗିର' ଲଢ଼େଇ

**ଭୁବନେଶ୍ୱର, ୯ ।୪(ସମିସ):** ଓଡ଼ିଶା ବିଜେପି ଆଉ ଏକ ରାଜନୈତିକ ଦଳ ହୋଇ ରହିନାହିଁ । ଏହା ଏକ ଜାଗିରଦାରୀ ପ୍ରଣାଳୀରେ ପରିବର୍ତ୍ତନ ହୋଇଛି । କିଛି ନେତା ନିଜ ନିଜ ମଧ୍ୟରେ ବିଭିନ୍ନ ଅଞ୍ଚଳକୁ ବାଣ୍ଟି ନେଇଛନ୍ତି । ଯେଉଁମାନେ ରାଜ୍ୟର ନେତୃତ୍ୱ ନେଇଛନ୍ତି, ସେମାନେ ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କୁ ସତ କହୁନାହାନ୍ତି ବୋଲି କହିଛନ୍ତି ପୂର୍ବତନ ବିଜେପି ଉପସଭାନେତ୍ରୀ ତଥା ବିଜେଡି ନେତ୍ରୀ ଡ଼. ଲେଖାଶ୍ରୀ ସାମନ୍ତସିଂହାର । ଏକ ସାକ୍ଷାତକାରରେ ଲେଖାଶ୍ରୀ ରାଜ୍ୟ ବିଜେପିର ଗୁମର ଓ ରାଜ୍ୟ ନେତୃତ୍ୱଙ୍କ ମୁହଁ ତଳର ମୁଖାକୁ ଖୋଲି ଦେଇଛନ୍ତି । ରାଜ୍ୟ ବିଜେପିରେ ଶୃଙ୍ଖଳା ବୋଲି କିଛି ନାହିଁ । ଶୃଙ୍ଖଳା ଏବଂ ପରିଚାଳନା ଶୈଳୀକୁ ଦେଖିଲେ କେନ୍ଦ୍ର ବିଜେପି ଏବଂ ରାଜ୍ୟ ବିଜେପି ସମ୍ପୂର୍ଣ୍ଣ ଅଲଗା ବୋଲି ସେ ମତବ୍ୟକ୍ତ କରିଛନ୍ତି ।



ଲେଖାଶ୍ରୀ କହିଛନ୍ତି ଯେ ରାଜ୍ୟରେ ବିଜେପି ନେତାମାନଙ୍କ ମଧ୍ୟରେ ଜାଗିର ପାଇଁ ଲଢେଇ ଚାଲିଛି । ନେତାଙ୍କ ଲଢେଇରେ କର୍ମୀମାନେ କାମ କରିବାର ସୁଯୋଗ ନ ପାଇ ପେଶି ହେଉଛନ୍ତି । କେନ୍ଦ୍ରୀୟ ନେତୃତ୍ୱକୁ ରାଜ୍ୟ ବିଜେପି ନେତାମାନେ ମିଛ କହୁଛନ୍ତି ଓ ଅନ୍ଧାରରେ ରଖି ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି । କେନ୍ଦ୍ରୀୟ

**■ ରାଜ୍ୟ ବିଜେପି ଆଉ ରାଜନୈତିକ ଦଳ ହୋଇ ରହିନାହିଁ**
**■ ୧୧୨ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୮ ଜଣ ମହିଳାଙ୍କୁ ଟିକଟ**
**■ ପରୋକ୍ଷରେ ରାଜ୍ୟ ସଭାପତି ମନମୋହନଙ୍କୁ କଡ଼ା କଟାକ୍ଷ**
**■ ୨୫ ବର୍ଷ ଧରି ରାଜ୍ୟର ଅସ୍ମିତା ପାଇଁ କାମ କରୁଛନ୍ତି ମୁଖ୍ୟମନ୍ତ୍ରୀ**

ନେତୃତ୍ୱଙ୍କୁ ରାଜ୍ୟରେ ଦଳର ସ୍ଥିତି, ନେତାଙ୍କ ଦକ୍ଷତା ସମ୍ପର୍କରେ କିଛି କୁହାଯାଉ ନାହିଁ । ରାଜ୍ୟ ବିଜେପିରେ ଓଡ଼ିଶାରେ କ୍ଷମତାକୁ ଆସିବାକୁ କିମ୍ବା ସରକାର ଗଠନ କରିବାକୁ କୌଣସି ରୋଡମ୍ୟାପ ନାହିଁ । ସେହିପରି ରାଜ୍ୟ ବିଜେପି ମହିଳା ବିରୋଧୀ ବୋଲି ଅଭିଯୋଗ ହେଉଥିବା ବେଳେ ସେ ଏହାର ଉତ୍ତର ପରୋକ୍ଷରେ ରଖିଛନ୍ତି । ସେ କହିଛନ୍ତି ଯେ ବିଜେପି ପକ୍ଷରୁ ଏଯାବତ୍ ୧୧୨ ଆସନରେ ପ୍ରାର୍ଥୀ ଘୋଷଣା କରାଯାଇଛି । ଏଥିରେ ମାତ୍ର ୮ ଜଣ ମହିଳାଙ୍କୁ ସୁଯୋଗ ପ୍ରଦାନ କରାଯାଇଛି । ପରିସଂଖ୍ୟାନକୁ ବିଚାରକୁ ନେଲେ ଏହା ମାତ୍ର ୭ ପ୍ରତିଶତ । ଏଥିରୁ ରାଜ୍ୟ ବିଜେପି ମହିଳାଙ୍କୁ କେତେ ସମ୍ମାନ, ଅଗ୍ରାଧିକାର ଦିଏ, ତାହା ସ୍ପଷ୍ଟ ଜଣା ପଡ଼ିଯାଉଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି ।

ଅନ୍ୟପକ୍ଷରେରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ମଧ୍ୟ ତେରଛା ବାଣ ମାରିଛନ୍ତି ଲେଖାଶ୍ରୀ । ରାଜ୍ୟ ସଭାପତି ବଦଳ ହେବା ପରେ ଦଳରେ ମନୋମୁଖୀ କାର୍ଯ୍ୟକଳାପ ବଢ଼ିଛି । ରାଜ୍ୟ ବିଜେପିର କିଛି ମୁଷ୍ଟିମେୟ ନେତା ନିଜ ନିଜ ମଧ୍ୟରେ କିଛି କିଛି ଲୋକସଭା ଓ ବିଧାନସଭା କ୍ଷେତ୍ର ବାଣ୍ଟିନେଇ ମନମୁଖୀ କାମ କରୁଛନ୍ତି । ଯେଉଁମାନେ ଦଳସ୍ୱାର୍ଥରେ କିଛି କାମ କରିନାହାନ୍ତି, ସେମାନଙ୍କୁ ଅଗ୍ରାଧିକାର ଦିଆଯାଉଛି । ସେପଟେ ଓଡ଼ିଶାବାସୀଙ୍କ ସେବା ଏବଂ ଉନ୍ନତି କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୂଳ ଲକ୍ଷ୍ୟ ରହିଆସିଛି । ଗତ ୨୫ ବର୍ଷ ଧରି ରାଜ୍ୟର ବିକାଶ ଓ ଅସ୍ମିତା ପାଇଁ କାମ କରୁଛନ୍ତି । ତେଣୁ ତାଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଧାରାରେ ସାମିଲ ହୋଇ ରାଜ୍ୟ ପାଇଁ କିଛି କାମ କରିବାକୁ ସେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି ।



ଜାଡ଼େଜାଙ୍କ ବିରଳ ରେକର୍ଡ

▶ପୃଷ୍ଠା ୧୫ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-284 ♦BHUBANESWAR ♦WEDNESDAY ♦10 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୮୪ ♦ଭୁବନେଶ୍ୱର ♦ବୁଧବାର ♦୧୦ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ସ୍କାଏମେଟ୍ ପୂର୍ବାନୁମାନ

# ଏବର୍ଷ ଓଡ଼ିଶାରେ ନିଅଣ୍ଟିଆ ବର୍ଷା

■ **ଭୁବନେଶ୍ୱର, ୯ ।୪ (ସମିସ):** ଚଳିତ ବର୍ଷ ସ୍ୱାଭାବିକଠାରୁ ଓଡ଼ିଶାରେ ହେବ କମ୍ ବର୍ଷା । ଓଡ଼ିଶା ସହ ବିହାର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ମଧ୍ୟ କମ୍ ବର୍ଷା ଯୋଗୁଁ ପ୍ରଭାବିତ ହେବ। ପାଣିପାଗ ଏଜେନ୍ସି ସ୍କାଏମେଟ୍ କରିଛି ଏପରି ପୂର୍ବାନୁମାନ। ସ୍କାଏମେଟର ଆକଳନ ଅନୁସାରେ ଚଳିତ ବର୍ଷ ଦେଶର ୨୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେବ। ୮ଟି ରାଜ୍ୟ ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଓ ସିକ୍କିମ୍‌ରେ ଜୁନ୍ ଓ ଜୁଲାଇରେ କମ୍ ବର୍ଷା ହେବ। ତେବେ ଏହି ରାଜ୍ୟଗୁଡ଼ିକରେ ଅଗଷ୍ଟରେ ସ୍ୱାଭାବିକ ବର୍ଷା ହୋଇପାରେ। ମାତ୍ର ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଜୁଲାଇ ଓ ଅଗଷ୍ଟ ମାସରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହେବ। ସେପ୍ଟେମ୍ବର ମାସରେ ବର୍ଷା ପୁନର୍ବାର ସ୍ୱାଭାବିକସ୍ତରକୁ ପେରିବ।

ସାଧାରଣତଃ ଜୁନ୍ ୧ ତାରିଖରୁ କେରଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମୌସୁମୀର ଆଗମନ ହୋଇଥାଏ। ପ୍ରାୟ ୪ ମାସ ଧରି ମୌସୁମୀ ଦେଶରେ ସକ୍ରିୟ ରହେ ଓ ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ବର୍ଷାକୁ ସ୍ୱାଭାବିକ ଭାବରେ ଗଣା ଯାଇଥାଏ। ଚାଷ ପାଇଁ ଏହା ଉତ୍ତମ ସଙ୍କେତ ବୋଲି କୁହାଯାଏ। ସ୍କାଏମେଟ୍ ସୂଚନା ଅନୁସାରେ ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଅବଧିରେ ୮୬୮.୬ ମି.ମି ବର୍ଷାକୁ ସ୍ୱାଭାବିକ କୁହାଯାଇଥାଏ। ଏହି ସମୟ ମଧ୍ୟରେ

**ଜୁନ୍‌ରେ ୩୦%, ଜୁଲାଇ-ଅଗଷ୍ଟରେ ୨୦% କମ୍**

**ପୂର୍ବ ଭାରତର ୪ ରାଜ୍ୟରେ ୨୦% କମ୍ ବର୍ଷା**

ଅନ୍ତତଃପକ୍ଷେ ଏତିକି ପରିମାଣର ବର୍ଷା ହେବାର ଆବଶ୍ୟକତା ରହିଛି । ମାତ୍ର ଚଳିତ ବର୍ଷ ଦେଶର ଅନ୍ୟାନ୍ୟ ଭାଗରେ ବର୍ଷାର ପରିମାଣ ସ୍ୱାଭାବିକ ଥିବାବେଳେ ପୂର୍ବ ଭାରତର ଓଡ଼ିଶା ସମେତ ୪ ରାଜ୍ୟ ସ୍ୱାଭାବିକ ବର୍ଷାରୁ ବଞ୍ଚିତ ହେବ।

ସ୍କାଏମେଟ ପରିଚାଳନା ନିର୍ଦ୍ଦେଶକ ଅଜିତ୍ ସିଂହ କହିଛନ୍ତି ଯେ ଚଳିତ ବର୍ଷ ମୌସୁମୀ ଆଗମର ପ୍ରାରମ୍ଭରେ ଅଲ୍ ନିନୋ ପ୍ରଭାବରେ ବର୍ଷା ପ୍ରଭାବିତ ହୋଇପାରେ। ତେବେ ପରବର୍ତ୍ତୀ ସମୟରେ ଏହା ସ୍ୱାଭାବିକ ହେବ। ତାଙ୍କ ସଂସ୍ଥା ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଓଡ଼ିଶାରେ ଜୁନ୍ ମାସରେ ୩୦% କମ୍ ବର୍ଷା ହୋଇପାରେ। ସେହିପରି ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବରରେ ୨୦% କମ୍ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦ୍ର ସରକାରଙ୍କ ଭୂ ବିଜ୍ଞାନ ମନ୍ତ୍ରଣାଳୟ ୨୦୨୨ରେ ମୌସୁମୀରେ ସ୍ୱାଭାବିକ ବର୍ଷାକୁ ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ କରିଥିଲା। ଜୁନ୍ ମାସରୁ ସେପ୍ଟେମ୍ବର ମାସ ଅର୍ଥାତ୍ ଲଙ୍ଗ ପିରିଅଡ୍ ଆଭେରେଜ୍ (ଏଲ୍‌ପିଏ)ରେ ୮୭୦ମିମି ବର୍ଷାକୁ ସ୍ୱାଭାବିକ ବର୍ଷା ବୋଲି ଉଲ୍ଲେଖ କରିଛି। ପୂର୍ବରୁ ୨୦୧୮ ମସିହାର ରିପୋର୍ଟରେ ୮୮୦ ମିଲିମିଟର ବର୍ଷାକୁ ସ୍ୱାଭାବିକ ବୋଲି କୁହାଯାଉଥିଲା।

ଦେଶର ଅର୍ଥନୀତି ନିମନ୍ତେ ବର୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସାରା ଦେଶରେ ହେଉଥିବା ମୋଟ ବର୍ଷାର ୭୦% ମୌସୁମୀରେ ହିଁ ହୋଇଥାଏ। ଦେଶର ପ୍ରାୟ ୮୦% କୃଷକ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରିଥାଆନ୍ତି, ତେଣୁ କମ୍ ବର୍ଷା ହେଲେ ସ୍ୱାଭାବିକ ଭାବରେ ଫସଲ ଅମଳ ଉପରେ ଖରାପ ପ୍ରଭାବ ପଡ଼ିଥାଏ ଓ ▶ପୃଷ୍ଠା-୯

## ବିପର୍ଯ୍ୟୟ ପରିଚାଳନା

# ବିଶ୍ୱ ପାଇଁ ଓଡ଼ିଶା ଆଲୋକବର୍ତ୍ତିକା

## ଓଡ଼ିଶା ସରକାରଙ୍କ ଜନକୈନ୍ଦ୍ରିକ ବିକାଶକୁ ମିଳିତ ଜାତିସଂଘର ଭୂୟସୀ ପ୍ରଶଂସା

■ **ଭୁବନେଶ୍ୱର, ୯ ।୪ (ସମିସ):** ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାରକୁ ପୁଣି ପ୍ରଶଂସା କରିଛି ମିଳିତ ଜାତିସଂଘ। ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ମିଲେଟ ମିଶନ, '୫-ଟି' ଉପକ୍ରମ ଆଦି ସମଗ୍ର ବିଶ୍ୱ ପାଇଁ ଉଦାହରଣ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି ମିଳିତ ଜାତିସଂଘର ଆବାସିକ ସଂଯୋଜକ ଶୋମ୍ବି ଶାର୍ପ। ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଶୋମ୍ବି ଶାର୍ପ ଓଡ଼ିଶା ସହ ବିଭିନ୍ନ କ୍ଷେତ୍ରରେ ମିଳିତ ଭାବରେ କାର୍ଯ୍ୟକୁ ଗୌରବମୟ ବୋଲି ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କାଳରେ ଶୋମ୍ବି ଶାର୍ପ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ନୀତିକୁ ଭୂରିଭୂରି ପ୍ରଶଂସା କରିଛନ୍ତି । ୧୯୯୯ ମହାବାତ୍ୟାରେ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ଓଡ଼ିଶାର ପୁନରୁଦ୍ଧାର ଓ ପୁନର୍ନିର୍ମାଣ, ଏକ ଶକ୍ତିଶାଳୀ ରାଜ୍ୟ ଭାବରେ ନିଜକୁ ପ୍ରତିଷ୍ଠା କରିବାକୁ ଶ୍ରୀ ଶାର୍ପ ଉଦାହରଣୀୟ ବୋଲି କହିଛନ୍ତି । ବିପର୍ଯ୍ୟୟ ପରିଚାଳନାରେ ଏକ ସମୟୋପଯୋଗୀ ରଣନୀତି ପ୍ରସ୍ତୁତ, ଗୋଷ୍ଠୀ ଆଧାରିତ ବ୍ୟବସ୍ଥା କାର୍ଯ୍ୟକାରିତା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିପାରିଛି । ଫାଇଲିନ୍ ବାତ୍ୟାର ସଫଳ ମୁକାବିଲା ପାଇଁ ୨୦୧୩ ମସିହାରେ ମିଳିତ ଜାତିସଂଘ ନବୀନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଛି। ସେହିପରି ୨୦୧୯ରେ ନ୍ୟୁୟର୍କ ଟାଇମ୍ସ ଖବରକାଗଜ ନିଜ ପ୍ରଥମ ପୃଷ୍ଠାରେ ଫନି ବାତ୍ୟା ମୁକାବିଲା ରଣନୀତି ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରକାଶ କରିବା ସହିତ ଓଡ଼ିଶା ଠାରୁ ଶିକ୍ଷାଗ୍ରହଣ କରିବା ଲାଗି ଦେଶ ମାନଙ୍କୁ ପରାମର୍ଶ ଦେଇଛି।

ଶ୍ରୀ ଶାର୍ପ କହିଛନ୍ତି ଯେ ଓଡ଼ିଶା ସରକାର ଓ ଜାତିସଂଘର ମିଳିତ ଉଦ୍ୟମ ଅନେକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ରାଜ୍ୟରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି। ତେବେ ଓଡ଼ିଶା ସରକାରଙ୍କ ନିଜସ୍ୱ ଉପଲବ୍ଧି ଆମ ସମସ୍ତଙ୍କୁ ଚକିତ କରିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ କରିବାରେ ଓଡ଼ିଶାର ପରାକାଷ୍ଠା ବିଶ୍ୱବାସୀଙ୍କ ପାଇଁ ଶିକ୍ଷଣୀୟ ହୋଇଛି। ଓଡ଼ିଶା କେବଳ ଏକ ଖାଦ୍ୟ ଅଭାବୀ ରାଜ୍ୟରୁ ଖାଦ୍ୟ ବଳକା ରାଜ୍ୟ ଭାବେ ଉଭା ହୋଇ ନାହିଁ ବରଂ ଜାତୀୟସ୍ତରରେ ଖାଦ୍ୟ ଶସ୍ୟ ଯୋଗାଣରେ ଶୀର୍ଷ ସ୍ଥାନ ହାସଲ କରିଛି। ମୁଖ୍ୟମନ୍ତ୍ରୀଙ୍କ ଦରିଦ୍ର କୈନ୍ଦ୍ରୀକ ନୀତି ଯୋଗୁଁ ଓଡ଼ିଶାର ବିସ୍ତୃତ ▶ପୃଷ୍ଠା-୯



- ଭୋକର ଭୂଗୋଳରୁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ଓଡ଼ିଶା ପ୍ରଥମ
- ବିଶ୍ୱବାସୀଙ୍କୁ ପାରମ୍ପରିକ ଖାଦ୍ୟର ଉପାଦେୟତା ବୁଝାଇଛି ମିଲେଟ୍ ମିଶନ୍
- ବିକଶିତ ଓଡ଼ିଶାର ଯାତ୍ରାକୁ ତ୍ୱରାନ୍ୱିତ କରିଛି '୫-ଟି' ଉପକ୍ରମ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିଳିତ ଜାତିସଂଘର ଆବାସିକ ସଂଯୋଜକ

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ପ୍ରାର୍ଥୀ ସବୁ ସମ୍ପତ୍ତିର ସୂଚନା ଦେବା ଅନାବଶ୍ୟକ

■ **ନୂଆଦିଲ୍ଲୀ, ୯।୪ (ଏଜେନ୍ସି):** ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ସମୟରେ ପ୍ରାର୍ଥୀ ସମସ୍ତ ସମ୍ପତ୍ତିର ସୂଚନା ଦେବା ଅନାବଶ୍ୟକ। ଅତ୍ୟନ୍ତ ମହଙ୍ଗା ନ ହୋଇଥିଲେ ନିର୍ବାଚନ ଲଢୁଥିବା ପ୍ରାର୍ଥୀ କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ ମାଲିକାନାରେ ଥିବା ସବୁ ସ୍ଥାବର ସମ୍ପତ୍ତିର ସୂଚନା ଦେବାର କୌଣସି ଆବଶ୍ୟକତା ନାହିଁ। ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ସମ୍ବନ୍ଧିତ ସମସ୍ତ ତଥ୍ୟ ଜାଣିବାର ଅଧିକାର ଭୋଟରଙ୍କ ନାହିଁ। ଅରୁଣାଚଳ ପ୍ରଦେଶ ତେଜୁ ବିଧାନସଭା ଆସନର ସ୍ୱାଧୀନ ବିଧାୟକ କାରିଖୋ କ୍ରି ୫ ବର୍ଷ ତଳର ମାମଲାର ଶୁଣାଣି କରି ମଙ୍ଗଳବାର ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଏହି ମାମଲାରେ ଗୌହାଟୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଖାରଜ କରି ତାଙ୍କ ନିର୍ବାଚନକୁ ବୈଧ ଘୋଷଣା କରିଛନ୍ତି। ଜଷ୍ଟିସ ଅନିରୁଦ୍ଧ ବୋଷ୍ ଏବଂ ଜଷ୍ଟିସ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କାରିଖୋଙ୍କୁ ବିଧାୟକ ପଦରେ ପୁନଃ ଅବସ୍ଥାପିତ କରିଛନ୍ତି। ସୂଚନା ଅନୁଯାୟୀ ୨୦୧୯ରେ କାରିଖୋ ନିର୍ବାଚନ ଜିତିଥିଲେ। ତେବେ ସେ ନାମାଙ୍କନ ଦାଖଲ କରିବା ସମୟରେ ନିଜ ପତ୍ନୀ ଏବଂ ପୁଅ ନାମରେ ଥିବା ତିନୋଟି ଗାଡ଼ିର ତଥ୍ୟ ଦେଇ ନ ଥିଲେ ବୋଲି କଂଗ୍ରେସ ନେତା ଅଭିଯୋଗ କରିଥିଲେ। ଏହି ମାମଲାରେ କୋର୍ଟ ତାଙ୍କ ସଦସ୍ୟତାକୁ ରଦ୍ଦ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

ଏହି ମାମଲାର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି ଯେ ସାର୍ବଜନୀନ ପଦର ଆଶାୟୀ ନିଜର ସମସ୍ତ ସୂଚନା ଦେବା ଜରୁରୀ ନୁହେଁ। ତାଙ୍କର ମଧ୍ୟ ବ୍ୟକ୍ତିଗତ ଅଧିକାର ରହିଛି। ପ୍ରାର୍ଥୀ ନିଜର କିମ୍ବା ପରିବାର ସଦସ୍ୟଙ୍କ ପ୍ରତ୍ୟେକ ବସ୍ତୁର ସୂଚନା କାହିଁକି ଦେବା ଉଚିତ ▶ପୃଷ୍ଠା-୯



**ପ୍ରାର୍ଥୀଙ୍କ ସମସ୍ତ ତଥ୍ୟ ଜାଣିବାର ଅଧିକାର ଭୋଟରଙ୍କର ନାହିଁ**

## ୧୩ ତାରିଖରୁ ପୁଣି ଫେରିବ ତାତି

# ୧୮ ସୁଦ୍ଧା ୪୨° ଟପିବ ପାରଦ

■ **ଭୁବନେଶ୍ୱର, ୯ ।୪(ସମିସ):** ଆସନ୍ତା ୧୩ରୁ ଉପରକୁ ଉଠିବ ପାରଦ। ଫେରନ୍ତି ତାତି ପୁଣି ଜନଜୀବନକୁ କଲବଲ କରିବ। କିଛି ସ୍ଥାନରେ ଗ୍ରୀଷ୍ମ ଲହରୀ ପରିସ୍ଥିତି ସୃଷ୍ଟି ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଗତ ୨-୩ ଦିନ ହେବ ରାଜ୍ୟରେ ଲାଗି ରହିଥିବା କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ତାପମାତ୍ରା ହ୍ରାସ ହୋଇଛି। ମାତ୍ର ମଙ୍ଗଳବାର ସୁଦ୍ଧା କାଳବୈଶାଖୀ ପ୍ରକୋପ କମିବା ଯୋଗୁଁ ତାପମାତ୍ରା ପୁଣି ଥରେ ବଢ଼ିବା ଆରମ୍ଭ ହୋଇଛି। ଧୀରେ ଧୀରେ ତାପମାତ୍ରା ବୃଦ୍ଧି ହୋଇ ୧୩ ତାରିଖ ସୁଦ୍ଧା ପୁଣି ଥରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଦୈନିକ କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବିଜୁଳି ଘଡ଼ଘଡ଼ି ଓ ବର୍ଷା ଆଶଙ୍କା ରହିଛି। ମାତ୍ର ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ଓ ୧୩ ତାରିଖ ପରଠୁ ରାଜ୍ୟକୁ ପଶ୍ଚିମ ତଥା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ହେବ। ଏହାଯୋଗୁଁ ପୁଣି ଦିନ ତାପମାତ୍ରା ବୃଦ୍ଧି ପାଇବା ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ।

ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୧୬ ତାରିଖରୁ ପୁଣି ଗ୍ରୀଷ୍ମ ପ୍ରବାହ ଓ ଭୁବନେଶ୍ୱର ଉତ୍ତପ୍ତ ହେବାର ସମ୍ଭାବନା ରହିଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଆଂଶିକ ମେଘୁଆ ପାଗ ଓ ସାମାନ୍ୟ ବର୍ଷା ଯୋଗୁଁ ତାପମାତ୍ରା ବଢ଼ିବ ନାହିଁ। ୧୫ରୁ ସମଗ୍ର ଓଡ଼ିଶାରେ ଉତ୍ତର-ପଶ୍ଚିମା ପବନର ସମ୍ଭାବନା ସହିତ ତାତି ଫେରିବ। ୧୬-୧୮ ତାରିଖ ମଧ୍ୟରେ ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ କରିବ। ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଲାଗି ରହିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

କାଳବୈଶାଖୀ ସତ୍ତ୍ୱେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି । ମଙ୍ଗଳବାର ପାରଳାଖେମୁଣ୍ଡିରେ ତାପମାତ୍ରା ୩୯.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି, ବାରିପଦା ଓ ମାଲକାନଗିରି ଆଦି ସହରରେ ତାପମାତ୍ରା ୩୭ ଡିଗ୍ରୀ ଅତିକ୍ରମ କରିଛି ।



## ନିର୍ବାଚନ କାର୍ଯ୍ୟରେ ଅବହେଳା

# ଏଆର୍‌ଆଇ ନିଲମ୍ବିତ

■ **ଭଦ୍ରକ, ୯ ।୪ (ସମିସ):** ନିର୍ବାଚନ କାର୍ଯ୍ୟରେ ଅବହେଳା କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅବମାନନା ପାଇଁ ଜଣେ ଏଆର୍‌ଆଇଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ଭଦ୍ରକ ଜିଲ୍ଲା ବନ୍ତ ତହସିଲରେ କାର୍ଯ୍ୟରତ ସହକାରୀ ରାଜସ୍ୱ ନିରୀକ୍ଷକ ରାମନାରାୟଣ ସାମଲ ନିର୍ବାଚନ କାର୍ଯ୍ୟରେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଓଡ଼ିଶା ସିଭିଲ ସର୍ଭିସ୍ ନିୟମାନୁଯାୟୀ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କୁ ସରକାରୀ ଚାକିରିରୁ ତୁରନ୍ତ ନିଲମ୍ବନ ଆଦେଶ ପ୍ରଦାନ କରିଛନ୍ତି। ନିଲମ୍ବନ ସମୟରେ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟରେ ସେ ହାଜିରା ଦେବେ ଏବଂ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସଦର ମହକୁମା ନ ଛାଡ଼ିବାକୁ ଆଦେଶ ଦିଆଯାଇଛି। ନିର୍ବାଚନ କାର୍ଯ୍ୟରେ ଅବହେଳା ପରିଲକ୍ଷିତ ହେଲେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି।

# ଧର୍ମେନ୍ଦ୍ରଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଲେ ପ୍ରଣବ

## ୧୦ ବର୍ଷରେ ସାମାନ୍ୟ ରାସ୍ତାଟିଏ ମରାମତି ହୋଇ ପାରିଲା ନାହିଁ

■ **ଭୁବନେଶ୍ୱର, ୯ ।୪ (ସମିସ):** ୧୦ ବର୍ଷ ଧରି କେନ୍ଦ୍ରରେ ମନ୍ତ୍ରୀ ରହିଲେ; କିନ୍ତୁ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖାଗଲା ନାହିଁ। ଅନ୍ୟାନ୍ୟ କଥା ଛାଡ଼ନ୍ତୁ, ବର୍ଷ ବର୍ଷ ଧରି ଲୋକଙ୍କ ଯାତାୟାତ ସମସ୍ୟା ଦୂର କରିପାରିଲେ ନାହିଁ। ସାମାନ୍ୟ ରାସ୍ତାଟିଏ ମରାମତି କରିବା ଆପଣଙ୍କ ଭଳି କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରେ ଅସମ୍ଭବ ହୋଇଗଲା। ଆପଣଙ୍କ ଅପାରଗତା ପାଇଁ ୫୫ ନମ୍ବର ଜାତୀୟ ରାଜପଥରେ ପ୍ରତି ଦିନ ଅକାଳରେ ଲୋକଙ୍କ ପ୍ରାଣ ଯାଉଛି। ଏତେ ସବୁ ବିଫଳତା ସତ୍ତ୍ୱେ ଆପଣ ସମ୍ବଲପୁରବାସୀଙ୍କ ପାଖକୁ ଆସି ମୁହଁ କିପରି ମୁହଁ ଦେଖାଇ ପାରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶ୍ନ କରିଛନ୍ତି ବିଜେଡି ସଙ୍ଗଠନ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ଆସନର ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ଦାସ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଟାକ୍ଷ କରି କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଭାବେ ଆପଣଙ୍କର ଗତ ୧୦ ବର୍ଷର ▶ପୃଷ୍ଠା-୯



- ଆପଣଙ୍କ ଅପାରଗତା ପାଇଁ ରାସ୍ତାରେ ଗଲାଣି ୪୦୦ରୁ ଅଧିକ ଜୀବନ
- କେଉଁ ମୁହଁ ନେଇ ସମ୍ବଲପୁରବାସୀଙ୍କ ପାଖକୁ ଯିବେ ବୋଲି କଟାକ୍ଷ
- ଲୋକଙ୍କ ପାଖରେ ବିଫଳତାର ତାଲିକା, ନିର୍ବାଚନରେ ମିଳିବ ଉଚିତ ଜବାବ



## ରାଜ୍ୟ ବିଜେପିରେ ବିଦ୍ରୋହର ବାଦଲ

# ସତ୍ୟବ୍ରତଙ୍କ ଶକ୍ତି ପ୍ରଦର୍ଶନ, ହିମାଂଶୁଙ୍କ ହଙ୍ଗାମା

■ **ଭୁବନେଶ୍ୱର, ୯ ।୪(ସମିସ):** ବିଦ୍ରୋହର କଳା ବାଦଲ ଘେରରେ ରାଜ୍ୟ ବିଜେପି କାର୍ଯ୍ୟାଳୟ। ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା ପରଠାରୁ ରାଜ୍ୟ ବିଜେପି କାର୍ଯ୍ୟାଳୟ ବିଦ୍ରୋହୀଙ୍କ ବିକ୍ଷୋଭ କେନ୍ଦ୍ର ପାଲଟିଛି। ପ୍ରତିଦିନ ରାଜ୍ୟର ଏକାଧିକ ନିର୍ବାଚନ ମଣ୍ଡଳୀରୁ ଟିକଟରୁ ବଞ୍ଚିତ ହୋଇଥିବା ଆଶାୟୀ ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ନେତୃତ୍ୱଙ୍କ ବିରୋଧରେ ବିକ୍ଷୋଦଗାର କରୁଛନ୍ତି। ଅନ୍ୟ ଦଳର ପରିତ୍ୟକ୍ତ ଓ ବିତାଡ଼ିତ ନେତାମାନଙ୍କୁ ଦଳୀୟ ଟିକଟ ପ୍ରଦାନ ପ୍ରତିବାଦରେ ରାଜ୍ୟ ବିଜେପି ନେତୃତ୍ୱ ସବୁଠି ବିରୋଧର ସମ୍ମୁଖୀନ ହୋଇଛନ୍ତି । ଆଜି ଜଗତ୍‌ସିଂହପୁର ଜିଲ୍ଲା ବିଜେପି ସଭାପତି ତଥା ଗତ ନିର୍ବାଚନର ବିଜେପି ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ର ଓ ଧର୍ମଶାଳାର ଟିକଟ ଆଶାୟୀ ଯୁବ ନେତା ହିମାଂଶୁ ସାହୁଙ୍କ ସମର୍ଥକ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା ଅମରେନ୍ଦ୍ର ଦାସଙ୍କୁ ଦଳ ପ୍ରାର୍ଥୀ କରିବାକୁ ମସୁଧା କରୁଥିବା ସୂଚନା ପାଇ ସତ୍ୟବ୍ରତ ଓ ତାଙ୍କ ସମର୍ଥକମାନେ ରାଜ୍ୟ କାର୍ଯ୍ୟାଳୟରେ ହଙ୍ଗାମା କରିଛନ୍ତି ।

ଗତ ୧୦ ବର୍ଷ ଧରି ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ସଙ୍ଗଠନ ସମ୍ଭାଳିଛନ୍ତି। ଅସ୍ତିତ୍ୱ ନ ଥିବା ଦଳକୁ ଜିଲ୍ଲାରେ ଠିଆ କରାଇଛନ୍ତି । ମାତ୍ର ବିଜେଡିରୁ ଟିକଟ ନ ପାଇ ଦଳ ଛାଡ଼ି ଆସିଥିବା ଅମରେନ୍ଦ୍ର ଦାସଙ୍କ ଯୋଗଦାନ ପରେ ତାଙ୍କୁ ଟିକଟ ଦିଆଯିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ଏହା ପରେ ଆଜି ନିଜର ଶହ ଶହ ସମର୍ଥକଙ୍କ ସହ ଦଳୀୟ କାର୍ଯ୍ୟାଳୟରେ ପ୍ରବଳ ହଙ୍ଗାମା କରିଛନ୍ତି ସତ୍ୟବ୍ରତ। ନିର୍ବାଚନମଣ୍ଡଳୀରେ ଅମରେନ୍ଦ୍ର ଦାସଙ୍କ ସମ୍ଭାବ୍ୟ ପ୍ରାର୍ଥୀତ୍ୱକୁ ବିରୋଧ କରି ରାଜ୍ୟ ନେତୃତ୍ୱ ଉପରେ ଜଗତସିଂହପୁର ବିଜେପି କର୍ମୀମାନେ ପ୍ରବଳ ବର୍ଷିଛନ୍ତି । ସମର୍ଥକଙ୍କ ଯୁକ୍ତି ଅନୁଯାୟୀ ଯିଏ ବର୍ଷ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରି ସଂଗଠନ କରିଛି, ତାଙ୍କୁ ହତାଦାର କରାଯାଉଛି। ଗୁଣ୍ଡା ଭାଇଙ୍କ ବଦଳରେ ▶ପୃଷ୍ଠା-୯




- ଅମରେନ୍ଦ୍ରଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱକୁ ଜଗତସିଂହପୁରରେ ତୀବ୍ର ବିରୋଧ
- ରାଜ୍ୟ କାର୍ଯ୍ୟାଳୟରେ ଧସେଇ ପଶିଲେ ଯୁବ ନେତା ହିମାଂଶୁଙ୍କ ସମର୍ଥକ
- ଦଳ ଛାଡ଼ିଲେ ବଲାଙ୍ଗୀର ବିଜେପିର ବରିଷ୍ଠ ସଂଗଠକ ପ୍ରଭାସ ପାଣିଗ୍ରାହୀ
- ପ୍ରଦୀପ୍ତଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି କଳାହାଣ୍ଡିରେ ବହୁ ନେତାଙ୍କ ଦଳତ୍ୟାଗ
- ବିଜେପିରୁ ଇସ୍ତଫା ଦେଲେ ପିପିଲିର ଟାଣୁଆ ଯୁବ ନେତା ରାଧାମୋହନ

### ଏକାମ୍ର ବିଧାନସଭା ଆସନ

# ବଢୁଛି ବିଜେଡି ଭୋଟ୍

**ଭୁବନେଶ୍ୱର, ୯ ।୪ (ସମିସ):** ଭୁବନେଶ୍ୱର ଲୋକସଭା ଆସନ ଅଧୀନରେ ଥିବା ଏକାମ୍ର ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଓ ବିଜେପି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଏପର୍ଯ୍ୟନ୍ତ କଂଗ୍ରେସର ପ୍ରାର୍ଥୀ ତାଲିକା ପ୍ରକାଶ ପାଇନାହିଁ। ବିଜୁ ଜନତା ଦଳ ଚତୁର୍ଥଥର ପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଦ୍ୱିତୀୟଥର ପାଇଁ ବାବୁ ସିଂଙ୍କୁ ପ୍ରାର୍ଥୀ କରିଛି ବିଜେପି। ୨୦୦୯ ମସିହାରେ ଗଠିତ ହୋଇଥିବା ଏହି ନିର୍ବାଚନମଣ୍ଡଳୀରେ ଏପର୍ଯ୍ୟନ୍ତ ୩ଟି



ନିର୍ବାଚନ ଅନୁଷ୍ଠିତ ହୋଇଛି। ପ୍ରତିଥର ବିଜେପି ଓ କଂଗ୍ରେସ ମାଟି କାମୁଡ଼ିଥିବା ବେଳେ ବିଜେଡି ପ୍ରାର୍ଥୀ ଅଶୋକ ପଣ୍ଡା ବାଜିମାତ କରି ଆସୁଛନ୍ତି।

ଭୁବନେଶ୍ୱର ବ୍ଲକର ବାସୁଆଘାଇ, ଇଟିପୁର, ଟିକରପଡ଼ା, ଶିଶୁପାଳଗଡ଼, ଧଉଳି ଓ ଲିଙ୍ଗିପୁର ପଞ୍ଚାୟତ ଓ ଭୁବନେଶ୍ୱର ମହାନଗର ନିଗମର ୨୪ଟି ୱାର୍ଡ ଏହି ନିର୍ବାଚନମଣ୍ଡଳୀ ଅଧୀନରେ ରହିଛି। ଉକ୍ତ ୨୪ଟି ୱାର୍ଡରୁ ମାତ୍ର ୪ଟି ବିଜେପି ଦଖଲରେ ଥିବା ବେଳେ ଜଣେ ସ୍ୱାଧୀନ କର୍ପୋରେଟର୍ ରହିଛନ୍ତି। ବାକି ୧୯ଟି ୱାର୍ଡରେ ବିଜେଡି କର୍ପୋରେଟର୍ ରହିଛନ୍ତି। ସେହିପରି ଏକାମ୍ରରେ ଥିବା ୬ ପଞ୍ଚାୟତ ଓ ଜଟଣୀ ନିର୍ବାଚନମଣ୍ଡଳୀର ୩ଟି ପଞ୍ଚାୟତକୁ ନେଇ ଗଠିତ ଖୋର୍ଦ୍ଧା ଜିଲ୍ଲା ୨୯ନମ୍ବର ଜିଲ୍ଲା ପରିଷଦ ଆସନ ବିଜେଡି ଖାତାରେ ରହିଛି। ୨୦୦୯ ମସିହାରେ ଅଶୋକ ଚନ୍ଦ୍ର ପଣ୍ଡା ଏଠାରୁ ବିଜେଡିରୁ ପ୍ରାର୍ଥୀ ହୋଇ ୫୫ହଜାର ୯୫ଖଣ୍ଡ ଭୋଟ ପାଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ପ୍ରତାପ କୁମାର ଜେନାଙ୍କୁ ୧୧ହଜାର ୬୪୫ ଭୋଟ ଓ ବିଜେପି ପ୍ରାର୍ଥୀ ସମୀର ମହାନ୍ତିଙ୍କୁ ୧୧ହଜାର ୭୦ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

**ଚତୁର୍ଥଥର ଦଖଲ ପାଇଁ ଅଶୋକ ସଜବାଜ**

୨୦୧୪ ନିର୍ବାଚନରେ ଦଳରୁ ଦ୍ୱିତୀୟଥର ପାଇଁ ପ୍ରାର୍ଥୀ ହୋଇଥିବା ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ୬୬ ହଜାର ୩୭୬ ଭୋଟ ମିଳିଥିବା ବେଳେ ବିଜେପିର ଅମିୟ ଦାସଙ୍କୁ ୨୯ ହଜାର ୯୦୦ ଓ କଂଗ୍ରେସର ଶିବାନନ୍ଦ ରାୟଙ୍କୁ ୮ହଜାର ୧୪୮ଖଣ୍ଡ ଭୋଟ ମିଳିଥିଲା। ଗତ ୨୦୧୯ ନିର୍ବାଚନରେ ବିଜେଡି ତୃତୀୟଥର ଲାଗି ଅଶୋକଙ୍କୁ ପ୍ରାର୍ଥୀ କରିଥିବା ବେଳେ ସେ ବିଜେପି ପ୍ରାର୍ଥୀ ବାବୁ ସିଂଙ୍କୁ ୨୮ ହଜାର ୬୫୭ ଭୋଟରେ ପରାଜିତ କରିଥିଲେ। ଅଶୋକଙ୍କୁ ୭୫ ହଜାର ୨୦ ଖଣ୍ଡ ଭୋଟ ମିଳିଥିବା ବେଳେ ବାବୁଙ୍କୁ ୪୬ ହଜାର ୩୬୩ ଖଣ୍ଡ ଭୋଟ ମିଳିଥିଲା। ଗତ ୩ଟି ନିର୍ବାଚନର ଭୋଟକୁ ହିସାବକୁ ନେଲେ ଏଠାରେ ବିଜେଡିର ଭୋଟ ହାର ବଢ଼ି ଚାଲିଛି। ଏହାସହ ବିଭିନ୍ନ ଦୃଷ୍ଟିକୋଣରୁ ବିଜେଡିର ସଂଗଠନ ମଧ୍ୟ ଏଠାରେ ଅଧିକ ମଜଭୁତ ରହିଥିବାରୁ ଆସନ୍ତା ଲଢ଼େଇ ଦଳ ପାଇଁ ସହଜ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ଯାଜପୁର ଲୋକସଭା ସଂସଦୀୟ ଆସନ

# ବିଜେପି-କଂଗ୍ରେସ ପାଇଁ ଅଗ୍ନିପରୀକ୍ଷା

**ଯାଜପୁର, ୯ ।୪ (ସମିସ):** ଯାଜପୁର ଜିଲ୍ଲାର ମୋଟ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଯାଜପୁର ଲୋକସଭା ସଂସଦୀୟ କ୍ଷେତ୍ର ଗଠିତ। ଯାଜପୁର, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, କୋରେଇ, ସୁକିନ୍ଦା ବିଧାନସଭା ଆସନର ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ସାଂସଦ ଚୟନ କରିଥା'ନ୍ତି। ୨୦୦୦ ପରଠାରୁ ରାଜ୍ୟରେ ବିଜୁ ଜନତା ଦଳ ସରକାର ହେବା ଦିନଠାରୁ

**ଶର୍ମିଷ୍ଠାଙ୍କ ପଥ ସୁଗମ**

ଏଠାରେ ବିଜେଡି ସାଂସଦ ଜିତି ଆସୁଛନ୍ତି। ପ୍ରତ୍ୟେକ ନିର୍ବାଚନରେ ଲକ୍ଷାଧିକ ଭୋଟରେ ବିଜେଡି ସାଂସଦ ବିଜୟ ଲାଭ କରୁଛନ୍ତି। କେନ୍ଦ୍ରରେ ଦୁଇ ଦୁଇଥର ବିଜେପି ସରକାର ଥାଇ ମଧ୍ୟ ଏଠାରେ ତା'ର କୌଣସି ପ୍ରଭାବ ପଡ଼ିନାହିଁ। ଗତ ୨୦୧୯ରେ ଏଠାରେ ବିଜୁ ଜନତା ଦଳ ସାଂସଦ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ରାଜ୍ୟର ଜଣେ ପ୍ରଶାସନିକ ଅଧିକାରୀ ଥିବା ଶର୍ମିଷ୍ଠା ସେଠୀଙ୍କ ନାଁ ଦଳ ଘୋଷଣା କରିବା ପରେ ଜିଲ୍ଲାରେ ହଇଚଇ ସୃଷ୍ଟି ହୋଇଥିଲା। ଏଥର ପୁଣି ଶର୍ମିଷ୍ଠା ପ୍ରାର୍ଥୀ ହୋଇଛନ୍ତି। ଗତ ୫ ବର୍ଷର କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଲେ, ଏଥର ନିର୍ବାଚନରେ ତାଙ୍କ ପଥ ସୁଗମ ଥିବା ବେଳେ ବିଜେପି ଓ କଂଗ୍ରେସକୁ ବହୁ ସଂଘର୍ଷ କରିବାକୁ ପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞ ଆକଳନ କରୁଛନ୍ତି।

ଗତ ନିର୍ବାଚନରେ ପ୍ରଥମଥର ପାଇଁ ଶର୍ମିଷ୍ଠା ନିର୍ବାଚନ ଲଢ଼ି ବିଜେପି ପ୍ରାର୍ଥୀଙ୍କୁ ଲକ୍ଷାଧିକ ଭୋଟରେ ପରାସ୍ତ କରି ରେକର୍ଡ ସୃଷ୍ଟି କରିଥିଲେ। ଶର୍ମିଷ୍ଠା ମୋଟ ୫ ଲକ୍ଷ ୪୪ ହଜାର





୨୦ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଅମିୟ ମଲ୍ଲିକ ୪ ଲକ୍ଷ ୪୨ ହଜାର ୩୨୭ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ମାନସ ଜେନା ୮୩ ହଜାର ୩୨୧ଖଣ୍ଡ, ଏସ୍‌ୟୁସିଆଇ ଦଳୀୟ ପ୍ରାର୍ଥୀ ସୁବାସ ମଲ୍ଲିକ ୪,୯୫୦ ଖଣ୍ଡ ଭୋଟ ପାଇଥିଲେ। ଶର୍ମିଷ୍ଠା ଜଣେ ଉଚ୍ଚଶିକ୍ଷିତା ମହିଳା ଭାବେ ଭୋଟରଙ୍କ ନିକଟରେ ପହଞ୍ଚି ଭୋଟ ଭିକ୍ଷା କରିଥିଲେ। ଚଳିତଥର ମଧ୍ୟ ଶର୍ମିଷ୍ଠାଙ୍କ ଉପରେ ଦଳ ଭରସା କରିଛି। ଗତ ୫ବର୍ଷ ମଧ୍ୟରେ ସେ ଜିଲ୍ଲାର ଅନେକ ଲୋକାଭିମୁଖୀ ପ୍ରସଙ୍ଗ ଉପସ୍ଥାପନ କରି ଜିଲ୍ଲାବାସୀଙ୍କ ନିକଟତର ହୋଇପାରିଛନ୍ତି। ଜିଲ୍ଲାର ସମସ୍ତ ବିଧାୟକଙ୍କ ସହିତ ସମନ୍ୱୟ ରକ୍ଷା କରି ବିଭିନ୍ନ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ଉଦ୍ୟମ କରିଛନ୍ତି। ଜାତୀୟ ରାଜପଥ ମରାମତିଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଓଭରବ୍ରିଜ, ରେଲୱେ ଓଭରବ୍ରିଜ ନିର୍ମାଣ କ୍ଷେତ୍ରରେ ଶର୍ମିଷ୍ଠାଙ୍କ ବିଶେଷ ଯୋଗଦାନ ରହିଛି। ଏଥିସହ ଶିକ୍ଷାକ୍ଷେତ୍ରରେ ଭିତ୍ତିଭୂମି ସଜାଡ଼ିବା ପାଇଁ ନିଜର ହାତ ପାଣ୍ଠିକୁ ସର୍ବାଧିକ ବିନିଯୋଗ କରିଥିଲେ। ସାଧାରଣ ଲୋକଙ୍କଠାରୁ ସମାଜର ସବୁ ବର୍ଗର ଲୋକଙ୍କ ନିକଟରେ ସେ ପ୍ରିୟପାତ୍ର ହୋଇପାରିଛନ୍ତି।

ଅନ୍ୟପକ୍ଷରେ ଚଳିତ ନିର୍ବାଚନରେ ବିଜେପି ସାଂସଦ ପ୍ରାର୍ଥୀ ଭାବେ ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ସୁଯୋଗ ଦେଇଛି। କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ରବୀନ୍ଦ୍ର ପ୍ରଥମ ଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଯାଜପୁର ଜିଲ୍ଲାର ସମସ୍ତ ୭ଟି ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ନ ଥାଇ ମଧ୍ୟ ସେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଅନ୍ୟପଟେ ଜିଲ୍ଲାର ୭ଟି ବିଧାନସଭା ଆସନ, ୧୦ଟି ବ୍ଲକ ଓ ୨ଟି ପୌରପାଳିକା ଆସନ ସମେତ ସମସ୍ତ ଜିଲ୍ଲା ପରିଷଦ ଆସନକୁ ଦଖଲ କରିଛି ବିଜୁ ଜନତା ଦଳ। ତେଣୁ ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞ ଆକଳନ କରୁଛନ୍ତି। ସେହିପରି କଂଗ୍ରେସ ଏ ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀଙ୍କ ନାଁ ଘୋଷଣା କରିନାହିଁ। ଗତଥର ପ୍ରତିଦ୍ୱନ୍ଦ୍ୱିତା କରିଥିବା ମାନସ ଜେନା ଏଥର ଟିକଟ ଦୌଡରେ ନାହାନ୍ତି। ଚଳିତ ନିର୍ବାଚନରେ ପୂର୍ବତନ ସାଂସଦ ଅଞ୍ଚଳ ଦାସ ଓ ସାମାଜିକ କର୍ମୀ ମାଗୁଣି ଜେନା, ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଆଲୋକ ବେହେରା ଟିକଟ ଦୌଡ଼ରେ ଅଛନ୍ତି। ଜିଲ୍ଲାରେ କଂଗ୍ରେସ ଅବସ୍ଥା ଶୋଚନୀୟ ଥିବା ବେଳେ ଏ ପର୍ଯ୍ୟନ୍ତ ସାଂସଦ ପ୍ରାର୍ଥୀ ଘୋଷଣା କରାଯାଇ ନଥିବାରୁ ଆରମ୍ଭରୁ ଦଳ ଦୌଡ଼ରେ ବହୁ ପଛରେ ରହିଯାଇଛି ବୋଲି କୁହାଯାଉଛି। ତେଣୁ ଏଠାରେ ଦ୍ୱିମୁଖୀ ଲଢ଼େଇ ସମ୍ଭାବନା ହେବାର ଅଧିକ ସମ୍ଭାବନା ରହିଛି ବୋଲି ଆଲୋଚନା ହେଉଛି।

### ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ଖାତା ଖୋଲିବ କି ବିଜେଡି

**ରାଉରକେଲା, ୯ ।୪(ସମିସ):** ଝାଡ଼ଖଣ୍ଡ ସୀମାନ୍ତ ତଥା ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ବିଧାନସଭା ଆସନ ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଆସନକୁ ବିଜେଡି ଆଜି ପର୍ଯ୍ୟନ୍ତ ଭେଦି ପାରିନାହିଁ। କଂଗ୍ରେସ, ଜେଏମ୍‌ଏମ୍ ସହ ଅନ୍ୟ ଛୋଟ ଦଳ ଅତୀତରେ ଏଠାରେ ବିଜୟୀ ହୋଇଥିଲେ ବି ବିଜେଡିକୁ ସେ ସୁଯୋଗ କେବେ ମିଳିନି। ୨୦୧୯ରେ ଏଠାରେ ପ୍ରଥମଥର ପାଇଁ 'ପଦ୍ମ' ଫୁଟିଥିଲା। ବିଜେଡିର ମକଲୁ ଏକ୍କାଙ୍କୁ ୧୬ହଜାର ୩୫୧ ଭୋଟରେ ହରାଇ ବିଧାୟକ ହୋଇଥିଲେ ବିଜେପି ପ୍ରାର୍ଥୀ ଶଙ୍କର ଓରାମ। ବୀରମିତ୍ରପୁରରେ ବିଜେପିକୁ ସଫଳତାର ସ୍ୱାଦ ଚଖାଇଥିବା ଶଙ୍କର ଏଥର ମଧ୍ୟ ବିଜେପି ପ୍ରାର୍ଥୀ ହୋଇଛନ୍ତି। ତେବେ ଏହି ନିର୍ବାଚନଟି ବିଜେଡି ପାଇଁ ମଧ୍ୟ

**ବାପା ଜର୍ଜ ଧରିବେ ରୋହିତଙ୍କ ପ୍ରଚାର ମଙ୍ଗ**

ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଥମଥର ପାଇଁ ଏଠାରେ ବିଜେଡି ଦ୍ୱିତୀୟ ସ୍ଥାନକୁ ଆସିବାକୁ ସକ୍ଷମ ହୋଇଥିଲା। ଦଳୀୟ ପ୍ରାର୍ଥୀ ମକଲୁ ଏକ୍କା ୪୪ ହଜାର ୫୮୬ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଗତ ନିର୍ବାଚନର ଏହି ଉପଲବ୍ଧି ଯୋଗୁଁ ବିଜେଡି ଏଥର ଏଠାରେ ବାଜିମାତ୍ କରିବାକୁ ଆଶା ରଖିଛି। ବୀରମିତ୍ରପୁରର ଟାଣୁଆ ଆଦିବାସୀ ନେତା ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ ତିର୍କୀଙ୍କୁ ବିଜେଡି ଏଠାରେ ପ୍ରାର୍ଥୀ କରିଛି।

ବୀରମିତ୍ରପୁର ଆସନରେ କଂଗ୍ରେସ ମୋଟ ଦୁଇଥର ଜିତିଛି। ୧୯୮୦ ଓ ୧୯୮୫ରେ ଲଗାତାର ଦୁଇଥର କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ। ହେଲେ ତା'ପରେ ଆଉ କଂଗ୍ରେସକୁ ସୁଯୋଗ ମିଳିନି। ୨୦୧୯ ନିର୍ବାଚନରେ କଂଗ୍ରେସ ଟିକଟରୁ ଲଢ଼ିଥିଲେ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ ତିର୍କୀ। ସେ ୪୪ ହଜାର ୨୧୨ ଭୋଟ ପାଇ ତୃତୀୟ ସ୍ଥାନରେ ରହିବା ସହ ବିଜେଡି ପ୍ରାର୍ଥୀଙ୍କ ଭୋଟ ସହ ପ୍ରାୟ ସମକକ୍ଷ ରହିଥିଲେ। ତେବେ ରୋହିତ ଏଥର ବିଜେଡିରୁ ଲଢୁଛନ୍ତି। ବୀରମିତ୍ରପୁର ରାଜନୀତିରେ ସବୁଠୁ ପୁରୁଣା ଓ ପ୍ରଭାବଶାଳୀ ନେତାଙ୍କ ମଧ୍ୟରୁ ଆସେ ଭେଟେରାନ୍ ଜର୍ଜ ତିର୍କୀଙ୍କ ନାଁ। ସେ ଏଠାରୁ



ରୋହିତ ଯୋଶେଫ ତିର୍କୀ



ଶଙ୍କର ଓରାମ

୪ ଥର ବିଧାୟକ। ୨ ଥର ଜେଏମ୍‌ଏମ୍, ଥରେ ସ୍ୱାଧୀନ ଓ ୨୦୧୪ରେ ଶେଷ ଥର ପାଇଁ ସମତା କ୍ରାନ୍ତି ଦଳରୁ ନିର୍ବାଚିତ ହୋଇଥିଲେ ଜର୍ଜ। ଏଥର ସେ କୌଣସି ଦଳରେ ନ ଥିଲେ ବି ପୁଅ ରୋହିତଙ୍କ ପାଇଁ ପ୍ରତ୍ୟକ୍ଷରେ ନିର୍ବାଚନ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଅଞ୍ଚଳରେ ପୁରୁଣା ସଂଗଠକ ଓ ଆଦିବାସୀ ନେତା ଭାବେ ଜର୍ଜଙ୍କ ପରିଚୟ ରହିଛି। ଏବେ ସେ ଜର୍ଜ ସେନା ସଂଗଠନ କରି ଅଞ୍ଚଳରେ ସକ୍ରିୟ ରହିଛନ୍ତି। ଏହାକୁ ଆଧାର କରି ତାଙ୍କ ପୁଅ ରୋହିତ ଯୋଶେଫ ତିର୍କୀ ଦ୍ୱିତୀୟଥର ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ପ୍ରଥମଥର ବିଜେଡି ତାଙ୍କୁ ପ୍ରାର୍ଥୀ କରିଛି। ପୁଅ ରୋହିତଙ୍କୁ ଜିତାଇବା ପାଇଁ ଜର୍ଜ ତାଙ୍କର ସମସ୍ତ ଶକ୍ତି ଲଗାଇଦେବେ ବୋଲି କହିଛନ୍ତି। ଏବେ ତାଙ୍କର ନିଜସ୍ୱ ଭୋଟ ଏବଂ ବିଜେଡି ସରକାରଙ୍କ ବିକାଶମୂଳକ କାର୍ଯ୍ୟର ପ୍ରତିଫଳନ ଏହି ଦୁଇ ଶକ୍ତିର ମିଶ୍ରଣ ବୀରମିତ୍ରପୁର ଆସନରେ ରୋହିତଙ୍କୁ ବିଜୟୀ କରିବାରେ କେହି ଅଟକାଇ ପାରିବେ ନାହିଁ ବୋଲି ସେ କହିଛନ୍ତି।

ଏତଦ୍‌ବ୍ୟତୀତ ଜର୍ଜ ସମଗ୍ର ଜିଲ୍ଲାରେ ବିଜେଡିର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସବୁ ନିର୍ବାଚନମଣ୍ଡଳୀ ବୁଲି ପ୍ରଚାର କରିବେ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ କେବେ ସୁନ୍ଦରଗଡ଼ ଜିଲ୍ଲାରେ ବିଜେଡି ୨ ଆସନରୁ ଅଧିକ ପାଇ ନଥିବା ବେଳେ ଏହି ନିର୍ବାଚନରେ ୭ରୁ ୭ ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବେ ଏବଂ ସଂସଦୀୟ କ୍ଷେତ୍ର ବି ବିଜେଡି ହାତକୁ ଯିବ ବୋଲି ଜର୍ଜ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେପଟେ ବିଜେପି ପୁନର୍ବାର ଶଙ୍କର ଓରାମଙ୍କୁ ଏଠାରେ ବିଧାୟକ ପ୍ରାର୍ଥୀ କରିଛି। ଗତ ୫ବର୍ଷ ମଧ୍ୟରେ ଶଙ୍କର ସେମିତି କିଛି ଆଖିଦୃଶିଆ କାର୍ଯ୍ୟ କରିନଥିବାରୁ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା କୁହାଯାଉଛି। ଲୋକଙ୍କ ସମସ୍ୟା ସହ ନ ରହି ସେ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଲୋକଙ୍କ ଆକ୍ରୋଶ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ଯୁକ୍ତି ବାଢୁଛନ୍ତି। ଏତଦ୍‌ବ୍ୟତୀତ ଚଳିତଥର କଂଗ୍ରେସ ଏଠାରେ ପ୍ରାର୍ଥୀ ଦେବାକୁ ସହଯୋଗୀ ଦଳ ଜେଏମ୍‌ଏମ୍‌କୁ ଦାୟିତ୍ୱ ଦେଇଛି। ହେଲେ ଦଳ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କାହାରି ନାମ ଘୋଷଣା କରାଯାଇନାହିଁ।

# ଭଦ୍ରକରେ ପ୍ରାର୍ଥୀ ଖୋଜୁଛି କଂଗ୍ରେସ

**ଭଦ୍ରକ, ୯ ।୪(ସମିସ):** ଭଦ୍ରକ ଜିଲ୍ଲାରେ ୫ ବିଧାନସଭା ଆସନ ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ବିଧାନସନ ସଭା ସହ ଗୋଟିଏ ଲୋକସଭା ଆସନ।। ଜିଲ୍ଲାରେ ବିଜେଡି ସମସ୍ତ ଆସନରେ ପ୍ରାର୍ଥୀ ଘୋଷଣା କରିସାରିଲାଣି। ସେହିପରି ବିଜେପି ମଧ୍ୟ ଲୋକସଭା ଆସନର ପ୍ରାର୍ଥୀ ଓ ୩ ବିଧାନସଭା ଆସନରୁ ପ୍ରାର୍ଥୀ ଘୋଷଣା କରିସାରିଛି। କଂଗ୍ରେସ କିନ୍ତୁ ପ୍ରାର୍ଥୀ ଘୋଷଣାରେ ପଛରେ ପଡ଼ିଛି। ଦଳ ଏପର୍ଯ୍ୟନ୍ତ ଜିଲ୍ଲାର ଗୋଟିଏ ବି ଆସନରୁ ପ୍ରାର୍ଥୀ ଘୋଷଣା କରିନାହିଁ। ଫଳରେ କଂଗ୍ରେସ କର୍ମୀ ଓ ନେତାମାନେ ଏବେ ଦ୍ୱନ୍ଦ୍ୱରେ ରହିଛନ୍ତି।

ଗତ ୨୦୧୯ ସାଧାରଣ ନିର୍ବାଚନରେ ଜିଲ୍ଲାରେ କଂଗ୍ରେସର ଫଳାଫଳ

- ପ୍ରଚାରରେ ଆଗୁଆ ବିଜେଡି
- ୨ ପାଦ ପଛରେ ବିଜେପି

ନୈରାଶ୍ୟଜନକ ଥିଲା। କେବଳ ଭଣ୍ଡାରିପୋଖରୀ ଓ ବାସୁଦେବପୁରରେ ଦଳୀୟ ପ୍ରାର୍ଥୀ ବିଜୟୀ ବିଜେଡି ପ୍ରାର୍ଥୀଙ୍କ ସହ ମୁକାବିଲା କରିଥିବା ବେଳେ ଅନ୍ୟ ୩ଟି ଆସନରେ ୩ ନମ୍ବର ସ୍ଥାନରେ ଥିଲେ। ସେହିଭଳି ଲୋକସଭା ଆସନରେ ବି ୩ ନମ୍ବର ସ୍ଥାନରେ ଥିଲେ।

ଭଦ୍ରକ ବିଧାନସଭା ଆସନରେ ଗତଥର କଂଗ୍ରେସ ପ୍ରାକ୍ତନ ବିଧାୟକ ନରେନ୍ ପଲେଇଙ୍କୁ ବାଦ୍ ଦେଇ ନବାଗତ ନଳିନୀକାନ୍ତ ମହାନ୍ତିଙ୍କୁ ପ୍ରାର୍ଥୀ କରିଥିଲା। ନଳିନୀ ୨୨ହଜାର ୬୩୦ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ଦାଖଲ କରିଥିଲେ। ସେହିଭଳି ଧାମନଗର ସଂରକ୍ଷିତ ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀ ବିଦ୍ୟାଧର ଜେନା ମାତ୍ର ୭୩୦୩ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ଦଖଲ କରିଥିଲେ। ଚାନ୍ଦବାଲି ବିଧାନସଭା ଆସନରେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଦିଗମ୍ବର ଦାସ ୩୦ ହଜାର ୧୪୬ଭୋଟ ପାଇ ୩ନମ୍ବର ସ୍ଥାନରେ ଥିଲେ। ସେହିଭଳି ଭଦ୍ରକ ସଂରକ୍ଷିତ ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥିନୀ ମଧୁମିତା ସେଠୀ ୨ଲକ୍ଷ ୭ହଜାର ୮୧୧ଖଣ୍ଡ ଭୋଟ ପାଇ ୩ନମ୍ବର ସ୍ଥାନରେ ଥିଲେ। କେବଳ ଭଣ୍ଡାରିପୋଖରୀ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ



ପଟ୍ଟନାୟକ ୬୧ହଜାର ୩୨୧ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ବାସୁଦେବପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସ ୬୯ହଜାର ୩୮୨ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଜିଲ୍ଲାରେ ଗତ ସାଧାରଣ ନିର୍ବାଚନରେ ଗୋଟିଏ ହେଲେ ଆସନ ଦଖଲ କରି ପାରିନଥିଲା କଂଗ୍ରେସ।

ଭଦ୍ରକ ଲୋକସଭା ସଂରକ୍ଷିତ ଆସନରେ ଏଥର ପ୍ରାକ୍ତନ ସାଂସଦ, ବିଧାୟକ ଅନନ୍ତ ପ୍ରସାଦ ସେଠୀଙ୍କ ନାମ ସର୍ବାଗ୍ରେ ଚର୍ଚ୍ଚାରେ ଥିବା ବେଳେ ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳଙ୍କ ନାମ ବି ଶୁଣାଯାଉଛି। ସେହିଭଳି ଭଦ୍ରକ ବିଧାନସଭା ଆସନରେ ପୂର୍ବଥର ପ୍ରାର୍ଥୀ ନଳିନୀକାନ୍ତ ମହାନ୍ତି, ଜିଲ୍ଲା କଂଗ୍ରେସ ମୁଖ୍ୟ ପ୍ରବକ୍ତା ଶୁଭେନ୍ଦୁରାୟ ମହାପାତ୍ରଙ୍କ ନାମ ଚର୍ଚ୍ଚାରେ ଥିବା ବେଳେ ବିଜେଡିରୁ ଇସ୍ତଫା ଦେଇଥିବା ଯୁବନେତା ଅସିତ ପଟ୍ଟନାୟକଙ୍କ ନାମ ବି ଚର୍ଚ୍ଚାରେ ରହିଛି। ସେହିଭଳି ବାସୁଦେବପୁର ଆସନରେ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସଙ୍କ ନାମ ଶୁଣାଯାଉଥିଲା ବେଳେ ଚାନ୍ଦବାଲି ବିଧାନସଭା ଆସନରେ ଅମୀୟ ମହାପାତ୍ର, ଦିଗମ୍ବର ଦାସଙ୍କ ନାମ ଚର୍ଚ୍ଚାରେ ରହିଛି। ଧାମନଗର ସଂରକ୍ଷିତ ଆସନରେ ଦଳୀୟ ପ୍ରାର୍ଥୀଙ୍କ ନାମ ଚର୍ଚ୍ଚାରେ ନଥିବା ପରିଲକ୍ଷିତ ହୋଇଛି। ସେହିଭଳି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିଜ ଜିଲ୍ଲା ଭଦ୍ରକରେ ଏବେ ବି ବାସୁଦେବପୁର ଓ ଭଣ୍ଡାରିପୋଖରୀ ଆସନରେ ବିଜେପି ପ୍ରାର୍ଥୀ ଘୋଷଣା କରିବାରେ ସକ୍ଷମ ହୋଇନି। ଏହାଦ୍ୱାରା ଦଳୀୟ କନ୍ଦଳ ସ୍ୱତଃ ପ୍ରମାଣିତ ହୋଇଛି। ଏହି ୨ ଆସନରେ ପୁରୁଖା ବନାମ ନବାଗତଙ୍କ ମଧ୍ୟରେ ଟିକଟ ପାଇବାକୁ ଜୋରଦାର କସରତ ଚାଲିଛି। ତେବେ ବିଜେଡି ଲୋକସଭା ଓ ୫ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରି ପ୍ରଚାର ଆରମ୍ଭ କରିସାରିଲାଣି।

### ଦିଗପହଣ୍ଡି ବିଧାନସଭା ଆସନ


# ଅଭିନେତା ନୁହେଁ, ନେତା ଚାହୁଁଛନ୍ତି ଭୋଟର୍

**ବ୍ରହ୍ମପୁର, ୯ ।୪(ସମିସ):** ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ବିଜୁ ଜନତା ଦଳର ଅନ୍ୟତମ ଅଭେଦ୍ୟ ଗଡ଼ ହେଉଛି ଦିଗପହଣ୍ଡି। ୨୦୦୯ ମସିହାଠାରୁ ଦିବଂଗତ ନେତା ସୂର୍ଯ୍ୟ ନାରାୟଣ ପାତ୍ର ଏହି ଗଡ଼ ସମ୍ଭାଳି ଆସୁଥିଲେ। ତାଙ୍କ ଅବର୍ତ୍ତମାନରେ ପୁଅ ବିପ୍ଳବ ପାତ୍ର ଏଠି ମଙ୍ଗ ଧରିଛନ୍ତି। ଚଳିତ ନିର୍ବାଚନରେ ବିଜେଡି ତାଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ସେ ଅଞ୍ଚଳରେ ବେଶ୍ ଜଣାଶୁଣା ଚେହେରା ଏବଂ ପିଲାଟି ଦିନରୁ ବାପାଙ୍କ ପାଖେ ପାଖେ ରହି ରାଜନୀତିକୁ ଅତି ନିକଟରୁ ଦେଖି ଆସିଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ବିଜେପି ଏଠାରେ ଅଭିନେତା ତଥା ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। କିନ୍ତୁ ତାଙ୍କୁ ଅଞ୍ଚଳବାସୀ ଏଥିପାଇଁ ସହଜରେ ଗ୍ରହଣ କରିପାରୁନାହାନ୍ତି ଯେ ଶ୍ରୀ ମହାପାତ୍ର ସାଂସଦ ଥିବା ସମୟରେ ଲୋକଙ୍କ ସହିତ କେବେ ଜଡ଼ିତ ନଥିଲେ। ଅଞ୍ଚଳର ବିକାଶ ନେଇ ମଧ୍ୟ କେବେ ମଧ୍ୟ ନିଜର ସ୍ୱର ତୀବ୍ର କରି ନଥିବା ଅଞ୍ଚଳବାସୀ କହିଛନ୍ତି। କିଛି ଭୋଟର୍‌ଙ୍କ ମତ ହେଲା, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ସିନେମା ହଲଟିଏ ନାହିଁ। ଲୋକେ କାହିଁକି କେଉଁ ଅଭିନେତାଙ୍କୁ ଜାଣିବେ। ନିଜ ପାଖରେ ରହି ଯିଏ ଲୋକଙ୍କ ସୁବିଧା ଅସୁବିଧା ବୁଝିବ, ସେଭଳି ଲୋକଙ୍କୁ ନିଜ ପ୍ରତିନିଧି କରିବେ ବୋଲି ସଫାସଫା କହିଛନ୍ତି।

- ଗତଥର ବିଜେପି ପ୍ରାର୍ଥୀ ପିଙ୍କି ପ୍ରଧାନ ପରାଜିତ ହୋଇଥିଲେ
- ସୂର୍ଯ୍ୟଙ୍କ ଗଡ଼ ସମ୍ଭାଳୁଛନ୍ତି ବିପ୍ଳବ

ଅପରପକ୍ଷେ, ବିଜୁ ଜନତା ଦଳର ବିଜୟଧାରା ଏଠାରେ ବଜାୟ ରଖିବା ସହ ନୂତନ ଓଡ଼ିଶା ଗଠନରେ ଏହି ନିର୍ବାଚନ ମଣ୍ଡଳୀ ବିଶେଷ ଭୂମିକା ଗ୍ରହଣ କରିବ ବୋଲି ବିଜେଡି ପ୍ରାର୍ଥୀ ବିପ୍ଳବ ପାତ୍ର କହିଛନ୍ତି। ବାପା ସୂର୍ଯ୍ୟ ନାରାୟଣ ପାତ୍ର ବିଧାୟକ ଓ ମନ୍ତ୍ରୀ ଥିବା ସମୟରେ ହିଁ ତାଙ୍କୁ ଏଠାରୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ମିଳିଥିଲା। ହେଲେ ପରିବାରର ସମ୍ମାନ, ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ ଦଳର ସଂଗଠନ ସମ୍ଭାଳୁଥିଲେ ହେଁ କେବେ ମଧ୍ୟ ପ୍ରାର୍ଥୀ ରୂପେ ନିଜକୁ ଅବତୀର୍ଣ୍ଣ କରିବାକୁ ମନ ବଳାଇନଥିଲେ। ଏବେ ବାପା ସୂର୍ଯ୍ୟ ପାତ୍ରଙ୍କ ଅବର୍ତ୍ତମାନରେ ସେ ଗଡ଼ ସମ୍ଭାଳିଛନ୍ତି। ଗତ ୫ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ବହୁ ଜନକଲ୍ୟାଣମୂଳକ କାର୍ଯ୍ୟ ଓ ଦିଗପହଣ୍ଡିବାସୀଙ୍କ ଅକୁଣ୍ଠ ସହଯୋଗ ଓ ଆଶୀର୍ବାଦରେ ସେ ଏଠାରୁ ବିଜୟୀ ହେବେ ବୋଲି ଆଶା ବାନ୍ଧିଛନ୍ତି।





୨୦୦୯ ମସିହାରେ ପୁନଃଗଠିତ ହୋଇଥିବା ଦିଗପହଣ୍ଡି ନିର୍ବାଚନମଣ୍ଡଳୀରୁ ପ୍ରଥମଥର ଲାଗି ପୂର୍ବତନ ବାଚସ୍ପତି, ମନ୍ତ୍ରୀ ତଥା ଦିବଙ୍ଗତ ନେତା ସୂର୍ଯ୍ୟ ନାରାୟଣ ପାତ୍ର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତା' ପରଠାରୁ ଲଗାତାର ଭାବେ ସେ ଏଠାରୁ ବିଜୟୀ ହୋଇ ଆସୁଛନ୍ତି। ଏଠାରେ ପୂର୍ବରୁ କଂଗ୍ରେସ ମୁଖ୍ୟ ବିରୋଧୀ ରହିଥିବା ବେଳେ ଗତ ସାଧାରଣ ନିର୍ବାଚନରେ ବିଜେପି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଥିଲା। ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନ ଏଠାରେ ବିଜେପିରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜୟ ବରଣ କରିଥିଲେ। ଏଠାକାର ଭୋଟର ତାଙ୍କୁ ଗ୍ରହଣ କରି ନଥିଲେ। ଚଳିତ ନିର୍ବାଚନରେ ମଧ୍ୟ ବିଜେପି ପୁଣି ଜଣେ ସିନେ-ତାରକା ତଥା ସିଦ୍ଧାନ୍ତ ମହାପାତ୍ରଙ୍କୁ ଏଠାରେ ପ୍ରାର୍ଥୀ କରିଛି।

ସୂଚନାନୁସାରେ, ଦିଗପହଣ୍ଡି ବ୍ଲକ, ଦିଗହପଣ୍ଡି ବିଜ୍ଞପିତ ଅଞ୍ଚଳ ପରିଷଦ ଓ କୁକୁଡ଼ାଖଣ୍ଡି ବ୍ଲକର ୧୭ଟି ପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ। ଏଠାରେ ସମୁଦାୟ ୨ଲକ୍ଷ ୨୨ ହଜାର ୮୭ଜଣ ଭୋଟର ରହିଛନ୍ତି। ତନ୍ମଧ୍ୟରୁ ୧ ଲକ୍ଷ ୧୪ ହଜାର ୯୦ ଜଣ ପୁରୁଷ ଓ ୧ ଲକ୍ଷ ୭ହଜାର ୯୭୪ଜଣ ମହିଳା ଭୋଟର ରହିଛନ୍ତି। ସେହିଭଳି ୨୩ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଥିବା ବେଳେ ୪ ହଜାର ୩୫୪ ଜଣ ନୂଆ ଭୋଟର ସାମିଲ ହୋଇଛନ୍ତି। ଏମାନେ ଆଗାମୀ ଦିନରେ ଦିଗପହଣ୍ଡିର ନୂଆ ଜନପ୍ରତିନିଧି ବାଛିବେ।

## ବଲାଙ୍ଗିର ରାଜନୀତିରେ ରୋଚକ ମୋଡ଼

# ଏଥର 'ରୟାଲ' ନୁହେଁ, 'ରିଅଲ୍' ଫାଇଟ୍

**ବଲାଙ୍ଗିର, ୯ ।୪ (ସମିସ):** ଚଳିତ ନିର୍ବାଚନରେ ବି ବଲାଙ୍ଗିରବାସୀ ରୟାଲ ଫାଇଟ୍ ବଦଳରେ ରିଅଲ୍ ଫାଇଟ୍ ଦେଖିବାକୁ ପାଇବେ। ରାଜ ପରିବାର ବନାମ ପ୍ରଜା ଲଢ଼େଇ। ପୂର୍ବରୁ ରାଜପରିବାରର ସଦସ୍ୟମାନେ ପରସ୍ପର ସହ ମୁହାଁମୁହିଁ ହେଉଥିଲେ, କିନ୍ତୁ ଏଥର ଅନ୍ୟମାନଙ୍କ ସହ ହେବ ଲଢ଼େଇ। ଗୋଟିଏପଟେ ରାଜ ପତିଆରା ଆଉ ଅନ୍ୟପଟେ ପ୍ରଜା ସ୍ୱାଭିମାନ। ବଲାଙ୍ଗିର ଲୋକସଭା, ସଦର ବିଧାନସଭା ଓ ପାଟଣାଗଡ଼ରେ ବଲାଙ୍ଗିରବାସୀ ଏଥର ଏମିତି ଏକ ଲଢ଼େଇ ଦେଖିବାକୁ ପାଇବେ।

- ରାଜପରିବାର ସଦସ୍ୟ ବନାମ ସାଧାରଣ ନେତା
- ନିର୍ବାଚନ ଲଢୁଛନ୍ତି ତିନି ରାଜ ପରିବାର ସଦସ୍ୟ

ଗତ ନିର୍ବାଚନଗୁଡ଼ିକରେ ବଲାଙ୍ଗିର ଲୋକସଭା ଆସନ ପାଇଁ ଦିଅର-ଭାଉଜ ମୁହାଁମୁହିଁ ହେଉଥିଲେ। ବିଶେଷକରି କଳିକେଶ ସିଂହଦେଓ ଓ ସଙ୍ଗୀତା ସିଂହଦେଓଙ୍କ ମଧ୍ୟରେ ଆମ୍ନାସାମ୍ନା ହୋଇଥାଏ। ଚଳିତ ନିର୍ବାଚନରେ କିନ୍ତୁ ସମୀକରଣ ବଦଳିଛି। ଏଥର କଳିକେଶ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ତେଣୁ ସଙ୍ଗୀତାଙ୍କୁ ସାମ୍ନା କରିବା ପାଇଁ ସୁରେନ୍ଦ୍ର ସିଂ ଭୋଇ ଓ ମନୋଜ ମିଶ୍ର ମଇଦାନକୁ ଓହ୍ଲାଇଛନ୍ତି। ସେହିପରି କଳିକେଶଙ୍କ ଲଢ଼େଇ ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ରଙ୍କ ସହ ହେଉଥିବା ବେଳେ ବଡ଼ ଲଢ଼େଇ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ, କନକ ବର୍ଦ୍ଧନଙ୍କ ବିରୋଧରେ ସରୋଜ ମେହେର ଓ ଅନୀଲ ମେହେର ନିର୍ବାଚନ ଲଢୁଥିବା ବେଳେ ଏହି ଆସନରେ କନକ ପ୍ରତ୍ୟାବର୍ତ୍ତନ କରିବାକୁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏହି ଆସନଗୁଡ଼ିକରେ ରାଜପରିବାର ସଦସ୍ୟଙ୍କ ବିରୋଧରେ ସାଧାରଣ ପରିବାରର ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି, ଯାହାକି ଗଣତନ୍ତ୍ରର ସୁନ୍ଦରତା ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।





ଗଡ଼ଜାତ ଅମଳର ପାଟଣା ରାଜ୍ୟ ତଥା ବର୍ତ୍ତମାନର ବଲାଙ୍ଗିର ଜିଲ୍ଲାରେ ସବୁବେଳେ ରୋଚକ ନିର୍ବାଚନ ଦେଖିବାକୁ ମିଳିଥାଏ। ବଲାଙ୍ଗିରରେ ଏବେ ବି ରାଜପରିବାର ଦାୟାଦ ରାଜନୀତିରେ ବେଶ୍ ସକ୍ରିୟ ରହିଥିବା ବେଳେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥା'ନ୍ତି। ଏହି ପରିବାରର ଅନ୍ୟତମ ସଦସ୍ୟ ରାଜେନ୍ଦ୍ର ନାରାୟଣ ସିଂହଦେଓ ଦିନେ ମୁଖ୍ୟମନ୍ତ୍ରୀ ପଦରେ ବି ଅଭିଷିକ୍ତ ହୋଇଥିଲେ। ତାଙ୍କ ପରିବାରର ସଦସ୍ୟମାନେ ରାଜ୍ୟ ତଥା ଜାତୀୟ ରାଜନୀତିରେ ଏବେ ବି ସକ୍ରିୟ ରହିଛନ୍ତି। ଅନଙ୍ଗ ଉଦୟ ସିଂହଦେଓ, ସଙ୍ଗୀତା କୁମାରୀ ସିଂହଦେଓ, କନକବର୍ଦ୍ଧନ ସିଂହଦେଓ, ପ୍ରକୃତି କୁମାରୀ ସିଂହଦେଓ, ଅର୍କେଶ ନାରାୟଣ ସିଂହଦେଓ ପ୍ରମୁଖ ରାଜନୀତିରେ ରହିଛନ୍ତି। କେବଳ ଅର୍କେଶ ସିଂହଦେଓ ଓ ପ୍ରକୃତି କୁମାରୀ ସିଂହଦେଓ ପାୱାର ଉପଭୋଗ କରି ନଥିବା ବେଳେ ଅନ୍ୟ ଚାରିଜଣ ରାଜନୀତିରେ ସଫଳତା ପାଇଛନ୍ତି।

କନକ ବର୍ଦ୍ଧନ ସିଂହଦେଓ ୧୯୯୫ରୁ ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ଲଗାତାର ପାଞ୍ଚଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଇଥିବା ବେଳେ ବିଜେପି ରାଜ୍ୟ ସଭାପତି ଦାୟିତ୍ୱ ମଧ୍ୟ ନିର୍ବାହ କରିଛନ୍ତି। ତାଙ୍କ ଧର୍ମପତ୍ନୀ ସଙ୍ଗୀତା କୁମାରୀ ସିଂହଦେଓ ବିଧାନସଭା ଓ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଶ୍ରୀମତୀ ସିଂହଦେଓ ୧୯୯୮, ୧୯୯୯, ୨୦୦୦, ୨୦୧୪ରେ ସାଂସଦ ଭାବେ ବଲାଙ୍ଗିରରୁ ନିର୍ବାଚିତ ହୋଇଛନ୍ତି। ସେହିପରି ଅନଙ୍ଗ ଉଦୟ ସିଂହଦେଓ ହେଉଛନ୍ତି ରାଜ୍ୟ ରାଜନୀତିର ଆଉ ଏକ ପରିଚିତ ଚେହେରା। ସେ ୧୯୯୦ରୁ ୨୦୦୯ ପର୍ଯ୍ୟନ୍ତ ଲଗାତାର ୫ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିବା ସହ ରାଜ୍ୟସଭା ସାଂସଦ ମଧ୍ୟ ରହିସାରିଛନ୍ତି। ତାଙ୍କ ପୁଅ ଅର୍କେଶ ନାରାୟଣ ସିଂହଦେଓ ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେ ପରାଜିତ ହୋଇଥିଲେ। ଚଳିତଥର ତାଙ୍କୁ ଦଳ ଟିକଟ ଦେଇନାହିଁ। ଏହି ଭିତରେ ପାଟଣାଗଡ଼ରୁ କନକ ବର୍ଦ୍ଧନ ସିଂହଦେଓଙ୍କ ବିରୋଧରେ ଦୁଇ ଥର ନିର୍ବାଚନ ଲଢ଼ିଥିଲେ ଆଉ ଜଣେ ରାଜ ପରିବାରର ସଦସ୍ୟା ପ୍ରକୃତି କୁମାରୀ ସିଂହଦେଓ। ସେ ପରାଜିତ ହେବା ପରେ ଆଉ ତାଙ୍କୁ ରାଜନୀତିରେ ସେତେଟା ଦେଖିବାକୁ ମିଳିନାହିଁ। ଦିନେ ରାଜପରିବାରର ଅଭେଦ୍ୟ ଦୁର୍ଗ କୁହାଯାଉଥିବା ଆସନରେ କେହି ନଜର ପକାଉନଥିଲେ। କାହିଁକି ନା ତାଙ୍କ ପତିଆରା ଆଗରେ ଜିତିବା ମୁସ୍କିଲ ଥିଲା। କିନ୍ତୁ ଆଜିର ଦିନରେ ରାଜ ପରିବାର ସଦସ୍ୟଙ୍କୁ କଡ଼ା ଟକ୍କର୍‌ର ସାମ୍ନା କରିବାକୁ ପଡୁଛି। ତଥାପି ଲୋକଙ୍କ ମଧ୍ୟରେ ତାଙ୍କ ପ୍ରତି ରହିଥିବା ସମ୍ମାନ, ପତିଆରା ଆଜି ବି ଅକ୍ଷୁଣ୍ଣ ଥିବା ଆଲୋଚନା ହେଉଛି।

# ବିଜେପି, କଂଗ୍ରେସ ପ୍ରାର୍ଥୀଙ୍କୁ ଦଳୀୟ ନେତା ଅଡୁଆ

**ଝାରସୁଗୁଡ଼ା, ୯ ।୪(ସମିସ):** ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ଉଭୟ କଂଗ୍ରେସ ଓ ବିଜେପି ପାଇଁ ବିଦ୍ରୋହୀ ମୁଣ୍ଡବଥାର କାରଣ ସାଜିଛନ୍ତି। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ବିଜେପି ଟଙ୍କଧର ତ୍ରିପାଠୀଙ୍କୁ ଗତ ଉପନିର୍ବାଚନରେ ପ୍ରାର୍ଥୀ କରିଥିଲା। ସେତେବେଳେ ସୁନ୍ଦରଗଡ଼ରୁ ଝାରସୁଗୁଡ଼ାକୁ ଧସେଇ ପଶି ଆସିଥିବା ଟଙ୍କଧରଙ୍କୁ ନିଜ ଦଳ ମଧ୍ୟରେ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଚଳିତ ନିର୍ବାଚନରେ ସ୍ଥିତି ମଧ୍ୟ ସମାନ। ଟଙ୍କଧର ପୁଣି ବିଜେପି ଟିକଟ ହାତେଇବା ପରେ ବିଜେପିରେ ଗୋଷ୍ଠୀ ରାଜନୀତି ତୀବ୍ର ହୋଇଛି। ଟିକଟ ପାଇଁ ଆଶା ବାନ୍ଧି ବସିଥିବା ଯୁବନେତା ସୁଧାଂଶୁ ଦୋରା ଏବେ ବିଦ୍ରୋହୀ ପ୍ରାର୍ଥୀ ହେବା ନେଇ ସଂକେତ ଦେଇଛନ୍ତି। ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ସେହିପରି ଦଳ ଭିତରେ ରହିଥିବା ଗୋଷ୍ଠୀ ବିବାଦ ଯୋଗୁଁ କଂଗ୍ରେସ ପକ୍ଷରୁ ଏଯାଏ ଝାରସୁଗୁଡ଼ାରେ କାହାକୁ ପ୍ରାର୍ଥୀ କରିବ, ସ୍ଥିର କରିପାରୁନାହିଁ। ଏଠି ମଧ୍ୟ ସମାନ ଅବସ୍ଥା ରହିଛି। ଶୁଣାଯାଉଛି, ଦଳ ଏବେକାର କଂଗ୍ରେସିଆ ମଧ୍ୟରୁ କାହାରି ଉପରେ ବିଶ୍ୱାସ କରି ନ ପାରି ଅନ୍ୟ ଦଳରେ ଥିବା ଜଣେ ପୁରୁଣା କଂଗ୍ରେସିଆଙ୍କୁ ଟିକଟ ପ୍ରଦାନ କରିବା ଯୋଜନାରେ ରହିଛି। ତେଣୁ ଉଭୟ କଂଗ୍ରେସ ଓ ବିଜେପିର ଏହି ଗୋଳମାଳିଆ ସ୍ଥିତିରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଫାଇଦା ଉଠାଇବେ ବୋଲି ଚର୍ଚ୍ଚା ହେଉଛି।

- ଅଣ୍ଟା ଭିଡ଼ିଲେଣି ସ୍ୱାଧୀନ
- ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ଆସନ

ଅପରପକ୍ଷେ, ବ୍ରଜରାଜନଗରରେ ବିଜେଡି ଅଳକା ମହାନ୍ତିଙ୍କୁ ଟିକଟ ଦେବା ପରେ କର୍ମୀ ମହଲରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ବିଜେପି ପକ୍ଷରୁ ସାଂସଦ ସୁରେଶ ପୂଜାରୀଙ୍କୁ ଟିକଟ ମିଳିବା ପରେ ଆଶାୟୀଙ୍କ ଆଶା ମଉଳି ଯାଇଛି। ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ଏବେ ସୁରେଶଙ୍କ ପାଇଁ କଣ୍ଟା ସାଜିବେ। ଅବଶ୍ୟ ଶାରୀରିକ ଅସୁସ୍ଥତା ଯୋଗୁଁ ସଂଗଠନରେ ତାଙ୍କର ବିଶେଷ ଦବଦବା ନ ଥିଲେ ମଧ୍ୟ ତାଙ୍କ ହାତରେ ବିଜେପିର ଭୋଟ୍ ରହିଛି। ସେହପରି ଅନ୍ୟ ଆଶାୟୀଙ୍କ ମଧ୍ୟରେ ପୀତାମ୍ବର ମିଶ୍ର, ରଘୁନନ୍ଦନ ପଣ୍ଡା, ବିଶ୍ୱଜିତ ଷଡ଼ଙ୍ଗୀ, ସୁଜିତ ସିଂହ, ରାଧେଶ୍ୟାମ ପ୍ରଧାନ ପ୍ରମୁଖ ରହିଛନ୍ତି। ବିଜେପିରେ ଥାଇ ଅନେକ ସମୟରେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇସାରିଥିବା ମନୋଜ ଅଗ୍ରୱାଲଙ୍କ ଆଭିମୁଖ୍ୟ ଉପରେ ବି ସନ୍ଦେହ ରହିଛି। ଏତେଜଣ ଆଶାୟୀ ଏବଂ ପ୍ରାର୍ଥିତ୍ୱକୁ ବିରୋଧ ଦେଖି ସୁରେଶ କୁଆଡ଼େ ଏବେ 'ସମର୍ପଣ' ମୁଦ୍ରାରେ ରହିଥିବା ଆଲୋଚନା ହେଉଛି। ନିକଟରେ ହୋଇଥିବା ଏକ ଦଳୀୟ ବୈଠକରେ ସୁରେଶ କୁଆଡ଼େ ଖୋଲାଖୋଲି କହିଥିଲେ ଯେ ଆପଣମାନେ ଯଦି ଚାହୁଁନାହାନ୍ତି, ତେବେ ମୁଁ ଟିକଟ ଫେରାଇଦେବି।

ସେହିପରି କଂଗ୍ରେସରୁ ପୂର୍ବତନ ବାଚସ୍ପତି ତଥା ସୁନ୍ଦରଗଡ଼ରୁ ଆସି ବ୍ରଜରାଜନଗରେ ଟିକଟ ହାତେଇଥିବା କିଶୋର ପଟେଲଙ୍କୁ ନେଇ ମଧ୍ୟ ତାଙ୍କ ଦଳର ଅଶାନ୍ତି ଓ ଆଶାୟୀଙ୍କୁ ସାମ୍ନା କରିବାକୁ ପଡୁଛି। ବିଶେଷକରି ବେଲପାହାଡ଼ ନଗରପାଳ ବୁଲୁ ପଣ୍ଡା କଂଗ୍ରେସ ଟିକଟ ପାଇଁ ଆବେଦନ କରିଥିଲେ। ତାଙ୍କ ଟିକଟ କଟିବା ପରେ ଏବେ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। କିଶୋରଙ୍କ ବିରୋଧୀ ହୋଇ ଅବତୀର୍ଣ୍ଣ ହୋଇଥିବା ବୁଲୁ ପଣ୍ଡା କଂଗ୍ରେସର ଖେଳ ବିଗାଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି। ଏହାସହ ଉଭୟ ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବିଭିନ୍ନ ଗଣ ସଂଗଠନ ଓ ବ୍ୟକ୍ତି ବିଶେଷ ମଧ୍ୟ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବାକୁ ଆଗଭର ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଉଭୟ ନିର୍ବାଚନମଣ୍ଡଳୀରେ ପ୍ରାର୍ଥିତ୍ୱକୁ ନେଇ ବିରୋଧ ଏବଂ ବିଦ୍ରୋହର ସ୍ୱର ରାଜନୈତିକ ମଇଦାନରେ ହଲଚଲ ସୃଷ୍ଟି କରିବାରେ ଲାଗିଛି।

## ରେଢ଼ାଖୋଲ ନିର୍ବାଚନମଣ୍ଡଳୀ

# 'ବିକାଶ'କୁ ପ୍ରସଙ୍ଗ କରି ୪ର୍ଥ ବିଜୟ ଲକ୍ଷ୍ୟରେ ବିଜେଡି

**ସମ୍ବଲପୁର, ୯ ।୪ (ସମିସ):** ସମ୍ବଲପୁର ଜିଲ୍ଲାର ପ୍ରମୁଖ ନିର୍ବାଚନମଣ୍ଡଳୀ ରେଢ଼ାଖୋଲରେ କେବଳ ବିଜେପିକୁ ଛାଡ଼ିଦେଲେ ଅନ୍ୟ କୌଣସି ପ୍ରମୁଖ ରାଜନୈତିକ ଦଳ ଏଯାଏ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଗତ ୧୫ବର୍ଷ ଧରି ବିଜେଡି ଏହି ବିଧାନସଭା ଆସନକୁ ଅକ୍ତିଆର କରି ହାଟ୍ରିକ କରିଛି। ଗତ ୩ଟି ନିର୍ବାଚନର ଫଳାଫଳକୁ ବିଶ୍ଳେଷଣ କଲେ ବିଜେଡିର କ୍ରମାଗତ ଭୋଟ ବ୍ୟବଧାନ ହାର ବୃଦ୍ଧି ପାଉଛି। ରେଢ଼ାଖୋଲ ବିଧାନସଭା ଅଣସଂରକ୍ଷିତ ରହିଥିବା ବେଳେ ଏହା ଜିଲ୍ଲାର ଏକ ପ୍ରମୁଖ ବିଧାନସଭା କ୍ଷେତ୍ର ଭାବେ ପରିଗଣିତ। ଏହି ଆସନରୁ ବିଜେଡିର ସନାତନ ବିଶି, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଓ ରୋହିତ ପୂଜାରୀଙ୍କ ପରି ନେତା ବିଜୟୀ ହୋଇଛନ୍ତି। ଏହା ବିଜେଡି ପ୍ରାର୍ଥୀଙ୍କ ପାଇଁ ଏକ ସୁରକ୍ଷିତ ଆସନ ଭାବେ ଗଣନା କରାଯାଏ। ତେଣୁ ଏଥର ବି ଚତୁର୍ଥଥର ବିଜୟୀ ହେବା ଲକ୍ଷ୍ୟରେ ରହିଛି ବିଜେଡି।

ସ୍ଥାନୀୟ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ କହିଛନ୍ତି ଯେ ଆଗାମୀ ନିର୍ବାଚନରେ ବିକାଶ ହିଁ ବିଜେଡିର ପ୍ରମୁଖ ପ୍ରସଙ୍ଗ ହେବ।

ଗତ ୧୦ ବର୍ଷ ଭିତରେ ରେଢ଼ାଖୋଲ ବିଧାନସଭା କ୍ଷେତ୍ରର ୬୦୦ଟି ଗାଁରେ ବିଜୁଳି ସଂଯୋଗ କରାଯାଇଛି। ଅଧିକାଂଶ ଦୁର୍ଗମ ଅଞ୍ଚଳକୁ ଯାତାୟାତ ସୁବିଧା ପାଇଁ ରାସ୍ତା ଓ ପୋଲ ନିର୍ମାଣ କରାଯାଇଛି। ମହାନଦୀର କିଆକଟାରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହାସହ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଉଠାଜଳସେଚନ ଓ କୃଷି ପାଇଁ ବହୁ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ଅନ୍ୟପଟେ ଭିନ୍ନ ଭିନ୍ନ ସମସ୍ୟାକୁ ନେଇ ପ୍ରସଙ୍ଗ କରିପାରନ୍ତି ବିଜେପି ଓ କଂଗ୍ରେସ।

ରେଢ଼ାଖୋଲ ବିଧାନସଭା ଆସନରେ ୨୦୧୪ ଓ ୨୦୧୯ରେ ବିଜେଡିର ରୋହିତ ପୂଜାରୀ ଲଗାତାର ଦୁଇଥର ବିଜୟୀ ହୋଇଛନ୍ତି। ୨୦୧୯ ନିର୍ବାଚନରେ ବିଜେଡି ବିଧାୟକ ଶ୍ରୀ ପୂଜାରୀ କଂଗ୍ରେସର ଆସଫ ଅଲ୍ଲୀ ଖାଁଙ୍କୁ ୧୪, ୬୩୨ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଉକ୍ତ

**ଗତ ୩ଟି ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ଓ ବିଜେପି ତୃତୀୟ ସ୍ଥାନରେ ସନ୍ତୁଷ୍ଟ**

ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ବିଜେଡିର ରୋହିତ ପୂଜାରୀ ୫୭, ୧୧୧ ଭୋଟ୍ ପାଇଥିବା ବେଳେ କଂଗ୍ରେସର ଆସଫ ଅଲ୍ଲୀ ଖାଁ ୪୨, ୪୭୯ ଭୋଟ ପାଇ ଦ୍ୱିତୀୟ ଓ ବିଜେପିର ଦେବେନ୍ଦ୍ର ମହାପାତ୍ର ୪୨, ୦୨୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସ୍ଥାନୀୟ ଭୋଟର୍ ଏହି ଆସନରେ ଗତ ୧୫ ବର୍ଷ ଧରି ବିଜେଡି ପ୍ରତି ନିଜ ଆସ୍ଥା ପ୍ରକଟ କରି ଆସିଛନ୍ତି। ପୂର୍ବରୁ ୨୦୧୪ ନିର୍ବାଚନରେ ଏହି ଆସନରେ ବିଜେଡିରୁ ପ୍ରସନ୍ନ ଆଚାର୍ଯ୍ୟଙ୍କ ବଦଳରେ ରୋହିତ ପୂଜାରୀ ପ୍ରାର୍ଥୀ ହୋଇଥିଲେ। ଶ୍ରୀ ପୂଜାରୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଆସଫ ଅଲ୍ଲୀ ଖାଁଙ୍କୁ ୧୧, ୯୦୯ ଭୋଟରେ ପରାଜିତ କରିଥିଲେ। ଏହି ନିର୍ବାଚନରେ ବିଜେଡିର ରୋହିତ ପୂଜାରୀ ୫୩, ୮୪୯ ଭୋଟ ପାଇଥିବା ବେଳେ କଂଗ୍ରେସର ଆସଫ ଅଲ୍ଲୀ ଖାଁ ୪୧, ୯୪୦ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ବିଜେପିର ପ୍ରତାପ ପ୍ରଧାନ ୨୯, ୫୪୪ ଭୋଟ ପାଇଥିଲେ। ସେହିପରି ୨୦୦୯ ସାଧାରଣ ନିର୍ବାଚନରେ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଆସଫ ଅଲ୍ଲୀ ଖାଁଙ୍କୁ ୯, ୭୬୪ ଭୋଟରେ ହରାଇଥିଲେ। ୨୦୦୯ରେ ଏଠାରେ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହୋଇଥିଲା। ଏହି ନିର୍ବାଚନରେ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ ୩୭, ୭୧୮ ଭୋଟ ପାଇଥିବା ବେଳେ କଂଗ୍ରେସର ଆସଫ ଅଲ୍ଲୀ ଖାଁ ୨୭, ୯୫୪ ଭୋଟ ପାଇଥିଲେ। ବିଜେପିର ଶରତ ଚନ୍ଦ୍ର ସାହୁ ୧୯, ୨୧୭ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ ୧୯୫୧ରେ ଗଠନ ହୋଇଥିଲା। ଏଠାରେ ଏବେ ୨ଲକ୍ଷ ୧ ହଜାର ୩୩୨ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ୧ଲକ୍ଷ ୯୦୧ ପୁରୁଷ ଓ ୧ଲକ୍ଷ ୪୧୬ ମହିଳା ଭୋଟର ରହିଛନ୍ତି। ସେହିପରି ୧୫ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ୫୩୧୩ଜଣ ଦିବ୍ୟାଙ୍ଗ ଭୋଟର ମଧ୍ୟ ମତ ସାବ୍ୟସ୍ତ କରିବେ। ମାନେଶ୍ୱର, ଯୁଯୁମୁରା, ରେଢ଼ାଖୋଲ, ନାକଟିଦେଉଳ ବ୍ଲକ ଓ ରେଢ଼ାଖୋଲ ଏନ୍‌ଏସିକୁ ନେଇ ଏହି ବିଧାନସଭା କ୍ଷେତ୍ର ଗଠିତ। ଏହି ନିର୍ବାଚନମଣ୍ଡଳୀରେ ୨୫୨ଟି ମତଦାନ କେନ୍ଦ୍ର ରହିଛି।

# ରାୟଗଡ଼ା କଂଗ୍ରେସରେ ବିଦ୍ରୋହ

## ସପ୍ତଗିରି ଉଲାକାଙ୍କ କୁଶପୁତ୍ତଳିକା ପୋଡ଼ିଲେ ଅସନ୍ତୁଷ୍ଟ କର୍ମୀ

**ରାୟଗଡ଼ା, ୯ ।୪ (ସମିସ):** ବିଷମକଟକ ବିଧାନସଭା ପ୍ରାର୍ଥୀଙ୍କୁ ନେଇ ରାୟଗଡ଼ା ଜିଲ୍ଲା କଂଗ୍ରେସରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କୋଲନରା ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତର ହାତିଖମ୍ବା ଗାଁ ନିକଟ ଜଙ୍ଗଲରେ ଥିବା ମା' କୁଳବନ୍ଧ ମନ୍ଦିର ପ୍ରାଙ୍ଗଣରେ ଏହି ନିର୍ବାଚନମଣ୍ଡଳୀର ଅସନ୍ତୁଷ୍ଟ କଂଗ୍ରେସ କର୍ମୀମାନେ ଏକାଠି ହୋଇ କଂଗ୍ରେସ ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକା ଏବଂ ବରିଷ୍ଠ ନେତାଙ୍କ ଉପରେ ବର୍ଷିଛନ୍ତି। ଯୋଗ୍ୟ ପ୍ରାର୍ଥୀ ତଥା ଟିକଟ୍ ଆଶାୟୀ ନୀଳମାଧବ ଉଲାକାଙ୍କ ସ୍ଥାନରେ ଗତ ୨୦୧୯ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ପ୍ରାର୍ଥୀ ନୀଳମାଧବ ହିକକାଙ୍କୁ ପୁଣିଥରେ ଦଳ ଟିକଟ ଦେଇଛି। ନୀଳମାଧବଙ୍କ ଟିକଟ କଟିବା ପଛରେ ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକାଙ୍କ ହାତ ଥିବା ଅଭିଯୋଗ କରି କର୍ମୀମାନେ ବିଷୋଦ୍‌ଗାର କରିଥିଲେ।



ଅପରପକ୍ଷେ, ଏହାର ପ୍ରତିବାଦରେ କଲ୍ୟାଣସିଂହପୁର, ମୁନିଗୁଡ଼ା, ବିଷମକଟକ ଏବଂ କୋଲନରା ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରମୁଖ କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇ ସପ୍ତଗିରି ଉଲାକା ମୁର୍ଦ୍ଦାବାଦ କହିବା ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହାସହ କର୍ମୀମାନଙ୍କୁ ବଣ୍ଟନ କରାଯାଇଥିବା ବ୍ୟାଗ ଓ ଘଣ୍ଟାକୁ ପୋଡ଼ି ଦେଇଥିବା ଜଣାପଡ଼ିଛି। ତେଣୁ, ଦଳ ତୁରନ୍ତ ନିଷ୍ପତ୍ତି ପରିବର୍ତ୍ତନ କରି ନୀଳମାଧବଙ୍କୁ ଟିକଟ୍ ନଦେଲେ ନିର୍ବାଚନରେ ଏହାର ଉଚିତ ଜବାବ ଦିଆଯିବ ବୋଲି କର୍ମୀମାନେ ଚେତାବନୀ ଦେଇଥିଲେ। ଏପରିକି, ନୀଳମାଧବଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ସମସ୍ତେ ପଦକ୍ଷେପ ଗ୍ରହଣ କରିବୁ ବୋଲି ଗଣମାଧ୍ୟମକୁ କହିଥିଲେ।

ଅପରପକ୍ଷେ ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲ୍ଲକା କହିଛନ୍ତି ଯେ, ପ୍ରଗମନ ଆପ, ଟାସ୍କ ଓ ସର୍ଭେ ଅନୁସାରେ ପ୍ରାର୍ଥୀ ଚୟନ କରାଯାଇ ଟିକଟ ପ୍ରଦାନ କରାଯାଇଛି। ଏଥିରେ ମୋର କୌଣସି ଭୂମିକା ନାହିଁ। ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କୁ ବୁଝାସୁଝା କରାଯାଉଛି। ମୋର ବିଶ୍ୱାସ ଅଛି ସେମାନେ ବୁଝିବେ ଓ ଆସନ୍ତା ନିର୍ବାଚନରେ ସହଯୋଗ କରିବେ ବୋଲି କହିଛନ୍ତି ସପ୍ତଗିରି ଉଲ୍ଲକା।

ଏହି ବୈଠକରେ ରମେଶ ଚନ୍ଦ୍ର ତ୍ରିପାଠୀ, ଡମ୍ବରୁ କୈବର୍ତ୍ତ, ଜାଡ଼ି ଏଣ୍ଡୁ, ଯୋଗେନ୍ଦ୍ର ବାଡ଼କା, କେ. ସୂରିୟା ରାଓ, ଚନ୍ଦ୍ରଶେଖର ବେହେରା, ଅଶୋକ ଆଚାର୍ଯ୍ୟ, ବିଜୟ ପଟ୍ଟନାୟକ, ସାରୁଗୁ ନିଶିକା, ଗଙ୍ଗାଧର ବେହେରା, ବଳରାମ ନାଚିକା, ଗିରିଧର କରକରିଆ, ବିଜି ରାଜ, ଚନ୍ଦନ ଗଡ଼ବିଶି, ରୋହିଦାସ କୁସୁଲିଆ, ଗଙ୍ଗାଧର କୁସୁଲିଆ, ଜାଡ଼ି ଶ୍ରୀନୁ, ଏସ୍ ମୋହନ ରାଓ, ସାମିୟା ଲୋରା, ସନ୍ତୋଷ ନାୟକ, ବଳଦେବ ଶତପଥୀ, କିରଣ ରତ୍ନାଲୁ ଓ ନରେନ୍ଦ୍ର ନିଶାଲଙ୍କ ସମେତ ଶତାଧିକ ଅସନ୍ତୋଷ କର୍ମୀ ଉପସ୍ଥିତ ଥିଲେ।

- ବିଷମକଟକ ବିଧାନସଭା ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ
- ସାଂସଦ ପ୍ରାର୍ଥୀ ସପ୍ତଗିରିଙ୍କ ଫଟୋ ଓ ବ୍ୟାଗ୍ ପୋଡ଼ିଲେ ଅସନ୍ତୁଷ୍ଟ ଗୋଷ୍ଠୀ

# ଶଙ୍ଖ ଧରିଲେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କି ଦଲୱାଜୀ ହବିବ୍

**ଭୁବନେଶ୍ୱର, ୯ ।୪(ସମିସ):** ଭଦ୍ରକ ପୌରପାଳିକାର ପୌରାଧ୍ୟକ୍ଷା ଗୁଲମକ୍କି ଦଲୱାଜୀ ହବିବ ନିଜର ଶତାଧିକ ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଶଙ୍ଖଭବନ ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଦାସବର୍ମା, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ରାଜ୍ୟସଭା ସାଂସଦ ତଥା ଭଦ୍ରକ ସଂସଦୀୟ କ୍ଷେତ୍ର ସଂଯୋଜକ ଦେବାଶିଷ ସାମନ୍ତରାୟ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରମୁଖ ଶ୍ରୀମତୀ ହବିବ୍ ଏବଂ ଅନ୍ୟମାନଙ୍କୁ ବିଜେଡିରେ ସ୍ୱାଗତ କରିଛନ୍ତି। ପୌରାଧ୍ୟକ୍ଷା ହବିବ୍‌ଙ୍କ ଯୋଗଦାନ ଫଳରେ ଭଦ୍ରକ ନିର୍ବାଚନ ମଣ୍ଡଳୀରେ ବିଜେଡିର ସଂଗଠନ ଆହୁରି ମଜବୁତ ହେବ ବୋଲି ଦଳୀୟ ନେତାଗଣ ଆଶାବ୍ୟକ୍ତ କରିଛନ୍ତି। ଶ୍ରୀମତୀ ହବିବ୍ ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଭଦ୍ରକ ପୌରାଧ୍ୟକ୍ଷା ଭାବରେ ନିର୍ବାଚିତ ହୋଇଥିଲେ।




- ବିଜୁ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଆମେ ନିର୍ବାଚନ ଲଢ଼ିଥିଲୁ
- ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବୁ, ସଶକ୍ତ ଓଡ଼ିଶା ଗଢ଼ିବୁ

ବିଜେଡ଼ିରେ ସାମିଲ୍ ହୋଇଥିବା ଶ୍ରୀମତୀ ହବିବ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ନିର୍ବାଚନରେ ମୁଁ ସ୍ୱାଧୀନ ଭାବେ ଲଢ଼ିଥିଲି ସତ; କିନ୍ତୁ ବିଜେଡିର ବିଚାରଧାରାରୁ ମୁଁ ଅଲଗା ନଥିଲି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ବିଜୁ ବାବୁଙ୍କୁ ଆଦର୍ଶ ଭାବି ଆମେ ନିର୍ବାଚନ ଲଢ଼ିଥିଲୁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରା ଆମକୁ ସର୍ବଦା ଅନୁପ୍ରାଣିତ କରିଥିଲା। ସେଥିପାଇଁ ବିଜେଡିକୁ ଆମେ କଦାପି ବିରୋଧ କରି ନାହୁଁ। ନବୀନ ବାବୁଙ୍କ ହାତମୁଠା ଟାଣ କରିବା ସହ ତାଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଭଦ୍ରକ ପୌରପାଳିକାକୁ ଆହୁରି ଆଗକୁ ନେବାକୁ ପ୍ରୟାସ କରିବୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଛନ୍ତି। ଏହି ମିଶ୍ରଣ ପର୍ବରେ କାଉନସିଲର ରେଶ୍‌ମା ପରବିନ୍, ପୂର୍ବତନ କାଉନସିଲର ଶେଖ୍ ଜାହିଦ ହବିବ, ଆୟୁବ ଖାନ, ଶେଖ୍ ଉସମାନଉଲ୍ ହକ୍, ଶେଖ୍ ଖାଲିକ୍, ନସିରୁଦ୍ଦିନ ଖାନ, ଗୌରାଙ୍ଗ ବେହେରା, ମିର୍ ଅର୍ଶଦ କାଦ୍ରି, ଶେଖ ନସିରୁଦ୍ଦିନ୍, ଶେଖ୍ ଅନିଶଉଦ୍ଦିନ, ଶେଖ୍ ନୁର୍ ଏ ମୋଜସନ, ଶେଖ୍ ଗୋଲାମ ଗୋସ୍, ଶେଖର ଖାନ, ଶେଖ ସିରାଜଉଦ୍ଦିନ, ସରିଫ ଖାନ, ମିର୍ଜା ସାହିଦ ବେଗ, ଶେଖ କମଲ ଉଦ୍ଦିନ, ଶେଖ ଅବଦୁଲ୍ଲ ସାହିଦ, ଶେଖ ଅବଦୁଲ୍ଲ ରଜାକ, ଶେଖ୍ ଇକ୍ରାମ, ଶେଖ ସହବାଜ କାଦ୍ରି, ଶେଖ ଅମିରୁଦ୍ଦଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଭଦ୍ରକ ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ ଉପସ୍ଥିତ ଥିଲେ। ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ଗଞ୍ଜାମ, ୯ ।୪(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତୋଳା ଗ୍ରାମ ଡଗର ପଡ଼ିଆରେ ସବରେଜିଷ୍ଟ୍ରି କୋଠା ନିର୍ମାଣ ଚାଲିଛି। ସେଠାରେ ନିୟୋଜିତ ଥିବା ଜଣେ ଶ୍ରମିକଙ୍କ ଅସାବଧାନତା ଯୋଗୁ ବିଦ୍ୟୁତ ଲାଗି ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣଙ୍କ ଆସ୍କା ଅଞ୍ଚଳର ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ତାଙ୍କର ପ୍ରକୃତ ପରିଚୟ ଜଣାପଡ଼ିନି। କିନ୍ତୁ ପିଡବ୍ଲୁର ଜଣେ କର୍ମଚାରୀ ବିଦ୍ୟୁତ ଆଘାତରେ ଶ୍ରମିକ ଜଣକ ପ୍ରାଣ ହରାଇଥିବା ସ୍ୱୀକାର କରିଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଛତ୍ରପୁର, ୯ ।୪(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ସାନନୋଳିଆ ନୂଆଗାଁରେ ମଙ୍ଗଳବାର ଏକ ଅଘଟଣ ଘଟିଛି। ପୋଖରୀରେ ଗାଧୋଇବାବେଳେ ଅସାବଧାନତା ହେତୁ ଗାଁର ସିକିଟି ଗୁରେୟା(୫୩) ପାଣିରେ ବୁଡି ଯାଇଥିଲେ। କିଛି ସମୟ ପରେ ଗୁରେୟା ପାଣିରେ ଭାସୁଥିବା ବେଳେ କିଛି ଯୁବକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଛତ୍ରପୁର ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହିନ୍ଦୁ ନବବର୍ଷ ପାଳିତ




**ରମ୍ଭା, ୯ ।୪(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଗୁରୁଜୀ ସତ୍ୟ ନାରାୟଣ ପ୍ରଧାନ ଅତିଥି ପରିଚୟ ଦେଇଥିବା ବେଳେ ଗୁରୁମା ସଂଗୀତା ପରିଡା କୃତଜ୍ଞତା ଜ୍ଞାପନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଜୟକୃଷ୍ଣ ତ୍ରିପାଠୀ (ମୁଖ୍ୟ ଅତିଥି), ଅନୁଷ୍ଠାନର ସଭାପତି ଏମ. ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ଦିଗାମ୍ବର ମହାକୁଡ, ମହେନ୍ଦ୍ର କୁମାର ସେନାପତି, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ମାଧ୍ୟମରେ ହିନ୍ଦୁ ନବବର୍ଷର ବ୍ରହ୍ମାଙ୍କ କାଳ ଗଣନା, ରାମଚନ୍ଦ୍ରଙ୍କ ସିଂହାସନ ଆରୋହଣ ସମେତ ହିନ୍ଦୁ ନବବର୍ଷ ଓ ଇଂରାଜୀ ନବବର୍ଷର ପ୍ରଭେଦ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଗୁରୁଜୀ ରିଣ୍ଟୁ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ରବୀନ୍ଦ୍ର କୁମାର ମହାରଣା, ବି ପ୍ରକାଶ ପାତ୍ର, ଗୁଣାକାର ତ୍ରିପାଠୀ, କୈଳାଶ ଚନ୍ଦ୍ର ନାୟକ, ଗୁରୁମା ରୀନା ମାନସିଂହ, ରଶ୍ମିତା ତରାଇ, ପ୍ରଭାସିନୀ ତରାଇ, ରଶ୍ମିତା ବେହେରା, ପ୍ରସନ୍ନା ବେହେରା, କିରଣମାଳା ସାହୁ, ମୀନାରାଣୀ ଦାସ, ଶର୍ମିଳା ଗୌଡ଼, ପ୍ରିୟଙ୍କା ସ୍ୱାଇଁ, ପାର୍ବତୀ ନାହାକ, ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ପ୍ରିୟଙ୍କା ପାଣିଗ୍ରାହୀ, କୁନି ଗୌଡ଼ ତଥା ମାଉସୀ ମାନେ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ନବବର୍ଷ ପାଳିତ




**ଛତ୍ରପୁର, ୯ ।୪(ସମିସ):** ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳନ ହୋଇଛି। ସମ୍ପାଦକ ପଦ୍ମ ଚରଣ ସାହୁ ଅଧ୍ୟକ୍ଷତା କରିଥିବାବେଳେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ କୁମାର ମାଝୀ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷର ମହତ୍ୱ ବିଷୟରେ ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ପାଦକ ପଦ୍ମ ଚରଣ ସାହୁ ନବବର୍ଷର ଅଭିନନ୍ଦନିକା ସମସ୍ତଙ୍କୁ ପ୍ରଦାନ କରିଥିଲେ। ନବବର୍ଷରେ ବିଦ୍ୟାଳୟରେ ପଣ୍ଡିତ ମନୋରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ

**ହୁମ୍ମା, ୯ ।୪(ସମିସ):** ରମ୍ଭା ଏନ୍ଏସିର ମୁଖ୍ୟ ରାସ୍ତା ଶ୍ମଶାନ ନିକଟରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରାଯାଉଥିବା ଅଭିଯୋଗ ହୋଇଛି। ଦେଶ ସ୍ୱାଧୀନ ପାଇଁ ରମ୍ଭା ସହରବାସୀଙ୍କ ଅବଦାନ, ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରାରେ ରମ୍ଭା ରାଜପ୍ରାସାଦରେ ରାତ୍ରି ରହଣୀର ପ୍ରମାଣ ରାଜ ପ୍ରାସାଦରେ ରହିଥିବା ନେଇ ଓ ରମ୍ଭା ସହରର ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ସରକାର ରମ୍ଭା ଏନଏସିରେ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ସମେତ ୧୦ ଜଣ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ରମ୍ଭା ଏନ୍ଏସିର ଶ୍ମଶାନ ନିକଟରେ ମଧ୍ୟ ନିର୍ମାଣ କରାଯାଇଛି। ନିର୍ମାଣକୁ ଦୀର୍ଘମାସ ବିତି ଯାଇଥିଲେ ମଧ୍ୟ ଆଜି ଯାଏଁ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଇ ନାହିଁ। ସେମାନଙ୍କର ପ୍ରତିମୂର୍ତ୍ତିଙ୍କ ଚେହେରାକୁ ଘୋଡ଼ାଇ ଆଜି ପର୍ଯ୍ୟନ୍ତ ରଖାଯାଇଛି। ଏନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ତେଣୁ ତୁରନ୍ତ ଏହି ବରପୁତ୍ର ପ୍ରତିମୂର୍ତ୍ତିଙ୍କ ଉନ୍ମୋଚନ ପାଇଁ ଦାବି ହୋଇଛି।

### ଅଙ୍ଗନବାଡ଼ି କର୍ମୀଙ୍କ ମନମାନିକୁ ନେଇ ଅସନ୍ତୋଷ

# ଅଙ୍ଗନବାଡ଼ି କେନ୍ଦ୍ର ଘେରିଲେ ଗ୍ରାମବାସୀ

**ଧରାକୋଟ, ୯ ।୪(ସମିସ)**

ଧରାକୋଟ ବ୍ଲକର ଜାହାଡ଼ା ପଞ୍ଚାୟତ ଅନ୍ତର୍ଗତ କୁଶପଡା ଅଙ୍ଗନବାଡ଼ି କେନ୍ଦ୍ର କର୍ମୀ ବାସନ୍ତୀ ପାଣିଗ୍ରାହୀଙ୍କ ମନମାନି ଓ ଅଭିଭାବକମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଙ୍ଗନବାଡ଼ି କେନ୍ଦ୍ରରେ ଉତ୍ତେଜନା ଦେଖାଯାଇଥିଲା। ତେବେ ଧରାକୋଟ ସିଡିପିଓ ସୁନୀଲ ପ୍ରଭା ରଥ ଓ ସୁପରଭାଇଜର ଲକ୍ଷ୍ମୀ ଦଳେଇ କୁଶପଡା କେନ୍ଦ୍ରରେ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ପଡ଼ିଥିଲେ। ଅନ୍ୟପଟରେ ଅଙ୍ଗନବାଡି କର୍ମୀ ବାସନ୍ତୀ ପାଣିଗ୍ରାହୀ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଗାଁର କିଛି ବ୍ୟକ୍ତି ଭୟଭୀତ କରି ମାଡ଼ ମାରିବା ଅଭିଯୋଗ ଥାନାରେ କରିବା ପରେ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ବିଭାଗୀୟ ମୁଖ୍ୟ ସିଡିପିଓଙ୍କ ମାଧ୍ୟମରେ ଅଭିଯୋଗ ଦାଖଲ ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିବା ଜଣାଯାଇଛି।

ସୂଚନାନୁସାରେ କୁଶପଡା କେନ୍ଦ୍ରରେ ୩୦ ଜଣ ପିଲା ରହିଥିବା ବେଳେ ଅଧିକାଂଶ ସମୟରେ ସଂଖ୍ୟାଧିକ ପିଲା କେନ୍ଦ୍ରକୁ ଆସୁନାହାଁନ୍ତି। କେନ୍ଦ୍ରରେ ଲାଗି ରହୁଥିବା




ଅବ୍ୟବସ୍ଥା ନେଇ ଗ୍ରାମର ରତିକାନ୍ତ ପଣ୍ଡା ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏହାର ତଦନ୍ତ କରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ରେଜିଷ୍ଟ୍ରେସନ୍ ସଂଖ୍ୟା ସିଏସ ୨୦୨୪୪୯୪୦୪୪ ପ୍ରକାରେ ଏଡିଏମଓ ଗଞ୍ଜାମଙ୍କୁ ଅବଗତ କରାଇଥିଲେ। ଅଭିଯୋଗ ମଧ୍ୟରେ ପ୍ରାକ ବିଦ୍ୟାଳୟ ଠିକ ଭାବେ ପରିଚାଳନା ହେଉନଥିବା, ଟିଏଚଆର ହିତାଧିକାରୀଙ୍କୁ ଠିକ ସମୟରେ ଖାଦ୍ୟ ବଣ୍ଟନ ନକରିବା, ବିଭାଗ ଅଧିନରେ ଆସୁଥିବା ଯୋଜନା ପଞ୍ଜୀକରଣରେ ଅନିୟମିତତା ପ୍ରଦର୍ଶନ ଉଲ୍ଲେଖ ରହିଛି। ଏହା ପରେ ସିଡିପିଓ କାର୍ଯ୍ୟାଳୟ ତରଫରୁ ସଂପୃକ୍ତ କର୍ମୀଙ୍କୁ କାର୍ଯ୍ୟରେ ସୁଧାର ପାଇଁ ଚେତାବନୀ ଦିଆଯାଇ ଥିବା ସିଡିପିଓ ପ୍ରକାଶ କରିଛନ୍ତି। ମଙ୍ଗଳବାର କେନ୍ଦ୍ରରେ ଉପସ୍ଥିତ କମ ସଂଖ୍ୟକ ପିଲାଙ୍କ ବଦଳରେ ଅଧିକ ପିଲା ଦର୍ଶାଇ ଅଣ୍ଡା ସହ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ହଡ଼ପ ପାଇଁ ଯୋଜନା ବେଳେ ଗାଁ ଲୋକେ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ କର୍ମୀ ଜଣକ ନିଜ ସ୍ୱାମୀଙ୍କ ସହ ମିଶି ଦୁର୍ବ୍ୟବହାର କରିଥିଲେ। ସିଡିପିଓ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ବେଳେ ଅଙ୍ଗନବାଡ଼ି କର୍ମୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି ସହ ବହିଷ୍କାର ପାଇଁ ଦାବି କରିଥିଲେ। ସଂପ୍ରତି ଆଜିର ଘଟଣା ସମ୍ପର୍କରେ ସିଡିପିଓ ଉପଜିଲ୍ଲାପାଳ ଭଞ୍ଜନଗରଙ୍କୁ ଅବଗତ କରାଇବା ପରେ କୁସପଡା କେନ୍ଦ୍ରରୁ ତାଙ୍କୁ ହଟାଇ ନିକଟସ୍ଥ ଦଶ ମାଇଲି କେନ୍ଦ୍ରର କର୍ମୀଙ୍କୁ କୁସପଡା କେନ୍ଦ୍ରର ଦାୟିତ୍ୱ ଦିଆଯାଇଥିବା ସିଡିପିଓ ସୁନିଲ ପ୍ରଭା ରଥ କହିଛନ୍ତି। ଗ୍ରାମର ୱାର୍ଡ ମେମ୍ବର ରୀତା ସାବତ, ରତିକାନ୍ତ ପଣ୍ଡା, ସୁଶାନ୍ତ ପଣ୍ଡା, ମହେନ୍ଦ୍ର ସାବତ, ହେମନ୍ତ ପଣ୍ଡା, ଗୌରଚନ୍ଦ୍ର ପଣ୍ଡା, ଲକ୍ଷ୍ମୀ ପଣ୍ଡା, ରଶ୍ମିତା ପଣ୍ଡାଙ୍କ ସହ ସଂଖ୍ୟାଧିକ ଲୋକ ଅଙ୍ଗନବାଡି କର୍ମୀଙ୍କ ମନମାନି ବିରୋଧରେ ଆସି ପ୍ରତିବାଦ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

### ବଦଳିଲା ସ୍କୁଲ ସମୟ

## ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ପାଠପଢ଼ା

**ବ୍ରହ୍ମପୁର, ୯ ।୪(ସମିସ):** ଗଞ୍ଜାମ ଜିଲ୍ଲାରେ ଖରାର ପ୍ରକୋପ ବୃଦ୍ଧି ପାଉଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସକାଳ ସ୍କୁଲ ସମୟ ପରିବର୍ତ୍ତନ କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ। ଏପ୍ରିଲ ୧୦ ତାରିଖ ଅର୍ଥାତ ବୁଧବାରଠାରୁ ସକାଳ ସାଢ଼େ ୬ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା କରିବାକୁ ନିର୍ଦ୍ଦେଶ ରହିଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଚିଠି ପ୍ରକାଶ ପାଇଛି। ପୂର୍ବରୁ ସକାଳ ୭ରୁ ଦିନ ୧୧.୩୦ପର୍ଯ୍ୟନ୍ତ ପାଠପଢ଼ା ହେଉଥିଲା। ଖରାର ପ୍ରକୋପ ବଢ଼ୁଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାରଠାରୁ ସକାଳ ସାଢ଼େ ୬ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମ ବୁଧବାରଠାରୁ ଲାଗୁ କରିବାକୁ ଚିଠି ନମ୍ବର ୬୭୫୧ରେ ନିର୍ଦ୍ଦେଶ ରହିଛି। ଜିଲ୍ଲାର ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ହୋଇଛି। ସମୟ ନିର୍ଘଣ୍ଟ ପରିବର୍ତ୍ତନ ନେଇ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀମାନେ ସେମାନଙ୍କ ବ୍ଲକ୍‌ରେ ଚିଠି ବଣ୍ଟନ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଜିଲ୍ଲାରେ କିଛି ଦିନ ହେବେ ହେବ ୩୮ ଡିଗ୍ରୀ ଉପରେ ତାପମାତ୍ରା ରହୁଛି। ଏଭଳିସ୍ଥଳେ ସ୍କୁଲରୁ ଛାତ୍ରଛାତ୍ରୀ ପୂର୍ବାହ୍ନ ସାଢ଼େ ୧୧ଟାରେ ଫେରିବା ବେଳେ ହଇରାଣ ହେଉଥିଲେ। ଅନ୍ୟପକ୍ଷରେ କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ କୌଣସି ନିୟମ ଲାଗୁ କରାଯାଇନି।

## ପାଟଭୁକ୍ତାଙ୍କ ବିୟୋଗରେ ମହମବତି ଶୋଭାଯାତ୍ରା




**ଗଞ୍ଜାମ, ୯ ।୪(ସମିସ):** କିଛିଦିନ ତଳେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପାଟଭୁକ୍ତା କୃଷ୍ଣ ମହାପାତ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଗ୍ରାମ୍ୟ କମିଟି ତତ୍ତ୍ୱାବଧାନରେ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ବରଦା ଗ୍ରାମରେ ସୋମବାର ରାତିରେ ଗ୍ରାମର ଶତାଧିକ ବୁଦ୍ଧିଜୀବୀ, ଛାତ୍ର ଓ ଗ୍ରାମବାସୀ ଏକତ୍ରିତ ହୋଇ କ୍ୟାଣ୍ଡେଲ ଶୋଭାଯାତ୍ରା କରିବା ସହ ସ୍ୱର୍ଗତ ମହାପାତ୍ରଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ପ୍ରକାଶଯୋଗ୍ୟ ଯେ ଗତ କିଛିଦିନ ତଳେ ବ୍ରହ୍ମପୁରରୁ ଛତ୍ରପୁର ଅଭିମୁଖେ ଦଣ୍ଡୁଆଙ୍କ ସହ ଚାଲି ଚାଲି ଆସୁଥିବା ସମୟରେ ଏକ କାର ଧକ୍କାରେ ପାଟଭୁକ୍ତା କୃଷ୍ଣ ପ୍ରାଣ ହରାଇଥିଲେ।

## ପେଟପୋଷିବାକୁ ବନାରସରୁ କନ୍ଧମାଳ

### ଓଟ ଓ ଘୋଡ଼ା ଧରି ଘରକୁ ଘର ବୁଲୁଛନ୍ତି ୧୦ଜଣିଆ ଦଳ



**ଜି.ଉଦୟଗିରି, ୯ ।୪(ସମିସ):** କଥାରେ ଅଛି ପେଟପୋଷ ନାହିଁ ଦୋଷ। ଏହି ଉକ୍ତି କ୍ରମେ ବନାରସର ଏକ ୧୦ ଜଣିଆ ଟିମ୍ ସାଙ୍ଗରେ ଓଟ ଏବଂ ଘୋଡ଼ା ଧରି ଘର ଘର ବୁଲି ବିଭିନ୍ନ ସାମଗ୍ରୀ ମାଗି ପେଟ ପୋଷୁଥିବା ଆଲୋଚନାର ବିଷୟ ହୋଇଛି। ମଙ୍ଗଳବାର ଜି.ଉଦୟଗିରିରେ ଏହି ଟିମ ଘୋଡା ଓ ଓଟ ଧରି ଘରକୁ ଘର ବୁଲି ମାଗି ବୁଲୁଥିବା ଦେଖାଯାଇଥିଲା। ଏଥିରେ ଲୋକେ ସାଧ୍ୟମତେ ଅର୍ଥ ଦେବା ସହ ଘୋଡା ଓ ଓଟକୁ ଖାଦ୍ୟ ଦେଉଥିବା ଦେଖାଯାଇଥିଲା। ଏହା ସହିତ ପିଲାମାନେ ଘୋଡାରେ ବସିବା, ପୁରୁଷ ଲୋକ ଓଟରେ ବସିବା ପାଇଁ ସେମାନେ ୧୦୦ରୁ ୧୫୦ ଟଙ୍କା ନେଉଥିବା ଜଣାପଡିଥିଲା। ଏହାକୁ ସମ୍ପୃକ୍ତ ଲୋକେ ଜୀବିକା ଭାବେ ଗ୍ରହଣ କରିଥିବା ପ୍ରକାଶ କରିଥିଲେ। ପଶୁଙ୍କୁ ଧରି ସେମାନେ ବିଭିନ୍ନ ଗ୍ରାମ ବୁଲି ରୋଜଗାର କରୁଛନ୍ତି। ଓଡ଼ିଶା ଲୋକ ବହୁତ ଧାର୍ମିକ ଏବଂ ଭଲ ବୋଲି କହିଛନ୍ତି ଦଳର ଜଣେ ସଦସ୍ୟ।

### ମା' ଖମ୍ବେଶ୍ୱରୀଙ୍କ ଚୈତ୍ର ପର୍ବ

## ତୃତୀୟ ପାଳିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ଆସିକା, ୯ ।୪(ସମିସ):** ଚୈତ୍ର ମାସ ମଙ୍ଗଳବାର ଆସିଲେ ଆସିକାର ଆରାଧ୍ୟ ଦେବୀ ତଥା ଗଞ୍ଜାମ ଜିଲ୍ଲାର ଅନ୍ୟତମ ଶକ୍ତିପୀଠ ରୁପେ ପରିଚିତ ମା'ଖମ୍ବେଶ୍ୱରୀଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ବିଶ୍ୱାସ ଅଛି ଆସିକାର ଅଧିଷ୍ଠାତ୍ରୀ ଦେବୀ ମା ଖମ୍ବେଶ୍ୱରୀଙ୍କ ପୀଠରେ ଛୁଆଙ୍କ ମୁଣ୍ଡନ କଲେ ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହୁଏ। ଏକଥା କେଉଁ ଆବାହନମାନ କାଳରୁ ପ୍ରଚଳିତ ହୋଇ ଆସିଛି। ତେଣୁ ଏହି ମାସର



ପ୍ରତେକ ମଙ୍ଗଳବାରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଭକ୍ତମାନଙ୍କ ଭିଡ ଜମିଥାଏ। ତୃତୀୟ ପାଳି ମଙ୍ଗଳବାର ଅବସରରେ ପ୍ରାତଃରୁ ମଙ୍ଗଳ ଆଳତୀ ସହ ଦ୍ୱାରଫିଟା ନୀତି ହୋଇଥିଲା। ଏହା ପରେ ଦିନ ସାରା ମା'ଙ୍କ ବିଭିନ୍ନ ନୀତି ପାଳନ କରାଯଇଥିଲା। ଚୈତମାସର ତୃତୀୟ ମଙ୍ଗଳବାର ଯୋଗୁଁ ମା'ଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା।

## ଅନନ୍ୟ ପ୍ରତିଭାର ଅଧିକାରୀ ପ୍ରସନ୍ନ



**କବିସୂର୍ଯ୍ୟନଗର, ୯।୪(ସମିସ):** ମଫସଲରୁ ଆଜି ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିବାରେ ଯେଉ କୌଶଳ ସାଉଁଟିଛନ୍ତି, ତାହା ବାସ୍ତବରେ ବିଶ୍ୱ ବନ୍ଦିତ। ନିପଟ ମଫସଲର ସାରସ୍ୱତ ସାଧକ ବହୁ ଜାତୀୟ, ଆନ୍ତର୍ଜାତିକ ସ୍ତରରେ ବହୁ ପୁରସ୍କାର ହେବାରେ ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ଗଞ୍ଜାମ ଜିଲ୍ଲା ନନ୍ଦିଆଗଡା ଗ୍ରାମର ଡ. ପ୍ରସନ୍ନ ଦଳାଇ। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଇଁରାଜୀରେ ସ୍ନାତକ ପାସ୍ କରିବା ପରେ କବିସୂର୍ଯ୍ୟନଗର କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର ଇଁରାଜୀ ଶିକ୍ଷକ ଭାବେ କାର୍ଯ୍ୟରତ। ସେ ଏକାଧାରରେ ଜଣେ କବି, ସୁସାହିତ୍ୟିକ, ଶିକ୍ଷାବିତ ଭାବେ ଜଣାଶୁଣା। ତାଙ୍କର ଉଚ୍ଚକୋଟୀର ଇଁରାଜୀ କବିତା ଗୁଡିକ ସାମାଜିକ ଚଳଣି, ପ୍ରକୃତିର ରୂପଚର୍ଯ୍ୟା, ମାନବଧର୍ମୀ କବିତାଗୁଡିକ ଜନସାଧାରଣ ମନରେ ଗଭୀର ରେଖାପାତ କରିଛି। ଉଚ୍ଚ କୋଟିର ଲେଖାପାଇଁ ସେ "ଷ୍ଟେଇଣ୍ଡିଜରୁ ହାନାରବି ଆୱାର୍ଡ, ବଙ୍ଗଳାଦେଶରୁ ଟିଚର ଡିପ୍ଲମା ଆୱାର୍ଡ, ନାଇଜେରିଆରୁ ଇଣ୍ଟେରନ୍ୟାଶନାଲ ଆୱାର୍ଡ, ଇଣ୍ଡିଆରୁ ମଦେର ଟେରେସା ଆୱାର୍ଡ ଓ ଓଡିଶା ରାଜ୍ୟରୁ ଜୟଦେବ ପୁରସ୍କାର ପୁରସ୍କାର ପାଇବେ।

### ଆଇନ ସଚେତନତା କାର୍ଯ୍ୟକ୍ରମ

**ଭଞ୍ଜନଗର, ୯ ।୪(ସମିସ):** ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଜଜ ତଥା ଅଧ୍ୟକ୍ଷ ତାଲୁକା ଆଇନ ସେବା କମିଟିର ଦେବଦତ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରରେ ସିଆରପିସିର ବିଭିନ୍ନ ପ୍ରୋଭିଜନ ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକା ଆଇନ ସେବା କମିଟିର ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏସଡିଜେଏମ ଅମିତ୍ କୁମାର ଏଫଆଇଆର ଓ ବେଲ୍ ବିଷୟ ଉପରେ ଆଲୋକପାତ କରିଥିଲେ। ତାଲୁକ୍ ଆଇନ ସେବା




କମିଟିର ସଦସ୍ୟ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଆଇନ ଗତ ଅଧିକାର ପୁନଃଉପସ୍ଥାପନ ବିଷୟ ଉପରେ ଆଲୋକପାତ କରିଥିଲେ। ଜେଏମଏଫସି ସନ୍ଧ୍ୟା ସୁଚରିତା ଅପିଲ ଓ ପ୍ଲି ବର୍ଗେନିଂ ବିଷୟ ଉପରେ ଅନ୍ତେବାସୀଙ୍କୁ ସଚେତନ କରିଥିଲେ। ଭଞ୍ଜନଗର ତାଲୁକା ଆଇନ ସେବା କମିଟ ଅଧ୍ୟକ୍ଷ ଦେବଦତ୍ତ ପଟ୍ଟନାୟକ ଅନ୍ତେବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଇନ ଗତ ଅଧିକାର ଓ ଅନ୍ୟାନ୍ୟ ସୁବିଧା ତଥା ବେଲ ସମ୍ପର୍କିତ ତଥ୍ୟ,କୋର୍ଟ ଦ୍ୱାରା ପ୍ରଣୀତ ଅନ୍ୟାନ୍ୟ ଆଇନ ବିଷୟରେ ବର୍ଣ୍ଣନା କରି କିଭଳି ଅନ୍ତେବାସୀ ଆବଶ୍ୟକୀୟ ଆଇନ ସେବାର ସୁଯୋଗ ପାଇବେ ସେହି ବିଷୟ ଉପରେ ଆଲୋଚନା କରିଥିଲେ। ଜେଲ ସୁପରିଟେଣ୍ଡେଣ୍ଟ ଦଣ୍ଡପାଣି ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ପାଇଁ ପ୍ରସ୍ତୁତି

**ପୋଲସରା, ୯ ।୪(ସମିସ)**

ପୋଲସରା କୋଣାର୍କ କଲ୍ୟାଣମଣ୍ଡପରେ ପୋଲସରା ନିର୍ବାଚନ ମଣ୍ଡଳୀ ଜିଲ୍ଲାପରିଷଦ ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପୋଲସରା ଶ୍ରୀକାନ୍ତ ସାହୁ ଯୋଗଦେଇ ନବୀନ ବାବୁଙ୍କ ଆଶ୍ରିତ ହୋଇ ସମସ୍ତେ ଦଳ ପାଇଁ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଜୁ ଜନତା ଦଳ ଆସିକା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଯୋଗଦେଇ ଭାରତ ବର୍ଷରେ ବିଜୁ ଜନତା ଦଳ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରାଜ୍ୟରେ ମହିଳାଙ୍କ ବିକାଶ ଲାଗି ଅଗ୍ରାଧିକାର ଭିତ୍ତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବ ସମାଜଙ୍କ ପାଇଁ ନୂତନ ଯୋଜନାମାନ କରିଥିବା ଦର୍ଶାଇଥିଲେ। ପୋଲସରା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବରିଷ୍ଠ କର୍ମୀ ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ବ୍ଲକ ବିଜୁ ଜନତା ଦଳ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ବୁଗୁଡ଼ା ବ୍ଲକ ବିଜୁ ଜନତା ଦଳ ସଭାପତି ମଦନ ଗୋପାଳ ଦୋରା ସଂଯୋଜନା କରିଥିଲେ। କୋଦଳା ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ତଥା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କ ପିତା ହର ପ୍ରସାଦ ସାହୁଙ୍କ ସହ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ ପ୍ରିୟଦର୍ଶିନୀ ଆଚାରୀ, ବୁଗୁଡ଼ା ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ପୋଲସରା ନିର୍ବାଚନ ମଣ୍ଡଳୀ ସଭାପତି ସୁଶାନ୍ତ କୁମାର ପୋଲେଇ, ପୋଲସରା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଆଶୋକ କୁମାର ବିଷୋୟୀ ବିକ୍ରମ କୁମାର ନାୟକ, ଝୁନୁ ଦାଶ, ଗଙ୍ଗାପାଣି ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ରାଜେନ୍ଦ୍ର କୁମାର ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ଏନଏସି ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ନଗର ସାଂସଦ ପ୍ରତିନିଧି ମୋତିରାମ ସାହୁ, ବ୍ଲକ ସାଂସଦ ପ୍ରତିନିଧି ପ୍ରତାପ ଚନ୍ଦ୍ର ପ୍ରଧାନ, ବୁଗୁଡ଼ା ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ବେହେରା, ପୋଲସରା ନଗର ସଭାପତି ରଞ୍ଜିତ କୁମାର ସାହୁ, କବିତା ସାହୁ, ଟୁକୁନା ସାହୁ, ଜୀତେନ୍ଦ୍ର ନାୟକ, ସୁଶାନ୍ତ କୁମାର ପଲେଇ, ସୁକାନ୍ତ ଭୂୟାଁ, ବ୍ଲକ ବିଜୁ ଜନତା ଦଳ ସଭାନେତ୍ରୀ ସଂଯୁକ୍ତା ବାଡ଼ତ୍ୟା, ନଗର ବିଜୁ ଜନତା ଦଳ ସଭାନେତ୍ରୀ କନକ ରାଉତ, ବୁଗୁଡ଼ା ଏନ୍ଏସି ଉପାଧ୍ୟକ୍ଷା ପ୍ରତିନିଧି ସୁଧାଂଶୁ ଶେଖର ପାଢ଼ୀ, ଜିଲ୍ଲା ପରିଷଦ ସଭ୍ୟ



# ବୃଦ୍ଧାଙ୍କ ହାତଗୋଡ଼ ବାନ୍ଧି ଲୁଟ୍ ଅଭିଯୋଗ

**ବ୍ରହ୍ମପୁର, ୯ ।୪(ସମିସ):** ସ୍ଥାନୀୟ ହରିଡାଖଣ୍ଡି ରୋଡ ପଞ୍ଚାନନେଶ୍ୱର ମନ୍ଦିର ନିକଟରେ ରହୁଥିବା ଜଣେ ବୃଦ୍ଧା ଘରେ ସଶସ୍ତ୍ର ଡକାୟତି ହୋଇଛି। ପାଣି ମାଗିବା ଆଳରେ ୩ଜଣ ଦୁର୍ବୃତ୍ତ ଜୋର ଜବରଦସ୍ତ ଘରେ ପଶି ପ୍ଲାଷ୍ଟରରେ ଗୋଡ ହାତ ବାନ୍ଧି ଛୁରୀ ଦେଖାଇ ଭୟଭୀତ କରିବା ସହ ବୃଦ୍ଧାଙ୍କଠାରୁ ସାଢେ ୭ ଭରି ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ଟଙ୍କା ଲୁଟ କରି ନେଇଯାଇଥିବା ନେଇ ବଡ଼ ବଜାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ବଡବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ରୋଡ ପଞ୍ଚାନନେଶ୍ୱର ମନ୍ଦିର ନିକଟରେ ରହୁଥିବା ବୃଦ୍ଧା ମହିଳା ଏମ. ସାରଦା(୬୪) ଗତ ୮ ତାରିଖ ଦିନ ୧୨ଟା୪୦ ବେଳେ ଘରେ ଥିବା ସମୟରେ ୩ଜଣ ଅଜଣା ଯୁବକ ତାଙ୍କ ଘର ନିକଟରେ ପହଞ୍ଚିଥିଲେ।

**ପାଣି ମାଗିବା ଆଳରେ ଘରେ ପଶି ନେଇଗଲେ ୭ ଭରି ସୁନା ଓ ୧ ଲକ୍ଷ ଟଙ୍କା**

ସେଥିରୁ ଜଣେ ବ୍ୟକ୍ତି ସାରଦାଙ୍କୁ ପାଣି ପିଇବାକୁ ମାଗିଥିଲା। ସାରଦା ପାଣି ଆଣି ଦେବା ବେଳେ ସେମାନେ ଘର ଭିତରକୁ ଜୋର ଜବରଦସ୍ତି ପଶିଯାଇଥିଲେ। ସାରଦା ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ସାରଦାଙ୍କୁ ଧରି ପ୍ଲାଷ୍ଟରରେ ଗୋଡ ହାତ ବାନ୍ଧି ଦେଇଥିଲେ। ଛୁରୀ ଦେଖାଇ ଭୟଭୀତ କରିଥିଲେ। ଏପରିକି ପାଟି କଲେ ଜୀବନରେ ମାରି ଦେବୁ ବୋଲି ଡରାଇ ଥିଲେ। ଏହାପରେ ଦୁର୍ବୃତ୍ତ ସାରଦାଙ୍କ ଘର ଭିତରୁ ସାଢେ ୭ଭରି ସୁନା ଅଳଙ୍କାର, ୨ଟି ରୂପା ଥାଳି ଓ ନଗଦ ୧ ଲକ୍ଷ ଟଙ୍କା ଲୁଟ କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ ବୋଲି ସାରଦା ବଡବଜାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗତ କିଛି ପୂର୍ବେ ଲୁଟର ଶିକାର ହୋଇଥିବା ସାରଦା କୌଣସି କାମରେ ବାହରକୁ ଯାଇଥିଲେ। ଲିଫ୍ଟ ମାଗି ଅଜଣା ଯୁବକଙ୍କ ସହ ଗାଡ଼ିରେ ଘରକୁ ଫେରିଥିଲେ। ପରେ ସେହି ଯୁବକମାନେ ଦୁଇତିନିଥର ସାରଦାଙ୍କ ଘର ନିକଟକୁ ଆସି କଥାବାର୍ତ୍ତା ମଧ ହୋଇଥିବା ଜଣାଯାଇଛି। ଏହି ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ସାଇଣ୍ଟିଫିକ ଟିମ ଓ ପୁଲିସ ତଦନ୍ତ ଜାରି ରଖିଛନ୍ତି।

### ବ୍ରହ୍ମପୁର ଏସ୍‌ପି ଭାବେ ଦାୟିତ୍ୱନେଲେ ଡିଆଇଜି ଡା. ସାର୍ଥକ ଷଡ଼ଙ୍ଗୀ

# ଫୋକସ୍‌ରେ ସାଇବର୍ ଅପରାଧ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା

**ବ୍ରହ୍ମପୁର, ୯ ।୪(ସମିସ)**

ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶପ୍ରକାରେ ଡିଆଇଜି ଡା. ସାର୍ଥକ ଷଡ଼ଙ୍ଗୀ ମଙ୍ଗଳବାର ବ୍ରହ୍ମପୁର ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏଥିପୂର୍ବରୁ ହୋମଗାର୍ଡ ଡିଆଇଜି ରହିଥିଲେ। ମଙ୍ଗଳବାର ଡିଆଇଜି ଡା. ସାର୍ଥକ ଷଡ଼ଙ୍ଗୀ ଏସ୍‌ପି କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଅଧିକାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ଆଗକୁ ସଧାରଣ ନିର୍ବାଚନ ହେବାକୁ ଯାଉଛି। ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ଉପରେ ସେ ଗୁରୁତ୍ୱ ଦିଆଯିବ। ୨୦୦୭ ବ୍ୟାଚ୍‌ର ଏହି ଆଇପିଏସ ଅଫିସର ୨୦୧୪ ସେପ୍ଟେମ୍ବରରୁ ୨୦୧୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବ୍ରହ୍ମପୁର ପୁଲିସ ଜିଲ୍ଲାର ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ଏଣୁ ତାଙ୍କର ଏଠାକାର ଜନସାଧାରଣ ସହ ସୁସମ୍ପର୍କ ରହିଛି। '୫-ଟି' ଅନୁସାରେ ଲୋକମାନଙ୍କୁ ସେବା ଯୋଗାଇ ଦିଆଯିବ। ଥାନାକୁ ଆସୁଥିବା ଅଭିଯୋଗକାରୀ ଯେପରି ନିରାଶ ନ ହେବେ ସେ ଦିଗରେ କାର୍ଯ୍ୟ କରିବା ସହ ଆତିଥ୍ୟ ପ୍ରଦାନ କରାଯିବ। ପିପୁଲ୍ସ ଫ୍ରେଣ୍ଡଲି ଭାବେ ପୁଲିସ ବ୍ରହ୍ମପୁରରେ କାମ କରିବ। ସାଇବର ଅପରାଧକୁ ରୋକିବାକୁ ପ୍ରାଥମିକତା ଦିଆଯିବ ବୋଲି ଏସ୍‌ପି କହିଛନ୍ତି। ସେହିପରି ପୁଲିସ କିଭଳି ସାଧାରଣ ଲୋକଙ୍କ ନିକଟତର ହୋଇପାରିବ ସେ ଦିଗରେ ବିଶେଷ ଧ୍ୟାନ ଦିଆଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ସେ ଆହୁରି କହିଥିଲେ, ଅପରାଧୀଙ୍କୁ ଦମନ, ଆଇନଶୃଙ୍ଖଳା, ଭିଆଇପି ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏହାସହ ପୁଲିସ୍ ବ୍ୟବସ୍ଥାକୁ ଜନକୈନ୍ଦ୍ରିକ ଉପରେ ଅଧିକ ଫୋକସ୍ ଦିଆଯିବ। ପୂର୍ବରୁ ସେ ଏଠାରେ କାର୍ଯ୍ୟ କରିଛନ୍ତି। ତେଣୁ ପୁରୁଣା ଅନୁଭୂତି ଓ କାର୍ଯ୍ୟଖସଡ଼ା ନେଇ ସେ କାମକରିବେ ବୋଲି କହିଛନ୍ତି। ଅନ୍ୟପଟେ ପେଷାଦାର ଅପରାଧୀମାନଙ୍କ ଗତିବିଧି ଉପରେ ପୁଲିସ ଏବେ ନଜର ରଖିଛି ବୋଲି ସେ କହିଛନ୍ତି। ମଙ୍ଗଳବାର ସେ ପୁଣି ବ୍ରହ୍ମପୁର ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ପ୍ରଥମେ ଅଫିସରଙ୍କ ସହ ମିଶି ଥାନା ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ଏହା ସହିତ କେଉଁ ବ୍ୟବସ୍ଥା ଅନୁସାରେ ବ୍ରହ୍ମପୁର ସହର କାମ ଚାଲୁଛି, ତାକୁ ଅନୁଧ୍ୟାନ କରିବା ସେଇ କାମକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦେବେ। ଆସନ୍ତା ବୁଧବାର ବ୍ରହ୍ମପୁର ପୁଲିସ ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ଏସଡିପିଓ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିବେ ବୋଲି ଜଣାଯାଇଛି। ଏଠାରେ ଆଲୋଚନା ପରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଅପରାଧୀ ଦମନ ଓ ଆଇନଶୃଙ୍ଖଳା ପରିସ୍ଥିତି ସଜାଡ଼ିବା ଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବେ। ସେହି ଖସଡ଼ାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସହରର ସମସ୍ତ ଥାନା ଅଞ୍ଚଳରେ ନାଇଟ୍ ପାଟ୍ରୋଲିଂ ଜୋରଦାର କରିବା ସହ ସହରର ମୁଖ୍ୟ ପ୍ରବେଶ ପଥଠାରେ ପୁଲିସ ପଇଁତରା ମାରୁଛି। ଗାଡ଼ିକୁ ଯାଞ୍ଚ ମଧ କରାଯାଉଛି।



## ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍ ଉପରେ ତୀକ୍ଷ୍ଣ ନଜର

*ଚଳିତବର୍ଷ ନିର୍ବାଚନ ପାଇଁ ୮୯୦ରୁ ଅଧିକ ବୁଥ୍ ଚିହ୍ନଟ ହୋଇସାରିଛି। ସେହିପରି ସମ୍ବେଦନଶୀଳ ୧୮୪ ବୁଥ୍ ଓ ୧୭ଟି ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ଆଗକୁ ଉପରୋକ୍ତ ସମସ୍ତ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ଗୋପାଳପୁର, ଗୋଳନ୍ଥରା, ଦିଗପହଣ୍ଡି, ସଦର ସମେତ ୫ଟି ଥାନା ଅଞ୍ଚଳ ସମେତ ଏକାଧିକ ସ୍ଥାନରେ ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ ହୋଇଛି। ପୂର୍ବ ନିର୍ବାଚନ ଅପେକ୍ଷା ଚଳିତବର୍ଷ ସମ୍ବେଦନଶୀଳ ବୁଥ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ଏନେଇ ପୁଲିସ ନିର୍ବାଚନକୁ ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ(ସିଏସପିଏଫ) ବ୍ରହ୍ମପୁର ପୁଲିସ ଜିଲ୍ଲାର ପହଞ୍ଚି ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି। ସମ୍ବେଦନଶୀଳ ବୁଥ ଅଞ୍ଚଳରେ ଆବଶ୍ୟକ ଅନୁଯାୟୀ ସିଏସପିଏଫ ଯବାନ ମୁତୟନ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି କହିଛନ୍ତି। ବର୍ତ୍ତମାନ ୬ଟି ଏଣ୍ଟର ଷ୍ଟେଡ ବୋର୍ଡର ପଏଣ୍ଟ ଚିହ୍ନଟ କରାଯାଇଛି। ପିତାତଳି, ମେରାଇନ, ଗିରିସୋଲା ସମେତ ଅନ୍ୟ ୩ଟି ସ୍ଥାନରେ ଏଣ୍ଟର ଷ୍ଟେଡ ବୋର୍ଡର ପଏଣ୍ଟ ଚିହ୍ନଟ ହୋଇଛି। ଏଠାରେ ୨୪ ଘଣ୍ଟା ପୁଲିସ ମୁତୟନ ରହି ଯାଞ୍ଚ କରିବେ। ବର୍ତ୍ତମାନ ବହୁ ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ ଜାରି ରହିଥିବା ବେଳେ ଆଗକୁ ନାକାବନ୍ଦୀ ଓ ପାଟ୍ରୋଲିଂ ଜୋର୍‌ଦାର୍ କରାଯିବ ବୋଲି ଏସ୍‌ପି କହିଛନ୍ତି।*

## ଗଠନ ହେଲା ଦୁଇଟି କୁଇକ୍ ରେସପନ୍ସ ଟିମ୍

ଦୁଇଟି କୁଇକ୍ ରେସପନ୍ସ ଟିମ(କ୍ୟୁଆରଟି) ଗଠନ ହୋଇଛି। ସେମାନେ ପ୍ରତିଦିନ ସହର ସୀମା ଅଞ୍ଚଳରେ ବାଇକ୍‌ରେ ପେଟ୍ରୋଲିଂ କରିବା ସହ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବେ। ସହରରେ ଅଧିକ ଗୃହରକ୍ଷୀଙ୍କୁ ସାମିଲ କରାଯାଇ ରାତିସାରା ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ମଙ୍ଗଳବାର ସନ୍ଧ୍ୟାରେ ଏହି ଟିମ୍ ଖଡ଼ାସିଙ୍ଗିରୁ ବାହାରି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିବେ ବୋଲି ଜଣାଯାଇଛି।

- ଏସ୍‌ଡିପିଓ ଏବଂ ଅତିରିକ୍ତ ଏସ୍‌ପିଙ୍କଠାରୁ ନେଲେ ତଥ୍ୟ
- ଆଜି ଥାନା ଅଧିକାରୀଙ୍କ ସହ ସମୀକ୍ଷା ବୈଠକ
- ପାଟ୍ରୋଲିଂ ଓ ଯାଞ୍ଚ କଡ଼ାକଡ଼ି ହେବ: ଏସ୍‌ପି

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ

ବ୍ରହ୍ମପୁର, ୯ ।୪(ସମିସ): ସ୍ଥାନୀୟ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଆର୍ୟୁବେଦିକ ଚିକିତ୍ସକ ଡ଼. ସାଗର ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସଂସ୍କୃତ ଆଚାର୍ଯ୍ୟ ବୃନ୍ଦାବନ ଦାସ ଯୋଗ ଦେଇ ଏହାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଅଧ୍ୟକ୍ଷ ଏସ୍. ମୋହନ ରାଓ, ପ୍ରଧାନାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଉପଦେଷ୍ଟା ନରସିଂହ ଚୌଧୁରୀ, ପ୍ରଧାନାପ୍ରର୍ଯ୍ୟ ଜଟେଶ୍ୱର କର ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ସମେତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



ବିଜେଡି ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର



# ସ୍କାଉଟ୍ ଆଣ୍ଡ ଗାଇଡ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଣା ବଣ୍ଟନ

**ବ୍ରହ୍ମପୁର, ୯ ।୪(ସମିସ):** ସହରରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସଂଗଠନ, ସ୍ୱେଚ୍ଛାସେବୀ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ପଣା ବଣ୍ଟନ କରାଯାଉଛି। ଖରା ସମୟରେ ସହରକୁ ବିଭିନ୍ନ କାମ ପାଇଁ ଆସୁଥିବା ବାଟୋଇ ଓ ପର୍ଯ୍ୟଟକ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବିଭନ୍ନ ସ୍କୁଲର ଛାତ୍ରଛାତ୍ରୀ ଓ ସ୍କାଉଟ ଆଣ୍ଡ ଗାଇଡ୍ ଟିମ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କରାଯାଇଥିଲା। ସେହିପରି ସହରର ରୁକ୍ମିଣୀ ହଲ ଛକରେ କିଛି ସମାଜସେବୀ ପଣା ବଣ୍ଟନ କରୁଥିଲେ। ଏହିପରି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।




# ନିଷ୍ଟ ବିଶ୍ୱବିଦ୍ୟାଳୟରେ ସଚେତନତା କର୍ମଶାଳା

**ବ୍ରହ୍ମପୁର, ୯ ।୪(ସମିସ):** ବ୍ରହ୍ମପୁର ରୋଟାରୀ କ୍ଲବ ସେଣ୍ଟ୍ରାଲ ସହଯୋଗରେ ନିଷ୍ଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଣ୍ଟି ଟୋବାକୋ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ପୁଲମୋନୋଲୋଜିଷ୍ଟ ପ୍ରଫେସର ନାରାୟଣ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଡ. ନାରାୟଣ ମିଶ୍ର ଅନ୍ୟତମ ଅତିଥି ଭାବେ ରୋଟାରୀ ସେଣ୍ଟ୍ରାଲ ବ୍ରହ୍ମପୁର ସଭାପତି ସି. ଏଚ. ମୋହନ ସୁବୁଦ୍ଧି ଯୋଗଦେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଲିବାରେଲ ଆର୍ଟସର ଡିନ୍ ଡ. ସବ୍ୟସାଚୀ ରଥ ପ୍ରଫେସର ନାରାୟଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଶାସନ ମୁଖ୍ୟ ସୟଦ ସୁଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ରହ୍ମପୁର ରୋଟାରୀ ସେଣ୍ଟ୍ରାଲ ସେକ୍ରେଟାରୀ ଭି. ଜୟରାମ ରାଜୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ନିଷ୍ଟ କାଉନସେଲିଂ ସର୍ଭିସର ଯୋଗ୍ୟସେନୀ ଓ ଦେବାଶିଷ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ର. ଦୁର୍ଗା ମାଧବ ପାଢ଼ୀ, ପ୍ର. ମିନାକ୍ଷୀ ଦାସ, ପୀତାମ୍ବର ସାହୁ, ଫୋଟଫୋକ୍ସ କ୍ଲବର ଛାତ୍ର ସଦସ୍ୟ ଉପସ୍ଥିତ ଥିଲେ।



# ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଲାଗି ଦଣ୍ଡୁଆ ହନ୍ତସନ୍ତ

**ବ୍ରହ୍ମପୁର, ୯ ।୪(ସମିସ)**

ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ତଥା ବହୁ ବର୍ଷର ପରମ୍ପରା ହେଉଛି ଦଣ୍ଡନାଚ। ଶ୍ରଦ୍ଧା, ବିଶ୍ୱାସ ଓ ବିଭିନ୍ନ ମାନସିକ ନେଇ ଅନେକ ବ୍ୟକ୍ତି ଏଥିରେ ଭାଗ ନେଇଥାନ୍ତି।



ପରମ୍ପରା ସହ ଅତି ନିଷ୍ଠାରେ ମା' କାଳୀ ସମେତ ଶିବଙ୍କୁ ମଧ ପୂଜାର୍ଚ୍ଚନା କରିଥାନ୍ତି। ମାନସିକ ଲାଗି ଉପବାସ ସହ ଦଣ୍ଡୁଆମାନେ ବହୁ କଷ୍ଟ ସହି ଦଣ୍ଡ ବିଧାନ କରିଥାନ୍ତି। ଦଣ୍ଡ ନାଚରେ ଧୂଳିଦଣ୍ଡ ଓ ପାଣି ଦଣ୍ଡ ଭୂମିକା ଅନେକ ଗୁରୁତ୍ୱପୂର୍ଣ୍ଣ ଶାଖା ଓ ଉପଶାଖା ରହିଛି। ପରମ୍ପରା ଅନୁଯାୟୀ ଧୂଳିଦଣ୍ଡ ମାନସିକଧାରୀଙ୍କ ଘର ସମ୍ମୁଖରେ ହୋଇଥିବା ବେଳେ ପାଣିଦଣ୍ଡ ଯେକୌଣସି ଜଳାଶୟରେ ହୋଇଥାଏ। ଏହି ସମୟରେ ଦଣ୍ଡୁଆମାନେ ସ୍ନାନ କରିବା ସମେତ ନୀତି ନିୟମ ଅନୁଯାୟୀ ପୂଜାର୍ଚ୍ଚନା କରି ପାଣି ମଧ୍ୟରେ ପାଣିଦଣ୍ଡ ହୋଇଥାଏ। ମାନସିକ ଓ ଭକ୍ତଙ୍କ ବରାତ କ୍ରମେ ଗଞ୍ଜାମ ଜିଲ୍ଲାର ବହୁ ଦଣ୍ଡନାଚ ଦଳ ବ୍ରହ୍ମପୁର ସହରକୁ ଆସିଥାନ୍ତି। ସହରରେ ସାଧାରଣତଃ ସମସ୍ତ ସୁବିଧା ଥିବା ବେଳେ ଚଳିତ ବର୍ଷ ଦଣ୍ଡୁଆମାନେ ପାଣିଦଣ୍ଡ ନିମନ୍ତେ ବିଭିନ୍ନ ସମସ୍ତ ଭୋଗୁଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ସହରର ବିଭିନ୍ନ ସ୍ଥାନରେ ମୋଟ ୪୭ଟି ପୋଖରୀ ରହିଛି। ସେଥି ମଧ୍ୟରୁ ପ୍ରାୟ ୩୩ଟି ପୋଖରୀକୁ ପୁନରୁଦ୍ଧାର ନିମନ୍ତେ ମହାନଗର ନିଗମ ପକ୍ଷରୁ ନିଷ୍ପତ୍ତି ହୋଇଛି। ସେଥିରୁ ବହୁ ପୋଖରୀରୁ ପାଣି ସୁଖେଇବା ସହ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେହିକ୍ରମେ ଗୋଷାଣୀନୂଆଗାଁସ୍ଥିତ ବେଢ଼ା ବନ୍ଧ, ହରିଡାଖଣ୍ଡି ବୁଢୀ ବନ୍ଧ, ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଥିବା ବନ୍ଧ ସମେତ ଲାଞ୍ଜିପଲ୍ଲୀ ଓ ପୁରୁଣା ବ୍ରହ୍ମପୁର ଅଞ୍ଚଳ ପରି ବହୁ ସ୍ଥାନରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଫଳରେ ସହରକୁ ଦଣ୍ଡ ପରିବେଷଣ କରିବାକୁ ଆସୁଥିବା ଦଣ୍ଡୁଆମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଧୂଳିଦଣ୍ଡ ପରିବେଷଣ ପରେ ପାଣିଦଣ୍ଡ ନିମନ୍ତେ ଶତାଧିକ ଦଣ୍ଡୁଆ ଗୋଟିଏ ଅଞ୍ଚଳରୁ ଅନ୍ୟ ଏକ ଅଞ୍ଚଳରେ ଥିବା ପୋଖରୀକି ଯିବାକୁ ପଡ଼ିଥାଏ। ଏଭଳି କ୍ଷେତ୍ରରେ ଅଧିକ ସମୟ ଲାଗିବା ସହ ବହୁ ବାଟ ସେମାନଙ୍କୁ ଚାଲିବାକୁ ପଡ଼େ। ଅନ୍ୟପକ୍ଷରେ ବ୍ରହ୍ମପୁର ମହାନଗର ନିଗମର ଏଭଳି ନିଷ୍ପତ୍ତିକୁ ନେଇ ବିଭିନ୍ନ ଦଣ୍ଡନାଚ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଥିବା ପୋଖରୀ ଶୁଖାଇ ଦେବା କାରଣରୁ ହଜାର ହଜାର ଦଣ୍ଡୁଆ ହନ୍ତସନ୍ତ ହେଉଛନ୍ତି। ପାଣିଦଣ୍ଡ ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ସେମାନେ ଗୋଟିଏ ଅଞ୍ଚଳରୁ ଅନ୍ୟ ଏକ ଅଞ୍ଚଳରେ ଥିବା ପୋଖରୀକୁ ଯିବାକୁ ପଡୁଛି। ଏଭଳି କ୍ଷେତ୍ରରେ ମାନସିକଧାରୀ ଦଣ୍ଡୁଆମାନଙ୍କୁ ଅଧିକ କଷ୍ଟ ସହିବାକୁ ପଡୁଛି। ତେଣୁ ଦଣ୍ଡନାଚକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମର ପକ୍ଷରୁ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆଉ କିଛି ଦିନ ବିଳମ୍ବ କରିବାର ଥିଲା ବୋଲି ନୂଆଁ ବସ୍‌ଷ୍ଟାଣ୍ଡସ୍ଥିତ ଶ୍ରୀ ଗୋକର୍ଣ୍ଣେଶ୍ୱର ମା' ଶ୍ୟାମକାଳୀ ଦଣ୍ଡନାଚର ପୂର୍ବତନ ପାଟଭୁକ୍ତା ତାରିଣୀ ପ୍ରସାଦ ବେହେରା କହିଛନ୍ତି।

- ପାଣିଦଣ୍ଡ ପାଇଁ ଯିବାକୁ ପଡୁଛି ବହୁ ଦୂର
- ୪୭ରୁ ୩୩ଟି ପୋଖରୀର ହେବ ପୁନରୁଦ୍ଧାର

# ଆର୍‌ଏସ୍‌ଏସ୍ ପକ୍ଷରୁ ନବବର୍ଷ ପାଳିତ



**ବ୍ରହ୍ମପୁର, ୯ ।୪(ସମିସ)**

ଗୋଷାଣୀନୂଆଗାଁସ୍ଥିତ କେ.ସି. ହାଇସ୍କୁଲ ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍‌ଏସ୍) ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସହ-ନଗର କାର୍ଯ୍ୟବାହକ ନୀଳକଣ୍ଠ ଚୌଧୁରୀ ଯୋଗ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଜିଲ୍ଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ପ୍ରତିଟି ଭାରତୀୟ ଏହାକୁ ପାଳି ରାଷ୍ଟ୍ରୀୟ ଚେତନାର ଉନ୍ମେଷରେ ସହଭାଗୀ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଭାରତୀୟ କାଳଗଣନା ପଦ୍ଧତି ଅତ୍ୟନ୍ତ ପ୍ରାଚୀନ ଓ ବିଜ୍ଞାନସମ୍ମତ ମଧ। ଅତି ବିଶାଳ କାଳଖଣ୍ଡକୁ ସଠିକ୍ ଭାବେ ମାପିବା କେବଳ ଭାରତୀୟଙ୍କ ଦ୍ୱାରା ସମ୍ଭବପର ହୋଇପାରିଛି। ଏହି ଦିନ ଭାରତୀୟ ପରମ୍ପରାରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଘଟଣାମାନ ସଂଗଠିତ ହୋଇଥିଲା।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ପ୍ରତିଷ୍ଠାତା ଡା. କେଶବ ବଳିରାମ ହେଡଓ୍ୱାରଙ୍କ ଏହି ଦିନରେ ଜନ୍ମ ନେଇଥିଲେ ବୋଲି ଏଠାରେ କୁହାଯାଇଥିଲା। ସେହିପରି ବ୍ରହ୍ମାଙ୍କ ଦ୍ୱାରା କାଳଗଣନା ଆରମ୍ଭ ସହ ଯୁଗାବ୍ଦ, ଶକାବ୍ଦ, ଶାଳିବାହନାବ୍ଦ ଗଣନା ଏହି ଦିନଠାରୁ ଆରମ୍ଭ ହୋଇଥିଲା। ଏଣୁ ଏହି ଦିନକୁ ସମସ୍ତ ହିନ୍ଦୁ ତଥା ଭାରତୀୟ ପାଳନ କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଆରଏସଏସ ଉତ୍କଳ(ପୂର୍ବ) ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ ମାଝୀଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ।

ସକାଳ
THE SAKALA

# କେନ୍ଦ୍ର ଓ ରାଜ୍ୟଙ୍କ ମଧ୍ୟରେ ଅର୍ଥ ଆବଣ୍ଟନ ନୀତି ସ୍ପଷ୍ଟ ହେଉ

ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଦେଶର ସମ୍ବିଧାନ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ବିଧାନପାଳିକା, କାର୍ଯ୍ୟନିର୍ବାହୀ ଓ ଆର୍ଥିକ କ୍ଷମତାକୁ ବଣ୍ଟନ କରିଛି। ତେବେ ସମ୍ବିଧାନ ସମଗ୍ର ଦେଶ ପାଇଁ ଏକ ଏକୀକୃତ (ୟୁନିଫାଏଡ) ନ୍ୟାୟିକ ବ୍ୟବସ୍ଥା ପ୍ରଦାନ କରିଥିବାରୁ ଉଭୟ ପ୍ରାଦେଶିକ ଓ କେନ୍ଦ୍ର ଦ୍ୱାରା ପ୍ରଣୀତ ଆଇନ ତର୍ଜମାର ମାନଦଣ୍ଡ ସମାନ ରହିଛି। ସଂଘର ବିଧାନପାଳିକା, କାର୍ଯ୍ୟପାଳିକା ଓ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ ସମସ୍ତ ମାମଲା ନ୍ୟାୟପାଳିକାର ସମୀକ୍ଷା ଏବଂ ବିଚାର ପାଇଁ ମୁକ୍ତ। ସେଥିରେ କେନ୍ଦ୍ର ବିରୋଧରେ କୌଣସି ରାଜ୍ୟର କିଛି ନିର୍ଦ୍ଦିଷ୍ଟ ଅଭିଯୋଗ ବା ଆପତ୍ତି ଥିଲେ ସେଥିପାଇଁ ସମ୍ପୃକ୍ତ ରାଜ୍ୟ ଅଦାଲତର ଦ୍ୱାରସ୍ଥ ହେବାର ସୁଯୋଗ ସମ୍ବିଧାନ ଦେଇଛି।

ଶାସନ, ସଂଘୀୟ ବ୍ୟବସ୍ଥା ଆଦି କ୍ଷେତ୍ରରେ ସମ୍ବିଧାନରେ କେନ୍ଦ୍ର ଓ ରାଜ୍ୟର ସ୍ଥିତି ଓ ସମ୍ପର୍କ ସ୍ପଷ୍ଟ କରାଯାଇଛି। ତେବେ କେନ୍ଦ୍ର-ରାଜ୍ୟ ଅର୍ଥନୈତିକ ସମ୍ପର୍କ କ'ଣ ହେବ, ସେ ବିଷୟରେ ଭାରତର ସମ୍ବିଧାନ ସ୍ପଷ୍ଟ ଲକ୍ଷ୍ମଣରେଖା ବା ନୀତି ନିର୍ଦ୍ଧାରଣ କରିନାହିଁ। ଉଭୟ ପକ୍ଷ ମଧ୍ୟରେ ଅର୍ଥ ବା ସମ୍ବଳ ବଣ୍ଟନ ଓ ଆର୍ଥିକ କ୍ଷମତା ଘେନି କିଛି ବ୍ୟବସ୍ଥା ତଥା ପରମ୍ପରା (କନ୍‌ଭେନସନ୍) ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଏ କ୍ଷେତ୍ରରେ ସାମ୍ବିଧାନିକ ବ୍ୟବସ୍ଥା ସ୍ପଷ୍ଟ ନୁହେଁ। ଅର୍ଥ କମିଶନ, ସମ୍ବଳବଣ୍ଟନ ସୂତ୍ର ଭଳି ବ୍ୟବସ୍ଥା ସତ୍ତ୍ୱେ ଆର୍ଥିକ ବ୍ୟାପାରରେ ଭାରତରେ କେନ୍ଦ୍ର ଓ ରାଜ୍ୟ ସମ୍ପର୍କରେ କ୍ଷମତା ଭାରସାମ୍ୟ ନ ଥିବା ପରି ମନେ ହୁଏ। ତେଣୁ କେନ୍ଦ୍ରର ପ୍ରଭାବ ଏ କ୍ଷେତ୍ରରେ ଅଧିକ ଏବଂ ରାଜ୍ୟମାନେ ଆର୍ଥିକ ନ୍ୟାୟ ପାଇବାକୁ ନ୍ୟାୟପାଳିକା, ବିଶେଷକରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବାକୁ ବାଧ୍ୟ ହେଉଛନ୍ତି। ଦିନଥିଲା, ଯେତେବେଳେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଅର୍ଥ ବ୍ୟାପାରକୁ ନେଇ ବିଶେଷ ବିବାଦ ନ ଥିଲା। ରାଜ୍ୟ ସରକାର କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ, ପିଟିସନ ଏବଂ ସ୍ମାରକପତ୍ର ଦେଇ ସ୍ୱତନ୍ତ୍ର ପରିସ୍ଥିତିରେ ଆର୍ଥିକ ସହାୟତା ଓ ଅନୁଦାନ ସହଜରେ ପାଉଥିଲେ।

ତେବେ ଅର୍ଥ ସବୁ ଅନର୍ଥର ମୂଳ ଭଳି କେତେକ ରାଜ୍ୟ ବିତ୍ତୀୟ ଶୃଙ୍ଖଳାକୁ ଉଲ୍ଲଂଘନ କରି ସରକାରୀ ସମ୍ବଳକୁ ରାଜନୈତିକ କାର୍ଯ୍ୟ ଓ ଲୋକଦେଖାଣିଆ ଯୋଜନାରେ ବିନିଯୋଗ କରିବାର ଅଭିଯୋଗ ହେବା ପରେ କେନ୍ଦ୍ର ସରକାର ଆର୍ଥିକ ନିୟନ୍ତ୍ରଣକୁ କଠୋର କରିଛନ୍ତି। ଆହୁରି ମଧ୍ୟ ରାଜନୈତିକ କାରଣରୁ କେତେକ ଘଟଣାରେ ରାଜ୍ୟମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବାରେ କେନ୍ଦ୍ର ସରକାର ଅବହେଳା ଓ ମନ୍ଥରତା ପ୍ରକାଶ କରୁଛନ୍ତି ବୋଲି ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଏହାକୁ ନେଇ ବିବାଦ ଉଠୁଛି ଓ ଘଟଣା ସୁପ୍ରିମକୋର୍ଟକୁ ଯାଉଛି। କର୍ଣ୍ଣାଟକରେ ଏବେ ଯେଉଁ ଉତ୍କଟ ମରୁଡ଼ି ପଡ଼ିଛି ତାହାର ମୁକାବିଲା ପାଇଁ ସେଠା କଂଗ୍ରେସ ସରକାର କେନ୍ଦ୍ର ସରକାରଙ୍କ ଠାରୁ ୧୮,୧୭୧ କୋଟି ଟଙ୍କା ମାଗିଥିଲେ। ଏନ୍‌ଡିଆର୍‌ଏଫ୍ ପାଣ୍ଠିରୁ ଏହି ଅର୍ଥ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ସମ୍ପୃକ୍ତ ରାଜ୍ୟର ଆବେଦନ ସତ୍ତ୍ୱେ ମାସାଧିକ କାଳ ଏହି ଅର୍ଥ କେନ୍ଦ୍ର ଯୋଗାଇବାରେ ବିଳମ୍ବ କରିବାରୁ କର୍ଣ୍ଣାଟକ ସରକାର ସମ୍ବିଧାନର ଧାରା ୩୨ ଅନୁସାରେ ସୁପ୍ରିମକୋର୍ଟକୁ ଯାଇଛନ୍ତି।

ଏକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ବିବାଦ ଲାଗି ରହିବା ଭଲ ଲକ୍ଷଣ ନୁହେଁ। ଉଭୟପକ୍ଷ ଆଲୋଚନା ଆଧାରରେ ଏହାକୁ ଶୀଘ୍ର ସମାଧାନ କରିବା କଥା। ତାହା କିନ୍ତୁ ହେଉ ନାହିଁ ଏବଂ ତାହାର ପ୍ରମୁଖ କାରଣ ହେଉଛି କେନ୍ଦ୍ର ସରକାର ଏହି ବ୍ୟାପାରରେ କଠୋର ଶୃଙ୍ଖଳା ଓ କେତେକ ସ୍ଥଳେ ରାଜନୈତିକ ବିଚାରକୁ ପ୍ରୟୋଗ କରୁଛନ୍ତି। ସତକଥା ହେଲା ଭାରତୀୟ ସଂଘର ସଦସ୍ୟ (ରାଜ୍ୟ) ମାନଙ୍କର ଆର୍ଥିକ ସ୍ଥିତି କେନ୍ଦ୍ର ତୁଳନାରେ ଦୁର୍ବଳ। ଏ କ୍ଷେତ୍ରରେ କେନ୍ଦ୍ରର ସମ୍ବଳ ସଂଗ୍ରହ ଉତ୍ସ ବିପୁଳ। ତେଣୁ କିଛି ନିର୍ଦ୍ଧାରିତ ସୂତ୍ର ଅନୁସାରେ ରାଜ୍ୟମାନେ କେନ୍ଦ୍ରରୁ ଅର୍ଥ ପାଇଥା'ନ୍ତି। ଏହି ଅର୍ଥ ଯଥେଷ୍ଟ ନ ହେବାରୁ ସେମାନେ ଅନେକ ସମୟରେ ନିର୍ଦ୍ଦିଷ୍ଟ ଯୋଜନା ଖର୍ଚ୍ଚକୁ ଅନ୍ୟ କାମରେ ବ୍ୟୟ କରିବାକୁ ବାଧ୍ୟ ହୁଅନ୍ତି। ଜିଏସ୍‌ଟି ପ୍ରବର୍ତ୍ତନ ପରେ ରାଜ୍ୟମାନଙ୍କର ଅର୍ଥ ସଂଗ୍ରହ ଉତ୍ସ ସଂକୁଚିତ ହୋଇଛି ଏବଂ ସେମାନେ ବିକାଶମୂଳକ କାର୍ଯ୍ୟ ଓ ଆପତ୍‌କାଳୀନ ଖର୍ଚ୍ଚ ନିମନ୍ତେ କେନ୍ଦ୍ର ପାଖରେ ହାତ ପତାଇବାକୁ ବାଧ୍ୟ ହେଉଛନ୍ତି। ଏ କ୍ଷେତ୍ରରେ ଦକ୍ଷିଣ ଭାରତର ରାଜ୍ୟ ସମୂହଙ୍କ କେନ୍ଦ୍ର ବିରୋଧରେ ବିଷୋଦ୍‌ଗାର ଅଧିକ। ଓଡ଼ିଶା, ପଶ୍ଚିମବଙ୍ଗ ଭଳି ରାଜ୍ୟ ମଧ୍ୟ ଏ ପ୍ରସଙ୍ଗରେ କେନ୍ଦ୍ରୀୟ ଉପେକ୍ଷାକୁ ବାରମ୍ବାର ବିରୋଧ କରିଆସୁଛନ୍ତି।

ସମ୍ବଳ ବଣ୍ଟନ ରାଜ୍ୟର ଜନସଂଖ୍ୟା, ଆୟ ଉତ୍ସ, ଜନସଂଖ୍ୟା ନିୟନ୍ତ୍ରଣରେ ସଫଳତା, ବିତ୍ତୀୟ ଶୃଙ୍ଖଳା, ରାଜ୍ୟର ସ୍ୱତନ୍ତ୍ର ଆବଶ୍ୟକତା ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣତା ଆଦି ଭଳି ବିଷୟକୁ ନେଇ କରାଯାଇଥାଏ। ଏଥିପାଇଁ ସୂତ୍ର ନିର୍ଦ୍ଧାରିତ ହୋଇଛି। ଏହାସତ୍ତ୍ୱେ ଏକାଧିକ ରାଜ୍ୟ ବାରମ୍ବାର ଅସନ୍ତୋଷ ପ୍ରକାଶ କରିବା ଅର୍ଥ କେନ୍ଦ୍ର ପକ୍ଷରୁ କିଛି ଅସହଯୋଗ ରହୁଛି। ଏହା ଅବଶ୍ୟ ସତ୍ୟ ଯେ କେନ୍ଦ୍ର ସରକାର ମନଇଚ୍ଛା ରାଜ୍ୟଙ୍କ ଦାବି ବା ଆବେଦନ ଅନୁସାରେ ସ୍ୱତନ୍ତ୍ର ସହାୟତା / ଅନୁଦାନ ଯୋଗାଇବାକୁ ବାଧ୍ୟ ନୁହନ୍ତି। ତେବେ ଯାହା ହକ୍ ଏବଂ ନ୍ୟାୟସଙ୍ଗତ ସେ କ୍ଷେତ୍ରରେ ଅର୍ଥ ମଞ୍ଜୁରିରେ ଟାଳଟୁଳ ଓ ବିଳମ୍ବ କେନ୍ଦ୍ର ପକ୍ଷରେ ଶୋଭା ପାଏନା। କର୍ଣ୍ଣାଟକ ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଆର୍ଥିକ ପ୍ରସଙ୍ଗରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ବଳ କଷାକଷି ଓ ବିବାଦ ରହିବା ଅନୁଚିତ। ଆମେ ଦେଖୁଛୁ ଯେ ଅର୍ଥ / ଅନୁଦାନ ପ୍ରଦାନ କ୍ଷେତ୍ରରେ ଅନେକ ରାଜ୍ୟ ଅଦାଲତର ଆଶ୍ରୟ ନେଉଛନ୍ତି। ସ୍ୱୟଂ ସୁପ୍ରିମକୋର୍ଟର ପୀଠ ଯେତେବେଳେ ଏ କଥା କହୁଛନ୍ତି ସେତେବେଳେ ମାମଲାରେ କିଛି ବାସ୍ତବତା ଥିବା ସ୍ପଷ୍ଟ। ଏହି ପ୍ରସଙ୍ଗରେ ଆଟର୍ଣ୍ଣି ଜେନେରାଲ ଓ ସଲିସିଟର ଜେନେରାଲ କେନ୍ଦ୍ର ପକ୍ଷରୁ ଯେଉଁ ସଫେଇ ଦେଇଛନ୍ତି, ତାହା ସନ୍ତୋଷଜନକ ମନେ ହୁଏ ନାହିଁ। ଉଭୟ କହିଛନ୍ତି ଯେ କର୍ଣ୍ଣାଟକ ପକ୍ଷରୁ ଏ ସମ୍ପର୍କରେ ଆଗୁଆ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ଏଭଳି ବିଳମ୍ବ ଘଟିନଥା'ନ୍ତା। ଏହା ସନ୍ତୋଷଜନକ ଉତ୍ତର ନୁହେଁ। ଗୋଟିଏ ରାଜ୍ୟ ସରକାର ସ୍ମାରକପତ୍ର ଦେବା, ଏହାର ଅଧିକାରୀ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କୁ ଭେଟି ଅବଗତ କରାଇବା ପରେ ବିଳମ୍ବ ହେବାରେ କାରଣ କ'ଣ ହୋଇପାରେ?

ସୁପ୍ରିମକୋର୍ଟ କର୍ଣ୍ଣାଟକର ଆବେଦନ ଉପରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ତଲବ କରିବା ସହ ବିବାଦ ନ ବଢ଼ାଇବାକୁ ଉଭୟ ରାଜ୍ୟ ଓ କେନ୍ଦ୍ରକୁ କହିଛନ୍ତି। କେନ୍ଦ୍ର କି ଉତ୍ତର ଦେବ ଏବଂ ବିବାଦର ରାୟ କ'ଣ ଆସିବ ତାହା ସମୟ କହିବ। ତେବେ କେନ୍ଦ୍ର-ରାଜ୍ୟ ଆର୍ଥିକ ସମ୍ପର୍କ ସଂକ୍ରାନ୍ତ ବିବାଦର ସମାଧାନ ସୂତ୍ର ନିଶ୍ଚିତ କରାଯିବାର ବେଳ ଆସିଯାଇଛି। ଏଥିପାଇଁ ନୀତି, ନିୟମ ଓ ସାମ୍ବିଧାନିକ ବ୍ୟବସ୍ଥା ଯେତେ ସ୍ପଷ୍ଟ ହେବ ଭାରତ ପାଇଁ ତାହା ହେବ ସେତେ ମଙ୍ଗଳକର। ସଂଘୀୟ ବ୍ୟବସ୍ଥାରେ ଅର୍ଥ ଅନର୍ଥର କାରଣ ନ ହେଉ।

# ନିର୍ବାଚନରେ ଜନାଦେଶର ସୂତ୍ର



ଡ. ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

୨୦୨୪ ମସିହା ବିଶ୍ୱ ପାଇଁ ଏକ ବୃହତ୍ ନିର୍ବାଚନର ବର୍ଷ। ଚଳିତ ବର୍ଷ ଭାରତ ସହ ୬୫ରୁ ଅଧିକ ଦେଶରେ ନିର୍ବାଚନ ହେବାକୁ ଯାଉଛି। ଏହିସବୁ ନିର୍ବାଚନରେ ବିଶ୍ୱର ୪୦୦କୋଟି ନାଗରିକ ଗଣତନ୍ତ୍ର ପ୍ରତି ଥିବା ନିଜ ଆଭିମୁଖ୍ୟକୁ ଜାହିର କରିବେ। ସମଗ୍ର ବିଶ୍ୱ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକର ଭବିଷ୍ୟତକୁ ନେଇ ସନ୍ଦୀହାନ ଥିବା ବେଳେ ଏହି ନିର୍ବାଚନ ବିଶ୍ୱରେ ଗଣତନ୍ତ୍ର ପାଇଁ ଏକ ଅଗ୍ନିପରୀକ୍ଷା ସହ ମୌଳିକ ଏବଂ ମାନବିକ ଅଧିକାର ପୁନରୁଦ୍ଧାର ପାଇଁ ଏକ ନିର୍ଣ୍ଣାୟକ ଲଢ଼େଇ ହେବ ବୋଲି ଅନୁମାନ କରାଯାଉଛି। 'ପ୍ରତ୍ୟେକଟି ନିର୍ବାଚନ ଗଣତନ୍ତ୍ର ପ୍ରତି ଥିବା ଆମର ସାର୍ବଜନୀନ ଆକାଂକ୍ଷା ଓ ଏହାକୁ ସ୍ୱୀକାର କରିବାର ଏକ ପ୍ରୟାସ' ବୋଲି କହିଛନ୍ତି ମିଳିତ ଜାତିସଂଘର ମାନବାଧିକାର ହାଇକମିଶନର ଭୋଲକର ତୁର୍କ। ବିଶ୍ୱ ଜିଡିପିରେ ୪୨% ଯୋଗଦାନ ଦେଉଥିବା ଅନେକ ଦେଶ ନିର୍ବାଚନରେ ଭାଗ ନେଉଥିବାରୁ ଜାତିସଂଘ ସହ ଅନ୍ୟ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ନିର୍ବାଚନ ପ୍ରକ୍ରିୟା ଓ ମତଦାନ ଆଚରଣ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ସାରାବିଶ୍ୱରେ ନିର୍ବାଚନ ପାଇଁ ଅନେକ ପ୍ରସଙ୍ଗ ରହିଛି। ଉଦାହରଣ ସ୍ୱରୂପ, କୁଏତରେ କଲ୍ୟାଣ ବ୍ୟବସ୍ଥାରେ ସଂସ୍କାର, ପାନାମାରେ ଦୁର୍ନୀତିକୁ ବିରୋଧ, ଦକ୍ଷିଣ ଆଫ୍ରିକାରେ ସରକାରୀ ସ୍କାମ, ମେକ୍ସିକୋରେ ନିଶା ସମ୍ବନ୍ଧୀୟ ହିଂସା ଭଳି ପ୍ରସଙ୍ଗକୁ ନେଇ ଏବର୍ଷ ନିର୍ବାଚନ ଲଢ଼ାଯିବ। ୟୁରୋପୀୟ ସଂଘ ଓ ବ୍ରିଟେନ ନିର୍ବାଚନରେ ପ୍ରବାସୀ, ସମ୍ପ୍ରସାରଣ ଏବଂ ୟୁକ୍ରେନକୁ ସମର୍ଥନ ଭଳି ପ୍ରସଙ୍ଗ ଅଗ୍ରାଧିକାର ପାଇବ। ଭାରତରେ ନିର୍ବାଚନ ପାଇଁ ପ୍ରସଙ୍ଗର ତାଲିକା ଖୁବ୍ ଲମ୍ବା। ମୁଖ୍ୟତଃ, ଜାତି, ଧର୍ମ, ବର୍ଗ, ଲିଙ୍ଗ, ମୁଦ୍ରାସ୍ଫୀତି, ସ୍ଥାନୀୟ ପ୍ରସଙ୍ଗ, ଲୋକପ୍ରିୟ ନେତୃତ୍ୱ, ବିକାଶ ଆଦି ଆଧାରରେ ଭାରତରେ ନିର୍ବାଚନ ଲଢ଼ାଯାଏ। ଏପରିକି ଭାରତରେ ଅନେକ ରାଜ୍ୟରେ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ବାୟୁର ଗୁଣବତ୍ତା ହେଉଛି ଏଥରର ନିର୍ବାଚନୀ ଏଜେଣ୍ଡା। ଏସବୁ ଭିତରେ କିଛି ସମ୍ବେଦନଶୀଳ ପ୍ରସଙ୍ଗ ଯଥା ଘୃଣ୍ୟ ଭାଷଣ, ଇତିହାସର ରାଜନୀତିକରଣ ଓ ନେତାଙ୍କ ବିରୋଧରେ ଆପରାଧିକ ଅଭିଯୋଗ ଆଦି ନିର୍ବାଚନ ଓ ମତଦାନ ଆଚରଣକୁ ମଧ୍ୟ ପ୍ରଭାବିତ କରିବ ବୋଲି ଅନୁମାନ କରାଯାଉଛି।

ପ୍ରସଙ୍ଗ ବ୍ୟତୀତ ଭାରତୀୟ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଓ ସ୍ୱାଧୀନପ୍ରାର୍ଥୀଙ୍କ ସଂଖ୍ୟା ଅନେକାଂଶରେ ମତଦାନ ଆଚରଣକୁ ପ୍ରଭାବିତ କରିଥାଏ। ପରିସଂଖ୍ୟାନ ଅନୁଯାୟୀ, ୨୦୧୯ ନିର୍ବାଚନରେ ୫୪୨ଟି ଲୋକସଭା ଆସନ ପାଇଁ ୮ ହଜାରରୁ ଅଧିକ ପ୍ରାର୍ଥୀ ଥିଲେ। ମୋଟାମୋଟି ଭାବେ ପ୍ରାୟ ଗୋଟିଏ ଲୋକସଭା ପାଇଁ ଆସନ ୧୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେହିପରି ଓଡ଼ିଶାର ସମସ୍ତ ୧୪୭ ବିଧାନସଭା ଆସନ ପାଇଁ ୧୧୨୭ ଜଣ ନିର୍ବାଚନ ମଇଦାନରେ ଥିବା ଜଣାପଡ଼ିଛି। ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ୍ ପ୍ରତିଶତର ବିଶ୍ଳେଷଣ ଅନୁଯାୟୀ, ୨୦୧୯ ଲୋକସଭା ନିର୍ବାଚନରେ ଲଢୁଥିବା ସମସ୍ତ ସ୍ୱାଧୀନ ପ୍ରାର୍ଥୀ ସମୁଦାୟ ୧.୬ କୋଟି ଭୋଟ୍ ପାଇଥିଲେ। ମୋଟଉପରେ, ସେମାନଙ୍କ ଭୋଟ୍ ପ୍ରତିଶତ ଥିଲା ୨.୬୮% ଓ ଲୋକସଭାରେ ୪ଟି ଆସନ। ଭାରତର ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ସଂଖ୍ୟା ଅନେକ ଶକ୍ତିଶାଳୀ ଆଞ୍ଚଳିକ ଦଳଠାରୁ ଅଧିକ ଥିଲା। ୨୦୧୯ ଓଡ଼ିଶା ବିଧାନସଭା ନିର୍ବାଚନରେ ଜଣେ ମାତ୍ର ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ ଏବଂ ଲଢୁଥିବା ସମସ୍ତ ସ୍ୱାଧୀନ ପ୍ରାର୍ଥୀମାନେ ରାଜ୍ୟରେ ୬ ଲକ୍ଷରୁ ଅଧିକ ଭୋଟ ପାଇଥିଲେ।

ରାଜନୈତିକ ଅଂଶଗ୍ରହଣର ଏକ ଉପାଦାନ ହେଉଛି ମତଦାନ ଆଚରଣ। ମତଦାନ ପଦ୍ଧତିର ଦୁଇଟି ବିଶ୍ଳେଷଣ ଅଛି। ପ୍ରଥମ, ଲୋକମାନେ କାହିଁକି ଭୋଟ୍ ଦିଅନ୍ତି ଏବଂ ଦ୍ୱିତୀୟ, ସେମାନେ କାହାକୁ ଭୋଟଦେବେ ସେ ନିଷ୍ପତ୍ତି କିପରି ନିଅନ୍ତି। ଏହାର ଉତ୍ତର ଦେବା ପାଇଁ ମଧ୍ୟ ଦୁଇଟି ଚିନ୍ତାଧାରା ରହିଛି। ସମାଜବିଜ୍ଞାନୀମାନେ ସାମାଜିକ-ଅର୍ଥନୈତିକ ନିର୍ଦ୍ଧାରଣକୁ ସମର୍ଥନ କରନ୍ତି। ସେମାନଙ୍କ ମତରେ ମତଦାନ ଆଚରଣ ଏବଂ ଶ୍ରେଣୀ, ଜାତି, ବୃତ୍ତି ଏବଂ ବୟସ ସକାରାତ୍ମକ ଭାବରେ ସମ୍ପୃକ୍ତ। ଅନ୍ୟପଟେ ରାଜନୈତିକ କାର୍ଯ୍ୟକ୍ରମ, ପ୍ରଚାର ଅଭିଯାନ ଏବଂ ଲୋକପ୍ରିୟ ନେତୃତ୍ୱ ମତଦାନ ଆଚରଣକୁ ନିୟନ୍ତ୍ରଣ କରେ ବୋଲି ରାଜନୀତିବିଜ୍ଞାନୀମାନେ ବିଶ୍ୱାସ କରନ୍ତି। ଭାରତରେ ମତଦାନ ଆଚରଣ ହେଉଛି ଐତିହାସିକ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କାରଣର ଏକ ଜଟିଳ ସମ୍ପର୍କ। ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଗଭୀର ଭାବରେ ବୁଝିବାକୁ ହେଲେ ଏହି ଗତିଶୀଳତାକୁ ମଧ୍ୟ ବୁଝିବା ଜରୁରୀ। ମତଦାନ ଆଚରଣର ପରିବର୍ତ୍ତିତ ଧାରାରେ ଜାତି, ଅଞ୍ଚଳ ଓ ଧର୍ମ ଭଳି କାରଣ ମତଦାନ ପସନ୍ଦକୁ ନିୟନ୍ତ୍ରଣ କରୁ ନାହିଁ। ନାଗରିକମାନେ ଏବେ ଅଧିକ ସଚେତନ। ତେଣୁ ନିର୍ବାଚନ ଏବେ ପରିଚୟଭିତ୍ତିକ ନୁହେଁ, ବରଂ ପ୍ରସଙ୍ଗଭିତ୍ତିକ।

ଭାରତରେ ମତଦାନ ଆଚରଣ କାର୍ଯ୍ୟଦକ୍ଷତା ଏବଂ ଶାସନର ସୂକ୍ଷ୍ମ ମୂଲ୍ୟାଙ୍କନ ଉପରେ ପର୍ଯ୍ୟବସିତ। ଦେଶ ଯେତିକି ବଦଳିବାରେ ଲାଗିଛି, ଭୋଟରମାନେ ମଧ୍ୟ ସେତିକି ବଦଳୁଛନ୍ତି। ବ୍ୟକ୍ତିବିଶେଷ ଓ ସାମାଜିକ ଢାଞ୍ଚା ମଧ୍ୟରେ ସମ୍ପର୍କ ମତଦାନ ଆଚରଣକୁ ନିର୍ଦ୍ଧାରଣ କରେ। ଏହି ଢାଞ୍ଚାଗତ ଆଭିମୁଖ୍ୟ ଅନୁଯାୟୀ ଜନସାଧାରଣ ସାମାଜିକ ପ୍ରସଙ୍ଗ ପରିପ୍ରେକ୍ଷୀରେ ଭୋଟ୍ ଦିଅନ୍ତି ଏବଂ ନିଜ ମତଦାନର ପ୍ରଭାବରେ ସାମାଜିକ ପରିବର୍ତ୍ତନ ହେଉଛି ନା ନାହିଁ ଯାଞ୍ଚ ମଧ୍ୟ କରନ୍ତି। ଉଦାହରଣ ସ୍ୱରୂପ, ଭାରତରେ ରାଷ୍ଟ୍ରବାଦ, ଜାତିବାଦ, ଧର୍ମ, ଭାଷା ଓ ଗ୍ରାମୀଣ ସହରାଞ୍ଚଳ ବିଭେଦ ଇତ୍ୟାଦି ସାମାଜିକ ଢାଞ୍ଚା ମାଧ୍ୟମରେ ମତଦାନ ଆଚରଣକୁ ନିୟନ୍ତ୍ରିତ କରାଯାଏ। ମତଦାନ ନିଷ୍ପତ୍ତି ଭୋଟରଙ୍କ ମାନସିକ ପ୍ରବୃତ୍ତି ଦ୍ୱାରା ମଧ୍ୟ ପ୍ରଭାବିତ ହୋଇପାରେ। ନିର୍ବାଚନ ସମୟରେ ଭୋଟରଟିଏ ନିଜର ବିଦ୍ୟମାନ ବିଶ୍ୱାସ ଓ ସୂଚନାକୁ ସମର୍ଥନ କରିବା ପାଇଁ ସବୁବେଳେ ପ୍ରମାଣ ଖୋଜେ। ଏସବୁ ତଥ୍ୟ ସାମାଜିକ ଗଣମାଧ୍ୟମରେ ଏବେ ଉପଲବ୍ଧ। କିନ୍ତୁ ଅନେକ ସମୟରେ ଭୋଟରମାନେ ଏହାର ସତ୍ୟତା ଯାଞ୍ଚ ନକରି ଏହି ସୂଚନାକୁ ଗ୍ରହଣ କରିଥା'ନ୍ତି। ଏହାଦ୍ୱାରା ଜ୍ଞାନାତ୍ମକ ପକ୍ଷପାତିତାର ଭ୍ରମ ସୃଷ୍ଟି ହୁଏ। ଏହାସହ ଭାବନା, ସାମାଜିକ ପରିଚୟ, ବିଶ୍ୱାସ ଓ ଅବିଶ୍ୱାସ, ବିପଦ ଏବଂ ଅନିଶ୍ଚିତତା ଭଳି ଅନ୍ୟ ମାନସିକ ପ୍ରବୃତ୍ତି ଭୋଟରଙ୍କ ନିଷ୍ପତ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଭୋଟରମାନେ ପ୍ରାୟତଃ ଅନୁମାନିକ ଲାଭର ହିସାବ ଆଧାରରେ ନିଷ୍ପତ୍ତି ନେଇଥା'ନ୍ତି। ଏଥିରେ ବିଭିନ୍ନ କାରଣ ଅନ୍ତର୍ଭୁକ୍ତ ହୋଇପାରେ। ଯେପରିକି ସାମ୍ପ୍ରତିକ ନୀତି ପ୍ରସ୍ତାବ କିମ୍ବା ଦୀର୍ଘମିଆଦୀ ଅର୍ଥନୈତିକ ବିଚାର ସହ ଭୋଟର କିପରି ତାଳମେଳ ରଖିବ।

ମତଦାନ ଆଚରଣ, ଭୋଟର ଓ ନିର୍ବାଚନ ଆଧାରିତ 'ହ୍ୱାଏ ଇଣ୍ଡିଆ ଭୋଟ୍ସ' ମୁକୁଳିକା ବାନାର୍ଜୀଙ୍କ ଏକ ଚମତ୍କାର ପୁସ୍ତକ। ଦାରିଦ୍ର୍ୟ, ନିରକ୍ଷରତା ଏବଂ ସାମାଜିକ ବିବିଧତା ସତ୍ତ୍ୱେ ଭାରତୀୟ ଭୋଟର ଅଧିକ ମତଦାନ କରିଥା'ନ୍ତି। ବାନାର୍ଜୀଙ୍କ ମତରେ ଏହା ଏକ ରହସ୍ୟ। ଏହି ପୁସ୍ତକରେ ଭାରତୀୟ ନିର୍ବାଚନରେ ରୀତିନୀତି ଏବଂ ପ୍ରତୀକବାଦର ଭୂମିକା, ଯେପରିକି ନିର୍ବାଚନ ଚିହ୍ନର ବ୍ୟବହାର ଏବଂ ରାଜନୈତିକ ରାଲି ଏବଂ ଭାଷଣ ଉପରେ ମଧ୍ୟ ଆଲୋକପାତ କରାଯାଇଛି। ପୁସ୍ତକର ଅନ୍ୟତମ ପ୍ରମୁଖ ଯୁକ୍ତି ହେଉଛି ଭାରତରେ ମତଦାନ କେବଳ ବ୍ୟକ୍ତିଗତ ସ୍ୱାର୍ଥ ଉପରେ ଆଧାରିତ ଏକ ଯୁକ୍ତିଯୁକ୍ତ ପସନ୍ଦ ନୁହେଁ, ବରଂ ଏକ ଗଭୀର ସାମାଜିକ ଏବଂ ସାଂସ୍କୃତିକ ଅଭ୍ୟାସ। ଏହାର ରୀତିନୀତିଗୁଡ଼ିକ ବିଶେଷକରି ଗ୍ରାମୀଣ ଏବଂ ଅବହେଳିତ ସମ୍ପ୍ରଦାୟ ଭୋଟରଙ୍କ ମଧ୍ୟରେ ଅଂଶଗ୍ରହଣ ଏବଂ ସମ୍ପୃକ୍ତିର ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରେ। ବାନାର୍ଜୀ ମନ୍ତବ୍ୟ ଦେଇଛନ୍ତି ଯେ ମତଦାନକୁ ନାଗରିକ କର୍ତ୍ତବ୍ୟ, ସମାଜରେ ନିଜର ପରିଚୟ ଏବଂ ବ୍ୟକ୍ତିର ସମ୍ମାନକୁ ଦୃଢ଼ କରିବାର ଏକ ଉପାୟ ଭାବରେ ଦେଖାଯାଏ। ଏହି ଦୃଷ୍ଟିକୋଣ ଆଧାରରେ ବିଚାର କଲେ ଆମେ ଜାଣିପାରିବା ଯେ ଭାରତରେ ମତଦାନ ଏକ କଳା। ଏହା ପାରମ୍ପରିକ ପାଶ୍ଚାତ୍ୟ ଧାରଣା, ଯାହା ମୁଖ୍ୟତଃ ସ୍ୱାର୍ଥ କିମ୍ବା ଆଦର୍ଶ ଦ୍ୱାରା ପରିଚାଳିତ, ଠାରୁ ଭିନ୍ନ।

ମତଦାନ ଆଚରଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା ଯେ କିଛି ଭୋଟର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପ୍ରତି ବିଶ୍ୱସ୍ତ ଏବଂ ନିର୍ଦ୍ଦିଷ୍ଟ ନୀତି କିମ୍ବା ପ୍ରାର୍ଥୀ ନିର୍ବିଶେଷରେ ଦଳର ପ୍ରାର୍ଥୀଙ୍କୁ ଭୋଟ୍ ଦେବେ। ଦଳୀୟ ସମ୍ପୃକ୍ତି, ଦୀର୍ଘଦିନର ବିଶ୍ୱାସ, ପାରିବାରିକ ପରମ୍ପରା କିମ୍ବା ଅନୁମାନିକ ଦଳୀୟ ମୂଲ୍ୟବୋଧ ଉପରେ ଭୋଟ ଦେବାର ନିଷ୍ପତ୍ତି ଆଧାରିତ। ମତଦାନରେ ନିଷ୍ପତ୍ତି ଓ ନୀତିପୂର୍ଣ୍ଣ ଗଣତନ୍ତ୍ର ପାଇଁ ୧୯୩୭ ମସିହାରେ ମହାତ୍ମା ଗାନ୍ଧୀ 'ହରିଜନ' ପତ୍ରିକାରେ ସାଧାରଣ ଭୋଟର ଓ ମଧ୍ୟବିତ୍ତ ଭୋଟରଙ୍କୁ କିଛି ପରାମର୍ଶ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ମତରେ ସାଧାରଣ ଭୋଟର ସଶକ୍ତ ହେବାକୁ ହେଲେ ସେମାନଙ୍କୁ ସାମାଜିକ ସମନ୍ୱୟ, ଅସ୍ପୃଶ୍ୟତା କିମ୍ବା ଗାଁରେ ଜାତିଗତ ବିଷୟରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ପ୍ରଶ୍ନ କରିବା ଉଚିତ୍। ଏପରିକି ଏହି ପ୍ରସଙ୍ଗରେ ପ୍ରାର୍ଥୀଙ୍କ ଆଭିମୁଖ୍ୟ ଜାଣିବା ନିହାତି ଜରୁରୀ। ମଧ୍ୟବିତ୍ତ ଭୋଟରଙ୍କ ଉଦାସୀନତା ହେଉଛି ସାମାଜିକ ପରିବର୍ତ୍ତନ ପାଇଁ ଏକ ବାଧକ। ଗାନ୍ଧୀଙ୍କ ପରାମର୍ଶ ଅନୁଯାୟୀ ମଧ୍ୟବିତ୍ତ ଭୋଟର ସକ୍ରିୟ ହେବା ଜରୁରୀ। ପରିବେଶ ସୁରକ୍ଷା ଓ ଦାରିଦ୍ର୍ୟ ନିବାରଣକୁ ନିର୍ବାଚନ ପ୍ରସଙ୍ଗ ଓ ପ୍ରାର୍ଥୀଙ୍କୁ ପ୍ରଶ୍ନ ଭାବେ ବିବେଚନା କରିବା ଉଚିତ। ଗାନ୍ଧୀଙ୍କ ମନ୍ତବ୍ୟ ଅନୁଯାୟୀ ଭୋଟରଙ୍କ ସଚେତନତା ହେଉଛି ଏକ ଜନଜାଗରଣ। ସୁସ୍ଥ ଗଣତନ୍ତ୍ର ପାଇଁ ଏକ ଯୁକ୍ତିଯୁକ୍ତ ମତଦାନ ଆଚରଣ ଜରୁରୀ। ଏହା ସମାଜରେ ସଚେତନ ନିଷ୍ପତ୍ତି ଓ ନାଗରିକ ନିୟୋଜନକୁ ପ୍ରୋତ୍ସାହିତ କରିବା ସହ ଭୁଲ ସୂଚନା ପ୍ରସାରକୁ ନିୟନ୍ତ୍ରଣ ଥାଏ। ଯୁକ୍ତି ଓ ପ୍ରମାଣ ଆଧାରରେ ଭୋଟ୍ ଦେଇ ନାଗରିକମାନେ ଗଣତନ୍ତ୍ରକୁ ସୁଦୃଢ଼ ଓ ରାଜନେତାଙ୍କୁ ଉତ୍ତରଦାୟୀ କରିପାରିବେ। ପ୍ରତ୍ୟେକ ନିର୍ବାଚନରେ ଏହାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ।

# ଘରୁଆ ଘରର କଥା

ଅଲେଖ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର, ମୋ: ୯୪୩୮ ୬୭୩୮ ୯୮

ଏବେ ଗାଁର ଜୀବନଯାପନ ଶୈଳୀରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଗ୍ରାମ୍ୟ ଜୀବନରେ ସହରୀକରଣର ପ୍ରଭାବ ଯୋଗୁଁ ଗାଆଁ ଆଉ ଗାଆଁ ହୋଇ ରହିନି। ତା' ସହିତ ଗାଆଁ ଗଣ୍ଡାରେ ଥିବା ଘରର ରୂପରେଖ ବି ସମ୍ପୂର୍ଣ୍ଣ ବଦଳି ଗଲାଣି। ଏବେ ଘରେ ଘରେ ବିଜୁଳି, ପାଇପ୍ ପାଣି, ଟିଭି, ଫ୍ରିଜ୍, ଆଧୁନିକ ଆସବାବପତ୍ର, ବିଭିନ୍ନ ବୈଦ୍ୟୁତିକ ସରଞ୍ଜାମ ସହିତ ଯେତେ ନୂତନ ସାମଗ୍ରୀ ଉଦ୍ଭାବିତ ହେଉଛି ସବୁ ଦେଖିବାକୁ ମିଳୁଛି। ଏହାଛଡ଼ା ଦୋକାନ, ବଜାର, ହୋଟେଲ, ରେଷ୍ଟୁରାଣ୍ଟ, କଲ୍ୟାଣମଣ୍ଡପ, କ୍ଲବ୍, ପାର୍ଟି, ପିକନିକ୍ ଇତ୍ୟାଦିର ସମାହାର ଗାଁରେ ବଜାରର ଭ୍ରମ ସୃଷ୍ଟି କରୁଛି। ଗାଆଁ ହାଟରେ ଏବେ ଆଉ ଆଖପାଖ ଅଞ୍ଚଳରେ ମିଳୁଥିବା ଆବଶ୍ୟକୀୟ ପଦାର୍ଥ ଦେଖାଯାଉନି। ଗମନାଗମନର ସୁବିଧା ହେତୁ କାହିଁ କେଉଁ ଦୂର ରାଇଜର ଜିନିଷ ଗାଆଁରେ ପହଞ୍ଚି ଯାଉଛି। ବରା, ଗୁଲୁଗୁଲାର ସ୍ଥାନ ନେଉଛି ଚାଟ୍, ଚାଉମିନ୍, ଗୁପ୍ ଚୁପ୍, କୁର୍‌କୁରେ ଇତ୍ୟାଦି। ଆନ୍ଧ୍ର ମାଛ ଓ ଅଣ୍ଡା, ବଉଦର ଛେଳିମେଣ୍ଢା ମାଂସ, କର୍ଣ୍ଣାଟକର ଟମାଟୋ ଓ କଖାରୁ, କଲିକତି ପୋଟଳ, ନୈନିତାଲ ଆଳୁ, ଓଲି ପିଆଜ, ପ୍ୟାକେଟ୍ କ୍ଷୀର, ପ୍ୟାକେଟ୍ ଚୂଡ଼ା ଓ ମୁଢ଼ି, ନାଗପୁର କମଳା, ଆହ୍ଲାବାଦ ପିଜୁଳି, ସିମଳା ଲଙ୍କା, କୋରାପୁଟ ଅଦା ଓ ରସୁଣ, ଫୁଲବାଣୀ କିମ୍ବା ରାଞ୍ଚିର କୋବି ଭଳି ସବୁ ଚାଲାଣ ଜିନିଷ ହାଟରେ ଭରପୂର। ଏସବୁର ସମ୍ମିଳିତ ପ୍ରଭାବରେ ଗାଆଁ ଲୋକଙ୍କର ସ୍ୱଭାବ ଚରିତ୍ର ବି ବଦଳି ଗଲାଣି ଏବଂ ତା' ସହିତ ଉଭେଇ ଗଲାଣି ପାରମ୍ପରିକ 'ଘରୁଆ ଘର'।

ଆଗେ 'ଘରୁଆ ଘର' କହିଲେ ଏକ ସ୍ୱୟଂସମ୍ପୂର୍ଣ୍ଣ ଖଞ୍ଜା ବା ଦିଖଞ୍ଜିଆ ଘରକୁ ବୁଝାଉ ଥିଲା, ଯେଉଁଠି ପ୍ରାୟ ସମସ୍ତ ଦରକାରୀ ଜିନିଷ ରହୁଥିଲା। ସେଭଳି ଘରର ଲୋକେ ପର ଉପରେ ନିର୍ଭର କରନ୍ତିନି। ଅମାରରେ ଧାନ, ଘୁମରେ ବା ବସ୍ତାରେ ଚାଉଳ, ଓଳିଆରେ ମୁଗ, ବିରି, କୋଳଥ, ମାଣ୍ଡିଆ, ଯଅ (ଯବ), ସୋରିଷ ଇତ୍ୟାଦି ରବି ଫସଲ ସାଇତା ହୋଇ ରହେ। ଡବାରେ ଚୁଡ଼ା, ମୁଢ଼ି, ହୁଡୁମ, ଖଇ, ଛତୁଆ, ଉଖୁଡା ଭର୍ତ୍ତି ହୋଇଥାଏ। ବଣାରେ ଗୁଡ଼, ଅଢ଼ାରେ ଗୋଡ଼ା ଲୁଣ, ଶିଳରେ ବେସର, ହଳଦୀ କାଠୁଆରେ ବଟା ହଳଦୀ, ତେଲ ଘଡ଼ିରେ ତେଲ ଓ ପଳା ପ୍ରାୟ ସବୁ ଘରେ ଥାଏ। ଫରୁଆରେ ସିନ୍ଦୂର, କଳାପାତିରେ କଜଳ, ବଟୁଆରେ ପାନ ଓ ଚୂନ ରଖିବା ପାଇଁ ଚୂନଖାଇ, ଗୁଆକାତି, ଖଇର ଓ ଗୁଣ୍ଡି ରଖିବା ପାଇଁ ମୁଣିଠାରୁ ପାନ କୁଟା, ଚାଖୁ, ଦାନ୍ତଖୁଣ୍ଟା, ପଇସା ରଖିବା ପାଇଁ ମୁଣି ବା କରାଟ ଯାଏ ଅନେକ ଜରୁରୀ ଛୋଟକାଟିଆ ଜିନିଷ ରହେ। ପାନ ଡାଲାରେ ପାନଭଙ୍ଗା ହେବା ପାଇଁ ସବୁଜିନିଷ ଏକାଠି ରଖା ଯାଇଥାଏ। ଧାନ, ଚାଉଳ, ରବିଶସ୍ୟ ଆଦି ମାପିବା ପାଇଁ ମାଣ, ଗୌଣି, ନୌତି, ବେତୁଲି, ବିଶାକାଠି ଆଦି ବ୍ୟବହାର କରାଯାଏ। କୋଥଳିରେ ତିଳକ, ମାଳି ଓ ଛୋଟ ଚନ୍ଦନ ପେଡ଼ିଟିଏ ରହେ। ଧାନାଉଁସା ହାଣ୍ଡି, କଡ଼େଇ, ନନ୍ଦିଆ, କୁଣ୍ଡ, ଗୋରୁହାଣ୍ଡି ଛଡ଼ା ପିଇବା ପାଣି ରଖିବା ପାଇଁ ଗରା, ମାଠିଆ, ଡାଲ, ଗଡ଼ୁ ଇତ୍ୟାଦି ନିତି ମଜାମଜି ହୋଇ ରହେ। ସଂଘାରେ ଛନ୍ଦା ନଡ଼ିଆ, ଶୁଖିଲା ଗଛ ଓ ଚେର ଲାଗିଥିବା ପିଆଜ ଓ ଆଚାର ଘଡ଼ି ଏବଂ ଶିକାରେ ଦୁଧ, ଦହି, ଛେନା ଓ ଘିଅ ଠେକି ମହଜୁତ୍ ଥାଏ।

ଗୁହାଳରେ ଗାଇ, ଦାଣ୍ଡରେ ଘାଗୁଡ଼ିବନ୍ଧା ବଡ଼ ବଡ଼ ବଳଦ, ଗୁହାଳ ପିଣ୍ଡାରେ ଟଙ୍ଗା ହୋଇଥିବା ଯୁଆଳି, ଲଙ୍ଗଳକଣ୍ଟି, ମହି, ତୁଣ୍ଡି, ଯୋତ, ଖାନ୍ ଦାନି ଘରର ପରିଚୟ ଦିଏ। ବଗିଚାରେ ଜାଳ, ଆମ୍ବ, ପଣସ, ସପୁରୀ, ଆତ, ତମାଳ, ନଡ଼ିଆ, କଦଳୀ, ଜାମୁକୋଳ, ବରକୋଳି ଆଦି ଫଳ ଗଛ ସହିତ ଡିହରେ କମଳା, ପିଜୁଳି, ବାତାପି ଆଦି ଗଛ ଥାଏ। ଗାଡ଼ିଆରେ ମାଛ, ବାଡ଼ିରେ ପନିପରିବା ଯଥା, କଞ୍ଚା ଲଙ୍କା, ଅଦା, ଖମ୍ବଆଳୁ, ବାଇଗଣ, ଭେଣ୍ଡି, ସାରୁ, ଓଲୁଅ, ଭାଡ଼ି ରଞ୍ଜାରେ ମାଡ଼ିଥିବା କଖାରୁ, ଜହ୍ନି, କାକୁଡ଼ି, କଲରା, ଝୁଡୁଙ୍ଗ, ଲାଉ, ଛଚିନ୍ଦ୍ରା, ପୋଇ ଏବଂ ପିଢ଼ାରେ ମାଡ଼ିଥିବା ବୋଇତିକଖାରୁ, ପାଣିକଖାରୁ ଇତ୍ୟାଦି ଥିବାରୁ ବର୍ଷସାରା ପରିବା କିଣିବାକୁ ପଡ଼େନା କି ତରକାରୀ ପାଇଁ ଚିନ୍ତା ନ ଥାଏ। ଡିହରେ ବା ଗାଡ଼ିଆ କୂଳରେ ଥିବା ଟଗର, ମନ୍ଦାର, ମଲ୍ଲି, ଚମ୍ପା, କନିଅର ଆଦି ନାନାଜାତିର ଫୁଲ ନିତିଦିନ ପୂଜାରେ ଲାଗେ। ପୋଖରୀରେ ପଦ୍ମ, କଇଁ ସୋଲ। ଲିପା ଟୋକେଇରେ କିମ୍ବା ବେତୁଲିରେ ଯଅ, ଧନିଆ, ଖସା, ଗହମ, ସୋରିଷ କାମରେ ଲାଗିବା ପାଇଁ ରଖା ହୋଇଥାଏ। ପୋଖରୀ ହୁଡ଼ାରେ ବାଇଗବା ଗଛ ଲଗା ଯାଇଥାଏ, ଯାହା ଦାନ୍ତ ଘଷିବା ପାଇଁ ଦରକାର ହୁଏ।

ପେଟରାରେ ଶାଢ଼ି, ସିନ୍ଦୁକରେ ମୂଲ୍ୟବାନ ପଦାର୍ଥ, କାଠ ଆଲମିରାରେ ପୋଷାକପତ୍ର, ଅଲୁଗୁଣିରେ ପିନ୍ଧାଲୁଗା, ବାକ୍ସରେ ବହିପତ୍ର, ପେଡ଼ିରେ ସୌଖିନ ସାମଗ୍ରୀ ଓ ଅଳଙ୍କାର ଇତ୍ୟାଦି ଖୁବ୍ ଯତ୍ନରେ ରଖା ଯାଇଥାଏ। ଘର ସମ୍ମୁଖରେ ପକ୍କା ପିଣ୍ଡି ଉପରେ ତୁଳସୀ ଚଉରା, ପଛରେ ମେରିଖୁଣ୍ଟ ପୋତା ହୋଇଥିବା ଖଳା, ଖଞ୍ଜା ମଝିରେ ଅଗଣା, ଅଗଣାରେ ମାଟି ଚୂଲି, ହାଣ୍ଡିଶାଳରେ ପଖାଳ, ଦୁଧ ଘଡ଼ିରେ ଦୁଧ, କୋରୁଅ, ଦହି କିମ୍ବା ଛେନା ସବୁବେଳେ ଥାଏ। ଲଘାରେ ଢିଙ୍କିଶାଳ, ମେଲାରେ ଚଉକି, ଆଟୁ(ମାଣ୍ଟୁ)ରେ ଆଳିମାଳିକା, ଲଂଘାର ଗୋଟିଏ କୋଣକୁ ଥୁଆ ହୋଇଥାଏ ଦାଆ, କଟୁରୀ, କୁରାଢ଼ି, କୋଡ଼ି, କାଙ୍କ, ଫାଉଡ଼ା ଆଦି ଯନ୍ତ୍ରପାତି। ବାହାରେ ଛାତକୁ ଲାଗି ଡେରା ହୋଇଥାଏ ଲଗି ଓ କାଟେଣି। ବାଡ଼ିରେ କୂଅ (କୂପୋଦକ ଗ୍ରୀଷ୍ମ ଋତୁରେ ଥଣ୍ଡା, ଶୀତ ଋତୁରେ ଉଷୁମ)।



ଆଗେ ଲୋକମାନଙ୍କର ଖାଦ୍ୟ ବି ସେହିପରି ଉପାଦେୟ ଓ ସ୍ୱାସ୍ଥ୍ୟ ଉପଯୋଗୀ ଥିଲା। ସକାଳୁ ଅଧ ଶେର ଭଳି ଚୂଡ଼ା ଗୁଡ଼ କିମ୍ବା କଂସାଏ ପଖାଳ ଖାଇ ଦେଇଥିଲେ ଦି ପହର ଯାଏ ଭୋକ ନ ଥାଏ। ପଖାଳ ସହିତ ବଡ଼ିଚୁରା, ଶୁଖୁଆ ବା ଆଳୁ ପୋଡ଼ା, ଆମ୍ବୁଲ ଚକଟା, ଚୁନା ମାଛ ବେସର, ଯାହା ଯେତେବେଳେ ମିଳେ ଖୁସି। ମଧ୍ୟାହ୍ନ ଭୋଜନରେ ଅଧା କାଣ୍ଡିଆ ଉଷୁନା ଚାଉଳର ଭାତ, କଂସାଏ ମୁଗ ବା ବିରି ଡାଲି, ବାଡିରେ ମିଳୁଥିବା ପରିବା, ଗାଡ଼ିଆରୁ ଧରା ହୋଇଥିବା ବା ବିଲରୁ ଆସିଥିବା ମାଛ ବା ଆଳୁ କିଆରିର ନାଲି ପାଟେଣି ଆଳୁ ହିଁ ମୁଖ୍ୟ ଖାଦ୍ୟ। ତେଲ ମସଲା ପ୍ରାୟ ନ ଥାଏ। ଅନେକ ସମୟରେ ଭାତ ସାଙ୍ଗରେ ଦୁଧ କିମ୍ବା ଦହିରେ କାମ ଚଳିଯାଏ। ରାତିରେ ଭାତ, ଡାଲମା ତରକାରି କିମ୍ବା ପିଠା। ବିଭିନ୍ନ କିସମର ପିଠା ହିଁ ଥିଲା ଗ୍ରାମୀଣ ଖାଦ୍ୟାଭ୍ୟାସର ମୁଖ୍ୟ ଆକର୍ଷଣ। ପିଠା ଭାତଠାରୁ ଅଧିକ ପୁଷ୍ଟିକର(ଅନ୍ନାତ୍ ଦଶ ଗୁଣମ୍ ପିଷ୍ଟଂ)। ବିଭିନ୍ନ ପର୍ବପର୍ବାଣିରେ ନାନା ଜାତିର ପିଠା ତିଆରି କରାଯାଏ।

ଘରୁଆ ପରିବାରର ସହଯୋଗରେ ଅନ୍ୟ ସାଧାରଣ ପରିବାରର ଚଳଣି ବି ପ୍ରାୟ ଏକା ପ୍ରକାରର ଥିଲା। ଆଗେ ଘରେ ଚାକର, ମୂଲିଆ, ହଳିଆ, ବାରମାସିଆ, ବୋଲକରା, ପୋଇଲି, ପରିବାରୀ, କାମବାଲୀ, ଧାନକୁଟୀ ଇତ୍ୟାଦି ରଖିବା ପାଇଁ ଯେଉଁ ପଦ୍ଧତି ଅବଲମ୍ବନ କରା ଯାଉଥିଲା ତା'ର ବି ବିଶେଷତ୍ୱ ଥିଲା। ସେ ଭଳି ଲୋକଙ୍କୁ ରଖିବା ପୂର୍ବରୁ ତାଙ୍କ ପାଖରେ ସେରେ ସରିକି ଚୂଡ଼ା, ପାଏ ଗୁଡ଼, ମୁଠାଏ ଲୁଣ, ଚାରି ଫଡ଼ା ତିନ୍ତୁଳି, ପୁଞ୍ଜାଏ କଞ୍ଚା ଲଙ୍କା ଏବଂ ଡାଳେ ପାଣି ଥୋଇଦେଇ ଖାଇବାକୁ କୁହା ଯାଉଥିଲା। ଯଦି ସେ ସବୁତକ ଖାଇ ଦେଉଥିଲେ ତେବେ ତାଙ୍କୁ ରଖା ଯାଉଥିଲା। କାରଣ ବିଶ୍ୱାସ ଥିଲା 'ଖାଇ ମରଦ, ନ ଖାଇ ମରଦ'। ଯିଏ ସେତିକି ଖାଦ୍ୟ ଖାଇ ପାରିବନି ସେ କି କାମ କରିବ!

ସମ୍ପ୍ରତି ଗ୍ରାମ୍ୟ ଜୀବନରେ ଘଟୁଥିବା ରୂପାନ୍ତରଣକୁ ଦେଖିଲେ ଯେ କେହି ଅନୁଭବ କରିବ ଯେ ବେଗ ହିଁ ଉନ୍ନତିର ଲକ୍ଷଣ। କିନ୍ତୁ ଟିକେ ସୂକ୍ଷ୍ମଦୃଷ୍ଟିରେ ଦେଖିଲେ ଜଣାପଡ଼େ ଏ ସବୁ ବାହାରକୁ ସୁନ୍ଦର ଦିଶୁଥିଲେ ବି ମଣିଷକୁ ସମ୍ପୂର୍ଣ୍ଣ ପରମୁଖାପେକ୍ଷୀ ଓ ଅଳସୁଆ କରି ଦେଉଛି। ଏବେ ଲୋକେ ସବୁକଥାରେ ଅନ୍ୟ ଉପରେ ନିର୍ଭର କରୁଛନ୍ତି। ଆଗ କାଳର ଗୋଟିଏ ସାଧାରଣ ଘରର ପରିବେଶରେ ଜନ୍ମିତ ଓ ବର୍ଦ୍ଧିତ ମଣିଷ ସହିତ ଏବେକାର ମଣିଷକୁ ତୁଳନା କଲେ ହତାଶ ହେବାକୁ ପଡ଼େ। ପିଢ଼ିରୁ ପିଢ଼ି ଲୋକଙ୍କର ଶରୀରର ଆକୃତି କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇ ଚାଲିଛି। ଶାରୀରିକ ଶକ୍ତି କମି କମି ଯାଉଛି, ରୋଗ ପ୍ରତିରୋଧକ ଶକ୍ତି ଅଭାବରେ ନାନା ପ୍ରକାରର ଅଜଣା ରୋଗ ସୃଷ୍ଟି ହେଉଛି ଇତ୍ୟାଦି ଇତ୍ୟାଦି। ଏହା ଯେ ଏକ ଅପ୍ରିୟ ସତ୍ୟ, ତା'ର ସଂକେତ ପ୍ରାୟ ଦୁଇଶହ ବର୍ଷ ତଳୁ ଦେଇ ଯାଇଛନ୍ତି ପ୍ରଖ୍ୟାତ ଋଷ୍ ଦାର୍ଶନିକ କାଉଣ୍ଟ ଲିଓ ଟଲ୍‌ଷ୍ଟୟ। ତାଙ୍କ ଲିଖିତ କ୍ଷୁଦ୍ରଗଳ୍ପ 'କୁକୁଡ଼ା ଅଣ୍ଡା ଭଳି ଶସ୍ୟଟିଏ' ଟିକେ ମନେ ପକାନ୍ତୁ ତ!

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଘରୋଇ ବିଦ୍ୟାଳୟରେ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ସିଟ୍ ଉପଲବ୍ଧ ମାମଲା

# ସ୍ୱତନ୍ତ୍ର ନୀତି ପ୍ରସ୍ତୁତ ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

**ହାଜର ହେଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ**

**କଟକ, ୯ ।୪ (ସମିସ):** ରାଜ୍ୟର ଘରୋଇ ତଥା ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଆଇନ ଅନୁସାରେ ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ମାଗାଣା ଶିକ୍ଷା ପାଇଁ ୨୫ ପ୍ରତିଶତ ସିଟ ଉପଲବ୍ଧ କରାଯାଉ ନଥିବା ତଥା ଗତବର୍ଷ ତୁଳନାରେ ସିଟ ସଂଖ୍ୟା କମ ଦର୍ଶାଯିବାକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବିଶେଷକରି ପଞ୍ଜୀକରଣ ପ୍ରମାଣପତ୍ର (ସିଓଆର) ପାଇଥିବା ନୂତନ ବିଦ୍ୟାଳୟ ଓ ପାରଦର୍ଶୀ ପୋର୍ଟାଲରେ ରେଜିଷ୍ଟ୍ରିଭୁକ୍ତ ବିଦ୍ୟାଳୟ ସଂଖ୍ୟାରେ ରହୁଥିବା ଦ୍ୱନ୍ଦ୍ୱ ଦୂର ସହ ନାମଲେଖା ସମସ୍ୟା ସୁଧାରିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ଅଭିଭାବକ ସଂଘର ବାସୁଦେବ ଭଟ୍ଟଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ତଥା ଆରଟିଇ(ରାଇଟ ଟୁ ଏଜୁକେସନ)ର ନୋଡାଲ ଅଧିକାରୀ ଜ୍ୟୋତିରଞ୍ଜନ ମିଶ୍ର ଆଜି ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପ୍ରଥମ ପର୍ଯ୍ୟାୟ ନାମଲେଖା ବା ରେଜିଷ୍ଟ୍ରେସନ ପ୍ରକ୍ରିୟାରେ ୧୭ ହଜାର ସିଟ ପୂରଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବି ଅନୁରୂପ ସିଟ ପୂରଣ ହେବ। ଏହାପରେ ତୃତୀୟ ପର୍ଯ୍ୟାୟରେ ନାମଲେଖା ରେଜିଷ୍ଟ୍ରେସନ ପ୍ରକ୍ରିୟା ମେ ମାସ ସୁଦ୍ଧା କରାଯିବ ବୋଲି ହାଇକୋର୍ଟଙ୍କୁ ଶ୍ରୀ ମିଶ୍ର ଅବଗତ କରିଥିଲେ।

ମାମଲାରୁ ପ୍ରକାଶ ଯେ ଶିକ୍ଷା ଅଧିକାର ଆଇନର ଧାରା ୧୨(୧)(ସି) ଅନୁସାରେ ଆର୍ଥିକ ଦୁର୍ବଳ ଓ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ଘରୋଇ ବିଦ୍ୟାଳୟର ୨୫ପ୍ରତିଶତ ସିଟରେ ମାଗଣାରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ଏଥିପାଇଁ ଆବେଦନ କରିବାକୁ ଉଦ୍ଦିଷ୍ଟ ପାରଦର୍ଶୀ ପୋର୍ଟାଲରେ ଉପରୋକ୍ତ ବର୍ଗର ବହୁ ଛାତ୍ରଛାତ୍ରୀ ଆବେଦନରୁ ବଞ୍ଚିତ ହୋଇଥିଲେ। ତିନି ପର୍ଯ୍ୟାୟ ନାମଲେଖା ବଦଳରେ ଏଥର ଦୁଇ ପର୍ଯ୍ୟାୟ କରାଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହି କି ଯେ ଏହି ପୋର୍ଟାଲରେ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ଶେଷ ପରେ ପରେ ବହୁ ସ୍କୁଲ ଖୋଲିଥିଲା। ଏପରିକି ଗତବର୍ଷ ୪୪୪୨ସ୍କୁଲରେ ୬୦ହଜାର ସିଟ ଉପଲବ୍ଧ ଥିବା ଦର୍ଶାଯାଇଥିବା ବେଳେ ଏଥର ୩୩୩୧ଟି ସ୍କୁଲରେ ୩୪ହଜାର ସିଟ ଏହି ପୋର୍ଟାଲରେ ପ୍ରଦର୍ଶିତ ହୋଇଥିଲା। ଘରୋଇ ବିଦ୍ୟାଳୟଗୁଡ଼ିକ ସେମାନଙ୍କ ବହୁ ସିଟ୍ ତଥ୍ୟ ଉଦ୍ଦେଶ୍ୟମୂଳକ ଭାବେ ଲୁଚାଇଥିବା ଆବେଦନକାରୀ ଅଭିଯୋଗ କରିଥିଲେ। ଏଣୁ ତୃତୀୟ ପର୍ଯ୍ୟାୟରେ ନାମଲେଖା ତାରିଖ ସ୍ଥିର ସହ ନୂତନ ବିଦ୍ୟାଳୟର ସିଟଗୁଡିକ ମଧ୍ୟ ପୋର୍ଟାଲରେ ଉପଲବ୍ଧ କରାଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ୧୬ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଦିଶା ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

ଜାଲରେ ପଡ଼ିଲା ୧୭ ତେଲିଆ ବୋରୋହି ମାଛ

# ୧୮ ଲକ୍ଷରେ ମନ ମାନିଲାନି, ଦୀଘା ଗଲେ ମାଲିକ



**ପାରାଦୀପ, ୯ ।୪ (ସମିସ):** ପାରାଦୀପ ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଛି ୧୭ଟି ବିରଳ ତେଲିଆ ବୋରେହି ମାଛ। ପାରାଦୀପ ନେହେରୁବଙ୍ଗଳା ମାଛଧରା ବନ୍ଦରରେ ଏହି ବିରଳ ମାଛକୁ ନେବା ଲାଗି ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଜଣେ ବ୍ୟବସାୟୀ ମାଛ କେଜି ପିଛା ସର୍ବାଧିକ ୬୪୦୦ ଟଙ୍କାରେ ନେବା ପାଇଁ ରାଜି ହୋଇଥିଲେ। ସେହି ଅନୁସାରେ, ୧୭ଟି ମାଛର ଦାମ ୧୮ ଲକ୍ଷ ଟଙ୍କା ହେଉଥିଲା। କିନ୍ତୁ ଏଥିରେ ବୋଟ୍ ମାଲିକଙ୍କ ମନ ମାନିନଥିଲା। ଜାଲରେ ପଡ଼ିଥିବା ମାଛଗୁଡ଼ିକ ଅଣ୍ଡିରା ପ୍ରଜାତିର ତେଲିଆ ବୋରେହି ହୋଇଥିବାରୁ ଏହାର ମୂଲ୍ୟ ବାହାର ବଜାରରେ କେଜି ପିଛା ୯ରୁ ୧୦ ହଜାର ଟଙ୍କାରେ ବିକ୍ରି ହେବ ବୋଲି ଆକଳନ କରି ଉଭୟ ବୋଟ୍‌ର ମାଲିକ ମାଛ ନେଇ କୋଲକାତାର ଦୀଘା ନେଇଛନ୍ତି। ସୂଚନାଯୋଗ୍ୟ, ଏହି ମାଛର ଅନ୍ତ ଓ ପୁଟ୍ଟିକୁ ମେଡିସିନ୍ ପାଇଁ ବ୍ୟବହାର କରାଯାଇଥାଏ ଏବଂ ବିଦେଶରେ ଏହି ମାଛ ପୁଟ୍ଟିର ଚାହିଦା ଢେର୍ ଅଧିକ। ଦୀଘା ବଜାରରେ ଏହି ୧୭ଟି ମାଛର ମୂଲ୍ୟ ପାଖାପାଖି ୨୮ ରୁ ୩୦ ଲକ୍ଷ ହେବ ବୋଲି ଆକଳନ କରାଯାଉଛି।

# ଦିଅରର ଶାବଳ ମାଡ଼ରେ ଭାଉଜ ମୃତ

ଟାଙ୍ଗୀ, ୯ ।୪(ସମିସ): ପାରିବାରିକ କଳହର କରୁଣ ପରିଣତି। ଦିଅରର ଶାବଳ ମାଡ଼ରେ ଭାଉଜ ପ୍ରାଣ ହରାଇଥିବା ବେଳେ ଝିଆରୀ ଆହତ ହେବା ଭଳି ଘଟଣା ଟାଙ୍ଗୀ ଥାନା ନପଙ୍ଗ ଅଞ୍ଚଳରେ ମଙ୍ଗଳବାର ଆଲୋଡ଼ନ ସୃଷ୍ଟି କରିଛି। ଟାଙ୍ଗୀ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଦିଅରକୁ ଗିରଫ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ନପଙ୍ଗ ଦଳିତ ବସ୍ତିର ଦୁଇ ଭାଇ ମହେଶ୍ୱର ଭୋଇ ଓ ଜୟରାମ ଭୋଇଙ୍କ ମଧ୍ୟରେ ଗତ କିଛିଦିନ ହେଲା କୌଣସି କାରଣରୁ ବିବାଦ ଦେଖାଦେଇଥିଲା। ଉକ୍ତ କଳହ ସୋମବାର ଉଗ୍ରରୂପ ନେଇଥିଲା। ଜୟରାମ ଏକ ଲୁହା ଶାବଳରେ ଭାଉଜ ମୀନାରାଣୀଙ୍କ ମୁଣ୍ଡକୁ ପିଟି ଦେଇଥିଲା। ଗୁରୁତର ମୀନାଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ଲୋକେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ଜୟରାମଙ୍କ ମାଡ଼ରେ ୧୫ବର୍ଷୀୟା ଝିଆରୀର ହାତ ମଧ୍ୟ ଭାଙ୍ଗି ଯାଇଛି। ମହେଶ୍ୱରଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ

# ବହୁ ବିସ୍ଫୋରକ, ଗୋଳାବାରୁଦ ଜବତ

**ଭୁବନେଶ୍ୱର/ବରଗଡ଼, ୯ ।୪(ସମିସ):** ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟରେ ସକ୍ରିୟ ହୋଇଛନ୍ତି ମାଓବାଦୀ। ଗତକାଲି ବିଳମ୍ବିତ ରାତିରେ ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀଙ୍କ ସହ ସୁରକ୍ଷା କର୍ମୀଙ୍କ ଗୁଳିବିନିମୟ ହୋଇଛି। ସୁରକ୍ଷା କର୍ମୀଙ୍କ ପାଲଟା ଆକ୍ରମଣରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି। ମାଓ କ୍ୟାମ୍ପରୁ ବିପୁଳ ବିସ୍ଫୋରକ ଓ ଗୋଳାବାରୁଦ ଜବତ କରାଯାଇଛି।

ଗତକାଲି ବିଳମ୍ବିତ ରାତିରେ ସୁରକ୍ଷାକର୍ମୀମାନେ ଗନ୍ଧମାର୍ଦ୍ଦନ ପାହାଡ଼ରେ ସର୍ଚ୍ଚ ଅପରେସନ ଚଳାଇଥିଲେ। ଏହି ସମୟରେ ହଠାତ୍ ଅପର ପାର୍ଶ୍ୱରୁ ଆଖିବୁଜା ଫାୟାରିଂ ହେବା ଆରମ୍ଭ ହୋଇଥିଲା। ଏହାର ପାଲଟା ଜବାବରେ ସୁରକ୍ଷା କର୍ମୀମାନେ ବି ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ହେବା ପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏଥିରେ କେହି ମୃତାହତ ହୋଇଥିବାର ସୂଚନା ମିଳିନି। ସୁରକ୍ଷା କର୍ମୀମାନେ ଗନ୍ଧମାର୍ଦ୍ଦନ ପାହାଡ଼ରେ ଥିବା ବହୁ ନକ୍ସଲ କ୍ୟାମ୍ପକୁ ଧ୍ୱଂସ କରିଥିବା ବେଳେ ସର୍ଚ୍ଚ ଅପରେସନ ବେଳେ ବହୁ ବିସ୍ଫୋରକ ସାମଗ୍ରୀ, ଗୋଳା ବାରୁଦ ଆଦି ଜବତ କରିଛନ୍ତି। ଏହି ମାଓବାଦୀମାନେ ଛତିଶଗଡ଼ର ବୋଲି ସୂଚନା ମିଳିଛି। ଖବର ପାଇ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦେଶର ବିଭିନ୍ନ ମାଓପ୍ରବଣ ରାଜ୍ୟରେ ଏହି ଅପରେସନ ଚାଲିଥିବା ବେଳେ ବିଶେଷ କରି ଓଡ଼ିଶା ଛତିଶଗଡ଼ ସୀମାରେ ସବୁଠୁ ଅଧିକ ଏନକାଉଣ୍ଟର ହୋଇଛି। ୩ ମାସରେ ୫୦ ମାଓବାଦୀଙ୍କୁ ନିପାତ କରିଛନ୍ତି ପୁଲିସ ଓ ଜବାନ। ଯାହାକୁ ବିରୋଧ କରି ବନ୍ଦ ଡାକରା ଦେଇଛି ମାଓବାଦୀଙ୍କ ରିଜିଓନାଲ ବ୍ୟୁରୋ।

## ଅବଶିଷ୍ଟାଂଶ...

### ଏବର୍ଷ ଓଡ଼ିଶାରେ...

ଦରଦାମ ବୃଦ୍ଧି ଘଟିଥାଏ। ଦେଶର ଅର୍ଥ ବ୍ୟବସ୍ଥାରେ କୃଷି କ୍ଷେତ୍ରର ଅବଦାନ ପ୍ରାୟ ୨୦%। ଅନୁରୂପ ଭାବରେ ଦେଶର ଅର୍ଦ୍ଧାଧିକ ଲୋକ ଜୀବିକା ନିମନ୍ତେ କୃଷି ଉପରେ ନିର୍ଭର କରିଥାଆନ୍ତି। ତେଣୁ ଓଡ଼ିଶାରେ କମ୍ ବର୍ଷା ଆଶଙ୍କା କୃଷି କ୍ଷେତ୍ର ଉପରେ ନକରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ରହିଥିବା କୁହାଯାଉଛି।

### ବିଶ୍ୱ ପାଇଁ ଓଡ଼ିଶା...

ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକ୍ରମେ ସବୁ ଲୋକଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣ ସୁନିଶ୍ଚିତ ହୋଇପାରିଛି। ସେହିପରି 'ଆହାର' ଯୋଜନାରେ ମାତ୍ର ୫ ଟଙ୍କାରେ ଗରିବ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଣ ଆଉ ଏକ ଲୋକାଭିମୁଖୀ ପଦକ୍ଷେପ ବୋଲି ଶ୍ରୀ ଶାର୍ପ କହିଛନ୍ତି।

ପାରମ୍ପରିକ ମିଲେଟ୍ ଖାଦ୍ୟକୁ ଲୋକପ୍ରିୟ କରାଇବା ଲାଗି ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଅନନ୍ୟ ବୋଲି ଉଲ୍ଲେଖ କରି ଶ୍ରୀ ଶାର୍ପ ଏହାର ପ୍ରଶଂସା କରିଛନ୍ତି। ଏହି ପଦକ୍ଷେପ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରଶଂସା ଅର୍ଜନ କରିଛି। ଓଡ଼ିଶାର ମିଲେଟ୍ ମିଶନ୍ ଏହାର ଅଭିନବ ଏବଂ ଅନ୍ତର୍ଭୁକ୍ତିକରଣ ଆଭିମୁଖ୍ୟ ପାଇଁ ବିଶ୍ୱସ୍ତରରେ ସୁନାମ ଆଣିପାରିଛି। ସେଥିପାଇଁ ଓଡ଼ିଶାର ଖାଦ୍ୟ ସୁରକ୍ଷା ସମ୍ପର୍କରେ ଅଧିକ ସୂଚନା ପ୍ରଦାନ ପାଇଁ ୨୦୨୨ରେ ନବୀନ ପଟ୍ଟନାୟକଙ୍କୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଫ୍‌ପି)ର ମୁଖ୍ୟାଳୟକୁ ନିମନ୍ତ୍ରଣ କରାଯାଇ ଥିଲା ବୋଲି ଶ୍ରୀ ଶାର୍ପ କହିଛନ୍ତି।

ଅନୁରୂପ ଭାବରେ ଶ୍ରୀ ଶାର୍ପ ରାଜ୍ୟରେ ପ୍ରଚଳିତ '୫-ଟି' ଉପକ୍ରମକୁ ମଧ୍ୟ ପ୍ରଶଂସା କରିଛନ୍ତି। ୨୦୧୯ ମସିହାରୁ ପାରଦର୍ଶିତା, ଜ୍ଞାନକୌଶଳ, ମିଳିତ ଉଦ୍ୟମ, ସମୟ ଓ ରୂପାନ୍ତରଣକୁ ନେଇ ୫-ଟି ଉପକ୍ରମ ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ୫-ଟି ଉପକ୍ରମ ଆଧାରିତ ଶାସନ ବ୍ୟବସ୍ଥା ସମଗ୍ର ରାଜ୍ୟରେ ରୂପାନ୍ତରିତ ପ୍ରଭାବ ପକାଇବା ସହ ଓଡ଼ିଶାର ବିକାଶ ପଥକୁ ଅଧିକ ପ୍ରଶସ୍ତ କରିଛି। ଜନତା, ରାଜ୍ୟ ଓ ପରିବେଶ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ପ୍ରତିବଦ୍ଧ ଓଡ଼ିଶା ଭଳି ଏକ ରାଜ୍ୟ ସହିତ ମିଳିତ ଜାତିସଂଘ ସହଭାଗୀ ହେବା ଗୌରବର ବିଷୟ ବୋଲି ଶ୍ରୀ ଶାର୍ପ ପ୍ରକାଶ କରିଛନ୍ତି।

ଏହି ଅବସରରେ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା ନିମନ୍ତେ ଶ୍ରୀ ଶାର୍ପଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି। ବିଶ୍ୱର ଶ୍ରେଷ୍ଠ କାର୍ଯ୍ୟଧାରାକୁ ଓଡ଼ିଶାରେ ଉପଯୋଗ ଲକ୍ଷ୍ୟରେ ଆଗକୁ ବିଭିନ୍ନ କ୍ଷେତ୍ରରେ ମିଳିତ ଜାତିସଂଘ ସହିତ କାମ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଶାର୍ପଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମିଳିତ ଜାତିସଂଘ ପ୍ରତିନିଧିଙ୍କ ସାକ୍ଷାତ ଆଲୋଚନା ସମୟରେ ସମୟରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ଥିଲେ।

### ପ୍ରାର୍ଥୀ ସବୁ...

ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ପୋଷାକ, ଜୋତା, ଆସବାବପତ୍ରର ଆଦିର ତଥ୍ୟ ଦେବା ଆବଶ୍ୟକତା କ'ଣ? ଏହା ସେତେ ମହଙ୍ଗା ହୋଇ ନ ଥିଲେ କିମ୍ବା ବଡ଼ ସମ୍ପତ୍ତି ହୋଇ ନ ଥିଲେ ତଥ୍ୟ ଦେବାର ଆବଶ୍ୟକତା ନାହିଁ। କୋର୍ଟ ଉଦାହରଣ ଦେଇ କହିଛନ୍ତି ଯେ ଯଦି କୌଣସି ପ୍ରାର୍ଥୀ କିମ୍ବା ତାଙ୍କ ପରିବାର ପାଖରେ ବହୁମୂଲ୍ୟ ଘଣ୍ଟା ରହିଛି, ତେବେ ତାଙ୍କୁ ଏହାର ସୂଚନା ଦେବାକୁ ପଡ଼ିବ। କାରଣ ଏହା ତାଙ୍କ ବିଳାସମୟ ଜୀବନଯାପନକୁ ଦର୍ଶାଉଛି।

### ଧର୍ମେନ୍ଦ୍ରଙ୍କ ପାରିବାପଣିଆ...

ବିଫଳତା ସମ୍ବଲପୁରବାସୀଙ୍କ ପାଖରେ ରହିଛି। ଏହି ୧୦ ବର୍ଷ ମଧ୍ୟରେ ଆପଣ କଟକ-ସମ୍ବଲପୁର ଏନ୍‌ଏଚ-୫୫ର ଅବସ୍ଥା ସୁଧାରି ପାରିଲେ ନାହିଁ। ଏହି ରାସ୍ତାରେ ୨୦୦ରୁ ଅଧିକ ଦୁର୍ଘଟଣାରେ ୪୦୦ରୁ ଅଧିକ ମୂଲ୍ୟବାନ ଜୀବନ ଚାଲିଯାଇଛି। କାହାର ଅକ୍ଷମତା ପାଇଁ ଏତେ ଲୋକଙ୍କ ଜୀବନ ଗଲା? ଏଥିପାଇଁ କିଏ ଦାୟୀ ବୋଲି ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପଚାରିଛନ୍ତି ପ୍ରଣବ ପ୍ରକାଶ। ସେ ପୁଣି କହିଛନ୍ତି ଯେ ଏତେ ଦିନ ଧରି କ୍ଷମତାରେ ରହି ଆପଣ ଲୋକଙ୍କ ପାଇଁ କ'ଣ କଲେ। ଯେଉଁଠି ବର୍ଷ ବର୍ଷ ଧରି ସାମାନ୍ୟ ରାସ୍ତାଟିଏ ମରାମତି କରିବା ଆପଣଙ୍କ ଭଳି କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ ସେଠି ଅନ୍ୟ କାମ କଥା ନ କହିବା ଭଲ। ଏହା ଠାରୁ ବଡ଼ ବିଫଳତା ଆଉ କ'ଣ ହୋଇପାରେ? ଯେଉଁ ସମ୍ବଲପୁରବାସୀଙ୍କ ଜୀବନ ରେଖାକୁ ଆପଣ ୧୦ ବର୍ଷ ଧରି ବିପର୍ଯ୍ୟସ୍ତ କରି ରଖିଛନ୍ତି, ସେମାନଙ୍କୁ ଏବେ କେମିତି ମୁହଁ ଦେଖାଇବେ?

ପଶ୍ଚିମ ଓଡ଼ିଶାକୁ ଉପକୂଳ ଓଡ଼ିଶା ସହ ସଂଯୋଗ କରୁଥିବା କଟକ-ସମ୍ବଲପୁର ଏନ୍‌ଏଚ୍-୫୫କୁ ଓଡ଼ିଶାର ଜୀବନ ରେଖା ବୋଲି କୁହାଯାଏ। ମାତ୍ର ଏହି ରାସ୍ତାର ଅବସ୍ଥା ଏପରି ହେଲାଣି ଯେ ହଜାର ହଜାର ଛାତ୍ରଛାତ୍ରୀ ଏହି ବାଟ ଦେଇ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ୧୫/୨୦ ମିନିଟ୍ ରାସ୍ତା ଅତିକ୍ରମ କରିବା ଲାଗି ଘଣ୍ଟା ଘଣ୍ଟା ସମୟ ଲାଗୁଛି। ଏନ୍‌ଏଚ୍-୫୫ ଦେଇ ରୋଗୀଙ୍କୁ ନେଇ କଟକ ଏସ୍‌ସିବି, ଭୁବନେଶ୍ୱର ସ୍ଥିତ ଏମ୍ସ ସମେତ ବିଭିନ୍ନ ଡାକ୍ତରଖାନା ଯାଉଥିବା ଆମ୍ବୁଲାନ୍ସ ରାସ୍ତା ଖରାପ ପାଇଁ ଅତ୍ୟନ୍ତ ମନ୍ଥର ଗତିରେ ଯାଉଛି ଅବା ଭିଡ଼ ଭିତରେ ଫସି ଯାଉଛି। ଅନେକ ସମୟରେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଆମ୍ବୁଲାନ୍ସରେ ହିଁ ରୋଗୀର ପ୍ରାଣ ବାୟୁ ଉଡିଯାଉଛି। ମରଣଯନ୍ତା ପାଲଟିଥିବା ସମ୍ବଲପୁର-କଟକ ଏନ୍‌ଏଚ୍-୫୫ର ଦୂରାବସ୍ଥା ହେତୁ ପ୍ରତି ଦିନ ନିରୀହ ଜନତା ପ୍ରାଣ ହରାଉଛନ୍ତି। ବିନା କାରଣରେ ଅନେକ ପରିବାର ଉଜୁଡ଼ି ଯାଉଛି। ଏନ୍‌ଏଚ୍-୫୫କୁ ଅବସ୍ଥା ସୁଧାରିବା ପାଇଁ କୌଣସି ଆନ୍ତରିକତା ପ୍ରକାଶ ନ ପାଇବା ଜନତାଙ୍କ ମଧ୍ୟରେ ଆକ୍ରୋଶ ଭରି ଦେଇଛି। ଯେଉଁ କାମ କିଛି ମାସ ଭିତରେ ଶେଷ ହେବା କଥା ତାହା ୮ ବର୍ଷରୁ ଅଧିକ ସମୟ ଧରି ଚାଲିଛି। କିନ୍ତୁ ଭୋଟ ବ୍ୟାଙ୍କ ରାଜନୀତିରେ ବ୍ୟସ୍ତ ଶ୍ରୀ ପ୍ରଧାନ ନିଦାବିଷ୍ଣୁ ସାଜିଛନ୍ତି। ଭାରତ ସରକାରଙ୍କ ଅଧୀନରେ ଥିବା ଏନ୍‌ଏଚ୍‌ଏଆଇ ଉପରେ ଶ୍ରୀ ପ୍ରଧାନଙ୍କର ସତେ ଯେପରି କୌଣସି କର୍ତ୍ତୃତ୍ୱ ନାହିଁ। ପ୍ରତିଦିନ ଏହି ରାସ୍ତାରେ ହାରାହାରି ୨ ଜଣଙ୍କ ପ୍ରାଣ ଯାଉଥିବା ବେଳେ ୧୦/୧୫ ଜଣ ଆହତ ହେଉଛନ୍ତି।

### ସତ୍ୟବ୍ରତଙ୍କ ଶକ୍ତି...

ଅମରେନ୍ଦ୍ରଙ୍କୁ ଟିକଟ ଦିଆଯିବା ନେଇ ଦଳ ମସୁଧା କରୁଛି। ଏହାକୁ ବରଦାସ୍ତ କରାଯିବ ନାହିଁ। ଦଳ ଯଦି ଏପରି ନିଷ୍ପତ୍ତି ନିଏ, ତାହେଲେ ଚରମ ପରିଣତି ଭୋଗିବାକୁ ପ୍ରସ୍ତୁତ ରହିବାକୁ କର୍ମୀ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ପ୍ରାରମ୍ଭରୁ ଟିକଟ ଦାବି କରୁଥିବା ଧର୍ମଶାଳାର ହିମାଂଶୁ ସାହୁଙ୍କ ବହୁ ସଂଖ୍ୟାରେ ସମର୍ଥକ ଆଜି ପୁଣିଥରେ ଦଳୀୟ କାର୍ଯ୍ୟାଳୟରେ ନିଜ ଦମ୍ ଦେଖାଇବା ସହ ନିଜ ନେତାଙ୍କୁ ଟିକଟ ଦେବାକୁ ଦାବି ଦୋହରାଇଛନ୍ତି। ଏପଟେ ଟିକଟ ପ୍ରଦାନରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ କରି ଦଳ ଛାଡ଼ିଛନ୍ତି ରାଜ୍ୟ ବିଜେପିର ଆଉ କିଛି ନେତୃତ୍ୱ। ଦିନକୁ ଦିନ ଟିକଟ ବିଶୃଙ୍ଖଳାକୁ ନେଇ ରାଜ୍ୟ ବିଜେପି ଛନ୍ଦି ହୋଇ ପଡ଼ୁଥିବା ବେଳେ ଅସନ୍ତୋଷ ଚରମ ଆକ୍ରୋଶର ରୂପ ନେବା ସହ ଉପକୂଳରୁ ଉପାନ୍ତ ଯାଏଁ ବ୍ୟାପିବାରେ ଲାଗିଛି।

ଅନ୍ୟପକ୍ଷରେ ଆଜି ହିମାଂଶୁଙ୍କ ବହୁ ସଂଖ୍ୟାରେ ସମର୍ଥକ ମୋଟର ସାଇକେଲ ରାଲିରେ ରାଜ୍ୟ କାର୍ଯ୍ୟାଳୟରେ ଧସେଇ ପସିବା ସହ ନିଜ ନେତା ହିମାଂଶୁଙ୍କୁ ଟିକଟ ଦେବାକୁ ସେମାନେ ଦାବି କରିଛନ୍ତି। ଆମ ଦାବି ଶୁଣିବା ପରେ ୨-୩ ଦିନ ମଧ୍ୟରେ ସବୁ ବୁଝିଦେବେ ବୋଲି ରାଜ୍ୟ ସଭାପତି ପ୍ରତିଶ୍ରୁତି ଦେଇଥିବାରୁ ଆମେ ଆଜି ପୁଣି ଆସିଛୁ। ଆମ ନେତାଙ୍କୁ ଟିକଟ ମିଳିଲେ ଆମେ ଖୁସି ହେବୁ ବୋଲି ସେମାନେ କହିଛନ୍ତି। ଏପଟେ ଟିକଟକୁ ନେଇ ଆକ୍ରୋଶ ଚରମ ସୀମାରେ ପହଞ୍ଚିଥିବା ବେଳେ ପ୍ରତିଦିନ ଦଳର ବହୁ ଛାମୁଆ ନେତା ଓ କର୍ମୀ ଦଳ ଛାଡୁଛନ୍ତି। ଆଜି ବଲାଙ୍ଗୀର ବିଜେପିର ବରିଷ୍ଠ ସଂଗଠକ ପ୍ରଭାସ କୁମାର ପାଣିଗ୍ରାହୀ ଦଳ ପରିତ୍ୟାଗ କରିଛନ୍ତି। ବିଜେପିରୁ ଗୋପାଳଜୀ ପାଣିଗ୍ରାହୀ ଟିକଟ ପାଇବା ପରେ ସେ ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଦଳରୁ ଇସ୍ତଫା ଦେଇଛନ୍ତି। କଳାହାଣ୍ଡିରେ ମଧ୍ୟ ବିଜେପି ପ୍ରାର୍ଥୀ ଭାବେ ପ୍ରଦୀପ୍ତ ନାଏକଙ୍କୁ ଟିକଟ ମିଳିବା ପରେ ଏହାର କଡ଼ା ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରାର୍ଥୀତ୍ୱକୁ ବିରୋଧ କରି ଯୁବ ନେତା ରୋହିତ ଦୁର୍ଗା ଓ ପୂର୍ବତନ ବିଜେପି ଯୁବମୋର୍ଚ୍ଚା ସଭାପତି ପ୍ରେମନାଥ ନାଏକ ଦଳ ଛାଡ଼ିଛନ୍ତି। ସେହିପରି ପିପିଲିର ଟାଙ୍ଗୁଆ ଯୁବ ନେତା ରାଧାମୋହନ ମଧ୍ୟ ଆଜି ବିଜେପି ପରିତ୍ୟାଗ କରିଛନ୍ତି।

# ହାଇକୋର୍ଟରେ ମହାବିଷୁବ ସଂକ୍ରାନ୍ତି ତାରିଖ 'ଦ୍ୱନ୍ଦ୍ୱ'

**କଟକ, ୯ ।୪(ସମିସ):** ଚଳିତବର୍ଷର ମହାବିଷୁବ ସଂକ୍ରାନ୍ତି ଏପ୍ରିଲ ୧୪ ନୁହେଁ, ୧୩ରେ ପାଳନ ହେବା କଥା; ହେଲେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ନିଷ୍ପତ୍ତି ଅନୁସାରେ ଏହାକୁ ୧୪ରେ ପାଳନ କରାଯାଉଛି। ଏଭଳି ନିଷ୍ପତ୍ତିକୁ ବିରୋଧ କରି ଶେଷରେ ମାମଲା ହାଇକୋର୍ଟରେ ପହଞ୍ଚିଛି। ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପକ୍ଷରୁ କୋଷାଧ୍ୟକ୍ଷ ତଥା ଗଣନାକାର ଦୋଳଗୋବିନ୍ଦ ପଣ୍ଡା ଏହି ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଚଳିତବର୍ଷ ଅଧିବର୍ଷ ଅଟେ। ଏଣୁ ୨୦୨୪ ମସିହାଟି ୩୬୫ ଦିନ ବଦଳରେ ୩୬୬ ଦିନ ହେବ। ଏହି ଗଣନା ଅନୁସାରେ, ଏବର୍ଷ ଏପ୍ରିଲ ୧୪ ବଦଳରେ ୧୩ ତାରିଖରେ ମହାବିଷୁବ ବା ପଣା ସଂକ୍ରାନ୍ତି ପଡ଼ିବ।

ଓଡ଼ିଶାରେ ପ୍ରାୟ ସମସ୍ତ ପାଞ୍ଜି ଗଣନାରେ ବିଶେଷଭାବେ ଅବଲମ୍ବନ କରାଯାଉଥିବା ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ, ଯାଜପୁର ଜିଲ୍ଲାରେ ବିରଜା ପାଞ୍ଜି ଗଣନାରେ ବ୍ୟବହୃତ ଶତାନନ୍ଦଙ୍କ ଭାସ୍ୱତୀ, ସାରା ଭାରତରେ ପାରମ୍ପରିକ ପାଞ୍ଜି ଗଣନାରେ ବ୍ୟବହୃତ ସୂର୍ଯ୍ୟସିଦ୍ଧାନ୍ତ ଓ ଆଧୁନିକ ବୈଜ୍ଞାନିକ ପଦ୍ଧତି ଗଣନା ଅନୁସାରେ ଏପ୍ରିଲ ୧୩ ତାରିଖରେ ପଣା ସଂକ୍ରାନ୍ତି ପଡୁଛି। ଓଡ଼ିଶା ତଥା ସର୍ବଭାରତୀୟ ସ୍ତରର ପ୍ରାୟ ସମସ୍ତ ପଞ୍ଜିକାରେ ଏପ୍ରିଲ ୧୩ରେ ହିଁ ମେଷ ରାଶିକୁ ନିରୟଣ ରବି ଚଳନ ହେଉଥିବା ଦର୍ଶାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ତିଥି ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ପାଇଁ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗର ପୋଜିସନାଲ ଆଷ୍ଟ୍ରୋନୋମି ସେଣ୍ଟର ପକ୍ଷରୁ ଚଳିତ ବର୍ଷ ପ୍ରକାଶିତ ରାଷ୍ଟ୍ରୀୟ ପଞ୍ଚାଙ୍ଗରେ ଏପ୍ରିଲ ୧୩ରେ ମହାବିଷୁବ ସଂକ୍ରାନ୍ତି ପଡୁଛି ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦର 'ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା' ସହିତ ଅନ୍ୟ ପ୍ରମୁଖ ପାଞ୍ଜିଗୁଡ଼ିକରେ ଏପ୍ରିଲ ୧୩ରେ ହିଁ ପଣାସଂକ୍ରାନ୍ତି ବୋଲି ଉଲ୍ଲେଖ କରିଛି। ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି ବୋଲି ତ୍ରୁଟିପୂର୍ଣ୍ଣ ଗଣନା କରିଥିବା ନିର୍ଦ୍ଦିଷ୍ଟ କେତେଗୋଟି ପଞ୍ଜିକାକୁ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦନ ଦେଇଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ୨୦୨୪, ଏପ୍ରିଲ ୧୪ରେ ମହା ବିଷୁବ ସଂକ୍ରାନ୍ତି ପଡୁଥିବା ନେଇ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଗ୍ରହଣ କରିଥିବା ନିଷ୍ପତ୍ତିକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅନୁମୋଦନ ଦେଇଥିଲା। ଏହାପରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୨୦୨୪, ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି ବୋଲି ଘୋଷଣା କରି ୨୦୨୩, ନଭେମ୍ବର ୭ରେ ବିଜ୍ଞପ୍ତି ପ୍ରକାଶ କରିଥିଲା। ପାଞ୍ଜିରେ ପଣା ସଂକ୍ରାନ୍ତିର ତାରିଖ ନେଇ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏପ୍ରିଲ ୧୩କୁ ମହାବିଷୁବ ସଂକ୍ରାନ୍ତି ଘୋଷଣା ସହ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇଥିବା ପାଞ୍ଜି ରଦ୍ଦ କରାଯାଉ ବୋଲି ଆବେଦନରେ ଦର୍ଶାଯାଇଛି।

ମାମଲାରେ ରାଜ୍ୟ ଆଇନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ମୁକ୍ତି ମଣ୍ଡପ ପଣ୍ଡିତ ସଭା, ପାଣିପାଗ ବିଜ୍ଞାନ ବିଭାଗ ମହାନିର୍ଦ୍ଦେଶକ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ଓ ବିବୁଧେନ୍ଦ୍ର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

**AFFIDAVIT**
I, Residing at Pilgrim Road, College Square, Cuttack-3 have changed my name from Laxmi Agarwal to Laxmi Devi Jain vide affidavit Dt: 09-04-2024 before Notary Public, Cuttack-3.

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I, Srikanta Kumar Bhoi S/o- Purnachandra Bhoi. At-Jharagogua, Dist-Deogarh. By Affidavit No-2234 dtd 05.03.2024 Notary Jharsuguda. That now onwords I shall be known as **Srikant Kumar Bhoi** for all future purposes.

**AFFIDAVIT**
I, Meena Kumari Das, W/o- Jitendra Khora, resident of Vill-Bada Nayak Guda, GP-Bada Kerenga, Po-Kolab Nagar, Ps-Koraput, Block-Koraput, Dist-Koraput, Pin Code-764011, Odisha declare by this affidavit No-7956, date-11/02/2024 that now onwards I shall be known as **MEENA KHORA** for all future purposes.

**AFFIDAVIT**
I, Puspanjali Prasad, D/o- Hadibandhu Prasad, resident of Saradha, Karanjia, Mayubhanj, Pin-757037, Odisha declare by this affidavit No-464, date-08/04/2024 that now onwards I shall be known as **PUSHPANJALI SAHA** for all future purposes.

**AFFIDAVIT**
By virtue of an affidavit on dated- 8/4/2024 before The Executive Magistrate, Bhubaneswar. I, **Suchismita Tripathy,** W/o- Raman Kumar Mishra, Resident of At- Near Khaparapada, Sub-Station, Po-Azimabad, Ps-Balasore Town, Dist-Balasore, Odisha have changed my minor son's name from **KHUSMAN OMKAR TRIPATHY To OMKAR TRIPATHY** for all future purposes.

**AFFIDAVIT**
I, Tapan Kumar Mohanty, S/o- Sudhansu Mohanty, resident of At-Sefali Villa Appt., Plot No.722/1096, Padhuanpada, Central School Chhak, Balasore, Dist-Balasore, Pin-756001, Odisha declare by this affidavit No-676, date- 09/04/2024 that now onwards I shall be known as **TAPAN MOHANTY** for all future purposes.

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ-୧, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୫୦୦୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାରମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ପୁରୀ-୧ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ପୁରୀ-୧ ଶାଖା / (ସାଙ୍କେତିକ ଦଖଲ)**<br>ଋଣଗ୍ରହୀତା: ମେସର୍ସ ଶାରିନ୍ ଟ୍ରେଡ଼ର୍ସ, ସ୍ୱତ୍ୱାଧିକାରୀ: ସ୍ୱ କୋଭିରି ପ୍ରସାଦ / ଜାମିନ୍‌ଦାରମାନେ: ୧) ଶ୍ରୀ ମାର୍କ କୋଭିରି, ପିତା: ସ୍ୱ କୋଭିରି ପ୍ରସାଦ, ୨) ଶ୍ରୀମତୀ କୋଭିରି ରାୟାଲୁ, ସ୍ୱାମୀ: ସ୍ୱ କୋଭିରି ପ୍ରସାଦ, ସମସ୍ତଙ୍କ ଠିକଣା- ସା: ପେଣ୍ଟକଟା ନୋଳିଆ ସାହି, ସିଟି ରୋଡ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୦୦୨ | (କ) ଶ୍ରୀମତୀ କୋଭିରି ରାୟାଲୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚକ୍ରତୀର୍ଥ, ଖାତା ନଂ.: ୨୩୨, ପ୍ଲଟ୍ ନଂ.: ୪୦୭, କ୍ଷେତ୍ର: ଏକର୦.୦୬୪ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ପୁରୁଣା ସାବିକ ମୌଜା: ବାଲୁଖଣ୍ଡ, ସାବିକ ଖାତା ନଂ.: ୧୫୧, ସାବିକ ପ୍ଲଟ୍ ନଂ.: ୧୧୬୩, କ୍ଷେତ୍ର: ଏକର୦.୦୬୪ ଡିସିମିଲି, ଥାନା: ପୁରୀ ଟାଉନ୍, ଥାନା ନଂ. ୨୭, ସବ୍-ରେଜିଷ୍ଟ୍ରାର ଅଫିସ୍: ପୁରୀ ସହର, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚୌହଦ୍ଦି- ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପୂର୍ବ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପଶ୍ଚିମ: ରାସ୍ତା / (ଖ) ୧୭.୦୧.୨୦୨୪ / (ଗ) ୦୮.୦୪.୨୦୨୪/ (ଘ) ଟ.୨୩,୨୭,୩୧୮.୪୧ (ତେଇଶି ଲକ୍ଷ ସତେଇଶି ହଜାର ତିନି ଶହ ଅଠର ଟଙ୍କା ଏବଂ ଏକଚାଳିଶି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |

ତାରିଖ : ୦୯.୦୪.୨୦୨୪
ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ,
କାନାରା ବ୍ୟାଙ୍କ

रजस्ट्री सं. डी.एल.- 33004/99 REGD. No. D. L.-33004/99
भारत का राजपत्र
The Gazette of India
सी.जी.-डी.एल.अ.-23102023-249635
CG-DL-E-23102023-249635
असाधारण
EXTRAORDINARY
भाग II— खण्ड 3—उप-खण्ड (ii)
PART II—Section 3—Sub-section (ii)
प्राधिकार से प्रकाशित
PUBLISHED BY AUTHORITY
सं. 4447] नई दिल्ली, शुक्रवार, अक्टूबर 20, 2023/अश्विन, 1945
No. 4447] NEW DELHI, FRIDAY, OCTOBER 20, 2023/ASVINA 28, 1945

इस्पात मंत्रालय
अधिसूचना
नई दिल्ली, 20 अक्टूबर, 2023

का.आ. 4626(अ).—केन्द्रीय सरकार, पेट्रोलियम और खनिज पाइप लाइन (भूमि में उपयोग के अधिकार का अर्जन) अधिनियम, 1962 (1962 का 50) की धारा 2 के खण्ड (क) द्वारा प्रदत्त शक्तियों का प्रयोग करते हुए, नीचे दी गई सारणी के स्तंभ (2) में उल्लिखित प्राधिकारीयों को टाटा स्टील लिमिटेड द्वारा कलमंग से रूगुडीह तक आयरन ओर स्लरी पाइपलाइन बिछाने के लिए उक्त सारणी के स्तंभ (3) में तत्संबंधित प्रविष्टि में विनिर्दिष्ट क्षेत्रों में उक्त अधिनियम के अधीन सक्षम प्राधिकारी के रूप में कार्य करने के लिए प्राधिकृत करती है, अर्थात्:-

सारणी

| क्रम.सं. | प्राधिकारी | क्षेत्रीय अधिकारिता |
|---|---|---|
| (1) | (2) | (3) |
| 1. | तहसीलदार, कोईरा | जिला सुंदरगढ़, ओडिशा |
| 2. | उप समाहताज कलेक्रेट, | जिला क्योंझर, क्योंझर ओडिशा |

[सं. 20(1) 2023-आरएम]
अभिजीत नरेन्द्र, सयुंक्त सचिव

131117/2023/RM [PART II—SEC. 3(ii)]
THE GAZETTE OF INDIA: EXTRAORDINARY

MINISTRY OF STEEL
NOTIFICATION
New Delhi, the 20th October, 2023

S.O. 4626(E).—(E).-In exercise of the powers conferred by clause (a) of section 2 of the Petroleum and Minerals Pipelines (Acquisition of Right of User in Land) Act, 1962 (50 of 1962), the Central Government hereby authorises the authorities mentioned in column (2) of the Table below, to perform the functions of the competent authority under the said Act for laying Iron Ore Slurry Pipeline from Kalamang to Rugudih by TATA Steel Ltd., in the area specified in the corresponding entry in column (3) of the said Table, namely:-

TABLE

| Serial No. | Authority | Territorial jurisdiction |
|---|---|---|
| (1) | (2) | (3) |
| 1. | Tahasildar, Koira | District Sundargarh, Odisha |
| 2. | Deputy Collector, Collectorate, Keonjhar | District Keonjhar Odisha |

[No. 20(1)2023-RM]
ABHIJIT NARENDRA, Jt. Secy.

### କେରଳରେ ପ୍ରେମିକାକୁ ହତ୍ୟା

# କୋଟଗଡ଼ରୁ ଅଭିଯୁକ୍ତ ପ୍ରେମିକ ଗିରଫ

ଫୁଲବାଣୀ, ୯।୪(ସମିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅଞ୍ଚଳରୁ କେରଳରେ ପ୍ରେମିକାକୁ ହତ୍ୟା କରିଥିବା ଅଭିଯୁକ୍ତ ପ୍ରେମିକକୁ ଗିରଫ କରାଯାଇଛି। କୋଟଗଡ଼ ପୁଲିସ୍ ସହାୟତାରେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି କେରଳ ପୁଲିସ୍।



ମୃତକ ରାଇକିଆ ଥାନା ଚାଞ୍ଚେଡ଼ି ଅଞ୍ଚଳର ରୀତିକା ସାହୁ ହୋଇଥିବା ବେଳେ ହତ୍ୟାକାରୀ ପ୍ରେମିକ କୋଟଗଡ଼ ଥାନା ସୁବର୍ଣ୍ଣଗିରି ପଞ୍ଚାୟତର ରାମନିଗୁଡ଼ା ଅଞ୍ଚଳର ସାମୁଏଲ ବଡ଼ମାଝୀ ବୋଲି ଜଣାପଡ଼ିଛି।

ସୂଚନା ପ୍ରକାରେ କେରଳର ଆଲପୁଟ ଜିଲ୍ଲା ପିତୁଲା ଥାନା ଅଞ୍ଚଳରେ ରହି ରାମନିଗୁଡ଼ାର ସାମୁଏଲ ବଡ଼ମାଝି ଓ ରାଇକିଆ ଛାଞ୍ଚେଡ଼ିର ରୀତିକା ସାହୁ କାମ କରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ସାମୁଏଲ ପୂର୍ବରୁ ବିବାହିତ ଜାଣିବା ପରେ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବା ସହ ବଚସା ହୋଇଥିଲା। ସେଥିରେ ଉତ୍କ୍ଷିପ୍ତ ହୋଇ ସାମୁଏଲ ପ୍ରେମିକା ରୀତିକାଙ୍କୁ ଛୁରି ଭୁସି ହତ୍ୟା କରିଥିଲା। ଏ ନେଇ କେରଳର ପିତୁଲା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଘଟଣା ପରେ ଅଭିଯୁକ୍ତ କେରଳରୁ ଆସି କୋଟଗଡ଼ ସୁବର୍ଣ୍ଣଗିରି ପଞ୍ଚାୟତର ରଙ୍ଗାପଙ୍ଗା ଗାଁରେ ନିଜ ଶ୍ୱଶୁର ଘରେ ରହୁଥିଲା। କେରଳର ପିତୁଲା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା କେରଳ ପୁଲିସ। ହତ୍ୟାକାରୀ ସାମୁଏଲ୍ କୋଟଗଡ଼ ଅଞ୍ଚଳରେ ଥିବା କେରଳ ପୁଲିସ୍ ଜାଣିବା ପରେ ଏକ ଟିମ୍ ଆସି ଏଠାରେ ପହଞ୍ଚିଥିଲା। କୋଟଗଡ଼ ପୁଲିସ୍ ସହାୟତାରେ ହତ୍ୟାକାରୀ ପ୍ରେମିକକୁ ଗିରଫ କରିବାରେ ସକ୍ଷମ ହୋଇଛି କେରଳ ପୁଲିସ। କୋଟଗଡ଼ ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସାମୁଏଲ୍‌କୁ କାବୁ କରି କେରଳ ପୁଲିସକୁ ହସ୍ତାନ୍ତର କରିଥିଲା।

# ମଦ ଦୋକାନ ଉଚ୍ଛେଦ ପାଇଁ ଦାବିପତ୍ର

ଫିରିଙ୍ଗିଆ, ୯।୪(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ବଇରୀକୁମ୍ପା ନିକଟରେ ଥିବା ବିଦେଶୀ ମଦ ଦୋକାନକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ୨ ବର୍ଷ ହେଲାଣି ଏହି ମଦ ଦୋକାନକୁ ଅଞ୍ଚଳବାସୀ ଉଚ୍ଛେଦ ଦାବ କରିଆସୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ



ଗ୍ରାମସଭା ବୈଠକରେ ମଧ୍ୟ ମଦ ଦୋକାନ ଉଚ୍ଛେଦ ପାଇଁ ଆଲୋଚନା ହୋଇଥିଲା। କିନ୍ତୁ କିଛି ଫଳ ହୋଇନାହିଁ। ଅଞ୍ଚଳବାସୀ ମଦ ଦୋକାନକୁ ବିରୋଧ କରିବା ସହ ଅଞ୍ଚଳରେ ଶୋଭାଯାତ୍ରା ମଧ୍ୟ କରିଥିଲେ। ମଦ ଦୋକାନ ବନ୍ଦ ନେଇ ଫିରିଙ୍ଗିଆ ବ୍ଲକ, ଆରକ୍ଷୀ ଅଧୀକ୍ଷକ, ଅବକାରୀ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗ୍ରାମ ସଭାରେ ମଦ ଦୋକାନ ବନ୍ଦ କରିବାକୁ ସମସ୍ତ ୱାର୍ଡ ସଭ୍ୟଙ୍କ ସହମତି ପରେ ଏହି ମଦ ଦୋକାନକୁ ନେଇ କିଛି ଜନସାଧାରଣ କୋର୍ଟର ଦ୍ୱାରସ୍ଥ ହୋଇଥିବା ମହିଳା କହିଛନ୍ତି। ତଥାପି ପ୍ରଶାସନ ମଦ ଦୋକାନ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଏବଂ ଜନସାଧାରଣଙ୍କ ଦାବିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ବାଧ୍ୟ ହୋଇ କେଳାପଡ଼ା ପଞ୍ଚାୟତ ଅନ୍ତର୍ଗତ କିଛି ମହିଳା ମଦ ଦୋକାନ ବନ୍ଦ କରିବାକୁ କନ୍ଧମାଳ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଫୁଲବାଣୀ କାର୍ଯ୍ୟାଳୟରେ ଦାବିପତ୍ର ଦେଇଛନ୍ତି। ମହିଳାଙ୍କ କହିବା ଅନୁସାରେ କେଳାପଡ଼ା ପଞ୍ଚାୟତ ବଇରୀକୁମ୍ପାରେ ବିଦେଶୀ ମଦ ଦୋକାନ ଖୋଲିବା ପରେ ଅଞ୍ଚଳରେ ଅପରାଧ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। କିଛି ଦିନ ପୂର୍ବେ ମଦ ଦୋକାନକୁ ସିଲ୍ କରି କୌଣସି କାରଣରୁ ବନ୍ଦ କରିଥିବା ବେଳେ ସବୁଦିନ ପାଇଁ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୪ କେଜି ଗଞ୍ଜେଇ ସହ ଗାଡ଼ି ଜବତ; ୨ ଗିରଫ

ଦାରିଙ୍ଗବାଡି, ୯।୪(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ପୁଲିସ ପକ୍ଷରୁ ଚଢଉ କରାଯାଇ ୧୪ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ଏକ ଗାଡ଼ି ଜବତ କରାଯାଇଛି। ଏଥି ସହିତ ୨ ଜଣ ଚାଲାଣକାରୀଙ୍କୁ ପୁଲିସ ଗିରଫ କରିଛି। ଗିରଫ ୨ ଜଣ ନୂଆଗାଁ ଥାନା ସିନ୍ଧିପାଙ୍ଗା ଗ୍ରାମର ଆଲୋକ ଦିଗାଲ ଓ ବାଲିଗୁଡା ଥାନା ସିନ୍ଦ୍ରିଗାଁ ଗ୍ରାମର କପିଳାସ ଦିଗାଲ ବୋଲି ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ପୁଲିସ ସୂଚନା ପ୍ରକାରେ ସୋମବାର ଦିନ ସାଢେ ୨ଟା ସମୟରେ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ବିଶେଷସୂତ୍ରରୁ ଖବର ପାଇ ନାକା ଗେଟ୍ ପାଖରେ ଏଏସଆଇ ପି ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରି ଉକ୍ତ ଗାଡ଼ିକୁ ଜବତ କରିଥିଲେ। ଜବତ ବେଳେ ଗଞ୍ଜେଇ, ୨ ମୋବାଇଲ ସହ ଗାଡ଼ି ଜବତ ହୋଇଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଏସଆଇ ଲକ୍ଷ୍ମୀ ମାଝୀ କରୁଥିବା ଜଣାପଡ଼ିଛି।



# ଥାନାରୁ ଚମ୍ପଟ ଅଭିଯୁକ୍ତ ୪ ବର୍ଷ ପରେ ଗିରଫ

ମୋହନା, ୯।୪(ସମିସ): ଗତ ୨୦୨୦ ମସିହାରେ ଗଜପତି ଜିଲ୍ଲା ମୋହନା ଥାନାରୁ ପୁଲିସକୁ ଚକମା ଦେଇ ଚମ୍ପଟ ମାରିଥିବା ଜଣେ ଗଞ୍ଜେଇ ମାଫିଆ ଅଭିଯୁକ୍ତକୁ ଗିରଫ କରିଛି ମୋହନା ପୁଲିସ। ୨୦୨୦ ମସିହାରେ ମୋହନା ପୁଲିସ ଏକ ଗଞ୍ଜେଇ ମାମଲାରେ ୧୦୫୩ କେଜି ଗଞ୍ଜେଇ ଜବତ କରିବା ସହ ତିନି ଜଣ ଅଭିଯୁକ୍ତକୁ ଗିରଫ କରି ଥାନା ହାଜତରେ ରଖିଥିଲା। ସେଥି ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ସନାତନ କରାଡ଼ ପରିସ୍ରା ଯିବା ବାହାନାରେ ଥାନା ପରିସରରୁ କାନ୍ଥ



ଡେଇଁ ଚମ୍ପଟ ମାରିଥିଲା। ଏହି ଘଟଣା ରେ ଥାନାର ଦୁଇ ଜଣ କନେଷ୍ଟେବଳ ଏବଂ ଦୁଇ ଜଣ ହୋମଗାର୍ଡଙ୍କୁ ନିଲମ୍ବନ କରିଥିଲା ଜିଲ୍ଲା ଆରକ୍ଷୀ ବିଭାଗ। ତେବେ ଘଟଣାର ଚାରିବର୍ଷ ପରେ ପୁଲିସ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ବାଟୀପଙ୍କା ଗ୍ରାମକୁ ଗଞ୍ଜେଇ କାରବାର ନେଇ ଅଭିଯୁକ୍ତ ସନାତନ ଆସିଥିବା ଖବର ପାଇ ପୁଲିସର ଏକ ଟିମ୍ ଚଢ଼ଉ ଜାରି ତାକୁ ଗିରଫ କରିଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ସୂଚନା ଦେଇଛନ୍ତି।

# କେରେଡ଼ାଙ୍ଗରେ ମୋବାଇଲ୍ ଟାୱାର୍ ସ୍ଥାପନ ଦାବି

ନୂଆଗଡ଼, ୯।୪(ସମିସ): ବର୍ତ୍ତମାନ ଡିଜିଟାଲ ଦୁନିଆରେ ସରକାରୀ କିମ୍ବା ବେସରକାରୀ ସମସ୍ତ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ କରାଯାଉଛି। ଲୋକଙ୍କୁ ଯୋଗାଯୋଗ କରିବା ନିମନ୍ତେ ଟେଲିକମ ନେଟୱାର୍କର ଆବଶ୍ୟକତା ରହିଛି। ହେଲେ ଏମିତି କିଛି ଅଞ୍ଚଳ ରହିଛି ଯେଉଁଠାରେ ଟେଲି ଯୋଗାଯୋଗ ବ୍ୟବସ୍ଥା ନ ଥିବା କାରଣରୁ ଲୋକେ ଅନଲାଇନ୍ ସେବାରୁ ବଞ୍ଚିତ ହେବାସହ ମୋବାଇଲ ଗ୍ରାହକ ହଟହଟାର ସମ୍ମୁଖୀନ ହେଉଛନ୍ତି। ମୋବାଇଲ ଟାୱାର ସ୍ଥାପନ ନିମନ୍ତେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନି। ଏଥିନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶେଷରେ ମେଳି ବାନ୍ଧିବାକୁ ଆରମ୍ଭ କଲେ ଲୋକେ। ସାଧାରଣ ନିର୍ବାଚନ ପୂର୍ବରୁ ମୋବାଇଲ ଟାୱାର ସ୍ଥାପନ ନିମନ୍ତେ ଦାବି କରିଛନ୍ତି। ନିର୍ବାଚନ ପୂର୍ବରୁ କୌଣସି ଏକ ନେଟୱାର୍କ ଟାୱାର ନାହିଁତ ଭୋଟ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଦୁର୍ଗମ ଅଞ୍ଚଳରେ ଥିବା କେରେଡାଙ୍ଗ ପଞ୍ଚାୟତରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ପ୍ରକାରେ ଏହି ପଞ୍ଚାୟତ ଅଧୀନରେ ୧୧ ଗ୍ରାମ ରହିଥିବା ବେଳେ ଜନସଂଖ୍ୟା ୬ ହଜାରରୁ ଊର୍ଦ୍ଧ୍ୱ ରହିଛି। କେରେଡାଙ୍ଗ ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ୫ଟି ସ୍କୁଲ, ମିନି ବ୍ୟାଙ୍କ ଏବଂ ଜନସେବା କେନ୍ଦ୍ର ଭଳି ଅନେକ କାର୍ଯ୍ୟାଳୟ ରହିଛି। ତଥାପି କୌଣସି ନେଟୱାର୍କ ଟାୱାର ହୋଇନଥିବା ଯୋଗୁ ପଞ୍ଚାୟତବାସୀ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ମତେ ଇଣ୍ଟରନେଟ ସୁବିଧା କିମ୍ବା ଦୂରଭାଷର ସୁବିଧା ପାଇପାରୁନାହାନ୍ତି ପଞ୍ଚାୟତବାସୀ। ଅନଲାଇନରେ କାର୍ଯ୍ୟ କରିବାକୁ ୧୦ କିମି ଯିବାକୁ ପଡୁଛି। ଛାତ୍ରଛାତ୍ରୀ ଅନଲାଇନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଗର୍ଭବତୀ ମହିଳାଙ୍କୁ ଗୋଷ୍ଠୀ ସ୍ୱାସ୍ୟକେନ୍ଦ୍ର ନେବାପାଇଁ ୧୦୨ କିମ୍ବା ୧୦୮ ଆମ୍ବୁଲେନ୍ସକୁ ଯୋଗାଯୋଗ କରିବାକୁ ଥିଲେ ନେଟୱାର୍କ ଆସୁଥିବା ସ୍ଥାନ ପାହାଡ଼କୁ ଯାଇ ଯୋଗାଯୋଗ କରିବାକୁ ପଡୁଛି। ବୟସ୍କ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ଏବଂ ଭିନ୍ନକ୍ଷମ ଟଙ୍କା ଉଠାଣ ନିମନ୍ତେ ବହୁ କଷ୍ଟରେ ନୂଆଗଡ଼ ବ୍ୟାଙ୍କ ଯାଇ ଟଙ୍କା ଉଠାଇବାକୁ ପଡୁଥିବା ଅଭିଯୋଗ କରିଛନ୍ତି। ଏହି ଭଳି ଅନେକ ଇଣ୍ଟରନେଟ ଏବଂ ମୋବାଇଲ ସେବାରୁ ବଞ୍ଚିତ ହେଉଛନ୍ତି ଲୋକେ। ତେଣୁ କେରେଡାଙ୍ଗ ପଞ୍ଚାୟତ ନିମନ୍ତେ କେରେଡାଙ୍ଗ ଗ୍ରାମରେ ମୋବାଇଲ ଟାୱାର ସ୍ଥାପନ ନିମନ୍ତେ ଦାବି ହେଉଛି।



# ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ



ଫିରିଙ୍ଗିଆ, ୯।୪(ସମିସ): ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଉପରପଡ଼ା ଛକ ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ବିଶି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଗୁରୁଜୀ ବିଷ୍ଣୁ ଚରଣ ପାତ୍ର ପଞ୍ଚାଙ୍ଗ କରିବା ସହ ପରିଚୟ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ନବ ବର୍ଷ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଆଚାର୍ଯ୍ୟ ମହତ୍ୱ ପ୍ରତିପାଦନ କରିଥିଲେ। ଶିଶୁ ମନ୍ଦିର ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ର ଛାତ୍ରୀ ପ୍ଲା କାର୍ଡ ଧରି ଶିଶୁ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ବାଣିଜ୍ୟ ଭଣ୍ଡାର ଛକ, ଇନ୍ଦିରା ଗାନ୍ଧୀ ଛକ, ବଜାର ରାସ୍ତା ଦେଇ ବ୍ଲକ ଛକରେ ପହଞ୍ଚିଥିଲେ। ସେଠାରୁ ଫେରି ଜଗନ୍ନାଥ ମନ୍ଦିରରେ ଦର୍ଶନ କରି ଶିଶୁମନ୍ଦିରକୁ ଫେରିଥିଲେ। ଗୁରୁଜୀ ବ୍ରଜ ବନ୍ଧୁ କହଁର, ଗୌରାଙ୍ଗ କହଁର ଓ ଗୁରୁମା ସସ୍ମିତା କହଁର, ପୁଷ୍ପାଞ୍ଜଳି ସାହୁ, ରୁଲିମା ବେହେରା ଓ ଅନ୍ୟ ମାନେ ସହଯୋଗ କରିଥିଲେ।

**ଜି. ଉଦୟଗିରି:** ଚୈତ୍ର ଶୁକ୍ଳ ବର୍ଷ ପ୍ରତିପଦା ତଥା ହିନ୍ଦୁ ନବ ବର୍ଷ ଜି .ଉଦୟଗିରି ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିଶୁ ମନ୍ଦିରର ପ୍ରଥମ ସମ୍ପାଦକ ରାଜେନ୍ଦ୍ର କୁମାର ମହାପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ହିନ୍ଦୁ ନବ ବର୍ଷ ପାଳନ ଉତ୍ସବର ଶୁଭାରମ୍ଭ କରିଥିଲେ। ଅତିଥିଙ୍କ ସହିତ ଆଚାର୍ଯ୍ୟ, ଆଚାର୍ଯ୍ୟା ଶିଶୁଙ୍କୁ ନବ ବର୍ଷ ପାଳନ ସମ୍ପର୍କରେ ଅବଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ସେବକ, ସେବିକା ସାମିଲ ହୋଇଥିଲେ।

**ପାରଳାଖେମୁଣ୍ଡି:** ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚୈତ୍ର ଶୁକ୍ଳ ପ୍ରତିପଦା ଉତ୍ସବ ତଥା ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଅଷ୍ଟମ ଠାରୁ ଦଶମଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଞ୍ଜାମ ବିଭାଗର ସହସଂଘ ଚାଳକ ଗୌରାଙ୍ଗ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପାଢ଼ୀ ଯୋଗଦେଇଥିଲେ। ଆଜିର ଦିବସର ବିଶେଷତ୍ୱ ତଥା ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ କୁହାଯାଇଥିଲା। ଶେଷରେ ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।






### ଗୁରାଣ୍ଡି ଗୁଳିମାଡ଼କୁ ୪୯ ବର୍ଷ

# ଧାନ ସଂଗ୍ରହ ଲେଭି ନିୟମ ନେଇଥିଲା ୬ ଜୀବନ

ପାରଳାଖେମୁଣ୍ଡି, ୯।୪(ସମିସ): ପ୍ରତ୍ୟେକ ବର୍ଷ ଏପ୍ରିଲ ୧୦ ତାରିଖ ଆସିଲେ ଭୟାବହତାକୁ ମନେ ପକାନ୍ତି ଗୁରାଣ୍ଡି ଗ୍ରାମବାସୀ ଏବଂ ବୟୋଜ୍ୟେଷ୍ଠ। ସେହି ଛାତିଥରା ଦୃଶ୍ୟ, ବିକଟାଳ ହାହାକାର, ନିଆଁରେ ପୋଡ଼ି ଛାରଖାର ହୋଇଥିବା ଗାଁର ଦୃଶ୍ୟକୁ ସ୍ମରଣ କରିଥାଆନ୍ତି। ପ୍ରଶାସନ ସହ ଚାଷୀଙ୍କ ମଧ୍ୟରେ ଏକ ଭୁଲ୍ ବୁଝାମଣା ଯୋଗୁଁ ଘଟିଯାଇଥିଲା ଏଭଳି ଏକ ଭୟଙ୍କର ଘଟଣା। ଏବେ ବି ଲୋକଙ୍କ ମନରୁ ଲିଭିନି ସେହି ଛାତିଥରା ଦୃଶ୍ୟ। ୧୯୭୫ ମସିହା ଏପ୍ରିଲ ୧୦ ତାରିଖରେ ସରକାରଙ୍କ ପକ୍ଷରୁ ଧାନ ସଂଗ୍ରହକୁ ନେଇ ଗଜପତି ଜିଲ୍ଲା ଗୁରାଣ୍ଡି ଗ୍ରାମରେ ଉପୁଜିଥିଲା ବିଦ୍ରୋହ। ଗଣ୍ଡଗୋଳରେ ପୁଲିସ ଗୁଳିମାଡ଼ରେ ଜଣେ ଛାତ୍ରଙ୍କ ସହ ୫ଜଣ ଚାଷୀଙ୍କ ମୃତ୍ୟୁ ହୋଇଥିଲା। ୧୭ ଜଣ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ପଥର ମାଡ଼ରେ କିଛି ପୁଲିସ କର୍ମଚାରୀ ମଧ୍ୟ ଲହୁଲୁହାଣ ହୋଇପଡ଼ିଥିଲେ। ଧାନ ସଂଗ୍ରହ ସମୟ ତଥା ଏପ୍ରିଲ ୧୦ ତାରିଖ ଆସିଲେ ସେହିଦିନର ବିଭୀଷିକାକୁ ମନେ ପକାନ୍ତି ଏଠାକାର ବୟୋଜ୍ୟେଷ୍ଠ ବ୍ୟକ୍ତି। ଏବେ କିନ୍ତୁ ବଦଳିଛି ଧାନ ସଂଗ୍ରହ ବ୍ୟବସ୍ଥା। ଚାଷୀଙ୍କ ସୁବିଧାପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିଛି।

୧୯୭୫ ମସିହାରେ ସେ ଛାତ୍ରାବସ୍ଥାରେ ଥିଲେ। ଗ୍ରାମରେ ହୋହାଲ୍ଲା ଚାଲିଥିଲା। କଣ ଗହଳି ପାଟିତୁଣ୍ଡ ଚାଲିଛି ବୋଲି ଦେଖିବାକୁ ଘରୁ ବାହାରକୁ ଯାଇଥଲେ। ଗୋଟିଏ କାଠଗଦା ନିକଟରେ ରହି ଦେଖୁଥିବା ବେଳେ ଡାହାଣ ହାତରେ ହଠାତ କିଛି ଗୋଟେ ବାଜିଥିଲା। ଏହାପରେ ଅଚେତ



ହୋଇପଡ଼ିଥିଲେ। ଚେତା ଫେରିବା ବେଳକୁ ବ୍ରହ୍ମପୁର ବଡ଼ ମେଡିକାଲରେ। ଗୋଟିଏ ହାତରେ ବ୍ୟାଣ୍ଡେଜ୍ ଆଉ ଅନ୍ୟ ଗୋଟିଏ ହାତରେ ହାତକଡି ପକାଇ ମେଡିକାଲ ବେଡ୍‌ରେ ବନ୍ଧା ଯାଇଥିଲା। ପଚାରିବାରେ ଜଣାପଡ଼ିଲା ପୁଲିସ ଗୁଳି ଚାଳନାରେ ଗ୍ରାମର ୬ ଜଣଙ୍କ ମୃତ୍ୟୁ ହୋଇଥିବା ଏବଂ ତାଙ୍କୁ ମଧ୍ୟ ଗୁଳି ବାଜିଥିବା କୁହାଯାଇଥିଲା। ଆଉ ଗ୍ରାମର ବରିଷ୍ଠ ନେତାମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ପରେ ତାଙ୍କ ନାମରେ ମଧ୍ୟ ମିଥ୍ୟା ମାମଲା ରୁଜୁ କରିଥିଲା ସେତେବେଳର ପୁଲିସ। ଅବଶ୍ୟ ପରେ କୋର୍ଟରେ ବିଚାରଣା ପରେ ମୁକ୍ତି ପାଇଥିଲେ ବୋଲି କହନ୍ତି ଗୁଳିମାଡ଼ ଖାଇଥିବା ଭଗବାନ ଜେନା। ସେହିପରି ପୁଲିସ ଗୁଳିରେ ଆହତ ହୋଇଥିବା ଅନ୍ୟ ଜଣେ ହେଲେ ଲିଙ୍ଗରାଜ ଜେନା (୬୭)। ସେ ମଧ୍ୟ କଣ ଚାଲିଛି ଭାବି ଦେଖିବାକୁ ଯାଇଥିଲି। ସେତେବେଳେ କଲେଜ ପଢ଼ା ସରିଯାଇଥାଏ। ଯୁବାଅବସ୍ଥାରେ ଥିଲେ। ଗ୍ରାମବାସୀ ତଥା କୃଷକଙ୍କ ସହ ପୁଲିସ ଓ ପ୍ରଶାସନ କଣ ପାଟିତୁଣ୍ଡ ଚାଲିଛି ତାହା ଦେଖିବାକୁ ଯାଇଥିଲେ। ହେଲେ ହଠାତ ଗୋଟିଏ ଶବ୍ଦ ଏବଂ ତାଙ୍କ ବାମ ଗୋଡ଼ ଆଣ୍ଠୁରେ ଗୁଳି ବାଜିଥିଲା। ତାଙ୍କ ପରି ଅନେକ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ପୁଲିସ ଗାଡିରେ ପାରଳାଖେମୁଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି ସେହି ଦିନର କଥା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ। ସେ ଗୁଳି ଖାଇ ବଞ୍ଚିଗଲେ ହେଲେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଭିକ୍ଷ ଜନିତ ପରିସ୍ଥିତିର ମୁକାବିଲା ପାଇଁ ଧାନ ସଂଗ୍ରହ କରି ମହଜୁଦ ରଖିବାକୁ ଲେଭି ଏକ୍ଟ ଆଣିଥିଲେ ସେତେବେଳେର ସରକାର। ଲେଭି ଆଇନ ପ୍ରକାରେ ଚାଷୀ ଏକର ପିଛା ୧୦ କ୍ୱିଣ୍ଟାଲ ଧାନ ସରକାରଙ୍କୁ ବିକ୍ରି କରିବା ବାଧ୍ୟତାମୂଳକ ଥିଲା। ପୁଣି ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ଧାନ ପାଖରେ ରଖିପାରିବେ ନାହିଁ। ସେହି ଅନୁପାତରେ ଚାଷୀ ସରକାରଙ୍କୁ ଧାନ ଦେବା ସତ୍ତ୍ୱେ କିଛି ଧାନ ବଳାକା ରହୁଥିଲା। ସେଗୁଡିକ ଘର ବାହାରେ ଖଣି ପକାଇ ଓ କୋଟୁ ଘରେ ରଖୁଥିଲେ। ପୁଲିସ ଫୋର୍ସ ମୁତୟନ କରି ଲୋକଙ୍କ କୋଟୁ ଓ ଖଣି ଭାଙ୍ଗି ଧାନ ଓଜନ କରି ନେବା ଆରମ୍ଭ କରିଥିଲେ ଦାୟିତ୍ୱରେ ଥିବା ଉପଖଣ୍ଡ ଅଧିକାରୀ ଜଣକ। ଏଭଳି କରିବାର ତୃତୀୟ ଦିନରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ ଜେନାଙ୍କ ନେତୃତ୍ୱରେ ଗ୍ରାମବାସୀ ସଭା କରି ଗ୍ରାମର ଭୂମିହୀନଙ୍କ ଆବଶ୍ୟକତାକୁ ପୂରଣ କରିବା ପରେ ଧାନ ସରକାରଙ୍କ ନିଅନ୍ତୁ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ସତ୍ତ୍ୱେ ବିଶ୍ୱନାଥ ଜଳାଇ ନାମକ ଜଣେ ଚାଷୀଙ୍କ କୋଟୁ ଭାଙ୍ଗି ଧାନ ନେବା ସମୟରେ ଏହାର ପ୍ରତିବାଦ କରିବା ପାଇଁ ଲୋକ ମେଳି ହୋଇଥିବା ଦେଖି ପରଦିନ ବିଜୟ ଜେନାଙ୍କୁ ଗିରଫ କରିନେଇଥିଲା ପୁଲିସ। ସେତେବେଳେ ପୁଲିସ ସହ ଧସ୍ତାଧସ୍ତି ଓ ଟେଁକାପଥର ମାଡ଼ରେ ଆହତ ହୋଇଥିଲେ ପୁଲିସ କର୍ମଚାରୀ। ପୁଲିସ ପକ୍ଷରୁ ଗୁଳିଚାଳନାରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୧୭ ଜଣ ଆହତ ହୋଇଥିଲେ। ପୁଲିସର ଅଗ୍ନି ବାଣରେ ଗାଁରେ ନିଆଁ ଲାଗି ପୋଡ଼ି ଛାରଖାର ହୋଇଯାଇଥିଲା ସମ୍ପୂର୍ଣ୍ଣ ଗାଁ। ଏହାର ପ୍ରତିବାଦ ପାରଳାଖେମୁଣ୍ଡି ସହରରେ ଦେଖାଦେବାରୁ ସହରରେ ତିନିଦିନ ଧରି କର୍ଫ୍ୟୁ ଜାରି ହୋଇଥିଲା।



ଏବେ କିନ୍ତୁ ବଦଳିଛି ସରକାରଙ୍କ ବ୍ୟବସ୍ଥା, ଚାଷୀ ନିଜର ଧାନ ବିକ୍ରି ପାଇଁ ତଥା ଆଗ୍ରହ ପ୍ରକାଶ କରୁଛି। ଏପରି ଏକ ହୃଦୟ ବିଦାରକ ତଥା ପୁଲିସର ବର୍ବରତା ଘଟଣା ପରେ ପରେ ଲେଭି ଆଇନ ଉଚ୍ଛେଦ ହୋଇଥିଲା ସମଗ୍ର ଦେଶରେ। ସେତେବେଳର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତେ ଘଟଣା ନେଇ ଦୁଃଖ ପ୍ରକାଶ କରିଥିଲେ। ଦେଶ ବିଦେଶରେ ରେଡିଓ ମାଧ୍ୟମରେ ପ୍ରଚାର ପରେ ଏପରି ଧାନ ସଂଗ୍ରହକୁ ନେଇ ଗୁଳିମାଡ଼ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଗୁଳି ଖାଇ ଆହତ ହୋଇଥିବା ବହୁ ବ୍ୟକ୍ତିଙ୍କ ପରଲୋକ ହୋଇଯାଇଛି। ହେଲେ ଗୁଳି ଖାଇ ଥିବା କିଛି ବ୍ୟକ୍ତି ବିଶେଷଙ୍କ ମନରେ ଆଜି ବି ତାଜା ରହିଛି ୧୯୭୫ ମସିହା ଏପ୍ରିଲ ୧୦ ତାରିଖର ଘଟଣା।

ବ୍ରହ୍ମପୁର: 'ଦ୍ରୋହୀ ଓ ଜନବିରୋଧୀ' ବନାମ 'ନିର୍ମଳ ଓ ଜନସେବକ'

# 'ନବୀନ'ଙ୍କ ବିଜୟ ଲାଗି 'ଗୁଣ୍ଡୁଚି ମୂଷା' ହୋଇ ସହଯୋଗ କରିବି: ଚ୍ୟାଉପଟ୍ଟନାୟକ



**ବ୍ରହ୍ମପୁର, ୯ ।୪(ସମିସ):** ନିର୍ବାଚନରେ ବିଜୁ ଜନତା ଦଳ ପ୍ରତି ଲୋକଙ୍କ ଭଲପାଇବା ବଢୁଛି ଓ ଏହା ଦଳ ପାଇଁ ସଫଳତା ଆଣିଦେବ। ଦଳ ପୁଣି ଏକାକୀ ସରକାର ଗଢ଼ିବ ଓ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ନବୀନ ପଟ୍ଟନାୟକ ବିରଳ ରେକର୍ଡର ଅଧିକାରୀ ହେବେ। ଏଥିରେ ଜଣେ ଗୁଣ୍ଡୁଚି ମୂଷା ଭଳି ମୁଁ କାମ କରିବି ବୋଲି କହିଛନ୍ତି ବରିଷ୍ଠ, ଅଭିଜ୍ଞ ଜନନେତା ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ବ୍ରହ୍ମପୁର ଆସନରୁ ୧୯୯୫ମସିହାରୁ ସେ କ୍ରମାଗତ ୫ଥର ବିଜୟୀ ହୋଇ ଚଳିତ ଥର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୧୯୯୫ ମସିହାରେ ପ୍ରଥମ ଥର ପାଇଁ ଜନତା ଦଳ ପକ୍ଷରୁ ବିଧାୟକ ହୋଇଥିବା ବେଳେ ତାହା ପରଠାରୁ ସେ କ୍ରମାଗତ ଭାବେ ମର୍ଯ୍ୟାଦାଜନକ ବ୍ରହ୍ମପୁର ବିଧାନସଭା ଆସନରୁ ବିଜୟୀ ହୋଇଆସୁଛନ୍ତି। ଗତ ୨୦୧୯ ନିର୍ବାଚନରେ ଦଳ ଯୁବନେତା ବିକ୍ରମ କୁମାର ପଣ୍ଡାଙ୍କୁ ଏଠାରୁ ପ୍ରାର୍ଥୀ କରିଥିବା ବେଳେ ସେ ମଧ୍ୟ ଏହି ବିଜୟ ଧାରାକୁ ବଜାୟ ରଖି ବିଜୟୀ ହୋଇଥିଲେ। ଚଳିତ ଥର ବିକ୍ରମ କୁମାର ପଣ୍ଡାଙ୍କୁ ଗୋପାଳପୁରରେ ପ୍ରାର୍ଥୀ କରିଛି ଦଳ। ସେପଟେ ବିଜେଡିର ଗଡ଼ କୁହାଯାଉଥିବା ବ୍ରହ୍ମପୁର ଆସନରେ ଚଳିତ ଥର ଦଳ ପୁଣି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଚଳିତ ନିର୍ବାଚନରେ ବ୍ରହ୍ମପୁରର ଉଭୟ ବିଧାନସଭା ଓ ଲୋକସଭା ଆସନରେ କଡ଼ା ମୁକାବିଲା ହେବା ନେଇ ଆଲୋଚନା କରାଯାଉଥିଲେ ହେଁ ବିରୋଧୀ ପ୍ରାର୍ଥୀ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଦ୍ରୋହୀ ଏବଂ ଅନ୍ୟଜଣେ ଜନବିରୋଧୀ ଓ ଅହଙ୍କାରୀ ହୋଇଥିବାରୁ ସେମାନଙ୍କୁ ଲୋକେ ଆଦୌ ଗ୍ରହଣ କରିବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଡାକ୍ତର ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ। ନବୀନ ପଟ୍ଟନାୟକଙ୍କ ନିର୍ମଳ ଓ ସ୍ୱଚ୍ଛ ଶାସନ ସହିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦୂରଦୃଷ୍ଟି ସମ୍ପନ୍ନ ତଥା ସମାଜର ସବୁ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମସ୍ତଙ୍କ ନିକଟରେ ପହଞ୍ଚିଛି। କେବଳ ବ୍ରହ୍ମପୁର କାହିଁକି ସମଗ୍ର ରାଜ୍ୟରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ସବୁଠି ସବୁ କ୍ଷେତ୍ରରେ ବିକାଶର ଧାରା ଜାରି ରହିଛି। ସବୁଠାରୁ ବଡ଼ କଥା ହେଲା, ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ବିଜୁ ଜନତା ଦଳ ଲୋକଙ୍କ ସହିତ ରହିବା ସହ ସେମାନଙ୍କ ସୁଖ ଦୁଃଖରେ ସାମିଲ ହୋଇଛି। ବ୍ରହ୍ମପୁର ବିଧାନସଭା ଆସନରେ ବିଜେପି ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ (ଶିଷ୍ୟ-ଗୁରୁ)ଙ୍କ ଭିତରେ ଲଢ଼େଇ ହେବା ନେଇ ଚାଲିଥିବା ଆଲୋଚନାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଡାକ୍ତର ଚ୍ୟାଉପଟ୍ଟନାୟକ। ବିରୋଧୀ ପ୍ରାର୍ଥୀ କେ. ଅନୀଲ କୁମାର ଜଣେ ଦ୍ରୋହୀ ଶିଷ୍ୟ। ନିଜ ଭଉଣୀ କେ. ମାଧବୀଙ୍କୁ ଆୟୁଧ କରି ମେୟର ପଦ ହାତେଇବା ପରେ ନିଜେ ବିଧାୟକଙ୍କ ପ୍ରତିନିଧି ଭାବେ ବହୁ ସୁବିଧା ହାସଲ କରିଛନ୍ତି। ହେଲେ ମହିଳାଙ୍କୁ ସମ୍ମାନ ଦେବା ସେ ଜାଣିନାହାନ୍ତି। ନିଜ ଭଉଣୀଙ୍କୁ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିବା କଥା ଖୋଦ୍ ତାଙ୍କ ଭଉଣୀ କେ. ମାଧବୀ ଖୋଲାଖୋଲି ଅଭିଯୋଗ କରିଛନ୍ତି। ଏଣୁ ଏଭଳି ବ୍ୟକ୍ତିଙ୍କୁ ଭୋଟର ଭଲଭାବେ ଚିହ୍ନିଛନ୍ତି, ଏଣୁ ତାଙ୍କୁ ଆଦୌ ଗ୍ରହଣ କରିବେ ନାହିଁ। ସେହିଭଳି ବିଜେପିର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଜଣେ ଜନବିରୋଧୀ ତଥା ଅହଙ୍କାରୀ ବ୍ୟକ୍ତି, ଏହା କାହାକୁ ଅଛପା ନାହିଁ। ସ୍ୱାର୍ଥ ହାସଲ ପାଇଁ ନିଜ ନିର୍ବାଚନ ମଣ୍ଡଳୀର ଯୁବକଙ୍କୁ ଚାକିରି ଦେବା ଆଳରେ ଠକିବାକୁ ପଛାଇ ନଥିବା ପ୍ରଦୀପ ଏବେ ନିର୍ବାଚନ ସମୟରେ ଖାଲି ପ୍ରଳାପ କରୁଛନ୍ତି। ଭୋଟର ବୋକା ନୁହନ୍ତି, 'ଲେଖା ଛିଣ୍ଡେଇ ଦେବି' ଭଳି ଅପେରା ସଂଳାପରେ ଲୋକେ ପ୍ରଭାବିତ ହେବେନି କି ଭୋଟ ଦେବେନି। ଯେମିତି ଗୁଣ ଚିହ୍ନେ ଗୁଣିଆ, ସେହିଭଳି ଲୋକେ ଗୁଣିଆ ହୋଇ ପ୍ରଦୀପଙ୍କ ଭୂତ ଛଡ଼ାଇ ଦେବେ ବୋଲି କହିଛନ୍ତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ଚଳିତ ନିର୍ବାଚନରେ ବ୍ରହ୍ମପୁର ଲୋକସଭା ଆସନ ପାଇଁ ବିଜେଡିର ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଜଣେ ଟାଣୁଆ ଯୁବନେତା। ଗତ ନିର୍ବାଚନରେ ସାଂସଦ ପ୍ରାର୍ଥ ଭାବେ ନିର୍ବାଚନ ଲଢ଼ି ସାଢ଼େ ୩ ଲକ୍ଷ ଭୋଟ ସାଉଁଟିଥିଲେ। ଦୀର୍ଘଦିନ ଧରି ସେ ଲୋକଙ୍କ ସହିତ ରହିଛନ୍ତି। ଏଣୁ ଲୋକସଭା କ୍ଷେତ୍ରରେ ମଧ୍ୟ ଦଳକୁ ସଫଳତା ମିଳିବ ବୋଲି ସେ କହିଛନ୍ତି। ନିର୍ବାଚନ ଆସିଲେ ରାଜନୀତିରେ ସାମିଲ ଥିବା ସମସ୍ତେ ଟିକେଟ ଆଶାୟୀ ହେବା ସ୍ୱାଭାବିକ। ତେବେ ବିଜେଡି ଭଳି ଏକ ଶୃଙ୍ଖଳିତ ଦଳରେ 'ମଇଁଷି ଶିଙ୍ଘ ଫଟା, ଜୁଝିଲା ବେଳକୁ ଗୋଟା' ନ୍ୟାୟରେ ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଜଣାଇ ସମସ୍ତେ ଏକାଠି ହୋଇ ପ୍ରଚାର କରୁଛନ୍ତି। ଏଣୁ ବିରୋଧୀଙ୍କ କୌଣସି ଚାଲ୍ ସଫଳ ହେବ ନାହିଁ ବରଂ ପ୍ରାର୍ଥୀ ଚୟନରେ ହୋଇଥିବା ବିଭ୍ରାଟକୁ ନେଇ ବିଜେପିରେ ଥିବା ଅସନ୍ତୋଷ ବିଦ୍ରୋହର ରୂପ ଧାରଣ କରିଛି। ଦୀର୍ଘବର୍ଷ ଧରି ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ସହରର ବିକାଶ କାର୍ଯ୍ୟକୁ ଆଗେଇ ନେଇଥିବାରୁ ଚଳିତ ନିର୍ବାଚନରେ ପୁଣି ଲୋକଙ୍କ ଆସ୍ଥାଭାଜନ ହୋଇପାରିବେ ବୋଲି ଆଶା ରଖିଥିବା କହିଛନ୍ତି ପୂର୍ବତନ ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ।

## ବିଜେଡି ବିଧାୟିକା ପ୍ରାର୍ଥୀଙ୍କ ପଦଯାତ୍ରା



**ବେଲଗୁଣ୍ଠା, ୯ ।୪(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ** କ୍ଷତ୍ରିୟବରପୁର, ଶାସନ ଏବଂ ବେଣୀପଲ୍ଲୀ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପଦଯାତ୍ରାରେ ଯାଇ ବୟସ୍କ, ବୁଦ୍ଧିଜୀବୀ ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଶଙ୍ଖ ଚିହ୍ନରେ ଭୋଟ୍ ଦେବାପାଇଁ ନିବେଦନ କରିଛନ୍ତି ବିଜେଡିର ସୋରଡ଼ା ବିଧାୟିକା ପ୍ରାର୍ଥିନୀ ସଂଘମିତ୍ରା ସ୍ୱାଇଁ। କ୍ଷତ୍ରିୟବରପୁର ପଞ୍ଚାୟତର ନୂଆଁପଡ଼ା, ରାଇପଡା, କ୍ଷତ୍ରିୟବରପୁର ଗ୍ରାମରେ ପଦଯାତ୍ରା କରିବା ସହ ପଥପ୍ରାନ୍ତ ସଭା କରି ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇଥିଲେ। ଆଜି କ୍ଷତ୍ରିୟବରପୁର ପଞ୍ଚାୟତରେ ୪୮ ନମ୍ବର୍ ଜୋନ୍ ଜିଲ୍ଲା ପରିଷଦ ପ୍ରାର୍ଥୀ ପଞ୍ଚାନନ ନାୟକ, ସମିତିସଭ୍ୟ ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ କୁଞ୍ଜବିହାରୀ ନାୟକ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶାସନ ପଞ୍ଚାୟତରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବେଲଗୁଣ୍ଠା ବ୍ଲକ ବିଜେଡି ସଭାପତି ରାମେଶ୍ୱର ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଉମା ନାୟକ, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ତଥା ବେଣୀପୋଲି ସରପଞ୍ଚ ଦୁର୍ଗାମାଧବ ନାୟକ, ୪୯ ନମ୍ବର୍ ଜିଲ୍ଲାପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ସ୍ୱାଇଁ, ବେଣୀପଲ୍ଲୀ ବିଜେଡି ପଞ୍ଚାୟତ ସଭାପତି ରଙ୍ଗନାଥ ରାଉତ, ବ୍ଲକ ବିଜେଡି ଉପସଭାପତି କୁଞ୍ଜବିହାରୀ ମହାନ୍ତି, ବିଜେଡି ବ୍ଲକ ମହିଳା ସଭାପତି ମମତା ଭୋଳ, ବେଣୀପଲ୍ଲୀ ସମିତିସଭ୍ୟ ମମତା ମହାନ୍ତିଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ଉଗାଦି ଉତ୍ସବାଲୁ; ହିନ୍ଦୁ ନବବର୍ଷ

**ବ୍ରହ୍ମପୁର, ୯ ।୪(ସମିସ):** ଓଡ଼ିଆ ଓ ତେଲୁଗୁ ଭାଇ ଭଉଣୀଙ୍କ ମିଶ୍ରିତ ସହର ବ୍ରହ୍ମପୁର। ଏଠାରେ ଉଭୟଙ୍କ ପରମ୍ପରା ବିଭିନ୍ନ ସମୟରେ ଦେଖିବାକୁ ମିଳେ। ଭାଇଚାରାର ସହର ଭାବେ ଏହା ସବୁବେଳେ ପରିଚିତ। ହିନ୍ଦୁ ନବବର୍ଷ ଓ ତେଲୁଗୁଙ୍କ ନୂଆ ବରଷ ଉଗାଦି ଉତ୍ସବାଲୁ ଚଳିତବର୍ଷ ଏହା ଗୋଟିଏ ଦିନରେ ପାଳିତ ହୋଇଛି। ଏଥିଲାଗି ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଦେଖିବାକୁ ମିଳିଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ମଙ୍ଗଳବାର ଚୈତ୍ର ଶୁକ୍ଳପକ୍ଷ ପ୍ରତିପ୍ରଦା ଦିନ। ଏହାକୁ ଯଥାଚିତ୍ତ ରୀତିନୀତି ସହକାରେ ପାଳନ କରାଯାଇଛି। ଆଜିଠାରୁ ନୂଆବର୍ଷ ଆରମ୍ଭ ଓ ପାଞ୍ଜି ପଠନ କରାଯାଇଛି। ସେହିଭଳି ତେଲୁଗୁ ଭାଇ ଭଉଣୀମାନେ ମଧ୍ୟ ସେମାନଙ୍କ ନବବର୍ଷ ବା ଉଗାଦି ପାଳନ କରିଛନ୍ତି। ପରମ୍ପରା ଅନୁଯାୟୀ ରିତୀନୀତି ସରିବା ପରେ ଉଗାଦି ପାଚିଡ଼ି ଭୋଗ ସ୍ୱରୂପ ଖାଇଛନ୍ତି। ସନ୍ଧ୍ୟାରେ ପଞ୍ଚାଗସରଣ ଜରିଆରେ ପାଞ୍ଜି ଦେଖିବା ସହ ଜଗତ କଲ୍ୟାଣ ଲାଗି ପ୍ରାର୍ଥନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସୁବୁଦ୍ଧିବେଡ଼ା କଲ୍ୟାଣ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଯାଇଛି।

■ ତୁଳସୀନଗର ପଞ୍ଝୁଦଣ୍ଡରେ ଅଘଟଣ

## ନିଆଁ ଲାଗି ଜଣେ ଦଣ୍ଡୁଆ ଗୁରୁତର

**ବ୍ରହ୍ମପୁର, ୯ ।୪(ସମିସ):** ତୁଳସୀନଗର ଠାରେ ଚାଲିଥିବା ପଞ୍ଝୁଦଣ୍ଡ ମହାମେଳନ ବେଳେ ଅଘଟଣ ଘଟିଛି। ନିଆଁ ଲାଗି ଜଣେ ଦଣ୍ଡୁଆ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାପ୍ରକାରେ, ଆଜି ତୁଳସୀନଗରଠାରେ ପଞ୍ଝୁଦଣ୍ଡ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଆଳତି ପାଇଁ ୫ଟି ଦଣ୍ଡ ଦଳ ତୁଳସୀନଗର ଷଷ୍ଠ ଲାଇନ ଠାରେ ଏକତ୍ରିତ ହୋଇଥିଲେ। ଏହି ସମୟରେ ନିଆଁରେ ଝୁଣା ମାଡ଼ ହେଉଥିବା ବେଳେ ଜଣେ ଦଣ୍ଡୁଆଙ୍କ ଶରୀରରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଗୁରୁତର ହୋଇଥିବା ଦଣ୍ଡୁଆ ଜଣଙ୍କ ଛତ୍ରପୁର ଅଞ୍ଚଳର ବୋଲି ଜଣାପଡ଼ିଛି।

## ବୁଗୁଡ଼ାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



**ବୁଗୁଡ଼ା, ୯ ।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ନିର୍ବାଚନ ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଲକ୍ଷ୍ୟରେ ବୁଗୁଡା ପୁଲିସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସହର ଏବଂ ବାଲିପଦର ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ବୁଗୁଡା ଥାନାଧିକାରୀ ପ୍ରଭାତ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସଂଗଠିତ ଉକ୍ତ ଫ୍ଲାଗ୍ ମାର୍ଚ୍ଚ କାର୍ଯ୍ୟକ୍ରମରେ ଏସଆଇ ସମୀର କୁମାର ସେଠୀ, ବିନାୟକ ବିଧାର ଓ ଜ୍ୟୋତିଶ୍ରୀ ସାହୁ, ବାଲିପଦର ଫାଣ୍ଡି ଅଧିକାରୀ ସମୀର କୁମାର ବେହେରାଙ୍କ ସମେତ ୧ ପ୍ଲାଟୁନ୍ ପୁଲିସ ଫୋର୍ସ ସାମିଲ ଥିଲେ। ବୁଗୁଡା ସହରର ବିଭିନ୍ନ ଓ୍ୱାର୍ଡରେ ଏବଂ ବାଲିପଦର ଗ୍ରାମରେ ପୁଲିସ ପକ୍ଷରୁ ଏଭଳି ଫ୍ଲାଗ୍ ମାର୍ଚ୍ଚ ସାଙ୍ଗକୁ ଡାକବାଜି ଯନ୍ତ୍ର ଯୋଗେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରାଯିବା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲରୁ ବିଦାକଲେ ପ୍ରଧାନଶିକ୍ଷୟିତ୍ରୀ

**ଫୁଲବାଣୀ, ୯ ।୪(ସମିସ):** ସାମାନ୍ୟ ବଚସାରୁ ଟିସି ଦେଇ ଜଣେ ଛାତ୍ରୀଙ୍କୁ ସ୍କୁଲରୁ ବିଦା କଲେ ପ୍ରଧାନ ଶିକ୍ଷୟିତ୍ରୀ। ଏନେଇ ଉକ୍ତ ଛାତ୍ରୀ ଜଣକ କନ୍ଧମାଳ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାଇ ଚକାପାଦ ବ୍ଲକର ପିଶୁପଦର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱର୍ଣ୍ଣଲତା କହଁର ଦ୍ୱିତୀୟ ଶ୍ରେଣୀରେ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ମାର୍ଚ୍ଚ ମାସ ୨୯ ତାରିଖ ଦିନ ନିଜ ସହପାଠିନୀଙ୍କ ସହ ସାମାନ୍ୟ ବଚସା ହୋଇଥିଲା। ପ୍ରଧାନଶିକ୍ଷୟତ୍ରୀ ଜାଣିବା ପରେ ଦୁଇ ଛାତ୍ରୀଙ୍କୁ ମାଡ ମାରିବା ସହ ଗାଳି ଗୁଲଜ କରିଥିଲେ। ପରେ ଛାତ୍ରୀ ସ୍ୱର୍ଣ୍ଣଲତାଙ୍କୁ ସ୍କୁଲରୁ ବିଦା କରାଯିବ ବୋଲି ଚେତାବନୀ ଦେଇଥିଲେ। ଚଳିତ ମାସ ୨ତାରିଖ ଦିନ ଟିସି ଦେଇ ସନ୍ଧ୍ୟା ସମୟରେ ଉକ୍ତ ଛାତ୍ରୀଙ୍କୁ ବାହାର କରିଦେଇଥିଲେ। ଏନେଇ ଛାତ୍ରୀ ଜଣକ ସ୍କୁଲରେ ପାଠ ପଢିବା ପାଇଁ ଚାହୁଁଥିବାରୁ ଅଭିଭାବକଙ୍କ ସହ ମଙ୍ଗଳବାର ଜିଲ୍ଲାପାଳ ଆଶିସ ଈଶ୍ୱର ପାଟିଲଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଓ ମେଟ୍ରୋନଙ୍କୁ ବଦଳି କରାଯାଉ ବୋଲି କହିଛନ୍ତି।

## ପୋଲସରା ବିଜେଡିର ମିଶ୍ରଣ ପର୍ବ



**ପୋଲସରା, ୯ ।୪(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ କଣଛାଇ ପଞ୍ଚାୟତର ବହୁ ଯୁବ ସଂଗଠକ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ହାତୀଓଟ ସ୍ଥିତ ଜରାଶ୍ରମରେ ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ କଣଛାଇ ପଞ୍ଚାୟତର ସରପଞ୍ଚ ପ୍ରତିନିଧି କପିଳ ଦାସଙ୍କ ନେତୃତ୍ୱରେ ସମୀର ନାହାକ, କାର୍ତ୍ତିକ ନାହାକ, ସୁବାସ ବିଷୋୟୀ, ରାଜା ବାଡ଼ତ୍ୟା, ବାଦଲ ବାଡ଼ତ୍ୟା, ଅରୁଣ ସାହୁ, ରାଜେଶ୍ ବିଷୋୟୀ, ଟୁନା ପ୍ରଧାନ, ନୀଳାଚଳ ପରିଡ଼ା, କିଶନ ଡାକୁଆଙ୍କ ସମେତ ଯୁବଗୋଷ୍ଠୀ ବିଜେପି ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଥିବା ନେଇ ସମ୍ପାଦକ ଅଶୋକ କୁମାର ବିଷୋୟୀ ସୂଚନା ଦେଇଥିଲେ। ପଞ୍ଚାୟତର ବିକାଶଧାରାରେ ସାମିଲ୍ ହେବା ସହ ବିଜୁ ଜନତା ଦଳର ଉନ୍ନତିମୂଳକ କାର୍ଯ୍ୟଧାରା ଓ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଲୋକପ୍ରିୟତାରେ ପ୍ରଭାବିତ ହୋଇ ଦଳରେ ସାମିଲ ହୋଇଥିବା ନେଇ ନବାଗତ କର୍ମୀ କହିଥିଲେ। ଦଳରେ ଯୋଗଦାନ କରିଥିବା ନବାଗତ କର୍ମୀଙ୍କୁ ବିଧାୟକ ଶ୍ରୀକାନ୍ତ ସାହୁ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ କଣଛାଇ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଟୁକୁନା ସ୍ୱାଇଁ, ଯୁବନେତା ରାମକୃଷ୍ଣ ଦାସ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ପଲେଇଙ୍କ ସମେତ ନିର୍ବାଚିତ ପ୍ରତିନିଧି ତଥା ଦଳୀୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରକ୍ଷାକର୍ତ୍ତା ପାଲଟିଲେ ସ୍ୱେଚ୍ଛାସେବୀ



**ଛତ୍ରପୁର, ୯ ।୪(ସମିସ):** ମା' ତାରାତାରିଣୀଙ୍କର ଚଇତି ମଙ୍ଗଳବାରର ଆଜି ଥିଲା ତୃତୀୟ ପାଳି। ମେରୁ ସଂକ୍ରାନ୍ତିର ପୂର୍ବ ପାଳି ତଥା ହିନ୍ଦୁ ନବବର୍ଷ ହୋଇଥିବାରୁ ଏହି ପାଳିରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। କିନ୍ତୁ ପୂର୍ବରୁ ପ୍ରସ୍ତୁତ ଥିବା ସ୍ୱେଚ୍ଛାସେବୀମାନେ ବିଭିନ୍ନ ଅନନ୍ୟ କାର୍ଯ୍ୟ ଯଥା ଲୋକଙ୍କୁ ଧାଡିରେ ଛିଡା କରାଇ ମା'ଙ୍କର ଶୃଙ୍ଖଳିତ ଦର୍ଶନ କରାଇବା, ଅସହାୟ ତଥା ଦିବ୍ୟାଙ୍ଗମାନଙ୍କୁ ମା'ଙ୍କ ଦର୍ଶନ କରାଇବାରେ ଯଥା ସମ୍ଭବ ସହାୟତା କରିବା, ହଜିଯାଇଥିବା ଛୋଟ ପିଲାଙ୍କୁ ସେମାନଙ୍କ ବାପା ମାଆଙ୍କ ପାଖରେ ପହଞ୍ଚାଇବା, ପାଣି ବାଣ୍ଟିବା ତଥା ପ୍ରବଳ ଖରା ଯୋଗୁଁ ଅଚେତ ହୋଇପଡିଥିବା ଭକ୍ତଙ୍କୁ ଜରୁରୀକାଳୀନ ସାହାଯ୍ୟ ପ୍ରଦାନ କରିବା ଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ସମ୍ପାଦନ କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ। ଛତ୍ରପୁରର ଉତ୍ସାହୀ ଯୁବକମାନେ ଛତ୍ରପୁର ଏସଡ଼ିଜେଏମ୍ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ତଥା ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଏକ ଷାଠିଏ ଜଣିଆ ସେବା ଦଳ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ମନ୍ଦିରରେ ବିଭିନ୍ନ ସେବାକାର୍ଯ୍ୟ କରିବାକୁ ଭୋର ୪ଟା ସମୟରେ ମନ୍ଦିରରେ ପହଞ୍ଚି ଯଥା ସମ୍ଭବ ପ୍ରଶାସନକୁ ସହାୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ ରାମକୃଷ୍ଣ ରେଡ୍ଡୀ, ଟୁଟୁ ନାୟକ, ଲସିତ ବେହେରା, ମନୋରଞ୍ଜନ ବେହେରା, ବିଜୟ ଜେନା, ଦୀପ୍ତିବାଳା ସାହୁ, ସାଗରିକା ସାମନ୍ତରାୟ, ସମୀର ପ୍ରଧାନ, ଏସ ରବି, ରାଜେଶ ପାତ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଦଣ୍ଡୁଆ ମୃତ

**ଫୁଲବାଣୀ, ୯ ।୪(ସମିସ):** ଦଣ୍ଡ ନାଚ ଚାଲିଥିବାବେଳେ ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଜଣେ ଦଣ୍ଡୁଆଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବୌଦ୍ଧ ଜିଲ୍ଲା ହରିପୁର ମୁଣ୍ଡିପଦର ଗ୍ରାମର ପ୍ରଭାତ କହଁର। ସୂଚନା ଅନୁଯାୟୀ, ଖଜୁରୀପଡା ବ୍ଲକ ଅନ୍ତର୍ଗତ ସୁଡ୍ରୁକୁମ୍ପା ପଞ୍ଚାୟତର ଦଳପଡ଼ା ଗାଁରେ ସୋମବାର ରାତିରେ ଦଣ୍ଡନାଚ ଚାଲିଥିଲା। ଏହି ସମୟରେ ହଠାତ କାଳ ବୈଶାଖୀ ଯୋଗୁଁ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏଥିଯୋଗୁଁ କିଛି ସମୟ ଯାଏ ଦଣ୍ଡ ନାଚ ବନ୍ଦ ରହିଥିଲା। ବର୍ଷା ଟିକେ କମିବା ପରେ ଦଣ୍ଡୁଆ ପ୍ରଭାତ ବର୍ଷାରେ ଓଦା ହୋଇଯାଇଥିବା ବିଦ୍ୟୁତ ତାରକୁ ଖୋଲିବାକୁ ଯାଇଥିଲେ। ଖୋଲିବା ସମୟରେ ହଠାତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ଅନ୍ୟ ଦଣ୍ଡୁଆଙ୍କ ସହ ଗ୍ରାମବାସୀ ଆମ୍ବୁଲାନ୍ସ ଜରିଆରେ ତାଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସଥର ଥାନା ପୁଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

## ରାଷ୍ଟ୍ରୀୟ ନବବର୍ଷ ଓ ତେଲୁଗୁ ସମ୍ପ୍ରଦାୟର ଉଗାଦି ପାଳନ



**ପାରଳାଖେମୁଣ୍ଡି, ୯ ।୪(ସମିସ):** ରାଷ୍ଟ୍ରୀୟ ନବବର୍ଷ ତଥା ତେଲୁଗୁ ସଂପ୍ରଦାୟର ଉଗାଦି ପାଳନ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ପାରଳା ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳ। ଉଗାଦି ପାଳନ ପାଇଁ ସୁନାଗହଣା ଦୋକାନଠାରୁ ଆରମ୍ଭ କରି ପୋଷାକ, ଫଳ ଏବଂ ବିଭିନ୍ନ ପୂଜା ସାମଗ୍ରୀ କ୍ରୟ କରିବା ପାଇଁ ବିଭିନ୍ନ ଦୋକାନରେ ଭିଡ ପରିଲକ୍ଷିତ ହୋଇଥିଲା। ଉଗାଦିରେ ନୂତନ ବସ୍ତ୍ର ପରିଧାନ କରିବା ସହ ପରିବାର ମଧ୍ୟରେ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଆଦାନ ପ୍ରଦାନ କରିବା ଠାରୁ ବିଶେଷ କରି ତେଲୁଗୁ ସଂପ୍ରଦାୟର ମହିଳା ମାନେ ସୁନା ଅଳଙ୍କାର ପରିଧାନ କରିଥାନ୍ତି। ଏହା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି। ଜିଲ୍ଲାର ୩ ବ୍ଲକ କାଶୀନଗର, ଗୋଷାଣି, ରାୟଗଡ ଏବଂ ପାରଳାଖେମୁଣ୍ଡି ଓ କାଶୀନଗର ସହରରେ ତେଲୁଗୁ ସଂପ୍ରଦାୟର ଲୋକେ ଅଧିକ ସଂଖ୍ୟାରେ ବାସ କରୁଛନ୍ତି। ଏଥିଯୋଗୁଁ ଉଗାଦି ପର୍ବ ପାଇଁ ଚଳଚଞ୍ଚଳ ହୋଇପଡିଛି ଗଜପତି ଜିଲ୍ଲା। ଉଗାଦି ପାଳନ ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଝୋଟି, ବିଭିନ୍ନ ପୀଠାପଣା ଆଦି ପ୍ରତିଯୋଗିତା ହୋଇଥିଲା। ଜିଲ୍ଲାର କାଶୀନଗର ଓ ଗୋଷାଣି ବ୍ଲକାଞ୍ଚଳର ବିଭିନ୍ନ ଗ୍ରାମରେ ଝୋଟି ପ୍ରତିଯୋଗିତା ହୋଇଥିଲା। ସେହିପରି ଆଜି ଚୈତ୍ର ମଙ୍ଗଳବାରର ତୃତୀୟ ପାଳି ହୋଇଥିବାରୁ ବିଭିନ୍ନ ଠାକୁରାଣୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପୂଜାର୍ଚ୍ଚନା ଆଦିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## ଭେଣ୍ଡିଂ ଜୋନ୍‌କୁ ନେଇ ଅସନ୍ତୋଷ

**ଗଞ୍ଜାମ, ୯ ।୪(ସମିସ):** ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବ୍ୟବସାୟୀଙ୍କୁ ଦିଆଯାଇଥିବା ଭେଣ୍ଡିଂ ଜୋନ୍‌ରେ ନିଜେ ବ୍ୟବହାର ନକରି କିଛି ବ୍ୟବସାୟୀ ଭଡାରେ ଅନ୍ୟକୁ ଦେଇଛନ୍ତି। ଫଳରେ ଏହାକୁ ନେଇ ବଣିକ ସଂଘ ପକ୍ଷରୁ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଆଗାମୀ ଦିନରେ ଏହା ପରିବର୍ତ୍ତନ ନ ହୁଏ ତାହାଲେ ବଣିକ ସଙ୍ଘ ପକ୍ଷରୁ ଏହାର ପ୍ରତିବାଦ କରାଯିବ ବୋଲି ବଡ଼ ବଜାର ବଣିକ ସଙ୍ଘ ସଭାପତି ଗୌରୀ ଶଙ୍କର ବାରିକି, ସମ୍ପାଦକ କାହ୍ନୁ ପଣ୍ଡା ପ୍ରମୁଖ ଦାବି ଜଣାଇଛନ୍ତି। ସୂଚନାଯୋଗ୍ୟ ଗଞ୍ଜାମ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ବଡ଼ ବଜାର ଓ ସାନ ବଜାର ଠାରେ ଭେଣ୍ଡି ଜୋନ ନିର୍ମାଣ ହୋଇଛି। ସେଗୁଡିକ ବ୍ୟବସାୟ ପାଇଁ ସ୍ଥାନୀୟ ବ୍ୟବସାୟୀଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯାଇଛି।

## ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ; ଥାନାରେ ଏତଲା

**ଫୁଲବାଣୀ, ୯ ।୪(ସମିସ):** ବେକାର ଯୁବକ ଯୁବତୀଙ୍କୁ ସ୍ଥାୟୀ ଚାକିରି କରାଇଦେବି କହି ଏକ ଆଉଟସୋର୍ସିଂ ସଂସ୍ଥା କମ୍ପାନୀ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଫୁଲବାଣୀ ଥନାରେ ଲିଖିତ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱରସ୍ଥିତ ପ୍ରତ୍ୟୁଷ ନାମକ ଏକ ଘରୋଇ ସଂସ୍ଥା ଚାକିରୀର ପ୍ରଲୋଭନ ଦେଖାଇ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଟଙ୍କା ହଡପ କରିଥିବା ବିଷୟ ସାମ୍ନାକୁ ଆସିଛି। ଏନେଇ ଫୁଲବାଣୀ ଥାନାରେ ଅଭିଯୋଗ ହୋଇଛି। ସଦର ଥାନା ଅର୍ନଗତ ସୁଡ୍ରୁକୁମ୍ପା ଗ୍ରାମର ଗଙ୍ଗାଧର ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ସ୍ଥାୟୀ ସରକାର ଚାକିରୀ ଦେବା ନାମରେ ପ୍ରତ୍ୟୁଷ ସଂସ୍ଥାର ମ୍ୟାନେଜର ୬୦ହଜାର ଟଙ୍କା ହଡପ କରିଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଥାନା ଅଞ୍ଚଳର ଅନ୍ୟ ୨ଜଣ କୁମୁଦ ଚନ୍ଦ୍ର ବେହେରା ଓ ରଞ୍ଜିତ କୁମାର ସେଠଙ୍କୁ ମଧ୍ୟ ମେଡିକାଲରେ ଚାକରୀ ଦେବା ନାମରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ କରି ମଙ୍ଗଳବାର ଫୁଲବାଣୀ ଥନାରେ ଲିଖିତ ଅଭିଯୋଗ କରିଛନ୍ତି। କୁମୁଦଙ୍କ ଠାରୁ ୩ ଲକ୍ଷ ଓ ରଞ୍ଜିତଙ୍କ ଠାରୁ ୪ଲକ୍ଷ ଟଙ୍କା ସମୁଦାୟ ୭ ଲକ୍ଷ ଟଙ୍କା ସଂସ୍ଥାର ନିର୍ଦ୍ଦେଶକ ରାକେଶ ମହାନ୍ତି ଠକି ନେବା ପରେ ଏକ ଜାଲି ନିଯୁକ୍ତିପତ୍ର ଦେଇଥିବା ଅଭିଯୋଗ ହୋଇଛି। ତେବେ ଉକ୍ତ ସଂସ୍ଥା ସଦର ଥାନା ଅଞ୍ଚଳର ବହୁ ଯୁବକଙ୍କୁ ଚାକରୀ କରାଇଦେବା ନାରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଜଣାପଡିଛି। ବହୁବାର ଉକ୍ତ ସଂସ୍ଥା ସହ ଯୋଗାଯୋଗ କରାଗଲେ ମଧ୍ୟ ସୁଫଳ ମିଳୁ ନ ଥିବା ବେଳେ ଗୁଣ୍ଡା ଲଗାଇ ମାରିଦେବାକୁ ଧମକ ଦେଉଛି ବୋଲି କହିଛନ୍ତି ଅଭିଯୋଗକାରୀ। ଏନେଇ ତୁରନ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ପୁର୍ବରୁ ଉକ୍ତ ସଂସ୍ଥା ଚାକିରୀ ନାରେ ଟଙ୍କା ମାଗୁଥିବାରୁ କନ୍ଧମାଳ ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଗତ ଫେବୃଆରୀ ୭ ତାରିଖରେ ବିଭିନ୍ନ ଗ୍ରୁପ-ଡି ଚାକିରୀରେ ନିଯୁକ୍ତି ପାଇଁ ଏଜେନ୍ସି ନିୟୋଜିତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ଦାଖଲ କରିଥିବା ଏଜେନ୍ସିଙ୍କ ମଧ୍ୟରୁ ପ୍ରତ୍ୟୁଷ ଏଜେନ୍ସିକୁ ଏହି ଟେଣ୍ଡର ମିଳିଥିଲା। ବର୍ତ୍ତମାନ ଏହି ଏଜେନ୍ସିର ଜଣେ ଏଜେଣ୍ଟ ଗଞ୍ଜାମ, ନୟାଗଡ ଓ କନ୍ଧମାଳ ଜିଲ୍ଲା ସାରା ବୁଲି ବୁଲି ସ୍ଥାୟୀ ଚାକିରୀ ଦେବା କଥା କହି ନିରୀହ ପ୍ରାର୍ଥୀଙ୍କୁ ପ୍ରଲୋଭିତ କରି ଅର୍ଥ ମାଗୁଥିବା ମଞ୍ଚ ଅଭିଯୋଗ କରିଛି।

## କର୍କଟ ରୋଗରେ ଶ୍ରମିକ ମୃତ

**ପାତ୍ରପୁର, ୯ ।୪(ସମିସ):** ଜରଡ଼ା ଥାନା ଆଙ୍କୁଲି ପଞ୍ଚାୟତ ବୁରସାହି ଗ୍ରାମର ଜଣେ ସୁବାସ ପାତ୍ରଙ୍କ ମୃତ୍ୟୁ ଘଟିଛି। ସେ ଶ୍ରମିକ ଭାବେ କାମ କରୁଥିବାବେଳେ ଦୀର୍ଘଦିନ ହେଲା କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମୃତ ଦେହକୁ ଏକ ଆମ୍ବୁଲାନ୍ସ ଯୋଗେ କଟକରୁ ଗ୍ରାମକୁ ଆଣିବା ପରେ ସତ୍କାର କରାଯାଇଛି। ସୁବାସ କେରଳ ଠାରେ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ଗତ ଦୁଇ ମାସ ତଳେ ରୋଗାକ୍ରାନ୍ତ ହୋଇ ଗ୍ରାମକୁ ଫେରି ଚିକିତ୍ସିତ ହେଉ ଥିଲେ। ଚିକିତ୍ସା ନିମନ୍ତେ ବିଭିନ୍ନ ଡାକ୍ତରଖାନରେ ଚିକିତ୍ସିତ ହୋଇଥିବା ବେଳେ ତିନି ସପ୍ତାହ ହେବ କଟକ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ। ସୁବାସ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ପରିବାର ବର୍ଗକୁ ସରକାରୀ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।

## କେନ୍ଦ୍ର ଓ ତଟରକ୍ଷୀ ବାହିନୀକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ମହିଳାଙ୍କୁ ସ୍ଥାୟୀ କମିଶନ ଦିଅ; ନଚେତ ଆମେ ଦେବୁ

**'ନାରୀ ଶକ୍ତି'ର କଥାକୁ କାର୍ଯ୍ୟକାରୀ କରି ଦେଖାନ୍ତୁ**





ନୂଆଦିଲ୍ଲୀ, ୯।୪ (ଏଜେନ୍ସି)

ମହିଳା ଅଧିକାରୀ ପ୍ରିୟଙ୍କା ତ୍ୟାଗୀଙ୍କୁ ଚାକିରିରୁ ବାହାର କରିବାକୁ ନେଇ ସୁପ୍ରିମକୋର୍ଟ ସୋମବାର ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି)କୁ ତୀବ୍ର ଭର୍ତ୍ସନା କରିଛନ୍ତି। ପୁଣିଥରେ ତାଙ୍କୁ ବାହିନୀରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହିଳାଙ୍କୁ ସର୍ଟ ସର୍ଭିସ କମିଶନ ଅଧିକାରୀ ପଦରୁ ବାହାର କରିଦିଆଯାଇଥିଲା। ପ୍ରିୟଙ୍କାକୁ ସ୍ଥାୟୀ କମିଶନ ନ ଦେବାକୁ ନେଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଖଣ୍ଡପୀଠ ଆଇସିଜିକୁ ତୀବ୍ର ସମାଲୋଚନା କରିଛନ୍ତି। ସ୍ଥଳସେନା, ବାୟୁସେନା ଏବଂ ନୌସେନାରେ ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ ଦେବାକୁ ନେଇ ଦିଆଯାଇଥିବା ନିଷ୍ପତ୍ତି ବିଷୟରେ ଉଲ୍ଲେଖ କରି ଏହି ଭେଦଭାବ ଶେଷ ହେବା ଉଚିତ ବୋଲି କହିଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟଙ୍କୁ ପଥ ପ୍ରଦର୍ଶକ ହେବାକୁ ପଡ଼ିବ। ଦେଶ ସହ ଚାଲିବାକୁ ହେବ। ପ୍ରଥମେ ମହିଳା ଓକିଲାତି କରିପାରୁ ନ ଥିଲେ, ଲଢୁଆ ବିମାନର ପାଇଲଟ ହୋଇପାରୁ ନ ଥିଲେ। ଲିଙ୍ଗଗତ ସମାନତା ପ୍ରତିଷ୍ଠା କରିବାରେ ଯେଉଁ ସମସ୍ୟା ଆସୁଛି ତାହାକୁ ଦୂର କରିବାକୁ ପଡ଼ିବ। ଖଣ୍ଡପୀଠ ଆଇସିଜିକୁ ପ୍ରଶ୍ନବାଣ ମାରିଛନ୍ତି। ମହିଳାଙ୍କ ସହ ଏପରି ବ୍ୟବହାର କାହିଁକି କରୁଛନ୍ତି ବୋଲି ପଚାରିଛନ୍ତି। ଯେଉଁ ପଦରୁ ପ୍ରିୟଙ୍କାକୁ ବାହାର କରାଯାଇଥିଲା ସେଥିରେ ପୁଣି ନିଯୁକ୍ତି ଦେବାକୁ କହିଛନ୍ତି। ଆଗାମୀ ନିର୍ଦ୍ଦେଶ ଆସିବା ପରେ ଆବେଦନକାରୀଙ୍କୁ ତାଙ୍କ ଯୋଗ୍ୟତା ଆଧାରରେ ସଠିକ ପୋଷ୍ଟିଂ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଦିଲ୍ଲୀ ହାଇକୋର୍ଟରେ ପଡ଼ି ରହିଥିବା ପ୍ରିୟଙ୍କାଙ୍କ ସମସ୍ତ ମାମଲାକୁ କୋର୍ଟ ନିଜ ପାଖରୁ ସ୍ଥାନାନ୍ତର କରି ଆଣିଛନ୍ତି। ମହିଳା ଆଇସିଜିରେ ସର୍ଟ ସର୍ଭିସ କମିଶନରେ ଥିବା ମହିଳା ଅଧିକାରୀଙ୍କ ପାଇଁ ସ୍ଥାୟୀ କମିଶନ ଦାବି କରିଛନ୍ତି। ଆଇସିଜିରେ ମହିଳାଙ୍କ ପାଇଁ ସ୍ଥାୟୀ କମିଶନ ନ ଥିବାକୁ ନେଇ କୋର୍ଟ କେନ୍ଦ୍ରକୁ ଭର୍ତ୍ସନା କରିଛନ୍ତି। ତୁରନ୍ତ ଏହା ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଏପରି ନ କଲେ ସୁପ୍ରିମକୋର୍ଟ ସ୍ଥାୟୀ କମିଶନ ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଆଇସିଜି ପକ୍ଷରୁ ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣୀ କହିଥିଲେ ଯେ ସେନା ସହ ତଟରକ୍ଷୀ ବାହିନୀକୁ ତୁଳନା କରିବା ଭୁଲ୍ ହେବ। ତେବେ କୋର୍ଟ ଏହି ଯୁକ୍ତିକୁ ଖାରଜ କରିଦେଇଥିଲେ। ସିଜେଆଇ କହିଥିଲେ ଯେ ପୂର୍ବରୁ ତିନି ସେନା ପାଇଁ ସ୍ଥାୟୀ କମିଶନ ମାମଲାରେ କୋର୍ଟ ରାୟ ଦେଇ ସାରିଛନ୍ତି। ମାତ୍ର ଦୁଃଖର ବିଷୟ ଏହି କି ଯେ ଆଇସିଜି ଏଥିରୁ ବାଦ୍ ପଡ଼ି ଯାଇଛି। ମହିଳାଙ୍କୁ ଆଇସିଜିରେ ସାମିଲ ହେବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି କହିଛନ୍ତି। ଏହା ଉପରେ ଆଟର୍ଣ୍ଣି ଜେନେରାଲ କହିଥିଲେ ଯେ ଆଇସିଜି ଲିଙ୍ଗଗତ ସମାନତାକୁ ବିରୋଧ କରୁନାହିଁ। ସେ କେବଳ ଏହି ମାମଲା ସମ୍ବନ୍ଧିତ ତଥ୍ୟ ଏବଂ ପରିବର୍ତ୍ତନ ସ୍ଥିତିରେ ବାହିନୀର ପ୍ରସ୍ତୁତିକୁ ନେଇ ସୂଚନା ଦେଉଛନ୍ତି। କୌଣସି ପରିବର୍ତ୍ତନକୁ କାର୍ଯ୍ୟକାରୀ କରିବା ପାଇଁ ସଠିକ୍ ପ୍ରକ୍ରିୟା ରହିଥାଏ। ଏହାକୁ ନେଇ ସିଜେଆଇ କହିଥିଲେ ଯେ ପୂର୍ବରୁ ମହିଳା ନୌସେନାରେ ସାମିଲ ହେବା ଅନୁଚିତ ବୋଲି କୁହାଯାଉଥିଲା। କାରଣ ନୌସେନାରେ ମହିଳାଙ୍କ ପାଇଁ ଟୟଲେଟ୍ ନ ଥିଲା। କିନ୍ତୁ ଏବେ ମହିଳା ନୌସେନାରେ ସାମିଲ ହେଉଛନ୍ତି।

ପୂର୍ବରୁ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରାଯିବ ବୋଲି ଆଇସିଜି ପକ୍ଷରୁ କୁହାଯାଇଥିଲା। ତେବେ ଭେଙ୍କଟରମଣୀ ଦର୍ଶାଇ ଥିଲେ ଯେ ସର୍ଟ ସର୍ଭିସ କମିଶନ ଅଧିକାରୀଙ୍କ ସମ୍ବନ୍ଧିତ ନିଯୁକ୍ତି ରାଲିରେ ମହିଳା ସ୍ଥାୟୀ କମିଶନ ଦାବି କରିପାରିବେ ନାହିଁ ବୋଲି ସ୍ପଷ୍ଟ ରହିଛି। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ ୨୦୨୪ରେ ଏହି ତର୍କର କୌଣସି ଅର୍ଥ ନାହିଁ। ମହିଳାଙ୍କୁ ପଛରେ ରଖାଯାଇପାରିବ ନାହିଁ। ଆପଣ ନିୟମ ନ ବନାଇଲେ ଆମେ ବନାଇବୁ। ଆପଣ ନାରୀ ଶକ୍ତିର କଥା କହୁଛନ୍ତି, ଏବେ ଏହାକୁ କରି ଦେଖାନ୍ତୁ। ଏହି ମାମଲାରେ ଆପଣ ଗଭୀର ପାଣିରେ ଅଛନ୍ତି। ମହିଳାଙ୍କୁ ସମାନତା ଦେଉଥିବା ଭଳି ନିୟମ ବନାଇବାକୁ ପଡ଼ିବ ବୋଲି କହିଥିଲେ। ଏହା ସହିତ ଆଇସିଜିରେ ମହିଳାଙ୍କୁ ସ୍ଥାୟୀ କମିଶନ ଦେବାକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ।

● ଭ୍ରମାତ୍ମକ ବିଜ୍ଞାପନ ମାମଲା

## ପୁଣି କ୍ଷମା ମାଗିଲେ ରାମଦେବ-ବାଳକୃଷ୍ଣ

ନୂଆଦିଲ୍ଲୀ, ୯।୪ (ଏଜେନ୍ସି): ବଡ଼ ବଡ଼ ଦାବି କରୁଥିବା ଭ୍ରମାତ୍ମକ ବିଜ୍ଞାପନକୁ ନେଇ ଯୋଗ ଗୁରୁ ବାବା ରାମଦେବ ଏବଂ ପତଞ୍ଜଳୀ ଆର୍ୟୁବେଦ ଲିମିଟେଡର ଏମ୍ଡି ଆଚାର୍ଯ୍ୟ ବାଳକୃଷ୍ଣ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଉଭୟେ ସୁପ୍ରିମକୋର୍ଟରେ ଅଲଗା ଅଲଗା ସତ୍ୟପାଠ ଦାଖଲ କରିଛନ୍ତି। ଗତ ବର୍ଷ ନଭେମ୍ବର ୨୧ର ଆଦେଶରେ ରୁଜୁ ହୋଇଥିବା ବୟାନର ଉଲ୍ଲଙ୍ଘନ କରିବାକୁ ନେଇ ମଧ୍ୟ କ୍ଷମା ମାଗିଛନ୍ତି। ସେତେବେଳେ କୌଣସି ଆଇନର ଉଲ୍ଲଙ୍ଘନ କରାଯିବ ନାହିଁ ବୋଲି ପତଞ୍ଜଳୀର ଓକିଲ କହିଥିଲେ। କୌଣସି ଚିକିତ୍ସା ପଦ୍ଧତି ବିରୋଧରେ ଗଣମାଧ୍ୟମରେ ବିଜ୍ଞାପନ ନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କମ୍ପାନୀ ପୁଣି ଏହାକୁ ଉଲ୍ଲଙ୍ଘନ କରିଥିଲା। ସତ୍ୟପାଠରେ ରାମଦେବ ବିଜ୍ଞାପନ ପ୍ରସଙ୍ଗକୁ ନେଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ନିଜ ଭୁଲ୍ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ପୁନର୍ବାର ଏପରି ହେବ ନାହିଁ ବୋଲି କୋର୍ଟଙ୍କୁ ଆଶ୍ୱାସନା ଦେଇଛନ୍ତି। ଆଦେଶକୁ ପାଳନ କରାଯିବ ଏବଂ ଏଭଳି କୌଣସି ବିଜ୍ଞାପନ ଜାରି କରାଯିବ ନାହିଁ ବୋଲି କହିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୯।୪ (ଏଜେନ୍ସି):ଶିଳ୍ପରେ ବ୍ୟବହୃତ ଆଲ୍‌କୋହଲକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି। ବିଷାକ୍ତ ମଦର ବିପଦକୁ ଦେଖି ରାଜ୍ୟ ନିଜ ନାଗରିକଙ୍କ ସ୍ୱାସ୍ଥ୍ୟ ପାଇଁ ଏହି ଆଲ୍‌କୋହଲ ଉପରେ ରାଜ୍ୟଗୁଡିକ କାହିଁକି ନିୟମ ପ୍ରଣୟନ କରିପାରିବେ ନାହିଁ ବୋଲି ପଚାରିଛନ୍ତି। କୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏହି ଆଲ୍‌କୋହଲର ଅପବ୍ୟବହାର ବନ୍ଦ କରିବା ପାଇଁ ରାଜ୍ୟଗୁଡିକ ଶୁଳ୍କ କାହିଁକି ଲଗାଇପାରିବେ ନାହିଁ ବୋଲି ପଚାରିଛନ୍ତି। ଏବେ ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଶିଳ୍ପରେ ବ୍ୟବହୃତ ଆଲ୍‌କୋହଲର ଉତ୍ପାଦନ, ଯୋଗାଣ ଏବଂ ପରିଚାଳନା ଉପରେ କେନ୍ଦ୍ର ଓ ରାଜ୍ୟ କ୍ଷମତାର ସମୀକ୍ଷା କରୁଛନ୍ତି। ପୂର୍ବରୁ ୭ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ରାଜ୍ୟ ବିରୋଧରେ ନିଷ୍ପତ୍ତି ଶୁଣାଇ ଥିଲେ।

## ମଇରେ ଖୋଲିବ କେଦାରନାଥ ଧାମ



ନୂଆଦିଲ୍ଲୀ, ୯ ।୪(ଏଜେନ୍ସି): ହିମାଳୟପାର୍ବତ୍ୟାଞ୍ଚଳରେ ଉତ୍ତରାଖଣ୍ଡ ରାଜ୍ୟରେ ଥିବା ହିନ୍ଦୁଙ୍କ ତିନି ପ୍ରସିଦ୍ଧ ଧର୍ମପୀଠ ଶୀତ ଋତୁରେ ବନ୍ଦ ରହିଥିବା ବେଳେ କେଦାରନାଥ ଧାମ ମଇ ୧୦ ସକାଳ ୭ଟାରେ , ବଦ୍ରିନାଥ ଧାମ ୧୨ ତାରିଖ ସକାଳ ୬ଟାରେ ଓ ଗଙ୍ଗୋତ୍ରୀ-ଯମୁନୋତ୍ରୀ ଧାମ ପବିତ୍ର ଅକ୍ଷୟ ତୃତୀୟାରେ ଶ୍ରଦ୍ଧାଳୁ, ଭକ୍ତ ଓ ତୀର୍ଥଯାତ୍ରୀଙ୍କ ପାଇଁ ଖୋଲିବ। ପ୍ରତିବର୍ଷ ପାଣିପାଗକୁ ନେଇ ଏପ୍ରିଲ/ ।।ମେ'ରୁ ନଭେମ୍ବର/ ଡିସେମ୍ବର ମଧ୍ୟରେ ଲକ୍ଷଲକ୍ଷ ସଂଖ୍ୟାରେ ଭକ୍ତ ଚାରିଧାମ ଯାତ୍ରାରେ ବାହାରି ଏହି ଧର୍ମପୀଠଗୁଡ଼ିକରେ ଦେବ ଦର୍ଶନ ଓ ପୂଜାପାଠ କରିଥାନ୍ତି। ଶୀତ ଓ ତୁଷାରପାତ କାରଣରୁ ବଦ୍ରିନାଥ ଧାମ ଗତ ନଭେମ୍ବର ୧୮ରୁ ଓ ଗଙ୍ଗୋତ୍ରୀ ଧାମ ନଭେମ୍ବର ୧୪ରୁ ବନ୍ଦ ରହିଛି।

## ଆପ୍ ବିଧାୟକ ଅମାନତୁଲ୍ଲା ଖାନଙ୍କୁ ସମନ



ନୂଆଦିଲ୍ଲୀ, ୯।୪ (ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ନେତାଙ୍କ ସମସ୍ୟା କମ୍ ହେବାର ନା ଧରୁନି। ଏବେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଆପ୍ ବିଧାୟକ ଅମାଲତୁଲ୍ଲା ଖାନ୍‌ଙ୍କୁ ସମନ ଜାରି କରିଛନ୍ତି। ୨୦ ତାରିଖରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୱାକଫ ବୋର୍ଡ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ନୋଟିସ ଜାରି କରିଥିଲା। ମାତ୍ର ସେ ହାଜର ହୋଇ ନ ଥିଲେ। ଏହା ବିରୋଧରେ ଏଜେନ୍ସି କୋର୍ଟରେ ଅଭିଯୋଗ କରିଥିଲା। ଏହା ଉପରେ କୋର୍ଟ ତାଙ୍କୁ ନୋଟିସ ଜାରି କରିଛନ୍ତି।

## କେ କବିତାଙ୍କ ହେପାଜତ ସୀମା ବୃଦ୍ଧି



ନୂଆଦିଲ୍ଲୀ, ୯।୪ (ଏଜେନ୍ସି): ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କ ହେପାଜତ ସୀମାକୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ୨୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛନ୍ତି। ଏହି ମାମଲାରେ ୮ ଘଣ୍ଟାର ଜେରା ପରେ ଇଡି ତାଙ୍କୁ ମାର୍ଚ୍ଚ ୧୫ ତାରିଖରେ ଗିରଫ କରିଥିଲା। ଏହା ପରଠାରୁ ତାଙ୍କୁ ହେପାଜତରେ ରଖାଯାଇଥିଲା। ଆଜି ଏହି ଅବଧି ଶେଷ ହୋଇଥିଲା। ତେଣୁ କୋର୍ଟ ପୁଣି ତାଙ୍କୁ ଆଉ ୧୪ ଦିନ ପାଇଁ ହେପାଜତକୁ ପଠାଇ ଦେଇଛନ୍ତି।

## ସୂର୍ଯେୱାଲାଙ୍କୁ ଇସି ନୋଟିସ

ନୂଆଦିଲ୍ଲୀ, ୯।୪ (ଏଜେନ୍ସି): ନିର୍ବାଚନ କମିଶନ (ଇସି) ମଙ୍ଗଳବାର କଂଗ୍ରେସ ନେତା ରଣଦୀପ ସିଂହ ସୂର୍ଯେୱାଲାଙ୍କୁ ନୋଟିସ ଜାରି କରିଛନ୍ତି। ୧୧ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଏହାର ଜବାବ ଦେବାକୁ କହିଛନ୍ତି। କିଛି ଦିନ ତଳେ ସେ ବିଜେପି ପ୍ରାର୍ଥୀ ହେମା ମାଳିନୀଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଇସି ଏହି ନୋଟିସ ଜାରି କରିଛନ୍ତି। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାକୁ ଇସି କଂଗ୍ରେସ ଅଧ୍ୟକ୍ଷଙ୍କୁ କହିଛନ୍ତି। ସାର୍ବଜନୀନ ସ୍ଥାନରେ ବୟାନ ଦେବା ସମୟରେ ଦଳୀୟ ନେତା ମହିଳାଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ନ ଦିଅନ୍ତୁ ବୋଲି କହିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ମହିଳାଙ୍କୁ ଅପମାନିତ କଲାଭଳି ମନ୍ତବ୍ୟ ଦେବାକୁ ଅନୁମତି ଦିଆଯିବ ନାହିଁ ଉଲ୍ଲେଖ କରିଛନ୍ତି।

● ଅଧିକାରୀଙ୍କୁ ଜେରା ପାଇଁ ଡାକିଲା ପୁଲିସ

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ଏନ୍‌ଆଇଏ

କୋଲକାତା, ୯।୪ (ଏଜେନ୍ସି)

ପଶ୍ଚିମବଙ୍ଗ ପୁଲିସ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ର ୨ ଅଧିକାରୀଙ୍କୁ ଜେରା ପାଇଁ ସମନ ଜାରି କରିଛି। ଅଭିଯୋଗ କରିଥିବା ଅଧିକାରୀ ଏବଂ ଆକ୍ରମଣ ସମୟରେ ଆହତ ଅଧିକାରୀଙ୍କୁ ଯାଞ୍ଚ ପାଇଁ ସାକ୍ଷୀ ଭାବେ ହାଜର ହେବାକୁ କୁହାଯାଇଛି। ଆହତ ଅଧିକାରୀଙ୍କୁ ମେଡିକାଲ କାଗଜପତ୍ର ଏବଂ ଆକ୍ରମଣର ଶିକାର ହୋଇଥିବା କାର୍‌କୁ ସାଥିରେ ଆଣିବା ପାଇଁ ପୁଲିସ ପକ୍ଷରୁ କୁହାଯାଇଛି। ଏହି କାର୍‌ର ଫରେନସିକ ଯାଞ୍ଚ ହେବ ବୋଲି ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବ ମେଦିନୀପୁରର ଭୁପତିନଗରରେ ଗତ ଶୁକ୍ରବାର ରାତିରେ ଏନଆଇଏ ଉପରେ ଆକ୍ରମଣ ହୋଇଥିଲା। ଏହି ସମୟରେ ଏଜେନ୍ସି ୨୦୨୨ର ଏକ ବୋମା ବିସ୍ଫୋରଣ ମାମଲାରେ ତିନି ଜଣଙ୍କୁ ଗିରଫ କରିବାକୁ ଯାଇଥିଲା।

ଏଠାରେ ଏନ୍‌ଆଇଏ ଟିମ୍‌କୁ ମହିଳା ବାଡ଼ି ଧରି ଅଟକାଇ ଥିଲେ। ପଥର ମାଡ଼ ମଧ୍ୟ କରିଥିଲେ। ଏହାକୁ ନେଇ ମହିଳାମାନେ ଏନଆଇଏ ଟିମ୍ ବିରୋଧରେ ଏତଲା ରୁଜୁ କରିଥିଲେ। ପୁଲିସ ଏହାକୁ ନେଇ ନୋଟିସ ଜାରି କରିଛି। ଏହି ସମନ ମିଳିବାର କିଛି ସମୟ ପରେ ଏନଆଇଏ ପୁଲିସ ବିରୋଧରେ କଲକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଭୁପତିନଗର ଥାନାରେ ଅଧିକାରୀଙ୍କ ବିରୋଧରେ ଦାଏର ଏତଲା ବିରୋଧରେ ହାଇକୋର୍ଟରେ ଆବେଦନ କରାଯାଇଥିବା କୁହାଯାଇଛି।

**କେନ୍ଦ୍ରୀୟ ଏଜେନ୍ସି ବିରୋଧରେ ଟିଏମ୍‌ସିର ଧାରଣା ଜାରି**

## ସମର୍ଥନ ଦେଲା ଆମ ଆଦମୀ ପାର୍ଟି

ନୂଆଦିଲ୍ଲୀ, ୯।୪ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ସାଂସଦ ଏବଂ ବିଧାୟକ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ଦିଲ୍ଲୀ ପୁଲିସ ଗିରଫ କରି ନେତାଙ୍କୁ ଛାଡ଼ିବା ପରେ ଏବେ ସେମାନେ ମନ୍ଦିର ମାର୍ଗ ଥାନା ବାହାରେ ପ୍ରଦର୍ଶନ କରୁଛନ୍ତି। ଏହା ପୂର୍ବରୁ ସୋମବାର ଟିଏମ୍‌ସିର ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ନିର୍ବାଚନ କମିଶନର (ଇସି)ଙ୍କୁ ଭେଟି ଥିଲେ। ଏହା ପରେ ସମସ୍ତେ ଧାରଣା ଦେଇଥିଲେ। ନିର୍ବାଚନ କମିଶନ ଇଡି, ସିବିଆଇ, ଏନଆଇଏ ଏବଂ ଆୟକର ବିଭାଗର ନିର୍ଦ୍ଦେଶକଙ୍କୁ ତୁରନ୍ତ ପଦରୁ ହଟାନ୍ତୁ ବୋଲି ଟିଏମ୍‌ସି ନେତା ଦାବି କରୁଛନ୍ତି। ଏବେ ଆମ୍ ଆଦମୀ ପାର୍ଟି (ଆପ୍) ଏହି ଦଳକୁ ସମର୍ଥନ ଦେଇଛି। ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ ଏଠାରେ ପହଞ୍ଚି କହିଛନ୍ତି ଯେ ନିର୍ବାଚନ ଘୋଷଣା ସହିତ ଆଚରଣ ବିଧି କାର୍ଯ୍ୟକାରୀ ହୋଇଛି। କିନ୍ତୁ ବିରୋଧୀ ନେତାଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଜାଣିଶୁଣି ଏପରି କରାଯାଉଛି। ସେହିପରି ଯାଞ୍ଚ ଏଜେନ୍ସି ବିଜେପିର ଏଜେନ୍ସି ଭଳି କାମ କରୁଛି ବୋଲି ଟିଏମ୍‌ସି ନେତ୍ରୀ ସାଗରିକା ଘୋଷ କହିଛନ୍ତି।

**ୟୁପି ଓ ଏମ୍‌ପିରେ ମୋଦୀଙ୍କ ର୍ୟାଲି**

## ଚେନ୍ନଇରେ ରୋଡ୍ ସୋ'

ନୂଆଦିଲ୍ଲୀ, ୯ ।୪(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶ(ୟୁପି)ର ପିଲଭିଟ ଓ ମଧ୍ୟପ୍ରଦେଶ(ଏମପି)ର ନକ୍ସଲ ଅଧ୍ୟୁଷିତ ଅଞ୍ଚଳ ବାଲାଘାଟରେ ର୍ୟାଲି କରି ଭାରତୀୟ ଜନତା ପାର୍ଟି(ବିଜେପି) ପାଇଁ ପ୍ରଚାର କରିଛନ୍ତି। ପିଲଭିଟ ନିର୍ବାଚନ ପ୍ରଚାର ସଭାରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ବିକାଶ ପାଇଁ ତାଙ୍କ ସରକାର ଓ ବିଜେପିର ଗତ ୧୦ ବର୍ଷର ନିରନ୍ତର ପ୍ରୟାସ ସମ୍ପର୍କରେ ବିସ୍ତୃତ ଭାବେ କହିବା ସହ ବିରୋଧୀ ଦଳଙ୍କ ନକାରାତ୍ମକ ଚିନ୍ତା ଓ କାର୍ଯ୍ୟର ସମାଲୋଚନା କରିଥିଲେ। ୟୁପିର ଦ୍ରୁତ ବିକାଶକୁ ଦ୍ରୁତତର କରିବା ପାଇଁ ପିଲଭିଟର ଭୋଟରମାନେ ବିଜେପି ପ୍ରାର୍ଥୀ ଜୀତୀନ ପ୍ରସାଦଙ୍କୁ ଜିତାଇବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀ ନିବେଦନ କରିଥିଲେ। ୟୁପିର ପିଲଭିଟ ଆସନରେ ବିଜେପି ଏଥର ବରୁଣ ଗାନ୍ଧୀଙ୍କ ସ୍ଥାନରେ ୟୁପିର କ୍ୟାବିନେଟ ମନ୍ତ୍ରୀ ଜୀତୀନ ପ୍ରସାଦଙ୍କୁ ପ୍ରାର୍ଥୀ କରିଛି। ପିଲଭିଟ ଆସନରେ ୧୯୯୬ରୁ ଏଯାଏ ବରୁଣ ଗାନ୍ଧୀ କିମ୍ବା ତାଙ୍କ ମାତା ମାନେକା ଗାନ୍ଧୀ ହିଁ ଜିତିଛନ୍ତି। ୟୁପିର ଅନ୍ୟ ଜଣେ ମନ୍ତ୍ରୀ ଅନୁପ ପ୍ରଧାନ ବାଲ୍ମୀକି ହେଉଛନ୍ତି ରୋହତକ ଆସନ ପାଇଁ ବିଜେପି ପ୍ରାର୍ଥୀ। ପିଲଭିଟ ସଭା ସାରି ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ବାଲାଘାଟରେ ଆୟୋଜିତ ବିଜେପି ପ୍ରଚାର ସଭାରେ ଯୋଗ ଦେଇଥିଲେ। ନକ୍ସଲ ପ୍ରବଣ ଅଞ୍ଚଳ ବାଲାଘାଟରେ ବିଜେପି ଏଥର ଭାରତୀ ପାର୍ଦ୍ଧିଙ୍କୁ ନୂଆ କରି ପ୍ରାର୍ଥୀ କରିଛି। ନକ୍ସଲ ହିଂସା ରୋକିବାକୁ ଓ ନକ୍ସଲପ୍ରବଣ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ରର ବିଜେପି ସରକାର କିପରି ପ୍ରତିବଦ୍ଧ ତାହା ପ୍ରଧାନମନ୍ତ୍ରୀ ମୋଦୀ ବାଲାଘାଟ ସଭାରେ କହିଥିଲେ। ଗତକାଲି ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟପ୍ରଦେଶର ଜବଲପୁରରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ସଙ୍ଗରେ ନେଇ ରୋଡ୍ ସୋ' କରିଥିଲେ। ମୋଦୀଙ୍କ ଜବଲପୁରର ରୋଡ୍ ସୋ'ରେ ଲୋକେ ବହୁସଂଖ୍ୟାରେ ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଆଜି ତାମିଲନାଡୁକୁ ନିର୍ବାଚନ ପ୍ରଚାରରେ ବାହାରି ସନ୍ଧ୍ୟାରେ ଦକ୍ଷିଣ ଓ କେନ୍ଦ୍ରୀୟ ଚେନ୍ନାଇରେ ରୋଡ୍ ସୋ' ମଧ୍ୟ କରିଛନ୍ତି। ଦକ୍ଷିଣ ଚେନ୍ନାଇ ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ଅଛନ୍ତି ତାମିଲସାଇ ସୌନ୍ଦରା ରାଜନ। ନିର୍ବାଚନ ଲଢ଼ିବା ପାଇଁ ସେ ତେଲେଙ୍ଗାନାର ରାଜ୍ୟପାଳ ପଦବୀରୁ କିଛି ଦିନ ତଳେ ଇସ୍ତଫା ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ରୋଡ୍ ସୋ'ରେ ତାଙ୍କ ସହ ସୌନ୍ଦରା ରାଜନ ଥିଲେ।




**ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲା**

# କେଜ୍ରିୱାଲଙ୍କ ଗିରଫଙ୍କୁ ବୈଧ କହିଲେ ହାଇକୋର୍ଟ

ନୂଆଦିଲ୍ଲୀ, ୯ ।୪(ଏଜେନ୍ସି)


ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟରୁ ଆଜି ନିରାଶ ହୋଇଛନ୍ତି। କେଜ୍ରିୱାଲ ତାଙ୍କ ଗିରଫଦାରୀକୁ ଅବୈଧ ଘୋଷଣା କରାଯାଉ ପ୍ରାର୍ଥନା କରି ଯେଉଁ ଆବେଦନ ଦାଏର କରିଥିଲେ ତାହାକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ ତାଙ୍କ ଗିରଫ ଏବଂ ରିମାଣ୍ଡକୁ ବୈଧ କହିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏ ସମ୍ବନ୍ଧରେ ପର୍ଯ୍ୟାପ୍ତ ପ୍ରମାଣ ଉପସ୍ଥାପନ କରିଛି। ଗୋଆ ନିର୍ବାଚନ ପାଇଁ ଟଙ୍କା ପଠା ଯାଇଥିଲା ବୋଲି ବିବୃତ୍ତିରୁ ମଧ୍ୟ ଜଣାପଡୁଛି। କେଜ୍ରିୱାଲ ଏହି ଷଡ଼ଯନ୍ତ୍ର ରଚିଥିଲେ। ସେ ଏହି ଅପରାଧରୁ ମିଳିଥିବା ଟଙ୍କାକୁ ଲୁଚାଇବାରେ ଏବଂ ବ୍ୟବହାର କରିବାରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ସେ ମଦ ନୀତି ପ୍ରସ୍ତୁତ କରିବାରେ ସାମିଲ ରହି ଲାଞ୍ଚ ମଧ୍ୟ ମାଗିଥିଲେ।

କୋର୍ଟ ଏହାକୁ କେନ୍ଦ୍ର ସରକାର ଏବଂ ଅରବିନ୍ଦ କେଜ୍ରିୱାଲଙ୍କର ନୁହେଁ, ବରଂ ଇଡି ଏବଂ କେଜ୍ରିୱାଲଙ୍କ ମାମଲା ଭାବେ ଦେଖାଯାଉଛି। ତେଣୁ ମାମଲାରେ ରାଜନୈତିକ ବିଚାର, ଅବିଚାରର ଭୂମିକା ନାହିଁ। ରାଜନୈତିକ ବିଚାରକୁ କୋର୍ଟଙ୍କ ସମ୍ମୁଖକୁ ଅଣାଯାଇପାରିବ ନାହିଁ। ବିଚାରପତି ରାଜନୀତି ନୁହେଁ, ବରଂ ଆଇନରେ ବନ୍ଧା ହୋଇଥାନ୍ତି। କୋର୍ଟ ଆଇନ ଅନୁଯାୟୀ ନିଷ୍ପତ୍ତି ଦେଇଥାନ୍ତି, ରାଜନୈତିକ ସମ୍ବନ୍ଧ ଦ୍ୱାରା ନୁହେଁ। କୋର୍ଟ ରାଜନୈତିକ ସିଦ୍ଧାନ୍ତ ପରିବର୍ତ୍ତେ ଆଇନର ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ବୋଲି କହିଛନ୍ତି। ହାଇକୋର୍ଟରୁ ଝଟ୍‌କା ମିଳିବା ପରେ କେଜ୍ରିୱାଲ କାଳବିଳମ୍ବ ନକରି ସୁପ୍ରିମକୋର୍ଟ ଯିବାକୁ ବ୍ୟବସ୍ଥା କରିଛନ୍ତି।

- **ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଆବେଦନ ଖାରଜ**
- **ଷଡ଼ଯନ୍ତ୍ର ରଚି ଲାଞ୍ଚ ମାଗିଥିଲେ କେଜ୍ରିୱାଲ**
- **ବିଚାରପତି ଆଇନରେ ବନ୍ଧା, ରାଜନୀତିରେ ନୁହେଁ**

ମଦ ନୀତି ଘୋଟାଲା ଓ ତତ୍ ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଇଡି ଗତ ମାସ ୨୧ ତାରିଖରେ ତାଙ୍କୁ ଗିରଫ କରି ରିମାଣ୍ଡରେ ନେଇଥିଲା। ସେହି ଗିରଫଦାରୀ ଓ ରାଉଜ ଆଭିନ୍ୟୁ କୋର୍ଟଙ୍କ ରିମାଣ୍ଡ ଅର୍ଡରକୁ ବେଆଇନ ଦର୍ଶାଇ କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଖଲ କରିଥିଲେ। ଏହାର ବିଚାର କରି ହାଇକୋର୍ଟ କହିଥିଲେ, ଇଡି ଦାଖଲ କରିଥିବା ଦଲିଲରୁ ଜଣାପଡୁଛି ଯେ କେଜ୍ରିୱାଲ ଅଭିସନ୍ଧି ରଖି ମଦ ନୀତି (ଯାହା ପରେ ରଦ୍ଦ ହୋଇଥିଲା) ନିର୍ଦ୍ଧାରଣ କରିଥିଲେ ଓ ପ୍ରତିବଦଳରେ ୧୦୦ କୋଟି ଟଙ୍କା ଲାଞ୍ଚ ନେଇଥିଲେ। ସେହି ଲାଞ୍ଚ ରାଶିର ଏକ ଅଂଶ ୨୦୨୨ ଗୋଆ ବିଧାନସଭା ନିର୍ବାଚନରେ ବ୍ୟୟ କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତ ଥାଇ ସରକାରୀ ସାକ୍ଷୀ ପାଲଟିଥିବା ବ୍ୟକ୍ତିଙ୍କ ବୟାନ ଓ ନିର୍ବାଚନ ବ୍ୟୟ ପାଇଁ ଲାଞ୍ଚ ଟଙ୍କାରୁ କିଛି ଅଂଶ ପାଇଥିଲେ ବୋଲି ଗୋଆର ଆମ୍ ଆଦମୀ ପାର୍ଟି ପ୍ରାର୍ଥୀଙ୍କ ସ୍ୱୀକାରୋକ୍ତିରୁ ସ୍ପଷ୍ଟ ହେଉଛି ଯେ କେଜ୍ରିୱାଲଙ୍କ ଗିରଫଦାରୀ ଓ ରିମାଣ୍ଡ ଅର୍ଡର ବୈଧ। ତେଣୁ କେଜ୍ରିୱାଲଙ୍କ ଆବେଦନ ରଦ୍ଦ ହେଲା। ସରକାରୀ ସାକ୍ଷୀଙ୍କ ବୟାନର ବିଶ୍ୱସନୀୟତା ଓ ତାଙ୍କୁ କ୍ଷମା ଦିଆଯିବାର ଔଚିତ୍ୟ ନେଇ କେଜ୍ରିୱାଲଙ୍କ ଓକିଲଙ୍କ ଯୁକ୍ତିରେ କୋର୍ଟ ସନ୍ତୁଷ୍ଟ ହୋଇ ନ ଥିଲେ। କୋର୍ଟ କହିଥିଲେ, ସହଅଭିଯୁକ୍ତଙ୍କ ସଂପୃକ୍ତି ସମ୍ପର୍କରେ ସୂଚନା ଦେବାକୁ ରାଜିଥିବା ବ୍ୟକ୍ତିଙ୍କୁ କ୍ଷମା ଦିଆଯାଇ ରାଜସାକ୍ଷୀ କରିବାର ନିୟମ ଶତାଧିକ ବର୍ଷ ପୁରୁଣା। ଏହି ମାମଲାରେ ଗିରଫ ହୋଇ ସୁପ୍ରିମକୋର୍ଟରୁ ଜାମିନ ପାଇଥିବା ସାଂସଦ ସଞ୍ଜୟ ସିଂହଙ୍କ ସମ୍ପର୍କରେ କେଜ୍ରିୱାଲଙ୍କ ଓକିଲଙ୍କ ବକ୍ତବ୍ୟ ଶୁଣି କୋର୍ଟ କହିଥିଲେ ଯେ ଆବେଦନକାରୀ ମାମଲାର ସମସ୍ତ ଦଲିଲ ଦେଖିପଢ଼ି ପ୍ରଶ୍ନ କରିପାରିବା ସୁଯୋଗ ପାଇବେ କିନ୍ତୁ ଏବେ ସେ ସମୟ ଆସିନାହିଁ। ଠିକ୍ ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କୁ ଗିରଫ କରାଯାଇଥିବା ନେଇ ଉଠିଥିବା ଆପତ୍ତି ସମ୍ପର୍କରେ କୋର୍ଟ କହିଥିଲେ, ଯାଞ୍ଚ ଏଜେନ୍ସି ନିର୍ବାଚନ ତାରିଖ ନିର୍ବିଶେଷରେ କାର୍ଯ୍ୟ କରିଥାଏ। ଆବେଦନକାରୀ ଗତ ଅକ୍ଟୋବରଠାରୁ ଜାରି ଅନେକ ଇଡି ସମନ ଏଡାଇ ଯାଇଥିଲେ। ସେ ଜାଣିବା କଥା ଯେ ନିର୍ବାଚନ ନିକଟତର ହେଉଛି, ନିର୍ବାଚନ ଅତି ନିକଟ ହୋଇଗଲେ ହୁଏତ ତଦନ୍ତରେ ସହଯୋଗ କରିବାକୁ ସମୟ ପାଇବେ ନାହିଁ। ତେଣୁ ସେ ସମନ ଏଡାଇବାର ନଥିଲା।







# ଚର୍ଚ୍ଚାରେ 'ଚାରି'

## ନେହରୁଙ୍କଠାରୁ ମୋଦୀ...

ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକଛତ୍ରୀ ଶାସନ ଚଳାଇଥିଲେ ବୋଲି ଏକଦା କୁହାଯାଉଥିଲା। ଦେଶରେ ସେ ଜରୁରୀ ପରିସ୍ଥିତି ଜାରି କରିଥିଲେ, ବିରୋଧୀଙ୍କୁ ଧରି ଜେଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେ ହେଉଛନ୍ତି ଦେଶର ସର୍ବକାଳୀନ ଲୋକପ୍ରିୟ ପ୍ରଧାନମନ୍ତ୍ରୀ/ନେତାନେତ୍ରୀଙ୍କ ମଧ୍ୟରେ ଅନ୍ୟତମ ଓ ଅଗ୍ରଗଣ୍ୟ। ଏବେ କୁହାଯାଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅମଳରେ ଗଣତାନ୍ତ୍ରିକ ମୂଲ୍ୟବୋଧସବୁ ଅଲୋଡ଼ା ହୋଇପଡ଼ିଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ମୋଦୀ ସରକାର ପ୍ରାୟତଃ ଅଥର୍ବ କରିଦେଇଛନ୍ତି। ଦେଶକୁ କଂଗ୍ରେସମୁକ୍ତ କରିବାକୁ ଆଗଭର ହୋଇଥିବା ମୋଦୀଙ୍କ ବିଜେପି (ଦିନେ ମୋଦୀ ବିଜେପିର ଥିଲେ, ଏବେ ବିଜେପି ମୋଦୀଙ୍କର ହୋଇଛି) ଆଉପାଦେ ଆଗେଇଯାଇ ଦେଶକୁ ବିରୋଧୀମୁକ୍ତ କରିବାକୁ ଚାହୁଁଛି। କଂଗ୍ରେସ ଦଳରେ ଥିବା ତାଙ୍କ ବିରୋଧୀ ଓ ସମାଲୋଚକମାନଙ୍କୁ ଇନ୍ଦିରା କଳେବଳେ କୌଶଳେ ଦଳରୁ ତଡ଼ିଦେଇଥିଲେ ଓ ଜରୁରୀ ପରିସ୍ଥିତି ଜାରି ବେଳେ ଦଳ ବାହାରର ବିରୋଧୀଙ୍କୁ ରାଜନୈତିକ ବନ୍ଦୀ ଭାବେ ଜେଲ୍‌ରେ ଭର୍ତ୍ତି କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଜରୁରୀ ପରିସ୍ଥିତି ଜାରି ନକରି ବି ସମାନ ସ୍ଥିତି ଉପୁନ୍ନ କରିଛନ୍ତି। ବିରୋଧୀ, ସମାଲୋଚକମାନଙ୍କୁ ରାଜନୈତିକ ବନ୍ଦୀ ଭାବେ ନୁହେଁ, ଦୁର୍ନୀତି ଅଭିଯୁକ୍ତ ଭାବେ ଜେଲ୍ରେ ଭର୍ତ୍ତି କରୁଛନ୍ତି। ମୋଦୀ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିଗୁଡ଼ିକୁ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି ସତ, କିନ୍ତୁ ତାହା ପ୍ରମାଣ କରିବା ଆପାତତଃ ଅସମ୍ଭବ। କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିଗୁଡ଼ିକ ସ୍ୱାଧୀନ ଭାବେ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁଥିବା ଏବଂ କେହି ସେଥିରେ ହସ୍ତକ୍ଷେପ କରୁନଥିବା କୁହାଯାଉଛି। କିନ୍ତୁ ଏହା କୁହାଯାଉନି କାହିଁକି ଯାଞ୍ଚ ଏଜେନ୍ସିମାନଙ୍କ ଟାର୍ଗେଟରେ କେବଳ ବିରୋଧୀ ପକ୍ଷର ନେତା, ସେମାନଙ୍କ ପରିବାର ସଦସ୍ୟ, ବନ୍ଧୁ ଓ ଶୁଭେଚ୍ଛୁମାନେ ରହୁଛନ୍ତି, କାହିଁକି ବିଜେପି/ଶାସକ ଦଳର ନେତା, ସେମାନଙ୍କ ପରିବାର ସଦସ୍ୟ, ବନ୍ଧୁ ଓ ଶୁଭେଚ୍ଛୁମାନେ ରହୁନାହାନ୍ତି। ମୋଦୀ ଦେଶର ଜନସଂଖ୍ୟାର ଏକ ପଞ୍ଚମାଂଶ(୨୦%) ମୁସଲିମଙ୍କୁ ସାମ୍ପ୍ରତିକ ରାଜନୀତିର ପରିଧି ବାହାରେ ରଖିଛନ୍ତି। ତାଙ୍କ ସରକାରରେ କିମ୍ବା ତାଙ୍କ ଦଳର ବିଭିନ୍ନ ରାଜ୍ୟରେ ଥିବା ସରକାରରେ ମୁସଲିମ ମନ୍ତ୍ରୀ/ପ୍ରତିନିଧିତ୍ୱ ଆଦୌ ନାହାନ୍ତି କହିଲେ ଚଳିବ। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ତଥା ବିଶ୍ୱର ସବୁଠାରୁ ଅଧିକ ଲୋକପ୍ରିୟ ନେତା। ତେବେ କ'ଣ ଏହା କହିବା, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଆପଣାଇଥିବା ଭାରତବାସୀ ଏକଛତ୍ର ବା ପରୋକ୍ଷ ଏକଛତ୍ର ଶାସନ ପ୍ରତି ବିମୁଖ ନୁହନ୍ତି?

ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶ ଠିକ୍ ସେପରି ଚାଲିଛି ଯେପରି ଦିନେ କଂଗ୍ରେସ ଚାଲିଥିଲା ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ। ୧୯୭୧ ବାଂଲାଦେଶ ମୁକ୍ତି ଯୁଦ୍ଧ ପରେ ଇନ୍ଦିରାଙ୍କ ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଆଜି ଲୋକପ୍ରିୟତାର ସେହି ଉଚ୍ଚତାରେ ପହଞ୍ଚିଛନ୍ତି। ଇନ୍ଦିରା ଦୃଢ଼ ନିଷ୍ପତ୍ତି ନେଇପାରୁଥିବା ଶକ୍ତିଶାଳୀ ନେତ୍ରୀ ଥିଲେ। ଏବେ ମୋଦୀଙ୍କ ଭିତରେ ସେହି ସାମର୍ଥ୍ୟ ଥିବା ଦେଖୁଛନ୍ତି ରାଜନୈତିକ ବିଶ୍ଳେଷକମାନେ। ଇନ୍ଦିରାଙ୍କ ଦପ୍ତର(ପିଏମଓ)ରେ ସଚିବମାନେ ମନ୍ତ୍ରୀମାନଙ୍କଠାରୁ ଅଧିକ କ୍ଷମତାସମ୍ପନ୍ନ ଥିଲେ। ଏବେ ମୋଦୀ ତାଙ୍କ ଦପ୍ତରକୁ ମହା-ମାନ୍ତ୍ରିକ ସତ୍ତା (ସୁପ୍ରା-ମିନିଷ୍ଟ୍ରିଆଲ ବଡି)ରେ ପରିଣତ କରିଛନ୍ତି। ମନ୍ତ୍ରୀ ନାମକୁ ମାତ୍ର, ଅନ୍ତିମ ନିଷ୍ପତ୍ତି ପିଏମଓ ନେବ। ଇନ୍ଦିରା ତାଙ୍କ ମନ୍ତ୍ରୀମାନଙ୍କ ସ୍ୱତନ୍ତ୍ରତା ହରଣ କରିନେଇଥିଲେ। କୁହାଯାଏ, ଇନ୍ଦିରା ତାଙ୍କ ମନ୍ତ୍ରିମଣ୍ଡଳରେ ଥିଲେ ଏକମାତ୍ର ପୁରୁଷ, ଅନ୍ୟସବୁ ମନ୍ତ୍ରୀ ଥିଲେ କ୍ଳୀବ ମୋହର ମାତ୍ର। ମୋଦୀଙ୍କ କ୍ୟାବିନେଟ୍ ଠିକ୍ ସେହି ଢଙ୍ଗରେ ଚାଲିଛି। ପିଏମଓର ଅନୁମୋଦନ ବିନା ଫାଇଲ୍ ହଲୁନି। କୌଣସି ନିଷ୍ପତ୍ତି ନେବା ପାଇଁ ମନ୍ତ୍ରୀଙ୍କର କିଛି ବି କ୍ଷମତା ନାହିଁ। ପିଏମଓ ସର୍ବେସର୍ବା। ମନ୍ତ୍ରୀମାନେ ମୋଦୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ସେମାନଙ୍କ ମଧ୍ୟରେ ପ୍ରଥମ ହୋଇ ରହିନାହାନ୍ତି, ସେ ଆଜି ଗଣତାନ୍ତ୍ରିକ ସମ୍ରାଟ। ୧୯୪୭ ପୂର୍ବରୁ ହଜାର ହଜାର ବର୍ଷ ଧରି ଭାରତକୁ ଶାସନ କରୁଥିଲେ ରାଜା, ମହାରାଜା, ସୁଲତାନ ଓ ସମ୍ରାଟମାନେ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସ୍ୱଭାବରେ ଥିଲେ ଜଣେ କମ୍ୟୁନିଷ୍ଟ ଏକଛତ୍ରବାଦୀଙ୍କ ଭଳି। ସେ ମୃତ୍ୟୁ ପର୍ଯ୍ୟନ୍ତ ଶାସନ କରିଥିଲେ। କେନ୍ଦ୍ରରେ କିମ୍ବା କୌଣସି ରାଜ୍ୟରେ କଂଗ୍ରେସ ଛଡ଼ା ଅନ୍ୟ କାହାର ସରକାର ରହୁ ଏହା ସେ ଆଦୌ ସହ୍ୟ କରୁନଥିଲେ। ପ୍ରଥମ ସମ୍ବିଧାନ ସଂଶୋଧନରେ ସେ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇ ଏହା ସୁନିଶ୍ଚିତ କରାଇଛନ୍ତି ଯେ ସରକାର ଚାହିଁଲେ ଲୋକଙ୍କ ଅଭିବ୍ୟକ୍ତିର, ମତ ପ୍ରକାଶର ସ୍ୱାଧୀନତା ହରଣ କରିନେଇପାରିବେ। ତାଙ୍କ କନ୍ୟା ଇନ୍ଦିରା ଗାନ୍ଧୀ ଜଣେ ଅତି ଲୋକପ୍ରିୟ ନେତ୍ରୀ ତଥା ଅତ୍ୟନ୍ତ ପ୍ରଭାବଶାଳୀ ପ୍ରଧାନମନ୍ତ୍ରୀ ଥିଲେ। କିନ୍ତୁ ତାଙ୍କ ଡିଏନଏରେ ଥିଲା ଏକଛତ୍ରବାଦ। ସେ ଦେଶରେ ଜରୁରୀ ପରିସ୍ଥିତି ଜାରି କରି ୧୯୭୫ରୁ ୭୭ ଯାଏ ଏକଛତ୍ରବାଦ ଶାସନ ଚଳାଇଥିଲେ। ସେତେବେଳେ ଇନ୍ଦିରା ଲୋକପ୍ରିୟତା ହରାଇ କ୍ଷମତାଚ୍ୟୁତ ହୋଇଥିଲେ, କିନ୍ତୁ ୧୯୮୦ରେ ପୁଣି କ୍ଷମତାକୁ ଫେରିବାରେ ସକ୍ଷମ ହୋଇଥିଲେ। ଇନ୍ଦିରାଙ୍କ ପରେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହୋଇଥିଲେ। ତାଙ୍କର ମଧ୍ୟ ଏକଛତ୍ରବାଦୀ ମାନସିକତା ଥିଲା। ସେ କଂଗ୍ରେସରୁ ପ୍ରଣବ ମୁଖାର୍ଜୀଙ୍କୁ ବହିଷ୍କାର କରିଥିଲେ। ପ୍ରଥମ କଂଗ୍ରେସ ଗଣତନ୍ତ୍ରବାଦୀ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଅକାଳ ବିୟୋଗ ଘଟିଥିଲା। ଦ୍ୱିତୀୟ କଂଗ୍ରେସ ଗଣତନ୍ତ୍ରବାଦୀ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ଦେଶରେ ଉଦାରୀକରଣ ଅର୍ଥନୀତିର ଯୁଗାରମ୍ଭ କରି ଦେଶର ବୈଦେଶିକ ନୀତିରେ ବ୍ୟାପକ ସଂସ୍କାର ଆଣିଥିଲେ। ରାଓଙ୍କ ଭଳି ଜଣେ ଉଦାର ଗଣତନ୍ତ୍ରବାଦୀଙ୍କୁ ଲୋକେ ୧୯୯୬ରେ କ୍ଷମତାଚ୍ୟୁତ କରିଥିଲେ।

ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ହେବା ବେଳେ କଠୋରପନ୍ଥୀ ଥିଲେ। ପରେ ସେ ସହମତିର ରାଜନୀତିକୁ ଆପଣାଇଥିଲେ। ନରମ ମିଜାଜ ପାଇଁ ୨୦୦୪ ଲୋକସଭା ନିର୍ବାଚନରେ ବାଜପେୟୀ ହାରିଥିଲେ ଓ ୟୁପିଏ-୧ ଆସିଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ହେଲେ ଡ. ମନମୋହନ ସିଂହ। ସିଂହଙ୍କୁ ସାମନାରେ ରଖି ପ୍ରକୃତରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପରଦା ପଛରେ ରହି ଲୌହ ହସ୍ତରେ ଶାସନ ଚଳାଇଥିଲେ। ୨୦୦୯ରେ ଲୋକେ କଂଗ୍ରେସକୁ ଆଉ ଏକ ସୁଯୋଗ ଦେଇଥିଲେ। ରାହୁଲ ଗାନ୍ଧୀ ନରମ ସ୍ୱଭାବର ହୋଇଥିବାରୁ ଲେକେ ତାଙ୍କୁ ଏଯାଏଁ ଜାତୀୟ ସ୍ତରର ନେତା ଭାବେ ଗ୍ରହଣ କରିପାରୁ ନାହାନ୍ତି। କେହି ତାଙ୍କୁ ଗମ୍ଭୀରତାର ସହ ନେଉନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଗୁଜରାଟ ମଡେଲ ବିକାଶ ପାଇଁ ଚର୍ଚ୍ଚିତ ହୋଇଛନ୍ତି ସତ କିନ୍ତୁ ଲୋକେ ତାଙ୍କ ଏକଛତ୍ରବାଦୀ ଚିନ୍ତନ ଓ ଚରିତ୍ର ପାଇଁ ତାଙ୍କୁ ଗାଦିନସୀନ କରିଛନ୍ତି। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆମ୍ ଆଦମୀ ପାର୍ଟିରେ ନିରୋଳା ଏକଛତ୍ରବାଦ ଚଳାଇଛନ୍ତି। ଦିଲ୍ଲୀବାସୀ ତାଙ୍କୁ ୭୦ରୁ ୬୭ ଆସନ ଦେଇ କ୍ଷମତାରେ ବସାଇଛନ୍ତି। ଡିଏମକେ ସୁପ୍ରିମୋ ଏମ କେ ଷ୍ଟାଲିନ୍, ବିଏସପି ନେତ୍ରୀ ମାୟାବତୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଜେଡି-ୟୁ ନେତା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜନିଜ ଦଳକୁ ଏକଛତ୍ରବାଦ ସୂତ୍ରରେ ନିୟନ୍ତ୍ରଣରେ ରଖିଛନ୍ତି। ଭାରତ ତା'ର ଏକଛତ୍ରବାଦୀଙ୍କୁ ଭଲପାଏ, ସମର୍ଥନ ଦେଇ କ୍ଷମତାସୀନ କରାଏ!

### ମହାରାଷ୍ଟ୍ର

# ଏମ୍‌ଭିଏ'ର ଆସନବଣ୍ଟନ ବୁଝାମଣା ଚୂଡ଼ାନ୍ତ



ମହାରାଷ୍ଟ୍ରର ମହାବିକାଶ ଆଘାଡି(ଏମଭିଏ) ମେଣ୍ଟର ତିନି ଅଂଶୀଦାର ଦଳ ଶିବସେନା(ଉଦ୍ଧବ ଗୋଷ୍ଠୀ), କଂଗ୍ରେସ ଓ ଏନସିପି(ଶରଦ ପାୱାର ଗୋଷ୍ଠୀ) ମଧ୍ୟରେ ଆସନ ବଣ୍ଟନ ବୁଝାମଣଶ ଚୂଡ଼ାନ୍ତ ହୋଇଛି। ବୁଝାମଣା ଅନୁଯାୟୀ ଶିବସେନା(ଉଦ୍ଧବ ଗୋଷ୍ଠୀ) ୨୧, କଂଗ୍ରେସ ୧୭ ଓ ଏନସିପି(ଶରଦ ପାୱାର ଗୋଷ୍ଠୀ) ୧୦ ଲୋକସଭା ଆସନରେ ପ୍ରାର୍ଥୀ ଦେବେ। ମହାରାଷ୍ଟ୍ରର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୪୮ । ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଆଜି ଶିବସେନା(ଉଦ୍ଧବ ଗୋଷ୍ଠୀ) ସାଂସଦ ସଞ୍ଜୟ ରାଉତ ଏହି ବୁଝାମଣା ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଉଦ୍ଧବ ଥାକରେ, ଶରଦ ପାୱାର ଓ କଂଗ୍ରେସ ପକ୍ଷରୁ ନାନା ପୋଟଲେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏକଛତ୍ରବାଦୀ ଶାସନ ବିରୋଧରେ ଏକାଠି ହୋଇ ଲଢ଼ିବାକୁ ଏମଭିଏ ନିଷ୍ପତ୍ତି ନେଇଛି ବୋଲି ନାନା ପୋଟଲେ କହିଛନ୍ତି। ସିବିଆଇ, ଇଡି ଓ ଆୟକର ଚଢ଼ଉ ଓ ଖାନତଲାସୀର ଧମକ ଦେଇ କମ୍ପାନୀ ଓ ଲୋକଙ୍କଠାରୁ ଜୋରଜବରଦସ୍ତି ନିର୍ବାଚନୀ ବଣ୍ଡ ଜରିଆରେ ଅର୍ଥ ଆଦାୟ କରିଥିବା ମୋଦୀ ସରକାରକୁ ଉଦ୍ଧବ ଥାକରେ ବସୁଲି ସରକାର ଭାବେ ବର୍ଣ୍ଣନା କରିଥିଲେ। ଶରଦ ପାୱାର କହିଥିଲେ ଯେ ପ୍ରଧାନମନ୍ତ୍ରୀ ହେଉଛନ୍ତି ଏକ ଅନୁଷ୍ଠାନ। ସେ ଅନେକ ସରକାର ଦେଖିଛନ୍ତି, ଅନେକ ପ୍ରଧାନମନ୍ତ୍ରୀଙ୍କୁ ଜାଣିଛନ୍ତି, କିନ୍ତୁ ଏବେର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପଦବୀର ମର୍ଯ୍ୟାଦାକୁ ଯେପରି ଭୂଲୁଣ୍ଠିତ କରାଇଛନ୍ତି ତାହା ପୂର୍ବରୁ ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ କରିନଥିଲେ।

# ସିଇସିଙ୍କୁ ଜେଡ୍ ସୁରକ୍ଷା

ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାରଙ୍କ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆଜି ଜେଡ୍ ଶ୍ରେଣୀର ଭିଆପି ସୁରକ୍ଷା ବ୍ୟବସ୍ଥା କରିଛି। ସିଇସିଙ୍କ ସୁରକ୍ଷା ପାଇଁ ପ୍ରାୟ ୪୫ ଜଣ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ(ସିଆରପିଏଫ୍)ର ସଶସ୍ତ୍ର କମାଣ୍ଡୋ ମୁତୟନ ରହିବେ। କେନ୍ଦ୍ରୀୟ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ବିପଦ ଉପରେ ଯେଉଁ ରିପୋର୍ଟ ପ୍ରସ୍ତୁତ କରାଯାଇଛି ସେଥିରେ ସିଇସିଙ୍କ ସୁରକ୍ଷା ବଢ଼ାଯିବାର ଆବଶ୍ୟକତା ରହିଥିବା ଦର୍ଶାଯାଇଛି। ତଦନୁଯାୟୀ କେନ୍ଦ୍ର ସରକାର ସିଇସିଙ୍କୁ ଜେଡ୍ କ୍ୟାଟୋଗୋରୀ ଭିଆଇପି ସୁରକ୍ଷାର ବନ୍ଦୋବସ୍ତ କରିଛନ୍ତି। ସିଇସି ଦେଶର ଯେଉଁ ଆଡ଼େ ଯେତେବେଳେ ଗସ୍ତରେ ଯିବେ ତାଙ୍କ ସହ ୪୦ରୁ ୪୫ ସିଆରପିଏଫ୍ କମାଣ୍ଡୋ ଯିବେ।



## ପ୍ରଥମ ପର୍ଯ୍ୟାୟ ନିର୍ବାଚନ

# ମୈଦାନରେ ୮% ମହିଳା ପ୍ରାର୍ଥୀ

ଏପ୍ରିଲ ୧୯ ତାରିଖରେ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୧୦୨ ଲୋକସଭା ଆସନରେ ମତଦାନ ହେବ। ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ-ନିକୋବରର ଏହି ୧୦୨ ଆସନରେ ୧୪୯୧ ପୁରୁଷ ଓ ୧୩୪ ମହିଳା ଏହିଭଳି ମୋଟ ୧୬୨୫ ଜଣ ପ୍ରାର୍ଥୀ ଅଛନ୍ତି। ମହିଳା ପ୍ରାର୍ଥୀ ସଂଖ୍ୟା ମୋଟ ପ୍ରାର୍ଥୀ ସଂଖ୍ୟାର ୮ %। ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଥିବା ଏହି ୧୦୨ ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୬୧୮ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ-ନିକୋବରର ୨ ମହିଳା ପ୍ରାର୍ଥୀଙ୍କ ସମେତ ୧୨ ପ୍ରାର୍ଥୀ, ଅରୁଣାଚଳ ପ୍ରଦେଶର ୧ ମହିଳା ପ୍ରାର୍ଥୀଙ୍କ ସମେତ ୧୪ ପ୍ରାର୍ଥୀ, ଆସାମର ୪ ମହିଳା ପ୍ରାର୍ଥୀଙ୍କ ସମେତ ୩୫ ପ୍ରାର୍ଥୀ, ବିହାରର ୩ ମହିଳା ପ୍ରାର୍ଥୀଙ୍କ ସମେତ ୩୮ ପ୍ରାର୍ଥୀ, ମଧ୍ୟପ୍ରଦେଶର ୭ ମହିଳା ପ୍ରାର୍ଥୀଙ୍କ ସମେତ ୮୮ ପ୍ରାର୍ଥୀ, ମହାରାଷ୍ଟ୍ରର ୭ ମହିଳା ପ୍ରାର୍ଥୀଙ୍କ ସମେତ ୯୭ ପ୍ରାର୍ଥୀ, ମେଘାଳୟର ୨ ମହିଳା ପ୍ରାର୍ଥୀଙ୍କ ସମେତ ୧୦ ପ୍ରାର୍ଥୀ, ମିଜୋରାମର ଜଣେ ମହିଳା ପ୍ରାର୍ଥୀଙ୍କ ସମେତ ୬ ପ୍ରାର୍ଥୀ, ପୁଡୁଚେରୀର ୩ ମହିଳା ପ୍ରାର୍ଥୀଙ୍କ ସମେତ ୨୬ ପ୍ରାର୍ଥୀ, ରାଜସ୍ଥାନର ୧୨ ମହିଳା ପ୍ରାର୍ଥୀଙ୍କ ସମେତ ୧୧୪ ପ୍ରାର୍ଥୀ, ସିକିମର ଜଣେ ମହିଳା ପ୍ରାର୍ଥୀଙ୍କ ସମେତ ୧୪ ପ୍ରାର୍ଥୀ, ଉତ୍ତରପ୍ରଦେଶର ୭ ମହିଳା ପ୍ରାର୍ଥୀଙ୍କ ସମେତ ୮୦ ପ୍ରାର୍ଥୀ, ଉତ୍ତରାଖଣ୍ଡର ୪ ମହିଳା ପ୍ରାର୍ଥୀଙ୍କ ସମେତ ୫୫ ପ୍ରାର୍ଥୀ, ପଶ୍ଚିମବଙ୍ଗର ୪ ମହିଳା ପ୍ରାର୍ଥୀଙ୍କ ସମେତ ୩୭ ପ୍ରାର୍ଥୀ, ଛତିଶଗଡର ୧୧ ପ୍ରାର୍ଥୀ, ଜମ୍ମୁ-କଶ୍ମୀରର ୧୨ ପ୍ରାର୍ଥୀ, ଲାକ୍ଷାଦ୍ୱୀପର ୪ପ୍ରାର୍ଥୀ, ମଣିପୁର ୧୦ ପ୍ରାର୍ଥୀ, ନାଗାଲ୍ୟାଣ୍ଡର ୩ ପ୍ରାର୍ଥୀ ଓ ତ୍ରିପୁରାର ୯ପ୍ରାର୍ଥୀ ଅଛନ୍ତି। ଛତିଶଗଡ, ଜମ୍ମୁ-କଶ୍ମୀର, ଲାକ୍ଷାଦ୍ୱୀପ, ମଣିପୁର, ନାଗାଲାଣ୍ଡ ଓ ତ୍ରିପୁରାରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଥିବା ଆସନଗୁଡ଼ିକରେ କେହି ମହିଳା ପ୍ରାର୍ଥୀ ନାହାନ୍ତି। ତାମିଲନାଡୁ ରାଜ୍ୟରେ ୩୯ଟି ଲୋକସଭା ନିର୍ବାଚନମଣ୍ଡଳୀରେ ୭୬ ମହିଳାଙ୍କ ସମେତ ୯୫୦ ପ୍ରାର୍ଥୀ ଅଛନ୍ତି ଯାହା ରାଜ୍ୟଙ୍କ ମଧ୍ୟରେ ସର୍ବାଧିକ ଓ ନାଗାଲାଣ୍ଡରେ କୌଣସି ମହିଳା ପ୍ରାର୍ଥୀ ନ ଥାଇ ୩ ପ୍ରାର୍ଥୀ ଅଛନ୍ତି ଯାହା ରାଜ୍ୟଙ୍କ ମଧ୍ୟରେ ସର୍ବନିମ୍ନ।



# ରାଜନୀତିରେ ବଢ଼ୁଛି ଦାଗୀ ପ୍ରାର୍ଥୀଙ୍କ ସଂଖ୍ୟା

ରାଜନୀତିରେ ଦାଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ନେତାଙ୍କୁ ପ୍ରାୟ ସବୁ ଦଳ ଟିକଟ ଦେଉଛନ୍ତି। ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାରେ ୧୯ ତାରିଖରେ ମତଦାନ ହେବାକୁ ଯାଉଥିବାବେଳେ ଏଥିପାଇଁ ୧,୬୨୫ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୬ ପ୍ରତିଶତ ଦାଗୀ ପ୍ରାର୍ଥୀ ଅଛନ୍ତି ଅର୍ଥାତ୍ ଏହି ନେତାଙ୍କ ଉପରେ ଆପରାଧିକ ମାମଲା ରହିଛି। ସେହିପରି ୨୮ ପ୍ରତିଶତ ତଥା ୪୫୦ କୋଟିପତି ପ୍ରାର୍ଥୀ ଅଛନ୍ତି। ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ରିପୋର୍ଟରୁ ଏହି ସୂଚନା ମିଳିଛି। ୧,୬୨୫ରୁ ୧,୬୧୮ ଜଣ ପ୍ରାର୍ଥୀଙ୍କ ସତ୍ୟପାଠର ବିଶ୍ଳେଷଣ କରି ଏହି ରିପୋର୍ଟ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ୧୦୨ରୁ ୪୨ ସିଟ୍‌ରେ ତିନିରୁ ଅଧିକ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ୧,୬୧୮ରୁ ୧୬ ପ୍ରତିଶତ ଅର୍ଥାତ୍ ୨୫୨ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇଛି। ଏମାନଙ୍କ ମଧ୍ୟରୁ ୧୦ ପ୍ରତିଶତ ତଥା ୧୬୧ ଜଣଙ୍କ ବିରୋଧରେ ଗୁରୁତର ମାମଲା ରହିଛି। ଏଗୁଡିକ ମଧ୍ୟରେ ହତ୍ୟା, ଅପହରଣ ଆଦି ମାମଲା ସାମିଲ ରହିଛି। ସେହିପରି ୭ ପ୍ରାର୍ଥୀଙ୍କ ବିରୋଧରେ ହତ୍ୟା ଏବଂ ୧୯ ଜଣଙ୍କ ଉପରେ ହତ୍ୟା ଉଦ୍ୟମ ମାମଲା ରହିଛି। ୧୮ ଜଣଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧ, ୩୫ ଜଣଙ୍କ ଉପରେ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ଦେବା ମାମଲା ରୁଜୁ ହୋଇଛି।

ଲାଲୁ ପ୍ରସାଦ ଯାଦବଙ୍କ ଆରେଜେଡି ଟିକଟ ଦେଇଥିବା ୪ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏହା ବ୍ୟତୀତ ଡିଏମ୍‌କେ ୧୩ ଜଣ, ସମାଜବାଦୀ ପାର୍ଟି ୩ ଜଣ, ଟିଏମ୍‌ସି, ୨ ଜଣ, ବିଜେପି ୨୮ ଜଣ ଏବଂ କଂଗ୍ରେସ ଏଭଳି ୧୯ ଜଣଙ୍କୁ ପ୍ରାର୍ଥୀ କରିଛି। ଏମାନଙ୍କ ମଧ୍ୟରୁ ଆରଜେଡିର ୨, ଡିଏମ୍‌କେର ୬, ଏସ୍‌ପିର ୨, ଟିଏମ୍‌ସିର ୫, ବିଜେପିର ୧୪, ଅନ୍ନାଦ୍ରମୁକର ୬, କଂଗ୍ରେସର ୮ ଏବଂ ବିଏସ୍‌ପିର ୮ ଜଣ ପ୍ରାର୍ଥୀ ନିଜ ବିରୋଧରେ ଗୁରୁତର ମାମଲା ଥିବା ସତ୍ୟପାଠରେ ଦର୍ଶାଇଛନ୍ତି।




## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ


# ଭାଗ୍ୟ ପରୀକ୍ଷା କରିବେ ୧୨୧୦ ପ୍ରାର୍ଥୀ

ଏପ୍ରିଲ ୨୬ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏହି ନିର୍ବାଚନ ରଣାଙ୍ଗନରେ ଭାଗ୍ୟ ପରୀକ୍ଷା କରିବା ପାଇଁ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧୨୧୦ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ଆଉଟର ମଣିପୁରର ୪ ପ୍ରାର୍ଥୀ ସାମିଲ ଅଛନ୍ତି। ତେବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ୨୬୩୩ ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ଏଥିରୁ ୧୪୨୮ଟି ବୈଧ ରହିଥିଲା। ପରେ ସୋମବାର ସୁଦ୍ଧା ୨୧୮ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ଏହି ପର୍ଯ୍ୟାୟରେ କେରଳର ୨୦ ସଂସଦୀୟ କ୍ଷେତ୍ରରୁ ସର୍ବାଧିକ ୫୦୦ ପ୍ରାର୍ଥିପତ୍ର ଆଗତ ହୋଇଥିଲା। ଏହା ପଛକୁ କର୍ଣ୍ଣାଟକରୁ ୪୯୧, ମହାରାଷ୍ଟ୍ରରୁ ୯୬, ମହାରାଷ୍ଟ୍ରରୁ ୧୬, ତ୍ରିପୁରାରୁ ୧୪ ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଆସାମର ୬୧ ଜଣ, ବିହାରର ୫୦ ଜଣ, ଛତିଶଗଡ଼ର ୪୧ ଜଣ, ଜମ୍ମୁ-କାଶ୍ମୀରର ୨୨ ଜଣ, କର୍ଣ୍ଣାଟକର ୨୪୭ ଜଣ, କେରଳର ୧୯୪ ଜଣ, ମଧ୍ୟପ୍ରଦେଶର ୮୮ ଜଣ, ମହାରାଷ୍ଟ୍ରର ୨୦୪ ଜଣ, ରାଜସ୍ଥାନର ୧୫୨ ଜଣ, ତ୍ରିପୁରାର ୯ ଜଣ, ଉତ୍ତରପ୍ରଦେଶର ୯୧ ଜଣ ଏବଂ ପଶ୍ଚିମବଙ୍ଗର ୪୭ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି।



# ମେ ୧୦ରେ 'ଶ୍ରୀକାନ୍ତ'





ବଲିଉଡ୍‌ର ଜଣେ ପ୍ରତିଭାବାନ୍ କଳାକାର ଭାବେ ଜଣାଯାନ୍ତି ଅଭିନେତା ରାଜକୁମାର ରାଓ। 'ଶହୀଦ', 'ନ୍ୟୁଟନ୍' ଭଳି ଫିଲ୍ମରେ ସେ ତାଙ୍କ ଅଭିନୟର ଛାପ ଛାଡ଼ିଛନ୍ତି । ବହୁତ ଦିନରୁ ସେ ବଡ଼ ପରଦାରୁ ଦୂରେଇ ଯାଇଥିଲେ। ଏବେ ଏକ ବାୟୋପିକ୍ ଫିଲ୍ମ ମାଧ୍ୟମରେ ପୁଣି ଥରେ ପରଦାକୁ ଫେରୁଛନ୍ତି। ତାଙ୍କର ଆଗାମୀ ଫିଲ୍ମର ନାମ 'ଶ୍ରୀକାନ୍ତ'। ଏଥିରେ ରାଜ୍‌କୁମାର ଦୃଷ୍ଟିବାଧିତ ବିଜ୍‌ନେସ୍‌ମ୍ୟାନ ଶ୍ରୀକାନ୍ତ ବୋଲାଙ୍କ ଭୂମିକାରେ ଦେଖାଯିବେ । ରାଜ୍‌କୁମାରଙ୍କ ସହ ଜ୍ୟୋତିକା ମଧ୍ୟ ଏଥିରେ ନଜର ଆସିବେ। ଜ୍ୟୋତିକା ଏହି ଫିଲ୍ମ ମାଧ୍ୟମରେ ଦୀର୍ଘଦିନ ପରେ ପରଦାକୁ ଫେରୁଛନ୍ତି। ଇତିମଧ୍ୟରେ ଫିଲ୍ମର ପ୍ରଥମ ଝଲକ୍ ସାମ୍ନାକୁ ଆସିଛି। ରାଜକୁମାର ଏହାର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ସହ ଫିଲ୍ମ ରିଲିଜ୍ ସମ୍ପର୍କରେ ଘୋଷଣା କରିଛନ୍ତି। ସେ ଏହାକୁ ସେୟାର୍ କରି ଲେଖିଛନ୍ତି- 'ଏକ ଯାତ୍ରା, ଯାହା ଆପଣଙ୍କ ଆଖି ଖୋଲିଦେବ। ଆପଣମାନଙ୍କ ଦୃଷ୍ଟିଭଙ୍ଗୀ ବଦଳାଇବାକୁ ଆସୁଛି ଶ୍ରୀକାନ୍ତ। ଏଇ ମେ ୧୦ରେ ଏହା ପ୍ରେକ୍ଷାଳୟକୁ ଆସିବ।' ସେୟାର୍ ହୋଇଥିବା ଭିଡିଓରେ ରାଜକୁମାର ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଭାବେ ଦେଖାଯାଇଛନ୍ତି। ଯିଏ କି ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଛି। ଫିଲ୍ମର ଟାଇଟଲ୍‌କୁ ମଧ୍ୟ ବ୍ରେଲ୍ ଲିପିରେ ଲେଖାଯାଇଛି। ପୂର୍ବରୁ ଏହି ଫିଲ୍ମ ନାମ 'ଶ୍ରୀ' ଥିଲା। ଗତବର୍ଷ ୧୫ ସେପ୍ଟେମ୍ବରରେ ଏହା ରିଲିଜ୍ ହେବାର ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଶ୍ରୀକାନ୍ତ, ବୋଲାଣ୍ଟ ଇଣ୍ଡଷ୍ଟ୍ରୀର ମାଲିକ । ବହୁ ସଂଘର୍ଷ ଦେଇ ଗତି କରିଥିବା ଶ୍ରୀକାନ୍ତ ସାଇନ୍ସ ଷ୍ଟ୍ରିମରେ ପାଠ ପଢ଼ିବାକୁ ଆଇନର ସାହାଯ୍ୟ ଲୋଡ଼ିଥିଲେ। ଆଉ ଏଥିରେ ତାଙ୍କୁ ସଫଳତା ମିଳିଥିଲା। ଏମିତି ଏକ ସଂଘର୍ଷ ଓ ସଫଳତାର କାହାଣୀକୁ ନେଇ ନିର୍ମାଣ କରାଯାଇଛି 'ଶ୍ରୀକାନ୍ତ' ।

# ସେଲୋଟେପ୍ ନା ବ୍ରେସ୍‌ଲେଟ୍!

ଫ୍ୟାଶନ ନାମରେ ପରୀକ୍ଷାନିରୀକ୍ଷା କିଛି ନୂଆ କଥା ନୁହେଁ। ଏହି କ୍ରମରେ ଲଗ୍‌ଜୁରି ଫେସନ୍ ବ୍ରାଣ୍ଡ ବାଲେନ୍‌ସିଆଗା ଏଭଳି ଏକ ବ୍ରେସ୍‌ଲେଟ୍ ଡିଜାଇନ୍ କରିଛି, ଯାହାକୁ ଦେଖି ଯେକେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ପ୍ୟାରିସ୍ ଫେସନ୍ ୱିକ୍‌ରେ ଏହି ବ୍ରେସ୍‌ଲେଟ୍ ଲଞ୍ଚ୍ ହେବା ପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କାରଣ ଏହି ବ୍ରେସ୍‌ଲେଟ୍ ଅବିକଳ ସେଲୋଟେପ୍ ଭଳି ଦେଖାଯାଉଛି। ବ୍ରେସ୍‌ଲେଟ୍‌ରେ ବାଲେନ୍‌ସିଆଗାର ଲୋଗୋ ରହିଛି। ଏହାର ଦାମ୍ ୪,୦୦୦ ଡଲାର, ଭାରତୀୟ ମୁଦ୍ରାରେ ୩ ଲକ୍ଷ ୩୩ ହଜାର। ବ୍ରେସ୍‌ଲେଟ୍‌ର ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। କିଛି ଜଣ ଏଥିରେ ମନ୍ତବ୍ୟ ଦେଇ ଲେଖିଛନ୍ତି, ଆମେ ଘରର କୌଣସି ଜିନିଷକୁ



ଡିଜାଇନ୍ କରି ଏହାକୁ ଲଗ୍‌ଜୁରି ବ୍ରାଣ୍ଡର ନାଁ ଦେଇଦେବୁ। ଉଲ୍ଲେଖଯୋଗ୍ୟ ଯେ ଏହାପୂର୍ବରୁ ଏହି ଲଗ୍‌ଜୁରି ବ୍ରାଣ୍ଡ ଏକ ତଉଲିଆ ସ୍କର୍ଟ ଲଞ୍ଚ୍ କରି ଚର୍ଚ୍ଚାକୁ ଆସିଥିଲା। ଏହାର ଦାମ୍ ୭୭ହଜାର ଥିଲା।

# ବିଶ୍ୱ ହୋମିଓପାଥି ଦିବସ



ଚିକିତ୍ସା କ୍ଷେତ୍ରରେ ହୋମିଓପାଥି ଓ ଏହାର ଯୋଗଦାନକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୧୦ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ହୋମିଓପାଥି ଦିବସ। ହୋମିଓପାଥିର ଜନକ ଜର୍ମାନ୍ ଡାକ୍ତର ଖ୍ରୀଷ୍ଟିଆନ୍ ଫ୍ରେଡରିକ୍ ସାମୁଏଲ୍ ହାନେମ୍ୟାନଙ୍କ ଜନ୍ମଦିନ ଅବସରରେ ଏହି ଦିବସ ପାଳିତ ହୁଏ। ୧୭୫୫ ମସିହା ଏପ୍ରିଲ୍ ୧୦ ତାରିଖରେ ସାମୁଏଲ୍ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଓ ଭାଷାବିତ୍ ଥିଲେ। ହୋମିଓପାଥି ଦ୍ୱାରା ଚିକିତ୍ସା କରିବାର ମାର୍ଗ ସେ ପ୍ରସ୍ତୁତ କରିଥିଲେ। ଏହି ଚିକିତ୍ସାକୁ ଲୋକାଦୃତ କରିବାରେ ତାଙ୍କର ଭୂମିକା ସବୁବେଳେ ସ୍ମରଣୀୟ ହୋଇ ରହିବ। ତେଣୁ ତାଙ୍କୁ ମନେପକାଇବା ପାଇଁ ପ୍ରତିବର୍ଷ ତାଙ୍କ ଜନ୍ମ ଦିନକୁ 'ବିଶ୍ୱ ହୋମିଓପାଥି ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ୨୦୦୫ ଏପ୍ରିଲ ୧୦ ତାରିଖରେ ପ୍ରଥମ 'ବିଶ୍ୱ ହୋମିଓପାଥି ଦିବସ' ପାଳନ କରାଯାଇଥିଲା। ଅନେକ ପୁରୁଣା ରୋଗ ଚିକିତ୍ସାରେ ହୋମିଓପାଥି ବ୍ୟବହାର କରାଯାଏ। ହୋମିଓପାଥି ଶାରୀରିକ ସାମର୍ଥ୍ୟ ଓ ରୋଗପ୍ରତିରୋଧକ ପ୍ରଣାଳୀ ମଜଭୁତ କରିବାରେ ସାହାଯ୍ୟ କରେ। ହୋମିଓପାଥି ସମ୍ପର୍କରେ ସଚେତନତା ବଢାଇବା ଏବଂ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଏ । ଏଲୋପାଥି, ଆୟୁର୍ବେଦ, ନାଚୁରୋପାଥି ଚିକିତ୍ସା ଭଳି ମଧ୍ୟ ହୋମିଓପାଥି ଚିକିତ୍ସାର ଏକ ପଦ୍ଧତି। ହୋମିଓପାଥିକୁ ଏକ ପ୍ରକାର ବରଦାନ ବୋଲି ଧରାଯାଏ। ବିଶେଷକରି କୁନି କୁନି ପିଲାମାନଙ୍କର ଚିକିତ୍ସା ପାଇଁ ହୋମିଓପାଥିକୁ ଅଧିକ ଗୁରୁତ୍ୱ ଦିଆଯାଏ। କାରଣ ମିଠା ଓ ଧଳାରଙ୍ଗର ଗୁଳିକୁ ପିଲାମାନେ ଖାଇବାକୁ ପସନ୍ଦ କରିଥାନ୍ତି। ଅନେକ ପୁରୁଣା ରୋଗର ଚିକିତ୍ସା ପାଇଁ ମଧ୍ୟ ଏହା ଏକ ଭଲ ଚିକିତ୍ସା ବୋଲି ଧରାଯାଏ। ହୋମିଓପାଥି ଆଲର୍ଜି, ଶ୍ୱାସରୋଗ, ଅଧକପାଳି ଆଦି ରୋଗକୁ ମୂଳରୁ ନାଶ କରିଥାଏ। ହୋମିଓପାଥିରେ ଅସ୍ତ୍ରୋପଚାର ପରି ଜଟିଳ ପ୍ରକ୍ରିୟା ନଥାଏ ଏବଂ ଔଷଧଗୁଡ଼ିକର କୌଣସି ନକାରାତ୍ମକ ପାର୍ଶ୍ୱ ପ୍ରତିକ୍ରିୟା ନଥିବାରୁ ଲୋକେ ଏହା ବେଶ୍ ଜନାଦୃତ ହୋଇଛି। ଏହାବାଦ୍ ହୋମିଓପାଥିରେ ଔଷଧ ଓ ଚିକିତ୍ସା ପାଇଁ ବହୁତ କମ୍ ଟଙ୍କା ଖର୍ଚ୍ଚ ହୋଇଥାଏ। ସାରା ବିଶ୍ୱରେ ୮୦ରୁ ଅଧିକ ଦେଶରେ ବହୁଳ ଭାବରେ ହୋମିଓପାଥି ଚିକିତ୍ସା ପ୍ରସାରିତ ହୋଇପାରିଛି।

## ଆଜିର ଇତିହାସ

- ୧୮୨୫-ହାୱାଇରେ ପ୍ରଥମ ହୋଟେଲ ଖୋଲିଲା।
- ୧୮୭୫-ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜର ସ୍ଥାପନା କଲେ।
- ୧୯୩୯-ଇଟାଲୀୟ ସେନା ଆଲବାନିଆ ଉପରେ କବ୍‌ଜା କଲା।
- ୧୯୭୨- ଇରାନ୍‌ରେ ଭୂମିକମ୍ପ ଯୋଗୁଁ ୭୦୦୦ ଲୋକଙ୍କ ପ୍ରାଣହାନି।
- ୧୯୮୨- ଭାରତ ବହୁଦେଶୀୟ ଉପଗ୍ରହ ଇନସ୍ୟାଟ୍-୧ର ସଫଳ ପ୍ରକ୍ଷେପଣ କଲା।
- ୨୦୦୩- ଆମେରିକା ଇରାକ୍ ଉପରେ କବ୍‌ଜା କଲା।
- ୨୦୧୬- କେରଳର କୋଲ୍ଲମ୍ ଜିଲ୍ଲାରେ ଥିବା ପୁତ୍ତିଙ୍ଗଲ ମନ୍ଦିରରେ ବାଣ ବିସ୍ଫୋରଣ ଯୋଗୁଁ ଅଗ୍ନିକାଣ୍ଡ ଘଟି ପାଖାପାଖି ୧୧୦ ଲୋକଙ୍କ ମୃତ, ୩୦୦ରୁ ଅଧିକ ଆହତ।

## ଆଜିର ରାଶିଫଳ

**ମେଷ:** ସଫଳତା ହାସଲ କରିବେ। ଆର୍ଥିକ ମାମଲାରେ ଉନ୍ନତି ହେବ। ଜଣେ ମହିଳାଙ୍କ ସହଯୋଗରେ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଜୀବନରେ ସୁଖଶାନ୍ତି ଲାଗି ରହିବ।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ମାନ ସମ୍ମାନ ବୃଦ୍ଧି ପାଇବ। ଆର୍ଥିକ ମାମଲା ପାଇଁ ଦିନଟି ଭଲ। ପରିବାରରେ ହସ ଖୁସି ଲାଗି ରହିବ। ଅପ୍ରିୟ ସତ କହି ହଇରାଣରେ ପଡ଼ିପାରନ୍ତି।

**ମିଥୁନ:** ଶୁଭ ଖବର ପାଇଁ ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନଙ୍କର କାମ ଚାପ ରହିବ। କୋର୍ଟ କଚେରୀ ମାମଲାରେ ଅଧିକ ଧାଁ ଧଉଡ଼ କରିବାକୁ ପଡ଼ିପାରେ।

**କର୍କଟ:** ଧନବୃଦ୍ଧି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ନୂତନ ଦାୟିତ୍ୱ ପାଇପାରନ୍ତି। ପ୍ରେମ ବ୍ୟାପାରରେ ସଫଳ ହେବେ। ଜୀବନରେ ସୁଖ –ସମୃଦ୍ଧି ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ଠିକ୍ ରହିବ।

**ସିଂହ:** ନୂତନ ଯାନବାହନ କ୍ରୟ ଯୋଗ ରହିଛି। ଗୁରୁଜନଙ୍କ ଆଶୀର୍ବାଦ ମିଳିବ। ଖୁସି ଖବର ପାଇପାରନ୍ତି। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**କନ୍ୟା:** ସମସ୍ୟାରେ ପଡ଼ିପାରନ୍ତି। ସତର୍କତା ସହିତ କାମ କରନ୍ତୁ। ଅଧିକ ଚିନ୍ତା କରନ୍ତୁନି। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବର ପାଇ ଖୁସି ହେବେ। ପୂଜାର୍ଚ୍ଚନା କରନ୍ତୁ।

**ତୁଳା:** ପରିଶ୍ରମର ଫଳ ମିଳିବ। ଶିକ୍ଷାକ୍ଷେତ୍ରରେ ଯଶସ୍ୱୀ ହେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବିଛା:** ଅଯଥା ଯୁକ୍ତି କରନ୍ତୁନି। ପତ୍ନୀଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟରେ କ୍ଷତି ସହିବେ। ଖର୍ଚ୍ଚ ବଢ଼ିବ। ପିଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ଧନୁ:** କୌଣସି କଥାକୁ ନେଇ ଚିନ୍ତା କରିବେ। ପରିବାରଲୋକଙ୍କ ସହଯୋଗ ମିଳିବ। ବନ୍ଧୁଙ୍କୁ ଉପହାର ପ୍ରଦାନ କରିବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ। ଅତିଥି ସତ୍କାର କରିପାରନ୍ତି।

**ମକର:** ଆଳସ୍ୟ ଅନୁଭବ କରିପାରନ୍ତି। ମନରେ ନକାରାତ୍ମକ ଚିନ୍ତା ଆସିପାରେ। ବ୍ୟବସାୟରେ ସମସ୍ୟା ଉପୁଜିପାରେ। ଚିଡ଼ିଚିଡ଼ାପଣ ଦେଖାଦେବ। ସାମାଜିକ କାର୍ଯ୍ୟରେ ସମୟ ବିତାଇବେ।

**କୁମ୍ଭ:** କର୍ମକ୍ଷେତ୍ରରେ କଠିନ ପରିସ୍ଥିତି ଦେଇ ଗତି କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ଉଧାର ମାଗିପାରନ୍ତି।

**ମୀନ:** ଆୟ-ବ୍ୟୟ ସମାନ ରହିବ। କର୍ମକ୍ଷେତ୍ରରେ କାମଚାପ ବଢ଼ିବ। ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ଶିକ୍ଷାକ୍ଷେତ୍ରରେ ସଫଳ ହେବେ। ବହୁ ଦିନରୁ ଅଟକି ଥିବା କାର୍ଯ୍ୟ ପୂରା କରିବେ।

## ବୃତ୍ତିଗତ ଶିକ୍ଷା

# ଆର୍ଟ ଥେରାପି



ଆଜିକାଲି ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀ ଯୋଗୁଁ କିଛି ଲୋକ ଅବସାଦ ଓ ଚିନ୍ତାରେ ବୁଡ଼ି ରହୁଛନ୍ତି। କିଛି ମାନସିକ ରୋଗୀ ମଧ୍ୟ ଏଭଳି ସ୍ଥିତିରେ ନିଜ ମନକଥା କହିବାକୁ ସକ୍ଷମ ହୋଇ ନ ଥାନ୍ତି। ଏଭଳି ଲୋକଙ୍କ ଉପଚାର ପାଇଁ ଆର୍ଟ ଥେରାପି ଖୁବ୍ ଫଳପ୍ରଦ। ଯେଉଁଥିରେ ସେମାନେ ନିଜ ଭାବନାକୁ ଆର୍ଟ ମାଧ୍ୟମରେ ବ୍ୟକ୍ତ କରିପାରିଥାନ୍ତି। ଏହି ଥେରାପିରେ ପେଣ୍ଟିଂ, ସ୍କେଚିଂ, କୋଲାଜ ମେକିଂ, କଲରିଂ, ମୂର୍ତ୍ତି କଳା ଆଦି ସାମିଲ ଥାଏ। ଯାହାକୁ ଆର୍ଟ ଥେରାପିଷ୍ଟମାନେ ସମ୍ପାଦନ କରିଥାନ୍ତି। ଏହା ଏମିତି ଏକ କ୍ୟାରିୟର ବିକଳ୍ପ, ଯେଉଁଥିରେ ଲୋକଙ୍କୁ ସାହାଯ୍ୟ ତଥା ସେବା କରିବା ସହ ରୋଜଗାରର ସୁଯୋଗସୃଷ୍ଟି ହୋଇଥାଏ।



### କାମ କ'ଣ

ଗମ୍ଭୀର ମାନସିକ ସମସ୍ୟା ଦେଇ ଗତି କରୁଥିବା ଲୋକଙ୍କୁ ଆର୍ଟ ଥେରାପିଷ୍ଟମାନେ ଥେରାପି ପ୍ରଦାନ କରନ୍ତି। ଭିଜୁଆଲ ଆର୍ଟ ମେକିଂ, ମ୍ୟୁଜିକ୍ ପେଣ୍ଟିଂ, ଡ୍ରାମା ଆଦି ସୃଜନାତ୍ମକ ଜ୍ଞାନକୌଶଳ ମାଧ୍ୟମରେ ଲୋକଙ୍କୁ ଶାରୀରିକ, ମାନସିକ ଏବଂ ଭାବନାତ୍ମକ ଲାଭ ପହଞ୍ଚାଇବା ହେଉଛି ଆର୍ଟ ଥେରାପିଷ୍ଟଙ୍କ କାମ। ଏହାଦ୍ୱାରା ଲୋକଙ୍କୁ ସାଧାରଣ ଜୀବନଶୈଳୀ ସହ ବଞ୍ଚିବାରେ ସାହାଯ୍ୟ କରନ୍ତି।

### ଶିକ୍ଷାଗତ ଯୋଗ୍ୟତା

ଯୁକ୍ତଦୁଇ ବିଜ୍ଞାନ ପାସ୍ କରିଥିବା ଅନିବାର୍ଯ୍ୟ। ଏହାପରେ ବ୍ୟାଚ୍‌ଲର ତଥା ମାଷ୍ଟର ଡ଼ିଗ୍ରୀ କରିପାରିବେ। କିଛି ବିଶ୍ୱବିଦ୍ୟାଳୟରେ ଏ ଲାଗି ପ୍ରବେଶିକା ପରୀକ୍ଷା ଦେବାକୁ ହୋଇଥାଏ। ଏହି କ୍ଷେତ୍ରରେ ଗବେଷଣା କରିବାକୁ ଚାହୁଁଥିଲେ ପିଏଚ୍‌ଡି ମଧ୍ୟ କରିପାରିବେ।

### ଆବଶ୍ୟକ ଜ୍ଞାନ

- ଯୋଗାଯୋଗ ତଥା କଥାବାର୍ତ୍ତାର ଉତ୍ତମ ଦକ୍ଷତା।
- ସହାନୁଭୂତି ଦେଖାଇବା ଓ ବୁଝିବା କ୍ଷମତା ଥିବା ଜରୁରି।
- ଦଳ ସହ ମିଶି କାମ କରିବାରେ ରୁଚି।
- ନିଜ ଭିତରେ ଆତ୍ମବିଶ୍ୱାସ ରଖିବା ।

### ରୋଜଗାର

ଏହାର ପାରିଶ୍ରମିକ ମୁଖ୍ୟତଃ ଅଭିଜ୍ଞତା ଉପରେ ନିର୍ଭର କରିଥାଏ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦ରୁ ୪୦ ହଜାର ଟଙ୍କା ମାସକୁ ମିଳିଥାଏ। ଅଭିଜ୍ଞତା ବୃଦ୍ଧି ପାଇଲେ ପାରିଶ୍ରମିକ ବଢ଼େ। ଅବଶ୍ୟ ଆର୍ଟ ଥେରାପିଷ୍ଟଙ୍କୁ ବିଦେଶରେ ଅଧିକ ଦରମା ମିଳିଥାଏ।

### ନିଯୁକ୍ତି ସୁଯୋଗ

ସରକାରୀ ତଥା ଘରୋଇ ସଂସ୍ଥାରେ ଆର୍ଟ ଥେରାପିଷ୍ଟ, ଫ୍ୟାମିଲି ଥେରାପିଷ୍ଟ, ପ୍ରାଇଭେଟ୍ ପ୍ରାକ୍ଟିସନର୍ ଭାବେ କାର୍ଯ୍ୟ କରିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଯୁକ୍ତି ସାଙ୍ଗକୁ କର୍ପୋରେଟ୍ ତଥା ବିଜ୍‌ନେସ୍ କ୍ଷେତ୍ରରେ ବି ଚାକିରି ମିଳିପାରିବ।

### ପ୍ରମୁଖ ସଂସ୍ଥାନ

- ଏମ୍‌ଆଇଟି ସ୍କୁଲ ଅଫ୍ ଫାଇନ୍ ଆର୍ଟସ୍ ଆପ୍ଲାଏଡ୍ ଆର୍ଟସ୍, ମହାରାଷ୍ଟ୍ର
- ନ୍ୟୁୟର୍କ ୟୁନିଭର୍ସିଟି, ନ୍ୟୁୟର୍କ

# ସମ୍ଭାବନା



## ଏହି କାରଣ ସାଜେ

# ପଦୋନ୍ନତିରେ ପ୍ରତିବନ୍ଧକ



ପ୍ରତ୍ୟେକ କର୍ମଚାରୀ ଅଫିସ୍‌ରେ ଶୀଘ୍ର ପଦୋନ୍ନତି ପାଇବା ଆଶା ରଖନ୍ତି। ସେଥିପାଇଁ ଅନେକ କର୍ମଚାରୀ ବହୁତ ପରିଶ୍ରମ କରିଥାନ୍ତି। ତେବେ ବେଳେବେଳେ କର୍ମଚାରୀଙ୍କ କିଛି ଆଚରଣ ସେମାନଙ୍କ ପଦୋନ୍ନତିରେ ବାଧକ ସାଜିଥାଏ।

- ଯେଉଁ କର୍ମଚାରୀ ଯେତିକି ଆବଶ୍ୟକ ସେତିକି କାମ କରନ୍ତି ଏବଂ ନିଜ ଆଡକୁ କିଛି ପ୍ରଚେଷ୍ଟା କିମ୍ବା ନୂତନ ପରିକଳ୍ପନା କରନ୍ତି ନାହିଁ, ସେମାନଙ୍କର ପଦୋନ୍ନତି ବାଧାପ୍ରାପ୍ତ ହୁଏ।
- ବିଳମ୍ବରେ ଅଫିସ୍ ଆସିବା ତଥା ନିର୍ଦ୍ଧାରିତ ସମୟରେ କାମ ପୂରା କରିପାରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ପଦୋନ୍ନତି ପାଇବାରେ ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ।
- ସମୟ ସହିତ ତାଳ ଦେଇ ଚାଲୁ ନ ଥିବା ଓ ନୂତନ ଆହ୍ୱାନକୁ ଗ୍ରହଣ କରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ପଦୋନ୍ନତି ମିଳି ନ ଥାଏ।
- ଅଫିସ୍‌ରେ ଟିମ୍ ସହିତ କାମ କରିବାରେ ପଛୁଆ ରହୁଥିବା କର୍ମଚାରୀଙ୍କୁ ପଦୋନ୍ନତି ମିଳିବା ସହଜ ହୋଇ ନ ଥାଏ।
- ଅଫିସ୍‌ରେ ପରଚର୍ଚ୍ଚା ତଥା ଅନ୍ୟ ସହକର୍ମୀଙ୍କ ନିନ୍ଦା କରୁଥିବା କର୍ମଚାରୀଙ୍କ ପଦୋନ୍ନତି ଅଟକି ଥାଏ।
- ଗ୍ରାହକ ତଥା ମାଲିକଙ୍କ ସହ ଭଲ ବ୍ୟବହାର କରିପାରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ଶୀଘ୍ର ପଦୋନ୍ନତି ମିଳି ନ ଥାଏ।

# କ୍ୟାରିୟର ପାଇଁ ପୂର୍ବ ପ୍ରସ୍ତୁତି


**ଆଜିକାଲି ଯୁବପିଢ଼ିଙ୍କୁ ଆଗୁଆ କ୍ୟାରିୟର ଯୋଜନା କରିବାର ଆବଶ୍ୟକତା ଅଛି। ଏଣୁ ଏ ଦୃଷ୍ଟିରୁ ପୂର୍ବ ପ୍ରସ୍ତୁତି ନିହାତି ଜରୁରି। ତେବେ ଏହା ଦ୍ୱାରା କି ଲାଭ ହୁଏ, ସେ ସମ୍ପର୍କରେ ଜାଣିବା।**



- କ୍ୟାରିୟର ଆରମ୍ଭରୁ ବିଭିନ୍ନ ଯୋଜନା କଲେ ଅନେକ ବିକଳ୍ପ ବାଛିବା ସହଜ ହୁଏ।
- ଅଳ୍ପ ବୟସରେ ଅନେକ କଥାକୁ ଶୀଘ୍ର ଶିଖି ହୁଏ।
- ନିଜ ଭିତରେ ଅନେକ ପରିବର୍ତ୍ତନ ଆସେ।
- ନିର୍ଣ୍ଣୟ ନେବାର କ୍ଷମତା ସହ ବୁଝିବା କ୍ଷମତା ଶାଣିତ ହୁଏ।
- ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଲକ୍ଷ୍ୟସ୍ଥଳରେ ଜଣେ ସହଜରେ ପହଞ୍ଚିବାକୁ ସକ୍ଷମ ହୁଏ।

# କମ୍ ସମୟରେ ଶିଖନ୍ତୁ ନୂଆ ଶବ୍ଦ

ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀ ଇଂରାଜୀ ଶବ୍ଦାବଳୀ ଉପରେ ଦୃଷ୍ଟି ଦେବା ଖୁବ୍ ଜରୁରି। ଏହାଦ୍ୱାରା ଉଭୟ ଲିଖିତ ଓ ମୌଖିକ ପରୀକ୍ଷା ସହଜ ହୋଇଥାଏ। ତେବେ କମ୍ ସମୟରେ ଶବ୍ଦ ଜ୍ଞାନ ବଢ଼ାଇବା ପାଇଁ ନିମ୍ନ ପ୍ରଦତ୍ତ ଟିପ୍ସକୁ ଆପଣାନ୍ତୁ।



- ଶବ୍ଦ ଜ୍ଞାନ ବୃଦ୍ଧି ପାଇଁ ଅଲଗା ଅଲଗା ବହି ପଢ଼ିବା ସହ ବିଭିନ୍ନ ଆଲୋଚନା ଉପରେ ଦୃଷ୍ଟି ଦେବା ଜରୁରି।
- ଶବ୍ଦକୋଷ ବିଦ୍ୟାର୍ଥୀଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ସାଧନ। ନୂଆ ନୂଆ ଶବ୍ଦ ଶିଖିବା ପାଇଁ ପ୍ରତିଦିନ ଶବ୍ଦକୋଷ ବ୍ୟବହାର କରନ୍ତୁ।
- କ୍ରସ୍‌ୱାର୍ଡ ପଜଲ୍ ତଥା ଅନ୍‌ଲାଇନ୍‌ରେ ଶବ୍ଦାବଳୀ ଖେଳ ମାଧ୍ୟମରେ ଶବ୍ଦ ଜ୍ଞାନକୁ ମଜଭୁତ୍ କରିପାରିବେ।
- ପାଖରେ ଛୋଟ ନୋଟ୍ ବୁକ୍ ରଖନ୍ତୁ। ନୂଆ ଶବ୍ଦ ସଂସ୍ପର୍ଶରେ ଆସିଲେ, ସେସବୁକୁ ଲେଖନ୍ତୁ।

# ହ୍ୱାଟ୍ସଆପ୍‌ର 'ଫଟୋ ଲାଇବ୍ରେରୀ' ଫିଚର୍




ଇନଷ୍ଟାଣ୍ଟ ମେସେଜିଂ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍ ଏହାର ବ୍ୟବହାରକାରୀଙ୍କ ପାଇଁ ବିଭିନ୍ନ ସମୟରେ ନୂଆ ନୂଆ ଫିଚର୍ ସାମ୍ନାକୁ ଆଣୁଛି। ଏହି କ୍ରମରେ ଏବେ ବ୍ୟବହାରକାରୀଙ୍କ ସମୟ ସଞ୍ଚୟ କରିବା ପାଇଁ ହ୍ୱାଟ୍ସଆପ୍‌ରେ 'ଫଟୋ ଲାଇବ୍ରେରୀ' ଫିଚର୍‌କୁ ସାମିଲ କରାଯାଇଛି। ଏହାର ଉପଯୋଗରେ ବ୍ୟବହାରକାରୀ ଡିଭାଇସ୍‌ର ଫଟୋ ଲାଇବ୍ରେରୀରେ ପହଞ୍ଚି ନିଜ ପସନ୍ଦର ଫଟୋକୁ ବାଛିପାରିବେ। ଏହାକୁ ବ୍ୟବହାର କରିବା ପାଇଁ କୌଣସି ଚାଟ୍‌କୁ ଓପନ୍ କରିବାକୁ ପଡ଼ିବ। ଏହାପରେ ମେସେଜ ବକ୍ସ ପାଖରେ '+'ଆଇକନ୍ ଦେଖିବାକୁ ମିଳିବ। ଏହା ଉପରେ କ୍ଲିକ୍ କରି ମୋବାଇଲର ଫଟୋ ଲାଇବ୍ରେରୀରୁ ଯେକୌଣସି ଫଟୋକୁ ବାଛିପାରିବେ। ଏବେ ଏହି ଫିଚର୍ ଆଇଓଏସ୍ ବ୍ୟବହାରକାରୀଙ୍କ ପାଇଁ ଉଦ୍ଦିଷ୍ଟ। ଖୁବ୍‌ଶୀଘ୍ର ଏହାକୁ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରାଯିବ।

# ହରେନ୍ଦ୍ର ହେଲେ ଭାରତୀୟ ମହିଳା ହକି ପ୍ରଶିକ୍ଷକ

**ବେଙ୍ଗାଲୁରୁ, ୯ ।୪(ଏଜେନ୍ସି)**



ଭାରତୀୟ ପୂର୍ବତନ ହକି ଖେଳାଳି ହରେନ୍ଦ୍ର ସିଂ ପୁଣି ଥରେ ପ୍ରଶିକ୍ଷକ ହେବାର ସୁଯୋଗ ପାଇଛନ୍ତି। ସେ ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାନେକ୍ ସ୍କୁପମ୍ୟାନ ମହିଳା ଦଳର ପ୍ରଶିକ୍ଷକ ପଦରୁ ଇସ୍ତଫା ଦେବା ପରେ ସେ ଏହି ହାଇପ୍ରୋଫାଇଲ ପଦ ପାଇଁ ଦୌଡ଼ରେ ସର୍ବାଗ୍ରେ ଥିଲେ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ହରେନ୍ଦ୍ର ପୂର୍ବରୁ ବିଭିନ୍ନ ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ସେ ଭାରତୀୟ ପୁରୁଷ ଓ ମହିଳା ବରିଷ୍ଠ ଦଳର ପ୍ରଶିକ୍ଷକ ଭାବେ ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ପରେ ସେ ପୁଣି ଥରେ ଭାରତୀୟ ମହିଳା ଦଳର ଦାୟିତ୍ୱ ସମ୍ଭାଳିବେ। ତେବେ ଆଗକୁ ଲୋକସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଥିବାରୁ ଓ ଆଚରଣ ବିଧି ଲାଗୁ ହେବା କାରଣରୁ ହକି ଇଣ୍ଡିଆ ତରଫରୁ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ କିଛି ଘୋଷଣା କରାଯାଇନାହିଁ। ପୁଣି ହକି ଇଣ୍ଡିଆ ସଭାପତି ଦୀଲିପ ତିର୍କି ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତାଦଳ ଟିକଟରେ ନିର୍ବାଚନ ଲଢିବାକୁ ଯାଉଥିବାରୁ ହକି ମହାସଂଘ ନିର୍ବାଚନ ଆଚରଣବିଧୀ ମାନିବାକୁ ବାଧ୍ୟ।

### ଆମେରିକାର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି

ହରେନ୍ଦ୍ର କିଛିଦିନ ତଳେ ଆମେରିକା ପୁରୁଷ ଦଳର ପ୍ରଶିକ୍ଷକ ପଦ ଛାଡି ଭାରତ ଆସିଥିଲେ ଓ ଗତ ସପ୍ତାହରେ ଅନୁଷ୍ଠିତ ମହିଳା ଦଳର ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ୨୦୨୧ରେ ଆମେରିକାର ଯାଇଥିଲେ। ୬୦ ଜଣିଆ ସମ୍ଭାବ୍ୟ ଦଳକୁ ୩୩ ଜଣିଆ ଦଳକୁ ପରିବର୍ତ୍ତନ କରାଇବାରେ ହରେନ୍ଦ୍ରଙ୍କ ମୁଖ୍ୟ ଭୂମିକା ଥିଲା ବୋଲି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ତରଫରୁ କୁହାଯାଇଛି। ସ୍କୁପମ୍ୟାନ ପଦ ଛାଡିବା ପରେ ସପୋର୍ଟ ଷ୍ଟାଫ୍‌ମାନେ ମଧ ଦାୟିତ୍ୱରୁ ଅବ୍ୟାହତି ନେଇଥିଲେ। ତେଣୁ ସେ ଏବେ ସପୋର୍ଟ ଷ୍ଟାଫ୍‌ମାନଙ୍କୁ ଏକାଠି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।

### ଭାରତକୁ ୧୧ଟି ସ୍ୱର୍ଣ୍ଣ ପଦକ ଜିତାଇଛନ୍ତି

୧୯୯୭ରେ ହରେନ୍ଦ୍ର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଭାରତ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ୧୧ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରଶିକ୍ଷକ ଭାବେ ସେ ଭାରତକୁ ୨୦୧୬ ପୁରୁଷ ଜୁନିଅର ବିଶ୍ୱକପ୍, ୨୦୧୭ ମହିଳା ଏସିଆ କପ୍ ଓ ୨୦୧୮ ପୁରୁଷ ଏସିଆନ ଚାମ୍ପିଅନ୍ସ ଟ୍ରଫି ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

୨୦୧୭ରେ ସେ ଭାରତୀୟ ଦଳର ପୁରୁଷ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଓ ପାଖାପାଖି ଗୋଟିଏ ବର୍ଷ ସେ କାର୍ଯ୍ୟ କରିବାର ସୁଯେଗା ପାଇଥିଲେ। ତାଙ୍କର ଏହି ଛୋଟିଆ କାର୍ଯ୍ୟକାଳ ମଧ୍ୟରେ ଭାରତ ୨୦୧୮ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଥିଲା ଓ ଏଫ୍‌ଆଇଏଚ୍ ବିଶ୍ୱକପ୍‌ରେ ଭାରତ ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ହରେନ୍ଦ୍ର ଭାରତ ପାଇଁ ୪୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏବେ ତାଙ୍କ ସମ୍ମୁଖରେ ଜବରଦସ୍ତ ଚ୍ୟାଲେଞ୍ଜ ରହିଛି। ପ୍ରଥମେ ଦଳକୁ ଏକାଠି କରିବା ଓ ପରେ ଦଳରେ ସମନ୍ୱୟ ରକ୍ଷା କରି ବିଜୟଧାରକୁ ଫେରିବା ତାଙ୍କୁ ମୁଖ୍ୟ ଲକ୍ଷ୍ୟ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା ଓ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲା। କିନ୍ତୁ ଏଥର ପ୍ୟାରିସ ଅଲିମ୍ପିକ୍ସ ପାଇଁ ମହିଳା ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ଏହି ବିଫଳତାକୁ ପଛରେ ପକାଇ ଦଳରେ ପୁଣିଥରେ ଆତ୍ମବିଶ୍ୱାସ ଆଣିବା ହେଉଛି ତାଙ୍କୁ ମୁଖ୍ୟ କାର୍ଯ୍ୟ।

# ରବୀନ୍ଦ୍ର ଜାଡ଼େଜାଙ୍କ ବିରଳ ରେକର୍ଡ

**ଚେନ୍ନାଇ, ୯।୪(ଏଜେନ୍ସି):** ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ଆଇପିଏଲ୍‌ର ୨୨ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୭ ୱିକେଟରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇ ପକ୍ଷରୁ ୩ଟି ୱିକେଟ ଓ ୨ଟି କ୍ୟାଚ୍ ନେଇଥିବା ଅଲ୍‌ରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଜାଡେଜାଙ୍କ ଲାଗି ଏହି ମ୍ୟାଚ୍‌ରେ ଡବଲ ବିଜୟ ହୋଇଥିଲାବେଳେ ୩ଟି ବିରଳ ରେକର୍ଡ କରିଛନ୍ତି। ବିଶ୍ୱର ଏହି ଲୋକପ୍ରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଇପିଏଲ୍‌ରେ ୩୫ ବର୍ଷୀୟ ଜାଡେଜା ପ୍ରଥମ ଖେଳାଳି ଭାବେ ୧୦୦ ୱିକେଟ, ୧୦୦୦ ରନ୍ ଓ ୧୦୦ କ୍ୟାଚ୍ ନେବାରେ ପ୍ରଥମ ଖେଳାଳି ହୋଇଛନ୍ତି। ଏହି ମ୍ୟାଚ୍‌ରେ କୋଲକାତାର ପ୍ରଥମ ଖେଳାଳି ଫିଲିପ୍ ସଲ୍ଟଙ୍କ କ୍ୟାଚ୍ ଧରି ରବିନ୍ଦ୍ର ଜାଡେଜା ଆଇପିଏଲ୍ କ୍ୟାରିୟରରେ ୧୦୦ତମ କ୍ୟାଚ୍ ନେଇଥିଲେ। ସେ ମାତ୍ର ୫ମ ଖେଳାଳି ଭାବେ ଆଇପିଏଲ୍‌ରେ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ୪ଜଣ ଖେଳାଳି ଯଥା ବିରାଟ କୋହଲି ୧୧୦ଟି, ସୁରେଶ ରାଇନା ୧୦୯ଟି, କାଇରନ ପୋଲାର୍ଡ ୧୦୩ଟି, ରୋହିତ ଶର୍ମା ୧୦୦ଟି କ୍ୟାଚ୍ ନେଇ ଏହି କ୍ଲବ୍‌ରେ ସଦସ୍ୟ ହୋଇଥିଲେ। ଆଇପିଏଲ୍‌ରେ ଜାଡେଜା ୧୫୬ଟି ୱିକେଟ ନେବା ସହ ୨,୭୭୬ ରନ୍ ସଂଗ୍ରହ କରିଛନ୍ତି।



# ଫୁଟ୍‌ବଲ ଖେଳାଳିଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର 'ମଇଦାନ'



**ମୁମ୍ବାଇ, ୯।୪(ଏଜେନ୍ସି):** ଜଣେ ଖେଳାଳି, ପ୍ରଶିକ୍ଷକଙ୍କ ଜୀବନୀ ଉପରେ ନିର୍ମିତ ଚଳଚ୍ଚିତ୍ର 'ମଇଦାନ' ଆସନ୍ତାକାଲି ବା ବୁଧବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏହାକୁ ନେଇ ଭାରତୀୟ ଫୁଟବଲ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ରହିଛି। ଭାରତର ସବୁଠାରୁ ସଫଳ ପ୍ରଶିକ୍ଷକ ଭାବେ ପ୍ରତିଷ୍ଠା ପାଇଥିବା ହାଇଦରାବାଦ୍‌ର ସୟଦ ଅବଦୁଲ ରହିମଙ୍କ ଜୀବନୀ ଉପରେ ଏହା ଆଧାରିତ। ପେସାରେ ଜଣେ ଶିକ୍ଷକ ଥିବା ରହିମ ଫୁଟବଲ ଲାଗି ଚାକିରି ଛାଡ଼ି ଫୁଟବଲ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁ ସମୟରେ ଫୁଟ୍‌ବ୍‌ଲ ଖେଳରେ ପ୍ରଶିକ୍ଷଣ କ'ଣ କେହି ଜାଣି ନ ଥିଲେ ସେହି ସମୟରେ ରହିମ ସାବ୍' ଭାବେ ଜଣାଶୁଣା ପେସାଦାର ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ଜଣେ ଶୃଙ୍ଖଳିତ, ରଣନୀତି ବିଶେଷଜ୍ଞ ଓ ଉତ୍ସାହପ୍ରଦାନକାରୀ ପ୍ରଶିକ୍ଷକ ଭାବେ ସେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଭାରତ ଦୁଇଥର ୧୯୫୧ ଓ ୧୯୬୨ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲା। ସେହିପରି ୧୯୫୬ ମେଲବୋର୍ଣ୍ଣ ଅଲିମ୍ପିକ୍ସରେ ମଧ ଦଳ ସେମିଫାଇନାଲ ଖେଳିଥିଲା। ତାଙ୍କ ପ୍ରଶିକ୍ଷଣରେ ହାଇଦରାବାଦ ପୁଲିସ୍ ଟିମ୍ କ୍ରମାଗତ ୫ଥର ରୋଭର୍ସ କପ୍ ଓ ୪ଥର ଡୁରାଣ୍ଡ କପ୍ ଜିତିବାରେ ରେକର୍ଡ କରିଥିଲା। ହାଇଦରାବାଦ୍‌ରେ ଫୁଟବଲ ଖେଳକୁ ଲୋକପ୍ରିୟ କରାଇବାରେ ରହିମଙ୍କ ଭୂମିକା ଥିଲା ଅଗ୍ରଗଣ୍ୟ। ଏଭଳି ଅବସ୍ଥାରେ ତାଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର ସବୁ ମହଲରେ ଆଦୃତ ହେବ ବୋଲି ଆଶା କରାଯାଉଛି। ଅଭିଷେକ ବାଗ୍‌ଚିଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ଚଳଚ୍ଚିତ୍ରକୁ ଅମିତ ରବୀନ୍ଦରନାଥ ଶର୍ମା ନିର୍ଦ୍ଦେଶନା ଦେଇଛନ୍ତି। ଅବଦୁଲ ରହିମଙ୍କ ଭୂମିକା ଅଭିନେତା ଅଜୟ ଦେବଗାନ ନିର୍ବାହ କରିଛନ୍ତି। ପ୍ରିୟାମଣି, ଗିରିଜା ରାଓ, ନିତାଂଶି ଗୋଏଲ, ଭାବେଶ ଲୋହାର, ସନ୍ନି ଯାଦବଙ୍କ ପରି ଅଭିନେତାମାନେ ଏଥିରେ ଅଭିନୟ କରିଛନ୍ତି।

# ବିଲି ଜିନ୍ କିଙ୍ଗ୍ କପ୍ ଲାଗି ଭାରତ ପ୍ରସ୍ତୁତ

**ନୂଆଦିଲ୍ଲୀ, ୯।୪(ଏଜେନ୍ସି)**




ଏସିଆ, ଓସେନିଆ ଦେଶ ଗୁଡିକର ୬ଟି ଦେଶକୁ ନେଇ ଚୀନ୍‌ରେ ଖେଳାଯିବ ବିଲି ଜିନ୍ କିଙ୍ଗ କପ୍ ମହିଳା ଦଳଗତ ଟେନିସ। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳ ପ୍ରସ୍ତୁତ ରହିଛି ବୋଲି ବରିଷ୍ଠ ଖେଳାଳି ଅଙ୍କିତା ରାଇନା କହିଛନ୍ତି। ଜାପାନରେ ଆଇଟିଏଫ୍ ସର୍କିଟ ଟେନିସ ଖେଳିସାରିବା ପରେ ଚୀନ୍‌ରେ ପହଞ୍ଚିଛନ୍ତି ଭାରତର ଏହି ତାରକା ଖେଳାଳି। ତାଙ୍କ ମତରେ ଭାରତ ଏକ ଶକ୍ତିଶାଳୀ ଦଳ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟଟି କ୍ଲେ କୋର୍ଟରେ ଖେଳାଯାଉଥିବାରୁ ଆମ ଖେଳାଳିମାନେ କିପରି ପ୍ରଦର୍ଶନ କରିବେ ତାହାକୁ ନେଇ ସନ୍ଦେହ ରହିଛି। ମୋ ଜାଣିବାରେ ଏଭଳି କୋର୍ଟରେ ଆମ ଖେଳାଳିଙ୍କର ଖେଳିବାରେ ବିଶେଷ ଅଭିଜ୍ଞତା ନାହିଁ। କିନ୍ତୁ ଖେଳାଳିମାନେ କିପରି ନିଜକୁ ଖାପ୍ ଖୁଆଇବେ ତାହା ଉପରେ ଦଳର ପ୍ରଦର୍ଶନ ନିର୍ଭର କରୁଛି ବୋଲି ଅଙ୍କିତା କହନ୍ତି। ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରୁ ଋତୁଜା ଭୋସ୍‌ଲେ, ପ୍ରାର୍ଥନା ଥୋମ୍ବାରେ ନିକଟରେ ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ଏଣୁ ସମସ୍ତେ ଭଲ ଫର୍ମରେ ଅଛନ୍ତି କିନ୍ତୁ ଅଧିକ ଆତ୍ମବିଶ୍ୱାସୀ ହେବା ଦଳ ଲାଗି ଘାତକ ସାବ୍ୟସ୍ତ ହୋଇପାରେ। ଅଧିନାୟିକା ଶାଳିନୀ ଠାକୁର ଚାୱଲାଙ୍କ ମତରେ ଟୁର୍ଣ୍ଣାମେଣ୍ଟ ଖେଳାଯିବାକୁ ଥିବା ସ୍ଥାନରେ ବର୍ଷା ହେଉଛି। କିନ୍ତୁ ଇଣ୍ଡୋର ସୁବିଧା ଥିବାରୁ ଅଭ୍ୟାସରେ କିଛି ଅସୁବିଧା ହୋଇନାହିଁ। ପ୍ୟାସିଫିକ୍ ଓସେନିଆ ସହ ଭାରତର ପ୍ରଥମ ମୁକାବିଲା ହେବ। ଏଥିରେ ଦଳ ଭଲ କରିବ ବୋଲି ଆଶା ରଖିଛି। ଚୀନ, ଦକ୍ଷିଣ କୋରିଆ, ନ୍ୟୁଜିଲାଣ୍ଡ ଓ ତାଇୱାନ ଭଳି ଦଳରେ ଅନେକ ଶକ୍ତିଶାଳୀ ଖେଳାଳି ରହିଛନ୍ତି। ଏହି ଦଳଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଦୁଇ ଶୀର୍ଷଦଳ ୱାର୍ଲ୍ଡ ଗ୍ରୁପ୍ ପ୍ଲେ ଅଫକୁ ଉନ୍ନୀତ ହେବେ, ଶେଷ ଦୁଇ ଦଳ ଏସିଆ-ଓସେନିଆ ଗ୍ରୁପ୍‌କୁ ଖସିଆସିବେ।

## ତୃତୀୟ ହକି ଟେଷ୍ଟ ଆଜି

# 'କର ବା ମର' ସ୍ଥିତିରେ ଭାରତୀୟ ଦଳ

**ପର୍ଥ, ୯ ।୪(ଏଜେନ୍ସି)**



ସ୍ଥାନୀୟ ପର୍ଥ ହକି ଷ୍ଟାଡିୟମରେ ବୁଧବାର ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଭାରତ ମଧ୍ୟରେ ତୃତୀୟ ହକି ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍‌ରେ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୦-୨ ବ୍ୟବଧାନରେ ପଛରେ ପଡିଛି। ଯଦି ଭାରତ ତୃତୀୟ ମ୍ୟାଚ୍‌ରେ ପରାସ୍ତ ହୁଏ ତେବେ ହ୍ୟାଟ୍ରିକ ପରାଜୟ ସହ ସିରିଜ ହାତଛଡ଼ା କରିବ। ତେଣୁ ସିରିଜ ବଞ୍ଚାଇବାକୁ ହେଲେ ଭାରତ ଏହି ମ୍ୟାଚ୍ ଜିତିବା ଅପରିହାର୍ଯ୍ୟ ହୋଇପଡିଛି।

ପ୍ରଥମ ମ୍ୟାଚ୍‌ରେ ଭାରତ ୧-୫ ଗୋଲରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ୨-୪ ଗୋଲରେ ପରାସ୍ତ ହୋଇଥିଲା। ଆଗାମୀ ପ୍ୟାରିସ ଅଲିମ୍ପିକ୍ସର ପ୍ରସ୍ତୁତି ଓ ଅଭ୍ୟାସ ପାଇଁ ଏହି ସିରିଜ ଖେଳିବାକୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିଛି। ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନଙ୍କ ତତ୍ତ୍ୱାବଧାନରେ ଭାରତ ଏହି ସିରିଜରେ ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ଭାରତୀୟ ରକ୍ଷଣଭାଗର ଦୁର୍ବଳତା ସ୍ପଷ୍ଟଭାବେ ବାରି ହୋଇପଡୁଛି ଓ ଅଷ୍ଟ୍ରେଲୀୟ ଖେଳାଳିମାନେ ଏହାର ଫାଇଦା ଉଠାଇବାରେ ସଫଳ ହୋଇଛନ୍ତି। ଚାପକୁ ନିୟନ୍ତ୍ରଣ କରି ନପାରି ଭାରତ ପେନାଲ୍ଟି କର୍ଣ୍ଣର ଗୋଲ ବରଣ କରିବା ସହ ସଫ୍ଟ ଫିଲ୍ଡ ଗୋଲ ମଧ ବରଣ କରିଛି। ଅଷ୍ଟ୍ରେଲିଆ ଦଳର ସର୍କଲରେ ଭାରତୀୟ ଅଗ୍ରଭାଗ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ମନଦୀପ ସିଂ, ଅଭିଷେକ, ଲଳିତ କୁମାର ଉପାଧ୍ୟାୟ, ଗୁରଜାନ୍ତ ସିଂ ଓ ସୁଖଜିତ ମିଳୁଥିବା ସୁଯୋଗର ସଦ୍ ବ୍ୟବହାର କରିବା ଉପରେ କାର୍ଯ୍ୟକରିବା ଜରୁରୀ ହୋଇପଡିଛି। ନ ହେଲେ ଅଷ୍ଟ୍ରେଲିଆକୁ ହରାଇବା ଏକ ପ୍ରକାର ଅସମ୍ଭବ ମନେ ହେଉଛି। ତେବେ ଭାରତୀୟ ମଧ୍ୟଭାଗ ସେତେଟା ଖରାପ ପ୍ରଦର୍ଶନ କରିନାହିଁ। ଭାରତୀୟ ଉପ- ଅଧିନାୟକ ହାର୍ଦ୍ଦିକ ସିଂ ମିଡ୍‌ଫିଲ୍ଡରେ ଭାରତର ମେରୁଦଣ୍ଡ ସାଜିଛନ୍ତି। ଷ୍ଟ୍ରାଇକରମାନଙ୍କ ସହ ସନ୍ତୁଳନ ରକ୍ଷା କରିବା ସହ ସେ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରୁଛନ୍ତି।

ତୃତୀୟ ମ୍ୟାଚ୍‌ରେ ନୂଆ ରଣନୀତି ସହ ଭାରତ ପଡିଆକୁ ଓହ୍ଲାଇବ ବୋଲି କୋଚ୍ ଫୁଲଟନ କହିଛନ୍ତି। ଗତ ଦୁଇଟି ମ୍ୟାଚ୍‌ରେ ଦେଖା ଦେଇଥିବା ଦୁର୍ବଳତାକୁ ସୁଧାରିବା ଜରୁରି ବୋଲି ସେ ସ୍ୱୀକାର କରିଛନ୍ତି। ଛୋଟ ଛୋଟ ପାସ୍ ଦେବା ସହ କାଉଣ୍ଟର ଆଟାକ ମୁଭ୍ ଉପରେ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅଧିନାୟକ ହରମନପ୍ରୀତ ସିଂ, ଯୁଗରାଜ ସିଂ, ସଞ୍ଜୟ ଓ ଅମିତ ରୋହିଦାସଙ୍କ ଭଳି ବିଶ୍ୱସ୍ତରୀୟ ଡ୍ରାଗ ଫ୍ଲିକର କୌଶଳରେ ଭାରତ ଜିତିବାକୁ ପ୍ରୟାସ କରିବ। ଗତ ଦୁଇଟି ମ୍ୟାଚ୍‌ରେ ଏମାନଙ୍କ ପ୍ରଦର୍ଶନ ବଳରେ ଭାରତ ୩ଟି ପେନାଲ୍ଟି ଗୋଲ ସ୍କୋର କରିଛି। ପେନାଲ୍ଟି କର୍ଣ୍ଣର ସ୍ପେଶାଲିଷ୍ଟମାନେ ଅଧିକ ଆକ୍ରମଣାତ୍ମ ପ୍ରଦର୍ଶନ କରିବେ ବୋଲି ଫୁଲଟନ ଆଶା ରଖିଛନ୍ତି। ଚତୁର୍ଥ ମ୍ୟାଚ୍ ଓ ୫ମ ମ୍ୟାଚ୍ ଯଥାକ୍ରମେ ଆସନ୍ତା ୧୨ ଓ ୧୩ରେ ଖେଳାଯିବ।

**ଖେଳ ସୂଚୀ**
ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା
ସ୍ଥାନ: ପର୍ଥ ହକି ଷ୍ଟାଡିୟମ
ସିଧାପ୍ରସାରଣ: ସ୍ପୋର୍ଟ ୧୮ ନେଟୱର୍କ, ଜିଓ ସିନେମା ଆପ୍

# ଆଝାର ପାକିସ୍ତାନର ମୁଖ୍ୟ ପ୍ରଶିକ୍ଷକ



**କରାଚି, ୯।୪(ଏଜେନ୍ସି):** ପୂର୍ବତନ ଅଲରାଉଣ୍ଡର ଆଝାର ମେହମୁଦ୍‌ଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଲାଗି ପାକିସ୍ତାନ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଘରୋଇ ମାଟିରେ ଏପ୍ରିଲ ୧୮ରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ମାଇକେଲ ବ୍ରେସ୍‌ୱେଲଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ବାବର ଆଜମ ପାକିସ୍ତାନ ଦଳର ନେତୃତ୍ୱ ପଦକୁ ଫେରିଛନ୍ତି। ଭାରତରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଖେଳୁଥିବାରୁ ନ୍ୟୁଜିଲାଣ୍ଡର ୮ ଜଣ ପ୍ରମୁଖ ଖେଳାଳି ଏହି ସିରିଜ୍‌ରେ ଖେଳିବେ ନାହିଁ। ମହମ୍ମଦ୍ ଆମିରଙ୍କୁ ମଧ ପାକିସ୍ତାନ ଦଳରେ ପୁଣିଥରେ ସାମିଲ କରାଯାଇଛି।

# ୱେଷ୍ଟଇଣ୍ଡିଜ୍ କ୍ରିକେଟରେ ୩ ମହିଳା ନିର୍ଦ୍ଦେଶିକା

**ନୂଆଦିଲ୍ଲୀ, ୯।୪(ଏଜେନ୍ସି):** ପ୍ରଥମଥର ଲାଗି ୱେଷ୍ଟଇଣ୍ଡିଜ୍ କ୍ରିକେଟ ପରିଚାଳନା ନିମନ୍ତେ ବୋର୍ଡ ଅଫ୍ ଡାଇରେକ୍ଟର ଭାବେ ୩ ଜଣ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ଗତ କିଛିବର୍ଷ ହେବ ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ଓ ଖେଳାଳିଙ୍କ ମଧ୍ୟରେ ପାଉଣାକୁ ନେଇ ବିବାଦ ଲାଗି ରହିଛି। ଯାହା ଫଳରେ ୱେଷ୍ଟଇଣ୍ଡିଜ୍ କ୍ରିକେଟର ମାନ ନିମ୍ନଗାମୀ ହେବାରେ ଲାଗିଛି। ଏହାକୁ ଆଖିଆଗରେ ରଖି ୩ ଜଣ ମହିଳାଙ୍କୁ ନିର୍ଦ୍ଦେଶକ ପଦରେ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ଡିଆନ କ୍ୟାମ୍ପବେଲ, ଲୁଇସ ଭିକ୍ଟର-ଫ୍ରେଡେରିକ୍ ଓ ଦେବ୍ରା କୋରିୟାତ-ପାଟନ। ଏହି ଐତିହାସିକ ନିଯକ୍ତି ବଳରେ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଏକ ନୂଆ ସଫଳତା ପାଇବ ବୋଲି ଆଶା ରଖିଛି।

# ଫ୍ରାନ୍ସରୁ ୩ ଭାରତୀୟ ଆଥଲେଟ୍ ବିଦା

**ପ୍ୟାରିସ୍, ୯।୪(ଏଜେନ୍ସି)**

ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ଫ୍ରାନ୍ସରେ ହେବାକୁ ଥିବା ଆଥଲେଟିକ୍ ମିଟ୍‌ରୁ ୩ଜଣ ଭାରତୀୟଙ୍କୁ ବିଦା କରିଦିଆଯାଇଛି। ସେମାନେ ହେଲେ ଦୁଇ ଟ୍ରିପଲ ଜମ୍ପର ତଥା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣପଦକ ବିଜେତା ଏଲ୍ଡହୋସ ପଲ୍ ଓ କନିଷ୍ଠ ବିଶ୍ୱକପ୍ ଦୌଡକୁଦ ରୌପ୍ୟ ବିଜେତା ସେଲଭା ପ୍ରଭୁ ଓ ହାଇ ଜମ୍ପର ଜେସେ ସନ୍ଦେଶ। ୨୦୨୨ରେ ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି ଦ୍ୱାରା ଭାରତୀୟଙ୍କର ୩,୮୬୫ଟି ସାମ୍ପଲ ଟେଷ୍ଟ କରାଯାଇଥିଲା। ଏଥିରେ ୧୨୫ ଜଣ ଟେଷ୍ଟରେ ବିଫଳ ହୋଇଥିଲେ। ଅତୀତରେ ଏହି ଇଭେଣ୍ଟ ଲାଗି ମନୋନୀତ ହେବା ପରେ କୌଣସି ଭାରତୀୟ ଆଥ୍‌ଲେଟ ଡୋପ୍ ଟେଷ୍ଟରେ ବିଫଳ ହୋଇ ନ ଥିଲେ। ଏହା ଭାରତର ମୁଣ୍ଡବ୍ୟଥାର କାରଣ ପାଲଟିଛି।



କଟକରେ ଓଡ଼ିଶା ଶାରିରୀକ ଶିକ୍ଷା ମହାବିଦ୍ୟାଳୟର ୧୯୮୩-୮୪ ବ୍ୟାଚ୍‌ର ବନ୍ଧୁମିଳନ ଓ ସମ୍ମିଳନୀରେ ଯୋଗଦେଇଥିବା ଖେଳ ଶିକ୍ଷକମାନେ। ଅମ୍ବିକାପ୍ରସାଦ ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିରଞ୍ଚି ନାରାୟଣ ଜେନା ଅତିଥିଭାବେ ଯୋଗଦେଇଥିଲେ।

## ବିନାୟକ ସାହୁ, ସୌମ୍ୟ ବିଶ୍ୱାଳ ଓ ଓମଟି ମୁଣ୍ଡେଙ୍କ ଶତକ

# କ୍ୱାଲିଫାୟର ଖେଳିବେ କେନ୍ଦ୍ରାପଡ଼ା ଓ ସମ୍ବଲପୁର-ବି







**କଟକ, ୯।୪(ସମିସ):** ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ସିଲଭର ଲିଗ୍ ଗ୍ରୁପ-ଏ' ଏବଂ ବି'ର ମ୍ୟାଚ୍ ଶେଷ ହୋଇଛି। ଗ୍ରୁପ-ଏ'ରୁ କେନ୍ଦ୍ରାପଡା ଏବଂ ଗ୍ରୁପ-ବି'ରୁ ସମ୍ବଲପୁର-ବି ଦଳ ସର୍ବାଧିକ ପଏଣ୍ଟ ହାସଲ କରିଛନ୍ତି। ଏହି ଦୁଇ ଦଳକୁ ନେଇ ବୁଧବାର ବାରବାଟୀ ଷ୍ଟାଡିୟମରେ କ୍ୱାଲିଫାୟର ମ୍ୟାଚ୍ ଖେଳାଯିବ। ପରାଜିତ ଦଳ ପ୍ରତିଯୋଗିତାରୁ ବିଦା ହେବ। ବିଜୟୀ ଦଳ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବ।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୮ ୱିକେଟରେ କନ୍ଧମାଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା କନ୍ଧମାଳ ୧୩୩ରନରେ ଅଲଆଉଟ ହୋଇଥିଲା। ଶୁଭାଶିଷ ପାଲ ୩୩ରନ ଏବଂ ନୀଳକମଲ ବେହେରା ୨୭ରନ କରିଥିଲେ। କେନ୍ଦ୍ରାପଡା ପକ୍ଷରୁ ଦୀପ୍ତି ବିହାରୀ ଏବଂ ସଞ୍ଜୀବ ସାହୁଙ୍କୁ ୩ଟି ଲେଖାଏଁ ୱିକେଟ ମିଳିଥିଲା। ୨୪ ଓଭରରେ ଦୁଇ ୱିକେଟ ହରାଇ କେନ୍ଦ୍ରାପଡା ଦଳ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିଥିଲା। କୌଶିକ ବେହେରା ୫୨ରନର ଅପରାଜିତ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। କନ୍ଧମାଳର ଶୁଭାଶିଷ ଏବଂ ନୀଳକମଲ ଗୋଟିଏ ଲେଖାଏ ୱିକେଟ ଦଖଲ କରିଥିଲେ। ସେହିପରି ବାରବାଟୀ ଷ୍ଟାଡିୟମରେ ସମ୍ବଲପୁର-ବି ଦଳ ଦେବଗଡକୁ ଭେଟିଥିଲା। ଦେବଗଡର ଇନିଂସ ୧୧୨ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶୁଭମ ବିଶ୍ୱାଳ ସର୍ବାଧିକ ୨୫ରନ କରିଥିଲେ। ସମ୍ବଲପୁର-ବି'ର ଅଭିନବ ନନ୍ଦ ଏବଂ ପ୍ରଶାନ୍ତ ଠାକର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୪ ୱିକେଟ ହରାଇ ସମ୍ବଲପୁର-ବି ବିଜୟୀ ହୋଇଥିଲା। ଅମନ ବେହେରା ୪୦ରନ ଏବଂ ଶ୍ରେୟାଂଶ ପଣ୍ଡା ୩୬ରନ କରିଥିଲେ। ଦେବଗଡ ପକ୍ଷରୁ ଲିପୁ ନାୟକ ୨ଟି ଏବଂ ପ୍ରକାଶ ସାହୁ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଏମଜିଏମ ସ୍ପୋର୍ଟ ଗ୍ରାଉଣ୍ଡରେ ଗଞ୍ଜାମ ୫ ୱିକେଟରେ ଗଜପତିକୁ ପରାସ୍ତ କରିଛି। ବିନାୟକ ସାହୁଙ୍କ ୧୧୦ରନ ସହାୟତାରେ ଗଜପତି ୬ ୱିକେଟ ହରାଇ ୨୬୬ରନ କରିଥିଲା। ୪୭ତମ ଓଭରରେ ଗଞ୍ଜାମ ବିଜୟୀ ହୋଇଥିଲା। ସୌମ୍ୟ ବିଶ୍ୱାଳ ୧୦୩ରନ ଏବଂ ଓମ ଟି ମୁଣ୍ଡେ ୧୦୧ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ନବରଙ୍ଗପୁର ୧୧୯ରନରେ ମାଲକାନଗିରିକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ସମସ୍ତ ୱିକେଟ ବିନିମୟରେ ୧୭୯ରନ କରିଥିଲା। ଜବାବରେ ମାଲକାନଗିରି ମାତ୍ର ୬୦ରନରେ ଅଲଆଉଟ ହୋଇଥିଲା। ବିଜୟୀ ଦଳର ଦିନେଶ ଶ୍ରୀବାସ୍ତବ ଏବଂ ଦିଗମ୍ବର ପୂଜାରୀଙ୍କୁ ୪ଟି ଲେଖାଏ ୱିକେଟ ମିଳିଥିଲା। କିଟ ଷ୍ଟାଡିୟମରେ କଳାହାଣ୍ଡି ୧୦୦ରନରେ ଜଗତସିଂହପୁରକୁ ଏବଂ ନିମପୁର ଗ୍ରାଉଣ୍ଡରେ ବଲାଙ୍ଗିର ୭ ୱିକେଟରେ ସୋନପୁରକୁ ହରାଇଥିଲା।

### ଅର୍ଶଦୀପଙ୍କ ୪ ୱିକେଟ୍ ବ୍ୟର୍ଥ, ନୀତୀଶଙ୍କ ଅର୍ଦ୍ଧଶତକ

# ହାଇଦ୍ରାବାଦ୍‌ଠାରୁ ୨ ରନ୍‌ରେ ହାରିଲା ପଞ୍ଜାବ



ଅର୍ଶଦୀପ ସିଂ - ୪/୨୯

ମୋହାଲି, ୯।୪(ଏଜେନ୍ସି)

ଯୁବ ଖେଳାଳି ନୀତୀଶ ରେଡ୍ଡୀଙ୍କ ସାହସିକ ଅର୍ଦ୍ଧଶତକ ପଞ୍ଜାବ ଫାଷ୍ଟ ବୋଲର ଅର୍ଶଦୀପ ସିଂ (୪/୨୯)ଙ୍କ ଘାତକ ବୋଲିଂ କିମ୍ବା ଶଶାଙ୍କ ସିଂ-ଆଶୁତୋଷ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବ୍ୟର୍ଥ ହୋଇଛି। ଏମାନଙ୍କ ବୀରତ୍ୱପୂର୍ଣ୍ଣ ଖେଳ ପ୍ରଦର୍ଶନ ସତ୍ତ୍ୱେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ଆଉ ଏକ ରୋମାଞ୍ଚଭରା ଆଇପିଏଲ୍ ମୁକାବିଲାରେ ପଞ୍ଜାବ କିଙ୍ଗ୍‌ସ ମାତ୍ର ୨ ରନ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ଠାରୁ ପରାଜିତ ହୋଇଛି। ଉଭୟ ଦଳର ଏହା ପଞ୍ଚମ ମୁକାବିଲା ହୋଇଥିଲାବେଳେ ହାଇଦ୍ରାବାଦ୍ ତୃତୀୟ ବିଜୟ ହାସଲ କରିଥିଲାବେଳେ ପଞ୍ଜାବ ତୃତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ୧୮୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ ୨୦ ରନ୍‌ରେ ୩ଟି ଓ ୧୧୪ ରନ୍‌ରେ ୬ଟି ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। ଦଳକୁ ବିଜୟ ଲାଗି ୨୭ ବଲ୍‌ରୁ ୬୭ ରନ୍ ଆବଶ୍ୟକ ହେଉଥିଲାବେଳେ କ୍ରିଜ୍‌ରେ ଥିବା ଶଶାଙ୍କ ସିଂ ଓ ଆଶୁତୋଷ ଶର୍ମା ୬୬ ରନ୍ କରିବାକୁ ସମର୍ଥ ହୋଇଥିଲେ। ଉଭୟ ଖେଳାଳି ଅପରାଜିତ ଥିଲା ବେଳେ ଶଶାଙ୍କ ୨୫ ବଲ୍‌ରେ ୪୬ ଓ ଆଶୁତୋଷ ୧୫ ବଲ୍‌ରେ ୩୩ ରନ୍ କରିଥିଲେ। ଏପରିକି ଶେଷ ଓଭରରେ ୨୯ ରନ୍ ଦରକାର ହେଉଥିଲାବେଳେ ଜୟଦେବ ଉନାଦକତ ୩ଟି ୱାଇଡ୍ ସହ ୨୬ ରନ୍ ଦେଇ ଉତ୍କଣ୍ଠାପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଭୁବନେଶ୍ୱର କୁମାର ୨ଟି ଓ ଅନ୍ୟ ସମସ୍ତେ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

### ନୀତୀଶ-ସମଦଙ୍କ ଲଢୁଆ ବ୍ୟାଟିଂ

ଏହି ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ ପ୍ରଥବେ ବୋଲିଂ କରିବା ପରେ ହାଇଦ୍ରାବାଦ୍ ପାୱାର ପ୍ଲେ'ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ସନ୍‌ରାଇଜର୍ସ ୫ମ ଓଭର ଖେଳ ଶେଷରେ ଦଳ ୩୯ ରନ୍‌ରେ ୩ ୱିକେଟ ହରାଇବା ପରେ ଇମ୍ପାକ୍ଟ ଖେଳାଳି ଭାବେ ରାହୁଲ ତ୍ରିପାଠୀଙ୍କୁ ବାଧ୍ୟ ହୋଇ ଆଣିଥିଲା। ଏହା କିନ୍ତୁ କାମ ଦେଇ ନ ଥିଲା। ୧୦ମ ଓଭରରେ ୬୪ ରନ୍‌ରେ ତ୍ରିପାଠୀ (୧୧) ଓ ୧୪ତମ ଓଭରରେ ୧୦୦ ରନ୍ ସ୍କୋର ଥିଲାବେଳେ ବିସ୍ଫୋରକ ବ୍ୟାଟର ହେନ୍‌ରିକ୍ କ୍ଲାସେନ (୯) ଆଉଟ ହୋଇଯାଇଥିଲେ। ଦଳ ବିପଦରେ ପଡ଼ିଥିଲାବେଳେ ଦୁଇ ଯୁବ ଖେଳାଳି ନୀତୀଶ ରେଡ୍ଡୀ ଓ ଅବ୍‌ଦୁଲ ସମଦ ସାହସିକ ବ୍ୟାଟିଂ ପ୍ରଦର୍ଶନ କରି ପଞ୍ଜାବ ବୋଲରଙ୍କୁ ଜୋରଦାର ମୁକାବିଲା କରିଥିଲେ। ଏମାନେ ୬ଷ୍ଠ ୱିକେଟରୁ ମାତ୍ର ୨୦ ବଲ୍‌ରେ ୫୦ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଦେଇଥିଲେ। ନୀତୀଶ ୩୭ ବଲ୍ ଖେଳି ୬୪ ରନ୍ କରିଥିଲେ। ଏହା ମଧ୍ୟରେ ଥିଲା ୪ ଚୌକା ଓ ୫ଛକା। ସେହିପରି ତାଙ୍କ ପାର୍ଟନର ସମଦ ୧୨ଟି ବଲ୍‌ରେ ୫ଟି ଚୌକା ମାରି ୨୫ ରନ୍ କରିଥିଲେ। ଯାହା ଫଳରେ ଦଳର ସମ୍ମାନ ରକ୍ଷା ହୋଇଥିଲା। ଶେଷ ଭାଗରେ ଶାହାବାଜ୍ ଅହମ୍ମଦ୍ (୭ଟି ବଲ୍‌ରେ ୧୪ରନ୍) ୧୯ତମ ଓଭରରେ ଗୋଟିଏ ଚୌକା ଓ ଛକା ଏବଂ ପାଳିର ଶେଷ ବଲ୍‌ରେ ଜୟଦେବ ଉନାଦକତ ଛକା ମାରିବା ଫଳରେ ସନ୍‌ରାଇଜର୍ସ ୧୮୨ ରନ୍ କରିବାକୁ ସମର୍ଥ ହୋଇଥିଲା।

ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଘାତକ ବୋଲିଂ କରିଥିଲେ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂ। ସେ ପ୍ରଥମେ ଦୁଇ ପ୍ରତିଷ୍ଠିତ ବ୍ୟାଟର ଟ୍ରାଭିସ୍ ହେଡ (୨୧) ଓ ଆଇଡେନ ମାର୍କରାମ (୦)ଙ୍କୁ ଆଉଟ କରି ବଡ଼ ସଫଳତା ପାଇଥିଲେ। ପରେ ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିବା ନୀତୀଶ ଓ ସମଦଙ୍କୁ ଆଉଟ କରି ପଞ୍ଜାବ ଲାଗି ଭଲ ସଫଳତା ପାଇଥିଲେ। ସେ ୪ ଓଭରରେ ମାତ୍ର ୨୯ ରନ୍ ଦେଇ ୪ଟି ୱିକେଟ ପାଇଥିଲେ। ଦଳର ଅନ୍ୟ ଦୁଇ ପେସ ବୋଲର ସାମ କୁରାନ ଓ ହର୍ଷଲ ପଟେଲ ୨ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରି ଅର୍ଶଦୀପଙ୍କୁ ଉପଯୁକ୍ତ ସହାୟତା ଯୋଗାଇଦେଇଥିଲେ।



ନୀତୀଶ ରେଡ୍ଡୀ- ୬୪ରନ୍/୩୭ ବଲ୍

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ରାଜସ୍ଥାନ- ଗୁଜରାଟ**

ସ୍ଥାନ- ଜୟପୁର, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୪ | ୪ | ୦ | ୮ | +୧.୨୦ |
| କୋଲକାତା | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ | ୫ | ୩ | ୨ | ୬ | +୦.୬୬୬ |
| ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ପଞ୍ଜାବ | ୫ | ୨ | ୩ | ୪ | -୦.୧୯୬ |
| ଗୁଜରାଟ | ୫ | ୨ | ୩ | ୪ | -୦.୭୯୭ |
| ମୁମ୍ବାଇ | ୪ | ୧ | ୩ | ୨ | -୦.୭୦୪ |
| ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ | ୫ | ୧ | ୪ | ୨ | -୧.୩୭୦ |

## ଦୁଇଟି ମ୍ୟାଚ୍‌ରୁ ବାଦ୍ ପଡ଼ିପାରନ୍ତି ମୟଙ୍କ ଯାଦବ

**ନୂଆଦିଲ୍ଲୀ, ୯।୪(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଦ୍ରୁତତମ ବଲ୍ ପକାଇ ଚହଳ ସୃଷ୍ଟି କରିଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍ଏସ୍‌ଜି) ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ଦୁଇଟି ମ୍ୟାଚ୍‌ରୁ ବାଦ୍ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ଏଲଏସ୍‌ଜି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ବିଷ୍ଟ ମୟଙ୍କଙ୍କ ସ୍ୱାସ୍ଥ୍ୟକୁ ନେଇ ସୋମବାର ମନ୍ତବ୍ୟ ଦେଇଛନ୍ତି। ମୟଙ୍କ ତଳି ପେଟ୍‌ରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତେବେ ତାଙ୍କ ଉପରେ କୌଣସି ଚାପ ନାହିଁ। ଅଗାମୀ ଦୁଇ ସପ୍ତାହ ପାଇଁ ତାଙ୍କ ଉପରେ କାର୍ଯ୍ୟଭାର କମ୍ କରାଯିବ। ଫଳରେ ସେ ଆଗାମୀ ଦୁଇଟି ମ୍ୟାଚ୍ ଖଳି ନପାରନ୍ତି ଓ ଖୁବ୍‌ଶୀଘ୍ର ସେ ପଡିଆକୁ ଫେରିବେ ବୋଲି ବିନୋଦ କହିଛନ୍ତି।



ଏଲ୍ଏସ୍‌ଜି ଆସନ୍ତା ୧୨ ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ୧୪ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ତେଣୁ ସେ ଏହି ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି କୁହାଯାଇଛି।

ଗତ ୭ ତାରିଖରେ ଅନୁଷ୍ଠିତ ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ଏହି ସମସ୍ୟା କାରଣରୁ ସେ ମାତ୍ର ଗୋଟିଏ ଓଭର ବୋଲିଂ କରିବାକୁ ସକ୍ଷମ ହୋଇଥିଲେ। ପରେ ସେ ବାହାରକୁ ଚାଲିଯାଇଥିଲେ ଓ ବୋଲିଂ କିମ୍ବା ଫିଲ୍ଡିଂ କରିବାକୁ ପଡିଆକୁ ଆସି ନଥିଲେ। ଏହି ମ୍ୟାଚ୍‌ରେ ସେ ଘଣ୍ଟାପ୍ରତି ୧୪୦ କିମି ବେଗରେ ବୋଲିଂ କରିଥିଲେ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ୨୧ ବର୍ଷୀୟ ମୟଙ୍କ ୧୫୦+ ବେଗରେ ବୋଲିଂ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ସେ ଘଣ୍ଟାପ୍ରତି ୧୫୬.୭ କିମି ବେଗରେ ବୋଲିଂ କରି ଚଳିତ ସଂସ୍କରଣର ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଥିଲେ।

## ହାସରଙ୍ଗାଙ୍କ ସ୍ଥାନରେ ବିଜୟକାନ୍ତ

**ଚେନ୍ନାଇ, ୯।୪(ଏଜେନ୍ସି):** ଆଘାତ ଜନିତ କାରଣରୁ ଶ୍ରୀଲଙ୍କା ଲେଗ୍ ସ୍ପିନର ୱାନିନ୍ଦୁ ହାସରଙ୍ଗା ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଶ୍ରୀଲଙ୍କାର ଅନ୍ୟତମ ଯୁବ ଲେଗ୍‌ସ୍ପିନର ବିଜୟକାନ୍ତଙ୍କୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଦଳରେ ସାମିଲ କରାଯାଇଛି। ବିଜୟକାନ୍ତଙ୍କର ଗୋଟିଏ ଅନ୍ତର୍ଜାତୀୟ ଟି-୨୦ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏହା ବାଦ୍ ଏହି ୨୨ ବର୍ଷୀୟ ବୋଲର ୩୩ଟି ଟି-୨୦ ଖେଳି ୪୨ଟି ୱିକେଟ ଅକ୍ତିଆର କରିଛନ୍ତି। ହାସରଙ୍ଗାଙ୍କୁ ହାଇଦ୍ରାବାଦ୍ ୧.୫ କୋଟି ଟଙ୍କାରେ କିଣିଥିଲା। ଏବେ ବିଜୟକାନ୍ତ ୫୦ ଲକ୍ଷ ଟଙ୍କାରେ ସାମିଲ ହୋଇଛନ୍ତି। ବିଶ୍ୱରେ ଖେଳାଯାଉଥିବା ଅନ୍ତର୍ଜାତୀୟ ଲିଗ୍ ମଧ୍ୟରୁ ବିଜୟକାନ୍ତ ଅନ୍ତର୍ଜାତୀୟ ଲିଗ୍ ଟି-୨୦ରେ ଏମ୍‌ଆଇ ଏମିରେଟ୍ସ, ବାଂଲାଦେଶ ପ୍ରିମିୟର ଲିଗ୍‌ରେ ଚଟ୍ଟୋଗ୍ରାମ ଚ୍ୟାଲେଞ୍ଜର ଓ ଶ୍ରୀଲଙ୍କା ପ୍ରିମିୟର ଲିଗ୍‌ରେ ଜାଫନା କିଙ୍ଗ୍‌ସ ପକ୍ଷରୁ ଖେଳିବାର ଅଭିଜ୍ଞତା ରଖିଛନ୍ତି।

## ସାମିଲ ହୋଇପାରନ୍ତି ପନ୍ତ୍ ମେ ୧ ସୁଦ୍ଧା ଦଳ ଘୋଷଣା

**ଟି-୨୦ ବିଶ୍ୱକପ୍**

**ନୂଆଦିଲ୍ଲୀ, ୯।୪(ଏଜେନ୍ସି):** ଆଗାମୀ ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଆୟୋଜନ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ପାଇଁ ଦଳ ଚୟନ ଉପରେ ଏବେଠାରୁ ଅଙ୍କକଷା ଆରମ୍ଭ ହୋଇଯାଇଛି। ମେ ପହିଲା ପର୍ଯ୍ୟନ୍ତ ସବୁ ଦଳଗୁଡ଼ିକୁ ସମ୍ଭାବ୍ୟ ଦଳ ଘୋଷଣା କରିବା ସହ ତାଲିକା ଦେବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ କୁହାଯାଇଛି। ତେଣୁ ମେ ୧ ସୁଦ୍ଧା ଭାରତ ତା'ର ସମ୍ଭାବ୍ୟ ଦଳ ଘୋଷଣା କରିବ। ଅଭିଜ୍ଞ ୱିକେଟକିପର ବ୍ୟାଟର ଋଷଭ ପନ୍ତ ଦଳରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ୨୧ ବର୍ଷୀୟ ଦ୍ରୁତ ବୋଲର ମୟଙ୍କ ଯାଦବଙ୍କ ନାମକୁ ନେଇ ଚୟନକର୍ତ୍ତାମାନେ ବିଚାର ବିମର୍ଷ କରିବେ। ଇନ୍‌ଫର୍ମ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।

### କିପିଙ୍ଗ୍ ଓ ବ୍ୟାଟିଂରେ ପନ୍ତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ

ପନ୍ତ ଚଳିତ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଇ ଉଭୟ ୱିକେଟରକ୍ଷକ ଓ ବ୍ୟାଟର ଭାବେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ୫ଟି ମ୍ୟାଚରେ ସେ ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। କାର ଦୁର୍ଘଟଣାରେ ଗୁରୁତ୍ୱର ଭାବେ ଆହତ ହେବା ପରେ ଦୀର୍ଘ ଦିନର କଠିନ ପରିଶ୍ରମ ଓ ସଂଘର୍ଷ ପରେ ପନ୍ତ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।୨୦୨୨ ଡିସେମ୍ବର ୩୦ରେ ଦିଲ୍ଲୀରୁ ଡେରାଡୁନସ୍ଥିତ ନିଜ ଘରକୁ ଯିବା ବେଳେ ସେ ରୁର୍‌କି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫିଟ୍ ହେଲେ ପନ୍ତ ଖେଳିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ପୂର୍ବରୁ କହିଥିଲେ।

### କୋହଲି ଖେଳିବା ନିଶ୍ଚିତ

ସେହିପରି କୋହଲି ଆଇପିଏଲର ଗତ ୫ଟି ମ୍ୟାଚ୍ ଖେଳି ୧୦୫.୩୩ ହାରରେ ୩୧୬ ରନକରି ଜବରଦସ୍ତ ଫର୍ମରେ ରହିଛନ୍ତି। ଏଥିରେ ତାଙ୍କ ଦୁଇଟି ଅର୍ଦ୍ଧଶତକ ଓ ଗୋଟିଏ ଶତକ ସାମିଲ ରହିଛି। ତାଙ୍କର ଷ୍ଟ୍ରାଇକରେଟ୍ ୧୪୬.୨୯ ରହିଛି। ତେଣୁ କୋହଲି ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ନିଶ୍ଚିତ ବୋଲି ବିଚାର କରାଯାଉଛି। ଗତ ଦିନିକିଆ ବିଶ୍ୱକପ୍‌ରେ କୋହଲି ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଥିଲେ।

### ମୟଙ୍କ ଯାଦବଙ୍କୁ ନେଇ ବିଚାର କରାଯିବ

ଲକ୍ଷ୍ନୌ ସୁପର ଜାଏଣ୍ଟସ ତରଫରୁ ପଦାର୍ପଣ କରି ୨୧ ବର୍ଷୀୟ ଦ୍ରୁତ ବୋଲର ମୟଙ୍କ ଯାଦବ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଦ୍ରୁତଗତିରେ ବୋଲିଂ କରିବା ସହ ସେ କଞ୍ଜୁସ୍ ମଧ୍ୟ ସାବ୍ୟସ୍ତ ହୋଇଛନ୍ତି। କ୍ୟାରିୟରର ପ୍ରଥମ ଦୁଇଟି ଆଇପିଏଲ ମ୍ୟାଚ୍‌ରେ ସେ ଉଚ୍ଚକୋଟୀର ପ୍ରଦର୍ଶନ ବଳରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେ ପ୍ରଥମ ଖେଳାଳି ଭାବେ ଏହି ବିରଳ ଉପଲବ୍ଧି ହାସଲ କରିଛନ୍ତି। ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୬ ଇକୋନୋମୀ ରେଟ୍‌ରେ ୬ ୱିକେଟ ଅକ୍ତିଆର କରିଛନ୍ତି। ତାଙ୍କୁ ବିଶ୍ୱକପ୍‌ରେ ଦଳରେ ସାମିଲ କରିବା ନେଇ ବିଚାର କରାଯାଉଛି।

### ଶୁବମାନ, ଚହଲଙ୍କୁ ନେଇ ଦ୍ୱନ୍ଦ୍ୱ

ଓପନର ଶୁବମାନ ଗିଲ ଓ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ନେଇ ଚୟନକର୍ତ୍ତାମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଅଧିନାୟକ ରୋହିତ ଶର୍ମାଙ୍କ ସହ ଯଶସ୍ୱୀ ଜୟସ୍ୱାଲ କିମ୍ବା ଶୁବମାନ ଗିଲ ଇନିଂସ ଓପନ୍ କରିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସେହିପରି ସ୍ପିନର ଭାବେ ଚହଲ ଓ ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣକୁ ଦଳରେ ନିଆଯିବ। ଚଳିତ ଆଇପିଏଲରେ ଦୁହେଁ ଭଲ ପ୍ରଦର୍ଶନ କରିଛନ୍ତି। ଟି-୨୦ ସ୍ପେଶାଲିଷ୍ଟ ଭାବେ ଜଣାଥିବା ସୂର୍ଯ୍ୟକୁମାର ଯାଦବ ଓ ରିଙ୍କୁ ସିଂ ଦଳରେ ସ୍ଥାନ ପାଇଁ ପକ୍କା ମନେ ହେଉଛି। ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ ସ୍ଥାନ ପାଇବା ନିଶ୍ଚିତ ମନେହେଉଛି।

### ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍

## ମୁଖ୍ୟ ଡ୍ର'ରେ ସାମିଲ ହେଲେ ପଣ୍ଡା ଭଉଣୀ

**ଭୁବନେଶ୍ୱର, ୯।୪(ସମିସ):** ଚୀନ୍‌ର ନିଙ୍ଗବୋ ସହରରେ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ର ୪୧ତମ ସଂସ୍କରଣ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏସିଆ ମହାଦେଶର ଏହି ସର୍ବବୃହତ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦୁଇ ଓଡ଼ିଆ ମହିଳା ଖେଳାଳି ତଥା ଦୁଇ ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ମହିଳା ଯୁଗଳ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ସାମିଲ ହେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁହେଁ ଯୁଗଳ ଗ୍ରୁପ୍ ଏ' ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଜିତି ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି। ମୁଖ୍ୟ ଡ୍ର'ରେ ପଣ୍ଡା ଭଉଣୀ ଚୀନର ଶୁ ଜିଆନ୍ ଝାଙ୍ଗ ଓ ୟୁ ଝେଙ୍ଗଙ୍କୁ ଭେଟିବେ। ଋତୁପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ପ୍ରଥମେ ବାଂଲାଦେଶ ଯୋଡି ଉର୍ମି ଅଖତାର ଓ ନସିମା ଖାତୁନଙ୍କୁ ୨୧-୧୬, ୨୧-୧୬ରେ ଅତି ସହଜରେ ପରାସ୍ତ କରିଥିଲେ। ଏହାପରେ ଏହି ଓଡ଼ିଆ ଯୋଡି ମାକାଉର ୱେଙ୍ଗ ଚି ଏନଜି ଓ ପୁଇ ଚି ୱାଙ୍କୁ ୨୧-୧୮, ୨୧-୧୬ରେ ପରାସ୍ତ କରିଥିଲେ ଓ ମୁଖ୍ୟ ଡ୍ର'କୁ ଉନ୍ନୀତ ହୋଇଥିଲେ। ସେହିପରି ଉଦୀୟମାନ ଏକକ ମହିଳା ଖେଳାଳି ମାଳବିକା ବାନସୁଦ ଦୁଇଟି ଯାକ କ୍ୱାଲିଫାଇଂ ମ୍ୟାଚ୍ ଜିତି ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି। ସେହିପରି ଅନ୍ୟତମ ଭାରତୀୟ ମହିଳା ଯୁଗଳ ଯୋଡି ସିମରନ ସିଂଘି ଓ ରତିକା ଠାକେର, ମିଶ୍ରିତ ଯୁଗଳ ଯୋଡି ସତୀଶ କୁମାର କରୁଣାକରନ ଓ ଆଦ୍ୟା ଭରିୟାଥ୍ ଏବଂ ପୁରୁଷ ଯୁଗଳ ଯୋଡି ହରିହରନ ଅମସାକରୁନାନ ଓ ରୁବନ କୁମାର ରେଥିନାସାବପଥି ମଧ୍ୟ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି।




### ଆନ୍ତଃଜୋନ ମହିଳା କ୍ରିକେଟ ଫାଇନାଲ

## ଭଲ ସ୍ଥିତିରେ ପୂର୍ବାଞ୍ଚଳ

**ପୁଣେ, ୯।୪(ଏଜେନ୍ସି):** ଅଧିନାୟିକା ଦୀପ୍ତି ଶର୍ମା ଓ ଯୁବ ଖେଳାଳି ଟିଟାସ ସିଧୁଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଆନ୍ତଃଜୋନ୍ ମହିଳା କ୍ରିକେଟ ଫାଇନାଲର ପ୍ରଥମ ଦିନରେ ପୂର୍ବାଞ୍ଚଳ ଭଲ ସ୍ଥିତିରେ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ୫୪.୪ ଓଭରରେ ମାତ୍ର ୧୩୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅରୁନ୍ଧତି ରେଡ୍ଡୀ ସର୍ବାଧିକ ୫୭, ତମନ୍ନା ନିଗମ ୨୯ ଓ ୯ ନମ୍ବର ଖେଳାଳି ସବନମ ସକିଲ ୧୬ ରନ୍ କରିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ଦୀପ୍ତି ଓ ଟିଟାସ ୪ଟି ଲେଖାଏଁ ୱିକେଟ ପାଇଥିଲେ। ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଗୋଟିଏ ୱିକେଟ ମିଳିଥିଲା। ଜବାବରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ପୂର୍ବାଞ୍ଚଳ ୩୪ ଓଭରରେ ୫ ୱିକେଟ ହରାଇ ୧୦୮ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ରିଚା ଘୋଷ ସର୍ବାଧିକ ୨୫, ଦୀପ୍ତି ୨୨ ଓ ଦିନର ଶେଷ ବଲ୍‌ରେ ଆଉଟ ହୋଇଥିବା ଆରଆର ଶାହ ୨୨ ରନ୍ କରିଛନ୍ତି। ଦୁର୍ଗା ମୁର୍ମୁ ୨୨ ରନ୍‌ରେ ଅପରାଜିତ ଅଛନ୍ତି। ଅତ୍ୟଧିକ ଗରମ ଯୋଗୁ ଦକ୍ଷିଣାଞ୍ଚଳର ୨ଜଣ ଖେଳାଳିଙ୍କର ଚିକିତ୍ସା କରାଯାଇଛି।

### ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା-ହରିୟାଣା ମୁକାବିଲା

# ୩୦ରୁ ପ୍ରଥମ ଜାତୀୟ ମହିଳା ହକି ଲିଗ୍

ନୂଆଦିଲ୍ଲୀ, ୯।୪(ଏଜେନ୍ସି)



ଭାରତର ମହିଳା ହକି ଖେଳାଳିଙ୍କ ଲାଗି ଶୁଭ ଖବର। ଭାରତରେ ହକି ଖେଳକୁ ନିୟନ୍ତ୍ରଣ କରୁଥିବା ହକି ଇଣ୍ଡିଆ ପକ୍ଷରୁ ପ୍ରଥମଥର ଜାତୀୟ ମହିଳା ହକି ଲିଗ୍ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହା ଫଳରେ ଦେଶରେ ହକି ଖେଳ ଓ ଖେଳାଳିଙ୍କ ଉନ୍ନତି ହୋଇପାରିବ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବା ଲାଗି ଅଧିକ ଖେଳାଳି ବାହାରିପାରିବେ ବୋଲି ହକି ଇଣ୍ଡିଆ ଆଶା ପ୍ରକାଶ କରିଛି।

ଏହି ପ୍ରତିଯୋଗିତା ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଖେଳ ୧୦ ଦିନ ଧରି ହେବ ଓ ଏହା ଚଳିତମାସ ୩୦ରୁ ଆରମ୍ଭ ହୋଇ ମେ' ୯ ତାରିଖରେ ଶେଷ ହେବ। ଏହି ସମସ୍ତ ପ୍ରତିଯୋଗିତା ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ମରାଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଖେଳାଯିବ। ନିକଟରେ ଏହି ଷ୍ଟାଡିୟମ୍‌ରେ ଏଫ୍‌ଆଇଏଚ୍ ହକି ଯୋଗ୍ୟତା ପର୍ଯ୍ୟାୟ ଓ ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ୧୪ତମ ଜାତୀୟ ବରିଷ୍ଠ ମହିଳା ହକି ଚାମ୍ପିଅନସିପ୍‌ରେ ପ୍ରଥମ ୮ଟି ସ୍ଥାନ ଅଧିକାର କରିଥିବା ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବେ। ଏହି ଦଳ ଗୁଡ଼ିକ ହେଲା ହରିୟାଣା, ମହାରାଷ୍ଟ୍ର, ଝାଡଖଣ୍ଡ, ମଧ୍ୟପ୍ରଦେଶ, ବେଙ୍ଗଲ, ମିଜୋରାମ, ମଣିପୁର ଏବଂ ଓଡ଼ିଶା। ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଏହି ମ୍ୟାଚ ଗୁଡିକ ଖେଳାଯିବ। ଯାହା ଫଳରେ ଗୋଟିଏ ଦଳ ସର୍ବାଧିକ ୭ଟି ମ୍ୟାଚ ଖେଳିବାକୁ ସୁଯୋଗ ପାଇବେ। କିନ୍ତୁ ଅନ୍ୟ ରାଜ୍ୟରେ ଥିବା ପ୍ରତିଭାବାନ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାର ସୁଯୋଗ ପାଇବେ ନାହିଁ। ୨୧ ବର୍ଷରୁ କମ୍ ଖେଳାଳିଙ୍କ ଲାଗି ଏହି ପ୍ରତିଯୋଗିତା ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଯୁବ ଖେଳାଳିଙ୍କୁ ସୁଯୋଗ ମିଳିବା ଫଳରେ ଦେଶର ହକିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।

ଏହି ଜାତୀୟ ଲିଗ୍ ଦେଶର ମହିଳା ହକି ଖେଳରେ ଉନ୍ନତି ଆଣିବା ଲାଗି ଏକ ମାଇଲଖୁଣ୍ଟ ହୋଇ ରହିବ। ଏଥିରୁ ଚୟନକର୍ତ୍ତା ପ୍ରତିଭାବାନ ଖେଳାଳିମାନଙ୍କୁ ଚିହ୍ନଟ କରି ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ଚୟନ କରିପାରିବେ। ମହିଳା ହକିର ଉନ୍ନତି ଲାଗି ଏହି ପ୍ରତିଯୋଗିତା ସବୁଠାରୁ ବଡ଼ ସୁଯୋଗ ଆଣିଛି। ମହିଳା ହକି ଖେଳାଳିଙ୍କ ଲାଗି ଏହି ଲିଗ୍ ଅନ୍ତର୍ଜାତୀୟ ହକି ଲାଗି ପାସ୍‌ପୋର୍ଟ ଭଳି କାମ କରିବ। ପୁରୁଷଙ୍କ ସହ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ହକି ଇଣ୍ଡିଆ ଯେଉଁ ପ୍ରତିଶ୍ରୁତି ଦେଇଥିଲା ଏହା ଫଳରେ ତାହା ପୂରଣ ହେବାକୁ ଯାଉଛି ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି କହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭୋଳାନାଥ ସିଂଙ୍କ ମତରେ ଏହି ଲିଗ୍ ଆୟୋଜନ ହେବା ଫଳରେ ଭାରତରେ ମହିଳା ହକିର ଶକ୍ତିବୃଦ୍ଧି ପାଇବ। ଏହା କେବଳ ଯୁବ ଖେଳାଳିଙ୍କୁ ସୁଯୋଗ ଦେବ ନାହିଁ ଅଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହେବ ବୋଲି ସେ କହିଥିଲେ।

### ଖେଳସୂଚୀ

**୩୦-୪ (ପ୍ରଥମଦିନ):** ଓଡ଼ିଶା-ହରିୟାଣା, ମହାରାଷ୍ଟ୍ର-ମଣିପୁର, ମଧ୍ୟପ୍ରଦେଶ-ବେଙ୍ଗଲ, ଝାଡଖଣ୍ଡ-ମିଜୋରାମ,
**୧-୫:** ହରିୟାଣା-ମଣିପୁର, ମହାରାଷ୍ଟ୍ର-ମିଜୋରାମ, ଓଡ଼ିଶା-ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ-ବେଙ୍ଗଲ,
**୨-୫:** ବିଶ୍ରାମ ଦିବସ,
**୩-୫:** ହରିୟାଣା-ମିଜୋରାମ, ମହାରାଷ୍ଟ୍ର-ବେଙ୍ଗଲ, ଓଡ଼ିଶା-ମଣିପୁର, ଝାଡଖଣ୍ଡ-ମଧ୍ୟପ୍ରଦେଶ,
**୪-୫:** ବେଙ୍ଗଲ-ହରିୟାଣା, ମହାରାଷ୍ଟ୍ର-ମଧ୍ୟପ୍ରଦେଶ, ମିଜୋରାମ-ମଣିପୁର, ଓଡ଼ିଶା-ଝାଡଖଣ୍ଡ,
**୫-୫:** ବିଶ୍ରାମ ଦିବସ,
**୬-୫:** ବେଙ୍ଗଲ-ମିଜୋରାମ, ଓଡ଼ିଶା-ମହାରାଷ୍ଟ୍ର, ମଧ୍ୟପ୍ରଦେଶ-ମଣିପୁର, ହରିୟାଣା-ଝାଡଖଣ୍ଡ,
**୭-୫:** ଓଡ଼ିଶା-ବେଙ୍ଗଲ, ହରିୟାଣା-ମହାରାଷ୍ଟ୍ର, ମଧ୍ୟପ୍ରଦେଶ-ମିଜୋରାମ, ଝାଡଖଣ୍ଡ-ମଣିପୁର,
**୮-୫:** ବିଶ୍ରାମ ଦିବସ,
**୯-୫:** ହରିୟାଣା-ମଧ୍ୟପ୍ରଦେଶ, ଓଡ଼ିଶା-ମିଜୋରାମ, ବେଙ୍ଗଲ-ମଣିପୁର, ମହାରାଷ୍ଟ୍ର-ଝାଡଖଣ୍ଡ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA